# ଭୂମିକା

## ଏହି ପୁସ୍ତକ କାହା ପାଇଁ ପ୍ରଯୁଜ୍ୟ ଅଟେ ?

ପାଳକଙ୍କ କାହାଣୀ ପୁସ୍ତକ ଏହି ଲୋକମାନଙ୍କ ପାଇଁ ଲେଖାଯାଇଛି ଯେଉଁମାନଙ୍କର...

- ନିଜ ମାତୃଭାଷାରେ ବାଇବଲ ନାହିଁ
- ତାଲିମ ଆବଶ୍ୟକ ଅଛି
- ତାଲିମ ନେବା ପାଇଁ ସକ୍ଷମତା ନାହିଁ
- ବଡ଼ ବଡ଼ ଧର୍ମଶିକ୍ଷାକୁ ସରଳ କାହାଣୀ ରୂପେ ଶୁଣିବାକୁ ଆଗ୍ରହ ରହିଛି

ପାଳକଙ୍କ କାହାଣୀ ପୁସ୍ତକ ମାଗଣାରେ ମିଳିଥାଏ ଓ ଏହା ଯେକୌଣସି ଭାଷାରେ ଅନୁବାଦ ହୋଇପାରିବ।

## ଏହି କାହାଣୀଗୁଡ଼ିକ କାହିଁକି ବ୍ୟବହାର କରିବା ?

ପାଳକଙ୍କ କାହାଣୀ ପୁସ୍ତକ ବାଇବଲରୁ ବଡ଼ ବଡ଼ ଧର୍ମତତ୍ତ୍ୱ ଓ ଗୁରୁତ୍ୱପୂର୍ଣ୍ଣ ମଣ୍ଡଳୀ କାର୍ଯ୍ୟକ୍ରମଗୁଡ଼ିକୁ ବର୍ଣ୍ଣନା କରିଥାଏ, ଯାହାକି ଖ୍ରୀଷ୍ଟିୟାନମାନେ ଅନେକ ଯୁଗରୁ ବିଶ୍ୱାସ ଓ ପାଳନ କରିଆସୁଛନ୍ତି। ଏହି କାହାଣୀରେ ପୁରାତନ ପ୍ରଥାନୁଯାୟୀ ବର୍ଣ୍ଣନା ନୁହେଁ, ମାତ୍ର ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯେପରି ଅନେକ ସମୟରେ କରୁଥିଲେ, ସେହିପରି ନୂତନ ବିଶ୍ୱାସୀ ଓ ନେତାଗଣ ଯେପରି ଈଶ୍ୱରଙ୍କ ବାକ୍ୟକୁ ବର୍ଣ୍ଣନା କରିପାରିବେ ଓ ପ୍ରୟୋଗ କରିପାରିବେ, ବାଇବଲର ସତ୍ୟତାକୁ ସେହିପରି ବର୍ଣ୍ଣନା କରାଯାଇଛି।

ବାଇବଲର ସମସ୍ତ ମୌଳିକ ସତ୍ୟତା ଐତିହାସିକ ଘଟଣାରୁ ଆସିଛି। ଏହି ଘଟଣାଗୁଡ଼ିକ ଉପରେ ଭାବବାଦୀ ଓ ପ୍ରେରିତମାନଙ୍କ ଅନୁପ୍ରେରଣାଯୁକ୍ତ ଟିପ୍ପଣୀ ଆମକୁ ଖ୍ରୀଷ୍ଟୀୟ ମୌଳିକ ଧର୍ମତତ୍ତ୍ୱ ଶିକ୍ଷା ଦେଇଥାଏ। ଲୋକମାନେ ଯେପରି ଅନୁତାପ କରି ପରିବର୍ତ୍ତନ ହେବେ ଏବଂ ମଣ୍ଡଳୀ ସେବାକାର୍ଯ୍ୟ ଏକ ଆଦର୍ଶ ଦର୍ଶାଇବାକୁ ଯାଇ ପବିତ୍ରଆତ୍ମା ଏହି ଐତିହାସିକ ବର୍ଣ୍ଣନାଗୁଡ଼ିକୁ ବ୍ୟବହାର କରିଅଛନ୍ତି।

ଆମ ବିଶ୍ୱାସ ଓ ମଣ୍ଡଳୀର କାର୍ଯ୍ୟକ୍ରମ ନିମନ୍ତେ ବାଇବଲରେ ଏହି ଐତିହାସିକ ପୃଷ୍ଠଭୂମି ରହିଛି। ଉଦାହରଣ ସ୍ୱରୂପ ବାଇବଲ କାହାଣୀ ଜାଣିଥିବା ଲୋକମାନଙ୍କ ପ୍ରତି ରୋମୀୟ ଓ ଏବ୍ରୀ ପୁସ୍ତକ ଲେଖାଯାଇଥିଲା। ତହିଁ ଉପରେ ହିଁ ସେମାନଙ୍କ ନିର୍ଦ୍ଦେଶ ପର୍ଯ୍ୟବସିତ ଥିଲା। ପୁରାତନ ନିୟମରେ ସେହି ଐତିହାସିକ ଘଟଣାବଳୀରେ ଆଦମ ଓ ତାଙ୍କ ପତନ, ଜାତିଗୁଡ଼ିକୁ ଆଶୀର୍ବାଦ କରିବା ପାଇଁ ଅବ୍ରହାମଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞା, ଅବ୍ରହାମଙ୍କ ଇସ୍ହାକଙ୍କୁ ବଳିଦାନ, ମୋଶା ଓ ବ୍ୟବସ୍ଥା, ମହାଯାଜକ ରୂପେ ହାରୋଣ ଏବଂ ବିଜାତୀୟ ଶତ୍ରୁମାନଙ୍କ ଉପରେ ଦାଉଦଙ୍କ ବିଜୟ ଅନ୍ତର୍ଭୁକ୍ତ ଅଟେ। ନୂତନ ନିୟମ ଘଟଣାବଳୀରେ ଯୀଶୁଙ୍କ ଜନ୍ମ, ଜୀବନ, ମୃତ୍ୟୁ, ପୁନରୁତ୍ଥାନ ଓ ସିଂହାସନ ଆରୋହଣ ଅନ୍ତର୍ଭୁକ୍ତ ଅଟେ, ପୁଣି ପେଣ୍ଟିକଷ୍ଟ ଦିବସରେ ପବିତ୍ରଆତ୍ମାଙ୍କ ଆଗମନ ଓ ଅନ୍ୟାନ୍ୟ ଅନେକ ବିଷୟ ଅନ୍ତର୍ଭୁକ୍ତ ଅଟେ।

## ବାଇବଲ କାହାଣୀଗୁଡ଼ିକର ତାଲିକା

ବାଇବଲ କାହାଣୀର ଏକ ତାଲିକା ପାଇଁ ୪ର୍ଥ ଭାଗର ପୁରାତନ ଓ ନୂତନ ନିୟମର ବାଇବଲ କାହାଣୀ ଦେଖନ୍ତୁ। ଏଥିରେ ଐତିହାସିକ କ୍ରମାନୁଯାୟୀ ବାଇବଲ କାହାଣୀକୁ ତାଲିକା ହୋଇଛି, ଏଥିରେ ମୁଖ୍ୟ ଧର୍ମତତ୍ତ୍ୱ ରହିଛି ଏବଂ ପୁରାତନ ନିୟମର ଘଟଣାବଳୀ କିପରି ନୂତନ ନିୟମ ସତ୍ୟତା ବିଷୟରେ ଭାବବାଣୀ ଦେଇଥାଏ, ସେ ବିଷୟରେ ଏହା ଦର୍ଶାଇଥାଏ।

## ଇଣ୍ଟରନେଟ୍‌ରୁ ମାଗଣାରେ *ପାଳକଙ୍କ କାହାଣୀ ପୁସ୍ତକ* ପାଆନ୍ତୁ

**<http:/www.paul-timothy.net> ରୁ ପାଳକଙ୍କ କାହାଣୀ ପୁସ୍ତକ ଆଣନ୍ତୁ ।**

**ଅଧିକ ସୂଚନା ନିମନ୍ତେ training@Paul-Timothy.net ଠିକଣାରେ ଲେଖନ୍ତୁ ।**

## ଏହି ପୁସ୍ତକ କିପରି ବ୍ୟବହାର କରିବା

### ଆପଣ ଯଦି ନୂତନ ପାଳକଙ୍କୁ ତାଲିମ ଦେଉଛନ୍ତି

ଆପଣ ତାଲିମ ଦେଉଥିବା ନୂତନ ପାଳକଙ୍କ ନିକଟରେ ବାଇବଲର କାହାଣୀଗୁଡ଼ିକ ପଢ଼ନ୍ତୁ ଓ ବର୍ଣ୍ଣନା କରନ୍ତୁ। ସେମାନଙ୍କ ଭାଷାରେ ଯଦି ବାଇବଲ ଅନୁବାଦ ହୋଇ ନାହିଁ, ତେବେ ସେମାନଙ୍କୁ କାହାଣୀଗୁଡ଼ିକ କହନ୍ତୁ। ସେମାନଙ୍କ ଲୋକମାନଙ୍କୁ କାହାଣୀଗୁଡ଼ିକ କହିବା ପାଇଁ ସେମାନଙ୍କୁ ଅନୁରୋଧ କରନ୍ତୁ। ପାଳକ କାହାଣୀ ପୁସ୍ତକରେ ଶ୍ରୀ ଜ୍ଞାନୀଙ୍କ ନିର୍ଦ୍ଦେଶ ପାଳନ କରି ଶ୍ରୀ ବୋକାଙ୍କ ଭୁଲ୍ କଥା ତ୍ୟାଗ କରିବା ପାଇଁ କୁହନ୍ତୁ। ଶିକ୍ଷାର୍ଥୀ, ସାହାଯ୍ୟକାରୀ ଇତ୍ୟାଦି ଅନ୍ୟ ଚରିତ୍ରଗୁଡ଼ିକଙ୍କ ଜୀବନର ବାସ୍ତବତା କିଛି ନାହିଁ। ବାଇବଲରେ ଉଲ୍ଲେଖ ଥିବା ଲୋକମାନଙ୍କୁ ସେମାନେ ପ୍ରତିନିଧିତ୍ୱ କରିଥା'ନ୍ତି। ଏହି *ପାଳକଙ୍କ କାହାଣୀ ପୁସ୍ତକ*ରେ ଉଲ୍ଲେଖ ଥିବା ବାଇବଲ ଚରିତ୍ରଗୁଡ଼ିକ ବାସ୍ତବ ଅଟନ୍ତି।

ସମସ୍ତ ଛାତ୍ରଙ୍କୁ ଅଧ୍ୟୟନ କରିବା ସମୟରେ ଏକ ଦଳ ପ୍ରତି ପାଳକତ୍ୱ କରିବାକୁ ପଡ଼ିବ । ହୋଇପାରେ ଏହି ଦଳ :

- ଏକ ମଣ୍ଡଳୀ,
- ନେତାମାନଙ୍କୁ ତାଲିମ ଦେଉଥିବା ଏକ କାର୍ଯ୍ୟକାରୀ ଦଳ ବା ଏକ ମଣ୍ଡଳୀ ଆରମ୍ଭ କରୁଥିବେ
- ଏକ ବୃହତ୍ ମଣ୍ଡଳୀ ମଧ୍ୟରେ ଥିବା ଏକ କ୍ଷୁଦ୍ର ଦଳ। ଆରମ୍ଭରୁ ହୁଏତ ସେହି ଦଳରେ ନିଜ ପରିବାରର ସଦସ୍ୟଗଣ ରହିପାରିଥା'ନ୍ତି, ମାତ୍ର ସେମାନେ ତାକୁ ଏକ ଛୋଟ ମଣ୍ଡଳୀରେ ପରିଣତ କରିବାକୁ ଇଚ୍ଛା କରିଥିବେ।

## ଆପଣ ଯଦି ଏକ ନୂତନ ପାଳକ

କାହାଣୀଗୁଡ଼ିକ ପଢ଼ି ଶିକ୍ଷା କରନ୍ତୁ। ନୂତନ ବିଶ୍ୱାସୀ ଓ ସେମାନଙ୍କ ପରିବାର ଓ ବନ୍ଧୁବାନ୍ଧବମାନଙ୍କୁ କୁହନ୍ତୁ। ଶ୍ରୀ ଜ୍ଞାନୀ ଯାହା କହନ୍ତି ତାହା କହିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ, ମାତ୍ର ଶ୍ରୀ ବୋକା ଯାହା କହନ୍ତି, ତାହା ନ କରିବାକୁ ସତର୍କ କରାଇ ଦିଅନ୍ତୁ।

## ତତ୍କ୍ଷଣାତ୍ ଆବଶ୍ୟକ ଓ ସୁଯୋଗ ବିଷୟରେ ଲେଖାଥିବା ଏହି ପୁସ୍ତକର ଅଧ୍ୟାୟଗୁଡ଼ିକ ମନୋନୀତ କରନ୍ତୁ

*ପାଳକଙ୍କ କାହାଣୀ ପୁସ୍ତକ*ର ତିନିଟି ଭାଗ ରହିଛି। ବର୍ତ୍ତମାନ ଆପଣଙ୍କର ଯେଉଁ ଭାଗ ଆବଶ୍ୟକ ସେଥିରୁ ଆରମ୍ଭ କରନ୍ତୁ।

ଯୀଶୁ ଖ୍ରୀଷ୍ଟଙ୍କୁ ଉପସ୍ଥାପନ କରିବା ପାଇଁ ୧ମ ଭାଗ ଉପସ୍ଥାପନ କରନ୍ତୁ, ଖ୍ରୀଷ୍ଟଙ୍କୁ ଆବିଷ୍କାର କରିବା ପାଇଁ ଲୋକମାନଙ୍କୁ ସାହାଯ୍ୟ କରନ୍ତୁ।

ଉପାସନା ମଣ୍ଡଳୀ ଆରମ୍ଭ କରିବା ପାଇଁ ବା ନୂତନୀକୃତ କରିବା ପାଇଁ ୨ୟ ଭାଗ ବ୍ୟବହାର କରନ୍ତୁ, ଯୀଶୁଙ୍କୁ ମାନ୍ୟ କରୁଥିବା ଉପାସନା ମଣ୍ଡଳୀ ସ୍ଥାପନ କରନ୍ତୁ।

ପାଳକମାନଙ୍କୁ ତାଲିମ ଦେବା ପାଇଁ ୩ୟ ଭାଗ ବ୍ୟବହାର କରନ୍ତୁ, ମଣ୍ଡଳୀର ମୌଳିକ ସେବାକାର୍ଯ୍ୟ କରନ୍ତୁ।

## ଆପଣ ଯଦି ଏକ ବିଦ୍ୟାଳୟରେ ଶିକ୍ଷା ଦେଉଛନ୍ତି

*ପାଳକଙ୍କ କାହାଣୀ ପୁସ୍ତକ* ବିଦ୍ୟାଳୟର ପାଠ୍ୟ ପୁସ୍ତକ ରୂପେ ବ୍ୟବହାର ଉପଯୋଗୀ କରାଯାଇ ନାହିଁ। ନୂତନ ଉପାସନା ମଣ୍ଡଳୀରେ ସେବା କରୁଥିବା ନୂତନ ପାଳକମାନଙ୍କୁ ତାଲିମ ଦେବା ପାଇଁ ଆପଣଙ୍କୁ ସାହାଯ୍ୟ କରିବାକୁ ଏହା ଲେଖାଯାଇଛି। ଆପଣ ଯଦି ଏହାକୁ ଏକ ପାଠ୍ୟ ପୁସ୍ତକ ରୂପେ ବ୍ୟବହାର କରିବେ, ତେବେ ଏହା ପାଠ କରି ଛାତ୍ରମାନେ ପରୀକ୍ଷାରେ ଲେଖିବା ଅପେକ୍ଷା ଅଧିକ କିଛି କାର୍ଯ୍ୟ ଆପଣଙ୍କୁ କରିବାକୁ ପଡ଼ିବ। ବରଂ ସେମାନଙ୍କୁ ଏହି ପାଠ୍ୟକ୍ରମର ଏକ ଅଂଶ ସ୍ୱରୂପ ଏକ ଦଳର ପାଳକ ଦାୟିତ୍ୱ ନେବାକୁ ପଡ଼ିବ।

ଛାତ୍ରମାନଙ୍କୁ କେବଳ ପରୀକ୍ଷା ଦେବାକୁ ନ କହି ସେମାନେ ସେମାନଙ୍କ ଦଳକୁ ଯାହା ଶିକ୍ଷା ଦେଲେ ଓ କ'ଣ କଲେ ଏବଂ ସେମାନଙ୍କ ଲୋକମାନେ ଯାହା କରିଛନ୍ତି ତାହାର ଏକ ବିବରଣୀ ଦେବାକୁ କୁହନ୍ତୁ (ମାର୍କ ୬:୩୦)।

**ପାଳକ କାହାଣୀ ପୁସ୍ତକରେ ୮୫ଟି ଅନୁଶୀଳନ ରହିଛି। ପ୍ରତ୍ୟେକ ଅନୁଶୀଳନ ବ୍ୟାବହାରିକ କାର୍ଯ୍ୟର ମୌଳିକ ବିବରଣୀ ହୋଇପାରେ। ଆପଣ କେବଳ ଏହି ପୁସ୍ତକରେ ଥିବା ବିଷୟଗୁଡ଼ିକ ଉପରେ ଭାଷଣ ଦେବେ ନାହିଁ। ଆପଣଙ୍କୁ ପ୍ରତ୍ୟେକ ଛାତ୍ର ସହିତ ସେମାନଙ୍କ ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ସେବାକାର୍ଯ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରି, ଛାତ୍ରମାନଙ୍କ ବିବରଣୀ ଓ ପ୍ରଶ୍ନଗୁଡ଼ିକୁ ଶୁଣିବାକୁ ପଡ଼ିବ।**

## ୧ମ ବିଭାଗ

# ଖ୍ରୀଷ୍ଟଙ୍କୁ ଆବିଷ୍କାର କରିବାରେ ଲୋକମାନଙ୍କୁ ସାହାଯ୍ୟ କରିବା

୧ମ ଭାଗର ଅଧ୍ୟାୟଗୁଡ଼ିକ ହେଉଛି ଆବିଷ୍କାର। ଆପଣଙ୍କ ଲୋକମାନଙ୍କ ଯେଉଁ ବିଷୟ ଆପଣଙ୍କୁ ସନ୍ତୁଷ୍ଟ କରିଛି ସେସବୁରେ ଠିକ୍ ଚିହ୍ନ (✓)ଦିଅନ୍ତୁ।

୧-୧ ଆବିଷ୍କାର ୧ : ଜୀବନର ପ୍ରକୃତ ଅର୍ଥ ଜାଣିବା *(ଈଶ୍ୱର ଆମକୁ ପ୍ରେମ କରନ୍ତି ଓ ଇଚ୍ଛା କରନ୍ତି ଯେ, ଆମେ ତାହାଙ୍କୁ ଚିରକାଳ ଉପଭୋଗ କରିବା)*

୧-୨ ଆବିଷ୍କାର ୨ : ଏକମାତ୍ର ଈଶ୍ୱରଙ୍କ ପ୍ରତି ଫେରିବା *(ପ୍ରତିମା ବା ଅନ୍ୟ କୌଣସି ବିଷୟ ପରିତ୍ୟାଗ କରି ସେ ସ୍ଥାନରେ ଏକ ତ୍ରିତ୍ୱ ଈଶ୍ୱରଙ୍କୁ ସ୍ଥାନ ଦେବା)*

୧-୩ ଆବିଷ୍କାର ୩ : ଯୀଶୁଙ୍କଠାରୁ କ୍ଷମା ଓ ଜୀବନ ପାଇବା *(ତାହାଙ୍କ କାର୍ଯ୍ୟ, ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନରେ ବିଶ୍ୱାସ କରିବା)*

୧-୪ ଆବିଷ୍କାର ୪ : ମନ୍ଦତା ଓ ମୃତ୍ୟୁର ଶକ୍ତିରୁ ରକ୍ଷା ପାଇବା *(ଯୀଶୁ ମୃତ୍ୟୁ ଓ ମନ୍ଦାତ୍ମା ଉପରେ ଜୟଲାଭ କରନ୍ତି)*

୧-୫ ଆବିଷ୍କାର ୫ : ଜୀବନର ଗୁରୁତ୍ୱପୂର୍ଣ୍ଣ ବିଷୟ ଜାଣିପାରିବା *(ପାପରୁ ବିମୁଖ ହୋଇ ଚିରସ୍ଥାୟୀ ମୂଲ୍ୟ ଥିବା ବିଷୟ ଅନ୍ୱେଷଣ କରିବା)*

୧-୬ ଆବିଷ୍କାର ୬ : ପ୍ରକୃତ ଉତ୍ତମତା ଜାଣିବା *(ଯେଉଁ ଲୋକମାନେ ନିଜକୁ ଉତ୍ତମ ବୋଲି କହନ୍ତି, ସେମାନେ ମଧ୍ୟ ଈଶ୍ୱରଙ୍କଠାରୁ କ୍ଷମା ଲୋଡ଼ନ୍ତି)*

୧-୭ ଆବିଷ୍କାର ୭ : ଯୀଶୁଙ୍କଠାରେ ପ୍ରଚୁର ଜୀବନ ପାଇବା *(ବାପ୍ତିସ୍ମ ଗ୍ରହଣ କରି ବାଧ୍ୟ ହେବା ଦ୍ୱାରା ବିଶ୍ୱାସ ପ୍ରଦର୍ଶନ କରନ୍ତୁ)*

୧-୮ ଆବିଷ୍କାର ୮ : ଯୀଶୁଙ୍କର ଜଣେ ଶିଷ୍ୟ ହୁଅନ୍ତୁ *(ଖ୍ରୀଷ୍ଟଙ୍କୁ ସାକ୍ଷାତ କରନ୍ତୁ, ଜାଣନ୍ତୁ ଓ ତାହାଙ୍କ ଅନୁଗମନ କରନ୍ତୁ)*

ଯୀଶୁ ଦୁଇଟି ନିର୍ମାଣକାରୀଙ୍କ କଥା କହିଥିଲେ। ଜଣେ ଜ୍ଞାନୀ ଥିଲା ଓ ସେ ପଥର ଉପରେ ତାର ଘର ନିର୍ମାଣ କରିଥିଲା। ଅନ୍ୟ ଜଣେ ବୋକା ଥିଲା ଓ ବାଲି ଉପରେ ତା'ର ଘର ନିର୍ମାଣ କରିଥିଲା। ଯୀଶୁଙ୍କ କାହାଣୀରେ ଜ୍ଞାନୀ ଲୋକ ସଦୃଶ ଯିଏ ଥିଲା, ତାହା ସହିତ ଆପଣଙ୍କ ପରିଚୟ କରାଇ ଦେଉଛି। ସେ ଈଶ୍ୱରଙ୍କ ବାକ୍ୟ ଶୁଣିବାକୁ ଭଲ ପାଏ ଓ ବ୍ୟାବହାରିକ କ୍ଷେତ୍ରରେ ତାହା ଅଭ୍ୟାସ କରିଥାଏ। ଆମେ ତାକୁ ଶ୍ରୀ ଜ୍ଞାନୀ ବୋଲି କହିଥାଉ। ସେ ଶିକ୍ଷାର୍ଥୀଙ୍କ ସମାଜକୁ ବସରେ ଆସେ ଓ ତା'ର ସମ୍ପର୍କୀୟ ଭାଇଙ୍କ ସହିତ ବାସ କରି ସୁସମାଚାର କାର୍ଯ୍ୟ କରେ ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କ କାଠକାମ ଦୋକାନ ଦେଖିବାକୁ ଆସିଲେ। ତୁମେ ଭଲ କରିଛ, ଶିକ୍ଷାର୍ଥୀ। ଏହା ଏକ ସୁନ୍ଦର ନୂତନ ଦୋକାନ ଅଟେ। ମୁଁ ତୁମପାଇଁ ଗର୍ବିତ ଅଟେ!

ଶିକ୍ଷାର୍ଥୀ ଉତ୍ତର ଦେଲେ, ଗତ ବର୍ଷ ମୁଁ ଯେତେବେଳେ ତୁମ ପାଇଁ କାର୍ଯ୍ୟ କରୁଥିଲି, ସେତେବେଳେ ତୁମେ ମୋତେ ଭଲ ରୂପେ ଏହା ଶିକ୍ଷା ଦେଇଥିଲ, ବର୍ତ୍ତମାନ ମୋର ବ୍ୟବସାୟ ଭଲ ଚାଲିଛି ଓ ଏଥିପାଇଁ ମୁଁ ତୁମଠାରେ ଋଣୀ ଅଟେ। କିନ୍ତୁ ମୋର ଭୟ ହେଉଛି ଯେ, ମୁଁ ସବୁକିଛି ଭଲରେ ଶିକ୍ଷା କରିପାରି ନାହିଁ।

ମୁଁ ଯେତେବେଳେ ତୁମକୁ ଆଉ ଜଣେ ବଢ଼େଇ, ଯୀଶୁଙ୍କ ବିଷୟରେ ସୁନ୍ଦର କଥା କହୁଥିଲି, ସେତେବେଳେ ତୁମେ ତାହା ଶୁଣିବାକୁ ଇଚ୍ଛା କଲ ନାହିଁ।

ଶିକ୍ଷାର୍ଥୀ ଭ୍ରୁକୁଞ୍ଚନ କରି କହିଲେ, ଶ୍ରୀ ଜ୍ଞାନୀ, ସେହି ଧର୍ମକଥା ଶୁଣିବା ସର୍ବଦା ମୋ' ପାଇଁ କଷ୍ଟକର ହୋଇଥିଲା। ତୁମେ ବହୁତ କଥା କହୁଥିଲ।

ସେହି ମେଜରେ ବାଲିକାଗଜ ଘଷିବାରେ ମୁଁ ତୁମକୁ ସାହାଯ୍ୟ କରିବି, ଶ୍ରୀ ଜ୍ଞାନୀ କହିଲେ, ତୁମେ ଠିକ୍ କହିଛ। ମୁଁ ତୁମ ସହିତ ଯୁକ୍ତିତର୍କ କରିବାକୁ ଚେଷ୍ଟା କରିଥିଲି ଓ ତୁମ ମନରେ ମୋ' ମତବାଦ ପୁରାଇ ଦେବାକୁ ଚେଷ୍ଟା କରିଥିଲି। ମାତ୍ର ସୁସମାଚାର କହିବାର ଉତ୍ତମ ଉପାୟ ମୁଁ ଶିକ୍ଷା କରିଛି। ଯୀଶୁ ଯେପରି କରିଥିଲେ, ମୁଁ ମଧ୍ୟ ବର୍ତ୍ତମାନ ଈଶ୍ୱରଙ୍କ ବିଷୟରେ ସେହିପରି ଏକ ସତ୍ୟ କହୁଛି। କାହାଣୀଗୁଡ଼ିକ ବୁଝିବା ଓ ମନେ ରଖିବା ସହଜ ଅଟେ। ଆପଣ ଏହାକୁ ଆପଣଙ୍କ ପରିବାର ଓ ବନ୍ଧୁମାନଙ୍କୁ କହିପାରିବେ। ଲୋକମାନେ ନିଜର ବନ୍ଧୁ ଓ ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ଯେଉଁ କାହାଣୀ କହିଥା'ନ୍ତି, ବାଇବଲ କାହାଣୀ ସେହିପରି କାହାଣୀ ନୁହେଁ। ଇତିହାସରେ ଘଟିଥିବା ବାସ୍ତବତା ସେଥିରେ ଥାଏ।

ଶିକ୍ଷାର୍ଥୀଙ୍କ ଅନ୍ୟ ଜଣେ ସାଙ୍ଗ ପହଞ୍ଚିଲେ। ଶ୍ରୀ ବୋକା ଗୋଟିଏ କମ୍ପାନୀ ପାଇଁ ବିକ୍ରେତାର କାର୍ଯ୍ୟ କରନ୍ତି ଓ ଆପଣଙ୍କ ଆବଶ୍ୟକତା ଭିନ୍ନ ବିଷୟଗୁଡ଼ିକ ବିକ୍ରୀ କରିଥାନ୍ତି। ଯୀଶୁଙ୍କ କାହାଣୀରେ ଥିବା ବୋକା ଘର ତୋଳାଳି ପରି ସେ ଅଟନ୍ତି। ସେ ତାଙ୍କ ନିଜ ଉପାୟରେ କାର୍ଯ୍ୟ କରିଥାନ୍ତି। ଶ୍ରୀ ବୋକା ହସ୍ତକ୍ଷେପ କରି କହିଲେ, ଶିକ୍ଷାର୍ଥୀ, ଏହି ବ୍ୟକ୍ତି କିଛି ଅଜଣା ବିଷୟ ଶିକ୍ଷା ଦେଉଛନ୍ତି। ଆମେ ଏଠାରେ କୌଣସି ନୂଆ ଧର୍ମ ଲୋଡ଼ୁ ନାହୁଁ। ଆମର ଜୀବନ ଶୈଳୀ ପରିବର୍ତ୍ତନ କରିବା ଆବଶ୍ୟକ ନାହିଁ। ମୋ' କଥା ଶୁଣ। ମୋ' ପାଖରେ ଗୋଟିଏ ନୂଆ ସାବୁନ ଅଛି, ତୁମେ ଏହାକୁ କିଣିବା ଉଚିତ୍, ତାହାର ବାସ୍ନା ଦାଲଚିନ୍ ପରି। ଏଇଠି ଅଛି, ଶୁଙ୍ଘ।

ଶିକ୍ଷାର୍ଥୀ ଶ୍ରୀ ବୋକାଙ୍କ କଥାରେ ମନୋଯୋଗ କଲେ ନାହିଁ। ସେ ହୃଦୟଙ୍ଗମ କରୁଥିଲେ ଯେ, ସେ ତାଙ୍କ ଜୀବନରେ କିଛି ବିଷୟ ହରାଇଛନ୍ତି। ସେ ଈଶ୍ୱରଙ୍କ ବିଷୟରେ ଅଧିକ ଜାଣିବାକୁ ଇଚ୍ଛା କରୁଥିଲେ। ସେ ଯତ୍ନ ସହକାରେ ଶ୍ରୀ ଜ୍ଞାନୀଙ୍କ କଥା ଶୁଣନ୍ତି।

# ୧-୧ ଆବିଷ୍କାର ୧

## ଜୀବନର ପ୍ରକୃତ ଅର୍ଥ ଜାଣିବା

### (ଈଶ୍ୱର ଆମକୁ ପ୍ରେମ କରନ୍ତି ଓ ଇଚ୍ଛା କରନ୍ତି ଯେ, ଆମେ ତାଙ୍କ ସହିତ ଚିରକାଳ ଆନନ୍ଦ କରିବା)

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ **ଲୂକ ୧୫:୧୧-୩୨** ପଦରେ ଥିବା **ନଷ୍ଟ ପୁତ୍ର**ଙ୍କ ବିଷୟରେ କହନ୍ତି, ଯେ କି କ୍ଷମା ପାଇଥିଲେ।

**ଅନୁଶୀଳନ**

ଦୟା କରି **ଲୂକ ୧୫:୧୧-୩୨** ପଦରେ ଥିବା ଏହି କାହାଣୀ ପାଠ କରନ୍ତୁ, କିମ୍ୱା ଆପଣଙ୍କ ନିମନ୍ତେ ପଢ଼ିଦେବା ପାଇଁ କାହାକୁ ଅନୁରୋଧ କରନ୍ତୁ। ଆପଣଙ୍କ ଭାଷାରେ ଯଦି ବାଇବଲ ନାହିଁ, ତେବେ ଅନ୍ୟ ଭାଷାର ବାଇବଲରୁ ଆପଣଙ୍କୁ କହିବା ପାଇଁ କାହାକୁ କହନ୍ତୁ। ଏହି ପୁସ୍ତକରେ ଆମେ ଆପଣଙ୍କୁ ଯେଉଁ ପ୍ରଶ୍ନ ପ୍ରଚାରିବା ସେଥିପାଇଁ ଆପଣଙ୍କୁ ବାଇବଲ ପଢ଼ିବାକୁ ପଡ଼ିବ ବା ଅନ୍ୟ କେହି ଆପଣଙ୍କ ପାଇଁ ବାଇବଲ ପଢ଼ି କହିବାକୁ ପଡ଼ିବ। ନଚେତ୍ ଏହି ଅଧ୍ୟୟନ ବ୍ୟର୍ଥ ହୋଇଯିବ।

ଆପଣ **ଲୂକ ୧୫:୧୧-୩୨** ପଦର ଏହି ବିଷୟଟିକୁ ପଢ଼ି ବା ଶୁଣି ଶିକ୍ଷାର୍ଥୀ କ'ଣ ଆବିଷ୍କାର କରିଥିଲା, ତାହା ଜାଣନ୍ତୁ :

- ପୁତ୍ରଟି ତା'ର ଜୀବନ ଶୈଳୀ ଦ୍ୱାରା ତା'ର ବାପାଙ୍କୁ କିପରି କଷ୍ଟ ଦେଇଥିଲା ?
- ପରେ ପୁତ୍ର ତା'ର ବୋକାମୀ ଯୋଗୁଁ ଅନୁତାପ କରିଥିଲା ବୋଲି କିପରି ଦର୍ଶାଇଥିଲା ?
- ସେ ଯେତେବେଳେ ପୁନର୍ବାର ଅନୁତପ୍ତ ହୃଦୟରେ ଘରେ ପହଞ୍ଚିଲା, ସେତେବେଳେ ତାଙ୍କ ବାପା ତା' ପ୍ରତି କିପରି ବ୍ୟବହାର କରିଥିଲେ ?

ଶିକ୍ଷାର୍ଥୀ, ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଆମେ ବିଦ୍ରୋହୀ ପୁତ୍ର ସଦୃଶ ଅଟୁ। ଆମେ ଆମର ସ୍ୱର୍ଗସ୍ଥ ପିତାଙ୍କୁ ଭୁଲି ଯାଇଛୁ। ଆମେ ଜୀବନରେ ବୋକାମୀର କାର୍ଯ୍ୟ କରିଛୁ। ଈଶ୍ୱର ତାହାଙ୍କ ହସ୍ତ ବିସ୍ତାରି ଆମକୁ ଅପେକ୍ଷା କରି ରହିଅଛନ୍ତି, ସେ ଆମକୁ କ୍ଷମା କରି ଏକ ଉତ୍ତମ ଭୋଜକୁ ନେଇଯିବାକୁ ସ୍ୱାଗତ କରୁଅଛନ୍ତି । ତାହାଙ୍କ ହଜିଯାଇଥିବା ସନ୍ତାନ ପରି ଆମେ ଯେତେବେଳେ ଆମର ବାସ୍ତବ ଓ ଅନନ୍ତକାଳୀନ ଗୃହକୁ ଫେରୁ, ସେତେବେଳେ ସେ ଆମକୁ ସ୍ୱାଗତ କରନ୍ତି।

ଶିକ୍ଷାର୍ଥୀ ମେଜ ଚିକଣ କରିବା ବନ୍ଦ କରି ଶ୍ରୀ ଜ୍ଞାନୀଙ୍କ କଥା ଭଲ ରୂପେ ହୃଦୟଙ୍ଗମ କରୁଥିଲେ। ଶ୍ରୀ ବୋକା ତାଙ୍କ ସାବୁନ ବୋଝକୁ ଉଠାଇ ଦ୍ୱାର ବାହାରକୁ ଗଲେ। ସେ ବିଦ୍ରୂପ କରି କହିଲେ, ତୁମେ କ'ଣ ଭାବୁଛ ଯେ, ଈଶ୍ୱର ଭୋଜି କରୁଛନ୍ତି ? ମୁଁ ଭାବୁଛି ସେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସମୟ ଅତିବାହିତ କରୁଥିବେ !

ଶ୍ରୀ ଜ୍ଞାନୀ ତାଙ୍କୁ ନିଶ୍ଚିତବୋଧ ଦିଅନ୍ତି। ହଁ, ହଁ, ଯୀଶୁ ଭୋଜି ବିଷୟରେ କହୁଥିଲେ ଓ ସେଥିରେ ଆନନ୍ଦ କରିବାକୁ କହୁଥିଲେ। ଆମେ ଯଦି ଯୀଶୁଙ୍କ ନାମରେ ତାହାଙ୍କୁ ମାଗିବା, ତେବେ ଈଶ୍ୱର ଖୁସିରେ ଆମକୁ କ୍ଷମା କରିବେ ଓ ପବିତ୍ରଆତ୍ମା ପଠାଇ ଆମର ପୁରାତନ ଜୀବନ ପରିବର୍ତ୍ତନ କରିବେ, ଯେପରି ଆମେ ସମସ୍ତଙ୍କ ସହିତ ମହାଭୋଜରେ ଯୋଗ ଦେଇପାରିବା। ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ହେତୁ, ଈଶ୍ୱର ଆମକୁ କ୍ଷମା କରି ଆନନ୍ଦ ସହକାରେ ଗ୍ରହଣ କରିଥାଆନ୍ତି ଯେ, ଆମେ ହଜି ଯାଇଥିବା ସନ୍ତାନ ଘରକୁ ଫେରିଆସିଛୁ। ସେ କହିଥିଲେ ଯେ, ତାହାଙ୍କ ସହିତ ସ୍ୱର୍ଗରେ ରହିବା ଅର୍ଥ ଏକ ବଡ଼ ବିବାହ ଭୋଜିରେ ଯୋଗ ଦେବା।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ **ସୃଷ୍ଟି ଓ ଆଦମଙ୍କ ପତନ** ବିଷୟରେ କହନ୍ତି ।

**ଅନୁଶୀଳନ**

ଦୟାକରି **ଆଦିପୁସ୍ତକ ୧-୩** ପର୍ବରେ ଥିବା ଏହି କାହାଣୀ ପାଠ କରି ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ଯେଉଁ ପ୍ରଶ୍ନଗୁଡ଼ିକ ପଚାରିଥିଲେ, ତା'ର ଉତ୍ତର ପାଆନ୍ତୁ :

- ଆଦମ ଓ ହବା ହଠାତ୍ ଈଶ୍ୱରଙ୍କୁ କାହିଁକି ଭୟ କଲେ ?
- ଈଶ୍ୱର ଆଦମ ଓ ହବାଙ୍କ ସହିତ ବଗିଚାରେ କ'ଣ କରୁଥିଲେ ?
- ମନୁଷ୍ୟ ଜାତିର ଶତ୍ରୁ ପ୍ରତି କ'ଣ କରିବେ ବୋଲି ଈଶ୍ୱର ପ୍ରତିଜ୍ଞା କରିଅଛନ୍ତି ?
- ଉକ୍ତ ଦମ୍ପତିଙ୍କ ଅବାଧ୍ୟତା ହେତୁ ଈଶ୍ୱର ସେମାନଙ୍କୁ କେଉଁଠାକୁ ବିତାଡ଼ିତ କଲେ ?

ଶିକ୍ଷାର୍ଥୀ ନୂଆ ମେଜ ତିଆରି କରିବା ସମୟରେ ଶ୍ରୀ ଜ୍ଞାନୀ ତାଙ୍କୁ ସାହାଯ୍ୟ କଲେ। ପ୍ରଥମେ ଈଶ୍ୱର ଆଦମ ଓ ହବାଙ୍କ ସହିତ ଗମନାଗମନ କରି କଥାବାର୍ତ୍ତା କଲେ। ସେ ମନୁଷ୍ୟମାନଙ୍କୁ ସୃଷ୍ଟି କରିଥିଲେ, ଯେପରି ସେମାନେ ତାହାଙ୍କ ସହିତ ବନ୍ଧୁ ରୂପେ

ଗମନାଗମନ ଓ କଥାବାର୍ତ୍ତା କରିବେ। ସେ ସେମାନଙ୍କୁ ଦୁଃଖ ଦେବା ପାଇଁ ବା ଦ୍ୱନ୍ଦ୍ୱରେ ପକାଇବା ପାଇଁ ସୃଷ୍ଟି କରି ନ ଥିଲେ। ଲୋକମାନେ ଈଶ୍ୱରଙ୍କ ସୃଷ୍ଟିକୁ ଉପଭୋଗ କରି ତାହାଙ୍କ ସହିତ ବାସ କରିବାକୁ ସୃଷ୍ଟ ହୋଇଥିଲେ। ଈଶ୍ୱର ଇଚ୍ଛା କରୁଥିଲେ ଯେ, ଲୋକମାନେ ଯେପରି ତାହାଙ୍କୁ ସ୍ୱତଃପ୍ରବୃତ୍ତ ପ୍ରେମ କରନ୍ତୁ, କାରଣ ପ୍ରେମ ପାଇବାକୁ କାହାକୁ ଜୋର କରାଯାଇପାରିବ ନାହିଁ। ଈଶ୍ୱର ଆଦମ ଓ ହବାଙ୍କୁ ସେମାନଙ୍କ ନିଜ ପଥ ମନୋନୀତ କରିବାକୁ ଦେଇଥିଲେ। ସେମାନେ ଈଶ୍ୱରଙ୍କ କଥାର ବାଧ୍ୟ ହେବା ପରିବର୍ତ୍ତେ ସେମାନଙ୍କ ନିଜ ପଥ ମନୋନୀତ କରିଥିଲେ, ଯାହାକି ଈଶ୍ୱରଙ୍କ ଶତ୍ରୁ ଶୟତାନର ପଥ ଥିଲା। ତାହାଙ୍କୁ ତାହାଙ୍କ ପାରଦୀଶରୁ ସେମାନଙ୍କୁ ବିତାଡ଼ିତ କରିବାକୁ ପଡ଼ିଥିଲା।

ଓଃ, କେତେ ଦୁଃଖଦାୟକ!

ମନୁଷ୍ୟର ଇତିହାସ ମଧ୍ୟ ଆମକୁ ଦର୍ଶାଇଥାଏ ଯେ, ବର୍ତ୍ତମାନ ମନୁଷ୍ୟମାନେ ଈଶ୍ୱରଙ୍କଠାରୁ ଦୂରରେ ବାସ କରୁଛନ୍ତି। ତାହାଙ୍କ ସହିତ ଆମେ ବନ୍ଧୁତା ହରାଇଛୁ। ଜଗତରେ ମୃତ୍ୟୁ ଓ ହିଂସାକାଣ୍ଡ ପୂର୍ଣ୍ଣ ହୋଇ ରହିଛି। ଈଶ୍ୱରଙ୍କ ବିନା ଆମେ ଭୟଙ୍କର ଆତ୍ମିକ ବିପଦ ଅବସ୍ଥା ଭୋଗ କରୁଛୁ। ଆମ ଶତ୍ରୁ ଶୟତାନ ଉପରେ ଜୟଲାଭ କରାଇବାକୁ ଈଶ୍ୱର ଆମକୁ ପ୍ରତିଜ୍ଞା କରିଥିଲେ ଏବଂ ମୃତ୍ୟୁ ଓ ମନ୍ଦତାରୁ ରକ୍ଷା କରିବା ପାଇଁ ଜଣେ ବୀରଙ୍କୁ ପ୍ରେରଣ କରିଥିଲେ। ଆମର ବିଦ୍ରୋହ ପାଇଁ ଯୀଶୁ ମୂଲ୍ୟ ଦେଇଥିଲେ ଏବଂ ତାହାଙ୍କ ପୁନରୁତ୍ଥାନ ମାଧ୍ୟମରେ ଈଶ୍ୱରଙ୍କ ନିକଟକୁ ଫେରିଯିବାକୁ ସକ୍ଷମ କରିଥିଲେ। ଯୀଶୁଙ୍କ ମାଧ୍ୟମରେ ଆମେ ଈଶ୍ୱରଙ୍କ ସହିତ ଥିବା ଆମର ବାସ୍ତବ ଗୃହକୁ ଫେରିଯାଇ ପାରିବା।

କାହାଣୀଟି ଆଲୋଚନା କରିବା ପରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ପଚାରିଲେ, ଆମ ଜୀବନର ଅର୍ଥ ବର୍ତ୍ତମାନ ତୁମେ ପାଇଲ କି? ଈଶ୍ୱର ଚାହାନ୍ତି ଯେ, ଆମେ ତାହାଙ୍କ ସହିତ ବନ୍ଧୁତାପୂର୍ଣ୍ଣ ଜୀବନଯାପନ କରିବା। ଈଶ୍ୱରଙ୍କ ବିଷୟରେ ଅଧିକ କାହାଣୀ ଜାଣି ତୁମେ ନିଜ ପରିବାରରେ ତାହା କହିବାକୁ ଇଚ୍ଛା କରୁଛ କି? ଶିକ୍ଷାର୍ଥୀ ରାଜି ହେଲେ ଓ ଶ୍ରୀ ଜ୍ଞାନୀ ପ୍ରସ୍ତାବ ଦିଅନ୍ତି, ଯୋହନ ୧:୯ ପଦରେ ଏକ ପଦ ଆମେ ଏକତ୍ର ମୁଖସ୍ଥ କରିବା। ଆସନ୍ତା ସପ୍ତାହରେ ଆମେ ପୁଣି ସାକ୍ଷାତ କରିବା!

### ଅନୁଶୀଳନୀ

ଦୟାକରି **ଯୋହନ ୧:୯** ମୁଖସ୍ଥ କରନ୍ତୁ

ଆଦମଙ୍କଠାରୁ ତାଙ୍କ ପାପୀ ବଂଶଧରମାନଙ୍କ ନିକଟକୁ ପ୍ରବାହିତ ହୋଇଥିଲା, ତାହା **ରୋମୀୟ ୫:୧୨** ପଦରେ ଖୋଜି ବାହାର କରନ୍ତୁ।

ପ୍ରଥମ ଆଦମ ଓ ଶେଷ ଆଦମଙ୍କ ମଧ୍ୟରେ ପ୍ରଭେଦ, **ରୋମୀୟ ୫:୧୩–୨୧** ପଦରେ ଖୋଜି ବାହାର କରନ୍ତୁ।

## ୧–୨ ଆବିଷ୍କାର ୨

# ଏକମାତ୍ର ଈଶ୍ୱରଙ୍କ ପ୍ରତି ଫେରିବା

### (ପ୍ରତିମା ବା ଅନ୍ୟ କୌଣସି ବିଷୟ ତ୍ୟାଗ କରି ସେ ସ୍ଥାନରେ ତ୍ରିତ୍ୱ ଈଶ୍ୱରଙ୍କୁ ସ୍ଥାନ ଦେବା)

ଆସନ୍ତା ସପ୍ତାହରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କ କାଠକାମ ଦୋକାନକୁ ଫେରନ୍ତି । ସେ ଶିକ୍ଷାର୍ଥୀଙ୍କୁ ଏକ ନୂତନ ଚୌକି କାର୍ଯ୍ୟ ସମାପ୍ତ କରିବାରେ ସାହାଯ୍ୟ କଲେ। ଶ୍ରୀ ବୋକା ତାଙ୍କ ହାତରେ ଛୋଟ ଛୋଟ ଗୁଡ଼ିଏ ମୂର୍ତ୍ତି ଧରି ଆସି ଶିକ୍ଷାର୍ଥୀଙ୍କୁ କହନ୍ତି, ତୁମ ଘରୁ ମନ୍ଦାତ୍ମା ଦୂର କରିବା ପାଇଁ ଏହାର ଶକ୍ତି ଅଛି। ଗୋଟିଏ କିଣ।

ଶ୍ରୀ ଜ୍ଞାନୀ କହନ୍ତି, ସେଗୁଡ଼ିକ ମୋତେ ପ୍ରତିମା ପରି ଦେଖାଯାଉଛନ୍ତି।

ଶ୍ରୀ ବୋକା ଉତ୍ତର ଦିଅନ୍ତି, ନାହିଁ, ନାହିଁ! ସେଗୁଡ଼ିକ ତୁମ ଘରକୁ ସଜାଇବା ପାଇଁ ଓ ମନ୍ଦତା ଦୂର କରିବା ପାଇଁ ଉଦ୍ଦିଷ୍ଟ ଅଟେ।

ପ୍ରତିମାଗୁଡ଼ିକ ଘର ପ୍ରତି କେବଳ ବିପଦ ଆଣିଥାଏ, ଶ୍ରୀ ଜ୍ଞାନୀ ତାଙ୍କୁ କହନ୍ତି, ତୁମର ଜୀବିକା ପାଇଁ ତୁମେ ଅନ୍ୟ କିଛି ବିକ୍ରୀ କରିପାର।

ମୁଁ ଏଗୁଡ଼ିକ ବିକ୍ରୀ କରିବି! ଅନ୍ୟ ବ୍ୟବସାୟ ଅପେକ୍ଷା ଏଗୁଡ଼ିକ ବିକ୍ରି କଲେ ମୋତେ ବହୁତ ଅର୍ଥ ମିଳିଥାଏ।

ଶିକ୍ଷାର୍ଥୀ ପଚାରିଲେ, ସେଗୁଡ଼ିକ କାହିଁକି ଏତେ ଖରାପ ଅଟେ, ଶ୍ରୀ ଜ୍ଞାନୀ ?

ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ପ୍ରତିମା ବିଷୟରେ ତୁମ ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଁ ତୁମକୁ **ଏଲିୟ ଓ ବାଲ୍ ଦେବତାର ପୂଜକମାନଙ୍କ** ବିଷୟରେ କହିବି। ଆମେ କାହିଁକି ଏକମାତ୍ର ସତ୍ୟ ଈଶ୍ୱରଙ୍କ ପ୍ରତି ଫେରି କେବଳ ତାହାଙ୍କ ଉପାସନା କରିବା ତାହା ମଧ୍ୟ କହିବି।

### ଅନୁଶୀଳନୀ

ଶିକ୍ଷାର୍ଥୀ ଓ ଶ୍ରୀ ଜ୍ଞାନୀ ଯାହା ପାଇଲେ ତାହା ଆପଣ **୧ମ ରାଜାବଳୀ ୧୮:୧୬–୩୯** ପଦରେ ପାଇବେ :

- ଇସ୍ରାୟେଲ ଦେଶ ପ୍ରତି ସମସ୍ୟା କାହିଁକି ଆସିଲା ?
- ବାଲ୍‌ର ଦେବପୂଜକ ଓ ଜଣେ ସତ୍ୟ ଈଶ୍ୱରଙ୍କ ମଧ୍ୟରେ ଏଲିୟ କେଉଁ ପ୍ରତିଯୋଗିତା କରିଥିଲେ ?
- ବାଲ୍‌ର ପୂଜକମାନେ କେଉଁ ଉତ୍ତର ପାଇଲେ ଏବଂ ଏଲିୟ କେଉଁ ଉତ୍ତର ପାଇଲେ ?
- ଏକମାତ୍ର ସତ୍ୟ ଈଶ୍ୱର କିଏ ?

ଶ୍ରୀ ଜ୍ଞାନୀ କାହାଣୀଟିକୁ ବର୍ଣ୍ଣନା କରନ୍ତି : ପୂର୍ବକାଳରେ ଇସ୍ରାଏଲରେ ଅନେକ ଲୋକ ପ୍ରତିମା ରଖୁଥିଲେ, ଯେପରି ସେମାନଙ୍କ ନିକଟରେ ପ୍ରତ୍ୟକ୍ଷ ଦେବତା ରହିପାରିବେ। ସେମାନେ ଏକମାତ୍ର ସତ୍ୟ ଈଶ୍ୱରଙ୍କଠାରୁ ବିମୁଖ ହେବାରୁ ସେମାନଙ୍କ ଦେଶରେ ସମସ୍ୟା ଆସିଲା। ଆମେ ମଧ୍ୟ ନିଜ ନିମନ୍ତେ ଦେବତା ପ୍ରସ୍ତୁତ କରି ରଖିଥାଉ, ଆମେ ଆମର ସତ୍ୟ ଈଶ୍ୱରଙ୍କଠାରୁ ବିମୁଖ ହେବା ଫଳରେ ଆମର ସମସ୍ୟା ସୃଷ୍ଟି ହୋଇଥାଏ। କେବଳ ସତ୍ୟ ଈଶ୍ୱର ହିଁ ପୃଥିବୀ, ସ୍ୱର୍ଗ ଓ ଜଗତର ଜାତିମାନଙ୍କ ଉପରେ ରାଜତ୍ୱ କରନ୍ତି। ସେ କୌଣସି ଦେଶରେ ସୀମାବଦ୍ଧ ହୋଇ ରହିପାରିବେ ନାହିଁ। ସେ ସର୍ବଦା ଆମକୁ ତାହାଙ୍କ ନିକଟକୁ ଯିବାକୁ ଆହ୍ୱାନ କରୁଅଛନ୍ତି।

ଗୋଟିଏ ମୁହୂର୍ତ୍ତ ଅପେକ୍ଷା କରନ୍ତୁ! ଶ୍ରୀ ବୋକା ପ୍ରତିବାଦ କଲେ, ତାହା ତୁମ ପାଇଁ ଉପଯୁକ୍ତ ପଥ ହୋଇପାରେ, କିନ୍ତୁ ମୋ ପାଇଁ ନୁହେଁ। ମୋର ପୂର୍ବପୁରୁଷ ସର୍ବଦା ଆତ୍ମାଗୁଡ଼ିକର ଉପାସନା କରୁଥିଲେ, ଯେଉଁମାନେ କି ଏହି ପ୍ରତିମାଗୁଡ଼ିକ ମାଧ୍ୟମରେ କଥାବାର୍ତ୍ତା କରୁଥିଲେ! ମୁଁ ସେମାନଙ୍କ ପଥ ଅନୁସରଣ କରିବି।

ଶ୍ରୀ ଜ୍ଞାନୀ କହନ୍ତି, ମୁଁ ତୁମକୁ **କୂଅ ନିକଟରେ ଜଣେ ମହିଳା**ଙ୍କ ବିଷୟରେ କହିବି, ଯେ କି ତାଙ୍କ ପୂର୍ବପୁରୁଷଙ୍କ ପଥ ଅନୁସରଣ କରୁଥିଲେ, ମାତ୍ର ଅନ୍ୟ ଏକ ଉତ୍ତମ ପଥ ପାଇଲେ।

### ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଯେଉଁ କାହାଣୀ ବର୍ଣ୍ଣନା କରିଥିଲେ ଦୟାକରି ତାହା **ଯୋହନ ୪:୪–୪୨** ଦେଖନ୍ତୁ :

- କୂଅ ନିକଟରେ ଯୀଶୁ ଶମିରୋଣୀୟା ସ୍ତ୍ରୀକୁ କ'ଣ ଦେବାକୁ କହିଲେ ?
- ଯୀଶୁ ଯେ ଈଶ୍ୱରଙ୍କ ଭାବବାଦୀ ଥିଲେ, ସେ ବିଷୟରେ ମହିଳା ଜଣକ କିପରି ନିଶ୍ଚିତ ହେଲେ ?
- ଯୀଶୁ କାହା ପରି ଥିଲେ ବୋଲି କହନ୍ତି ?
- ସ୍ତ୍ରୀ ଲୋକଟି ଯୀଶୁଙ୍କ ବିଷୟରେ ତାଙ୍କ ଲୋକମାନଙ୍କୁ କହିବା ପରେ କ'ଣ ଘଟିଲା ?

ଚଉକି ତିଆରି କରିବା ସମୟରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀ ଓ ଶ୍ରୀ ବୋକାଙ୍କୁ କାହାଣୀଟି ବର୍ଣ୍ଣନା କରିଥିଲେ। ଦିନେ ଯୀଶୁ ବିଦେଶରେ କୂଅ ନିକଟରେ ଥିବା ଜଣେ ସ୍ତ୍ରୀଙ୍କ ସହିତ କଥା କହିଲେ। ସେ ତାଙ୍କୁ ଏପରି ଜଳ ଦେବା ପାଇଁ କହିଲେ, ଯେପରି ସେ ଆଉ କେବେ ମଧ୍ୟ ତୃଷିତ ହେବେ ନାହିଁ। ସ୍ତ୍ରୀ ଲୋକଟି ବୁଝି ପାରିଲେ ନାହିଁ ଯେ, ସେ ଏକ ନୂତନ ଜୀବନ ଦେଉଥିବା ଜଳ ବିଷୟରେ କହୁଅଛନ୍ତି, ଯାହାକି ଆମେ ପୂର୍ବରୁ କେବେ ଦେଖି ନାହୁଁ । ଆମେ ଏହାକୁ ଇଚ୍ଛା କରିଥାଉ, ମାତ୍ର ପାଇପାରି ନ ଥାଉ।

ସ୍ତ୍ରୀ ଲୋକଟି ଯୀଶୁଙ୍କୁ ପଚାରିଲା ଯେ, ସେ କ'ଣ ତାଙ୍କ ପୂର୍ବପୁରୁଷଙ୍କଠାରୁ ମହାନ୍ ଅଟନ୍ତି, ଯେଉଁମାନେ ସେହି କୂଅ ଖୋଳିଥିଲେ ଓ ଈଶ୍ୱରଙ୍କ ଉପାସନା କରିବା ପାଇଁ ତାଙ୍କ ଲୋକମାନଙ୍କୁ ଶିକ୍ଷା ଦେଇଥିଲେ। ଯୀଶୁ ତାଙ୍କୁ କହିଲେ ଯେ, ସେ ହିଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଯେ କି ସତ୍ୟରେ କିପରି ଈଶ୍ୱରଙ୍କ ଉପାସନା କରାଯାଇପାରିବ ତାହା ସମସ୍ତଙ୍କୁ ଦର୍ଶାଇବେ। ଏହିପ୍ରକାର ଉପାସନା ଛଡ଼ା ଅନ୍ୟ କୌଣସି ବିଷୟ ଆମକୁ ଅଧିକ ସନ୍ତୁଷ୍ଟ କରି ନ ଥାଏ। ଏହା ଆମକୁ ନୂତନ ଜୀବନ ପ୍ରଦାନ କରିଥାଏ, ଯାହାକି କେବେ ସମ୍ଭବ ବୋଲି ଆମେ କେବେ ଜାଣିପାରି ନ ଥିଲୁ।

ଶିକ୍ଷାର୍ଥୀ କହନ୍ତି, ମୁଁ ଯୀଶୁଙ୍କ ବିଷୟରେ ଅଧିକ ଜାଣିବାକୁ ଇଚ୍ଛା କରୁଛି। ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ କହନ୍ତି, ଈଶ୍ୱରଙ୍କ ବାଧ୍ୟ ହେବା ପାଇଁ କେତୋଟି ସରଳ ପଦକ୍ଷେପ ନେବା ପାଇଁ ମୁଁ ତୁମକୁ ସାହାଯ୍ୟ କରିବି। ତୁମେ କ'ଣ ମୋ' ସାଙ୍ଗରେ ସତ୍ୟ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରି ତାହାଙ୍କଠାରୁ ବିମୁଖ ହୋଇଥିବାରୁ କ୍ଷମା କରିବାକୁ ତାହାଙ୍କୁ ଅନୁରୋଧ କରିବ କି?

ତୁମେ ମୋତେ ପ୍ରାର୍ଥନା କରିବାକୁ କହୁଛ? ମୁଁ ଏବେ ସୁଦ୍ଧା ପ୍ରସ୍ତୁତ ହୋଇ ନାହିଁ।

ତୁମେ କ'ଣ ଏହିପରି ଅଧିକ କାହାଣୀ ଶୁଣି ତୁମ ପରିବାରରେ ସେଗୁଡ଼ିକୁ କହିବାକୁ ଇଚ୍ଛା କରୁଛ? ଆସ ଆମେ ଉଭୟେ ବାଇବଲରେ ସତ୍ୟ ଈଶ୍ୱରଙ୍କ ଉପାସନା କରିବା ପାଇଁ ଯେଉଁଠାରେ ଆଦେଶ ଦିଆଯାଇଛି ତାହା ମୁଖସ୍ଥ କରିବା। ମାର୍କ ୧୨:୨୯–୩୦ ପଦରେ ଏହା ଲେଖାଯାଇଛି।

### ଅନୁଶୀଳନୀ

ଦୟାକରି **ମାର୍କ ୧୨:୨୯–୩୦ ପଦ** ପଢ଼ି ବର୍ତ୍ତମାନ ତାହା ମୁଖସ୍ଥ କରନ୍ତୁ।

ଶିକ୍ଷାର୍ଥୀଙ୍କ ଦୋକାନରେ ଏହି ତିନି ଜଣ ବ୍ୟକ୍ତି ଈଶ୍ୱରଙ୍କ ବିଷୟରେ କଥାବାର୍ତ୍ତା କରୁଥିବା ସମୟରେ ଶ୍ରୀ ବୋକା ପଚାରିଲେ, ତୁମେ କାହିଁକି ଜଣେ ସତ୍ୟ ଈଶ୍ୱରଙ୍କ ବିଷୟରେ କହୁଛ? ମୁସ୍‌ଲିମ୍, ବୌଦ୍ଧ ଓ ହିନ୍ଦୁମାନେ ସେମାନଙ୍କ ଦେବତାମାନଙ୍କୁ ପୂଜା କରନ୍ତି, ନୁହେଁ କି? ଅନେକ ଦେବତା ନାହିଁ କି?

କେବଳ ଏକମାତ୍ର ସତ୍ୟ ଈଶ୍ୱର ଅଛନ୍ତି। ଅନ୍ୟ ଯେଉଁ ଆତ୍ମାଗୁଡ଼ିକୁ କେତେକ ଲୋକ ଦେବତା ବୋଲି କହନ୍ତି ଈଶ୍ୱର ସେଗୁଡ଼ିକୁ ସୃଷ୍ଟି କରିଥିଲେ। ବେଳେବେଳେ ଶାସ୍ତ୍ର ସେମାନଙ୍କୁ 'ଦୂତ' ବୋଲି କହେ। ମନ୍ଦାତ୍ମାଗୁଡ଼ିକ ଦିନେ ଦୂତ ଥିଲେ। ସେମାନେ ଭୂତାତ୍ମା, ଶୟତାନର ଅନୁସରଣ କରି ସର୍ବୋଚ୍ଚ ଓ ପବିତ୍ର ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ। ସେ ସେମାନଙ୍କୁ ନିଜ ଉପସ୍ଥିତି, ସ୍ୱର୍ଗରୁ ବିତାଡ଼ିତ କଲେ। ସେମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ନାହିଁ। ଅନ୍ୟ ସମସ୍ତ ବିଷୟ ଅପେକ୍ଷା ଈଶ୍ୱରଙ୍କୁ ପ୍ରେମ କରିବାଟା ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଆମର ଯଦି ଅନ୍ୟ ଦେବତା ଅଛି, ତେବେ ଆମେ ତାହାଙ୍କୁ ପ୍ରେମ କରିପାରିବା ନାହିଁ। ଯୀଶୁ ଯେପରି ପିତା ଈଶ୍ୱରଙ୍କ ସହିତ ଏକତା ସୂତ୍ରରେ ଥିଲେ, ସେହିପରି ଯୀଶୁଙ୍କ ସହିତ ଏକତ୍ର ସୂତ୍ରରେ ବନ୍ଧା ହେବାରେ ଆମର ପରିତ୍ରାଣ ରହିଛି।

ଯୀଶୁ କିପରି ପିତା ଈଶ୍ୱରଙ୍କ ସହିତ ରହିଥିଲେ? ଶ୍ରୀ ବୋକା ପଚାରନ୍ତି। ମୁଁ ବୁଝିପାରେ ନାହିଁ।

ସର୍ବଶକ୍ତିମାନ ଈଶ୍ୱର ତାହାଙ୍କ ପ୍ରତି ଆମର ଜ୍ଞାନ ଉପରେ ନିର୍ଭର କରନ୍ତି ନାହିଁ। ଶାସ୍ତ୍ରରେ ସେ ତିନି ଜଣ ବ୍ୟକ୍ତି ରୂପେ ପ୍ରକାଶିତ ହୋଇଅଛନ୍ତି ବୋଲି ଜାଣିବାଟା ଯଥେଷ୍ଟ ଅଟେ। ଜଣେ ଈଶ୍ୱରଙ୍କ ମଧ୍ୟରେ ଏହି ତିନି ଜଣ ହେଲେ ପିତା, ପୁତ୍ର ଓ ପବିତ୍ରଆତ୍ମା ଅଛନ୍ତି। ଜଣେମାତ୍ର ସତ୍ୟ ଈଶ୍ୱର ଅଛନ୍ତି।

ମାତ୍ର ତୁମକୁ ତିନି ଜଣ ବ୍ୟକ୍ତିଙ୍କୁ ଏକତ୍ର କରିବାକୁ ପଡ଼ିବ। ତୁମେ ଏକ, ଦୁଇ, ତିନିକୁ ମିଶାଅ ତିନିଟି ଦେବତା ପାଇବ।

ନା! ଆମେ ସେମାନଙ୍କୁ ମିଶାଉ ନାହୁଁ। ତୁମେ ଯଦି ଏହି ଧନ୍ଦାକୁ ଗାଣିତ୍ୟିକ ସୂତ୍ରରେ ସମାଧାନ କରିବାକୁ ଚେଷ୍ଟା କରିବ, ତେବେ ଠିକ୍ ଉତ୍ତର ପାଇବା ପାଇଁ ସେମାନଙ୍କୁ ଗୁଣନ କରିବାକୁ ପଡ଼ିବ। ଏକ ଗୁଣନ ଏକ ହେବ ଏକ। ତାକୁ ପୁନର୍ବାର ଏକରେ ଗୁଣନ କଲେ ତାହା ହେବ ଏକ। କାରଣ ପୁତ୍ର ସର୍ବଦା ପିତାଙ୍କଠାରୁ ଅଗ୍ରଗତି କରିଅଛନ୍ତି। ଯୋହନ ୧୫:୨୬ ପଦରେ ଯୀଶୁ ପବିତ୍ରଆତ୍ମାଙ୍କ ବିଷୟରେ ବର୍ଣ୍ଣନା କରିଅଛନ୍ତି, ପିତାଙ୍କ ନିକଟରୁ ମୁଁ ତୁମ୍ଭମାନଙ୍କ ନିକଟକୁ ଯେଉଁ ସାହାଯ୍ୟକାରୀଙ୍କୁ ପ୍ରେରଣ କରିବି, ପିତାଙ୍କଠାରୁ ବହିର୍ଗତ ସେହି ସତ୍ୟମୟ ଆତ୍ମା ଆସିଲେ ମୋ' ବିଷୟରେ ସାକ୍ଷ୍ୟ ଦେବେ।

ଶ୍ରୀ ବୋକା ତାଙ୍କ ମୂର୍ତ୍ତିଗୁଡ଼ିକ ଧରି ସ୍ଥାନ ପରିତ୍ୟାଗ କରି ଚାଲିଗଲେ।

### ଅନୁଶୀଳନୀ

**ବର୍ତ୍ତମାନ ଦୟାକରି ଯୋହନ ୧୫:୨୬ ପଦ ମୁଖସ୍ଥ କରନ୍ତୁ।**

## ୧-୩ ଆବିଷ୍କାର ୩

# ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନରେ କ୍ଷମା ଓ ଜୀବନ ଲାଭ କରିବା

### (ମନୁଷ୍ୟର ଚେଷ୍ଟାରେ ନୁହେଁ, ମାତ୍ର ତାହାଙ୍କ କାର୍ଯ୍ୟ, ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନରେ ନିର୍ଭର ରଖିବା)

ପରବର୍ତ୍ତୀ ସପ୍ତାହରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କ କାଠକାମ ଦୋକାନକୁ ପୁନର୍ବାର ଆସି ତାଙ୍କୁ ଏକ ନୂଆ ମେଜ ତିଆରି କରିବାରେ ସାହାଯ୍ୟ କରନ୍ତି। ଶିକ୍ଷାର୍ଥୀ କହନ୍ତି, ମୁଁ ମୋ' ପରିବାରରେ ସେହି କାହାଣୀଗୁଡ଼ିକ କହିଲି। ସେମାନଙ୍କୁ ସେଗୁଡ଼ିକ ଭଲ ଲାଗିଲା, ମାତ୍ର ମୋ' ପିତା କହନ୍ତି ଯେ ଯୀଶୁଙ୍କ ବ୍ୟତୀତ ଆମର ଅନ୍ୟ ଗୁରୁମାନେ ଅଛନ୍ତି। ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ଆମର ଅନ୍ୟ ଉତ୍ତମ ଗୁରୁ ଅଛନ୍ତି, ମାତ୍ର ସେମାନେ ଯୀଶୁଙ୍କ ପରି ନୁହନ୍ତି। ମୁଁ ତୁମକୁ ମାଥିଉ ୨୬:୩୧-୫୬ ପଦରେ ଲେଖାଥିବା ଯୀଶୁଙ୍କ ଗିରଫ ଓ ବିଚାର ବିଷୟରେ କହୁଛି।

### ଅନୁଶୀଳନୀ

ଦୟାକରି ମାଥିଉ ୨୬:୩୧-୫୬ ପଦ ପଢ଼ି ଶ୍ରୀ ଜ୍ଞାନୀ ଯାହା କହୁଥିଲେ, ତାହା ଅନୁସନ୍ଧାନ କରନ୍ତୁ:

- ଯୀଶୁ ଯେତେବେଳେ ତାହାଙ୍କ ଆଗାମୀ ମୃତ୍ୟୁ ବିଷୟରେ ପ୍ରାର୍ଥନା କରୁଥିଲେ, ସେତେବେଳେ ତାହାଙ୍କ ସମର୍ପଣର ଭାଷା କ'ଣ ଥିଲା ?
- ଯିହୁଦା ଯୀଶୁଙ୍କୁ କିପରି ପ୍ରତାରଣା କରିଥିଲା ?
- ଅନ୍ୟ ଶିଷ୍ୟମାନେ ତାହାଙ୍କୁ କିପରି ପରିତ୍ୟାଗ କରି ନିଃସଙ୍ଗ କରିଦେଇଥିଲେ ?
- କେଉଁ କାରଣରୁ ଯାଜକ ଯୀଶୁଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ?

ସେମାନେ ମେଜ ତିଆରି କରିବା ସମୟରେ ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଆମେ ଆମର ପାପ ହେତୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇଛୁ। ଈଶ୍ୱର ଜଗତକୁ ବହୁତ ପ୍ରେମ କରିଥିଲେ ଓ ଆମେ ଯେପରି ତାହାଙ୍କ ନିକଟକୁ ଆସିବା, ସେଥିପାଇଁ ସେ ତାହାଙ୍କ ପୁତ୍ରଙ୍କୁ ପ୍ରେରଣ କରିଥିଲେ। ସେ ଜଗତ ସୃଷ୍ଟି କରିଥିଲେ, ମାତ୍ର ଜଗତ ତାହାଙ୍କୁ ଚିହ୍ନି ନ ଥିଲା। ଯୋହନ ୩:୧୬ ଓ ଯୋହନ ୧:୧୦ ପଦ ଏହା ବର୍ଣ୍ଣନା କରିଥାଏ। ତାହାଙ୍କ ନିଜ ଶିଷ୍ୟଗଣ ତାହାଙ୍କ ପ୍ରତି ପ୍ରତାରଣା କରି ତାହାଙ୍କୁ ନିଃସଙ୍ଗ କରିଥିଲେ। ଯଦି ସେ ଜଣେ ପବିତ୍ର ଓ ନିରୀହ ବ୍ୟକ୍ତି ଥିଲେ, ତଥାପି ଈଶ୍ୱରଙ୍କ ମନ୍ଦିରର ଯାଜକ ତାହାଙ୍କୁ ଦୋଷାରୋପ କରିଥିଲେ। ଯୀଶୁଙ୍କ ନିଜ ଲୋକମାନଙ୍କ ପରି, ଆମେ ସମସ୍ତେ ମଧ୍ୟ

ଈଶ୍ୱରଙ୍କ ବିରୁଦ୍ଧରେ ପାପ କରି ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଛୁ। ଯୀଶୁ ଆମକୁ ଏତେ ପ୍ରେମ କରନ୍ତି ଯେ ଆମ ପାଇଁ ମୃତ୍ୟୁବରଣ କରିବାକୁ ଇଚ୍ଛା କରନ୍ତି। ସେ କେବଳ ଆମର ଶିକ୍ଷକ ନୁହନ୍ତି, ମାତ୍ର ଆମର ପାପ ପାଇଁ ଈଶ୍ୱରଙ୍କ ଦଣ୍ଡାଜ୍ଞାରୁ ଆମକୁ ରକ୍ଷା କରନ୍ତି।

ଶ୍ରୀ ବୋକା ଦୋକାନର ଦ୍ୱାର ନିକଟରେ ପହଞ୍ଚି ଚିତ୍କାର କଲେ, ଦେଖ ଆଜି ମୁଁ କ'ଣ ଆଣିଛି। ହାଡ଼ର ବେଣ୍ଟ ଥିବା ଗୋଟିଏ ଗୁଆକାତି କିଣ।

ସେମାନେ ମନୋଯୋଗ ଦେଲେ ନାହିଁ। ଶ୍ରୀ ଜ୍ଞାନୀ **ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ** ବିଷୟରେ କହିଲେ।

### ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଯାହା ବୁଝାଇଲେ ତାହା **ଲୂକ ୨୩ ଓ ୨୪ ପର୍ବ**ରେ ଦେଖନ୍ତୁ :

- ଯୀଶୁଙ୍କ ମୃତ୍ୟୁର ଗୁରୁତ୍ୱ ଦର୍ଶାଇ ତାହାଙ୍କ ମୃତ୍ୟୁ ସମୟରେ କଅଣ ଘଟିଥିଲା ?
- ଯୀଶୁଙ୍କ ମୃତ୍ୟୁର ତୃତୀୟ ଦିବସରେ ତାହାଙ୍କୁ ଦେଖିବାକୁ ଆସିଥିବା ସ୍ତ୍ରୀ ଲୋକମାନଙ୍କୁ ଦୂତ କ'ଣ କହିଥିଲେ ?
- ଲୋକମାନେ ଇମ୍ମାୟୁକୁ ଯିବା ସମୟରେ କେତେବେଳେ ଯୀଶୁଙ୍କୁ ଚିହ୍ନି ପାରିଥିଲେ ?
- ଶିଷ୍ୟମାନଙ୍କୁ ଯୀଶୁଙ୍କର ଶେଷ ନିର୍ଦ୍ଦେଶ କ'ଣ ଥିଲା ?

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀ ଓ ଶ୍ରୀ ବୋକାଙ୍କୁ କହନ୍ତି, ଯୀଶୁ ଯେଉଁଦିନ ମୃତ୍ୟୁବରଣ କରିଥିଲେ, ସେଦିନ ସୂର୍ଯ୍ୟ ଛଅ ଘଣ୍ଟାରୁ ନଅ ଘଣ୍ଟା ପର୍ଯ୍ୟନ୍ତ ଅନ୍ଧକାର ହୋଇଥିଲା ଏବଂ ମନ୍ଦିରର ବିଚ୍ଛେଦ ପରଦା ଦୁଇଫାଳ ହୋଇଥିଲା। ଯୀଶୁଙ୍କୁ କବର ଦିଆଯାଇଥିଲା ଓ ତୃତୀୟ ଦିନ ପର୍ଯ୍ୟନ୍ତ ସେ ମୃତ ହୋଇ ରହିଥିଲେ। ଅତି ପବିତ୍ର ଈଶ୍ୱର ଜଣେ ପ୍ରକୃତ ଉତ୍ତମ ଓ ନିରୀହ ବ୍ୟକ୍ତିଙ୍କୁ ମୃତ ହୋଇ ରହିବାକୁ ଦେବେ ନାହିଁ।

ଯୀଶୁ ଦୁର୍ବଳ ଥିଲେ! ଶ୍ରୀ ବୋକା ଚିତ୍କାର କରନ୍ତି, ଲୋକମାନେ ତାହାଙ୍କୁ ବଧ କରିବା ସମୟରେ ସେ ସେମାନଙ୍କୁ ପ୍ରତିରୋଧ କରିପାରିଲେ ନାହିଁ!

ସେ ସେମାନଙ୍କୁ ପ୍ରତିରୋଧ କରିପାରିଥାଆନ୍ତେ, ମାତ୍ର ଯୀଶୁ ଇଚ୍ଛା କରି ମୃତ୍ୟୁବରଣ କରିଥିଲେ। ସେ କ୍ରୁଶ ଉପରେ ଆମ ସ୍ଥାନ ନିରୂପଣ କରିଥିଲେ। ତୃତୀୟ ଦିବସରେ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଥିଲେ। ସେ ତାହାଙ୍କ ଶିଷ୍ୟମାନଙ୍କ ପାଖକୁ ଫେରିଆସିଲେ ଏବଂ ସେମାନଙ୍କୁ ସ୍ପର୍ଶ କରି ସେମାନଙ୍କ ସହିତ ଭୋଜନ କଲେ। ଯୋହନ ୨୦:୨୮ ସେମାନେ ତାହାଙ୍କ ଉପାସନା କରିଥିଲେ, ଓ ତାହାଙ୍କୁ 'ପ୍ରଭୁ'ଓ 'ଈଶ୍ୱର' ବୋଲି ଡାକିଥିଲେ। ତାହାଙ୍କ ପୁନରୁତ୍ଥାନ ମୃତ୍ୟୁର ଶକ୍ତିକୁ ପ୍ରତିହତ କରିଥିଲା। ଅନ୍ୟ କୌଣସି ମନୁଷ୍ୟ କେବେ ମଧ୍ୟ ମୃତ୍ୟୁକୁ ସେହିପରି ପରାଜିତ କରିପାରି ନ ଥିଲେ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ପଚାରିଲେ, ତୁମେ କ'ଣ ସରଳ ଭାବରେ ଈଶ୍ୱରଙ୍କ ବାଧ୍ୟ ହୋଇଥାଅ ? ତୁମେ କ'ଣ ବର୍ତ୍ତମାନ ଜୀବିତମାନଙ୍କ ଅପେକ୍ଷା ଯୀଶୁଙ୍କୁ ମହାନ ବୋଲି ଦେଖୁଛ ? ତୁମେ କ'ଣ ତୁମକୁ ମୃତ୍ୟୁରୁ ଉଦ୍ଧାର କରି ଯୀଶୁଙ୍କ ନାମର ଶକ୍ତିରେ ଏକ ନୂତନ ଜୀବନ ଦେବାକୁ ଈଶ୍ୱରଙ୍କୁ ଅନୁରୋଧ କରିବ ? ଯୀଶୁଙ୍କ ବିଷୟରେ ଏକ ପଦ ଏଠାରେ ଅଛି, ତୁମ ପରିବାରରେ ଏହାକୁ ମୁଖସ୍ଥ କରିପାରିବ : ଯୋହନ ୩:୧୬।

ଶିକ୍ଷାର୍ଥୀ ଅତି ଶୀଘ୍ର ଏହାକୁ ମୁଖସ୍ଥ କରିଦେଲେ। ଶ୍ରୀ ଜ୍ଞାନୀ ଯେତେବେଳେ ପ୍ରସ୍ଥାନ କରିବାକୁ ଆରମ୍ଭ କଲେ, ସେତେବେଳେ ଶିକ୍ଷାର୍ଥୀ ମନ୍ତବ୍ୟ ଦେଲେ, ମୁଁ ବର୍ତ୍ତମାନ ମୋ' ପରିବାରରେ ଏହି କାହାଣୀଗୁଡ଼ିକ କହିପାରିବି। ଆମେ ଯୀଶୁଙ୍କ ବିଷୟରେ କଥାବାର୍ତ୍ତା କରିବା ପାଇଁ କ'ଣ ପୁନର୍ବାର ସାକ୍ଷାତ କରିପାରିବା ?

### ଅନୁଶୀଳନୀ

ଦୟାକରି **ଯୋହନ ୩:୧୬** ମୁଖସ୍ଥ କରନ୍ତୁ ଏବଂ ଆପଣଙ୍କ ପରିବାର ଓ ବନ୍ଧୁମାନଙ୍କୁ ମଧ୍ୟ ଏହା ମୁଖସ୍ଥ କରିବାକୁ ସାହାଯ୍ୟ କରନ୍ତୁ।

## ୧-୪ ଆବିଷ୍କାର ୪

# ମନ୍ଦତା ଓ ମୃତ୍ୟୁର ଶକ୍ତିରୁ ରକ୍ଷା ପାଇବା

### (ଯୀଶୁ ମୃତ୍ୟୁ ଓ ମନ୍ଦତା ଉପରେ ଜୟଲାଭ କରନ୍ତି)

ଏକ ସପ୍ତାହ ପରେ ଶ୍ରୀ ଜ୍ଞାନୀ ପୁନର୍ବାର ଶିକ୍ଷାର୍ଥୀଙ୍କୁ ତାଙ୍କ କାଠକାମ ଦୋକାନରେ ସାହାଯ୍ୟ କରୁଥା'ନ୍ତି। ଶ୍ରୀ ବୋକା ସେଠାରେ ଅଣନିଶ୍ୱାସୀ ହୋଇ ପହଞ୍ଚନ୍ତି। ଦୁଃସମ୍ବାଦ, ଶିକ୍ଷାର୍ଥୀ! ତୁମର ଯେଉଁ ଭାଇ ନଈ ପାଖରେ ବାସ କରୁଥିଲେ, ସେ ବସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି!

ଶିକ୍ଷାର୍ଥୀ ତାଙ୍କ ଉପକରଣ ପକାଇଦେଇ ନୀରବରେ ବସିଗଲେ। ଶ୍ରୀ ଜ୍ଞାନୀ ତାଙ୍କ ପାଖରେ ବସି ନିରବତା ମଧ୍ୟରେ ତାଙ୍କ ନିମନ୍ତେ ପ୍ରାର୍ଥନା କଲେ। ଶିକ୍ଷାର୍ଥୀ ଗୁଣୁ ଗୁଣୁ ହୋଇ କହିଲେ, ଓଃ ନା! ଈଶ୍ୱର ଏପରି ଅଘଟଣ ହେବାକୁ କାହିଁକି ଦେଲେ? ମୁଁ ତାଙ୍କ ପରିବାରକୁ କିପରି ସାନ୍ତ୍ୱନା ଦେଇପାରିବି? ଶ୍ରୀ ଜ୍ଞାନୀ ତାଙ୍କ ସାଙ୍ଗକୁ **ମୃତ୍ୟୁ ଉପରେ ଯୀଶୁଙ୍କ ଶକ୍ତି** ବିଷୟରେ କହନ୍ତି।

### ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଯାହା ବର୍ଣ୍ଣନା କଲେ ଦୟାକରି ତାହା **ଯୋହନ ୧୧:୧୭-୪୪** ଦେଖନ୍ତୁ:

- ଯୀଶୁ ତାଙ୍କ ବନ୍ଧୁ ଲାଜାରଙ୍କ ମୃତ୍ୟୁ ବିଷୟରେ କ'ଣ ଭାବିଥିଲେ?
- ଯେଉଁମାନେ ତାହାଙ୍କୁ ବିଶ୍ୱାସ କରନ୍ତି, ସେମାନଙ୍କ ପ୍ରତି କ'ଣ ଘଟିବ ବୋଲି ସେ ମାର୍ଥାଙ୍କୁ କହିଥିଲେ?
- ଯୀଶୁ ଡାକିବା ପରେ ମୃତ ଲାଜାରଙ୍କ ପ୍ରତି କ'ଣ ଘଟିଲା?

ସେମାନେ ତିନିଜଣ ଶିକ୍ଷାର୍ଥୀଙ୍କ ଦୋକାନରେ ଥିବା ସମୟରେ ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି। ଯୀଶୁଙ୍କର ଜଣେ ଅତି ଉତ୍ତମ ବନ୍ଧୁ ମରି ଯାଇଥିଲେ। ଯୀଶୁ ବହୁତ ଦୁଃଖିତ ଥିଲେ। ଈଶ୍ୱର ଲୋକମାନଙ୍କୁ କଷ୍ଟଭୋଗ କରୁଥିବା ଈଶ୍ୱର ଦେଖିପାରନ୍ତି ନାହିଁ। ଯୀଶୁ ସମସ୍ତ ବିଷୟ ଉତ୍ତମ କରିବାକୁ ଆସିଥିଲେ। ଲାଜାର ଯୀଶୁଙ୍କଠାରେ ବିଶ୍ୱାସ କରିଥିବାରୁ, ସେ ବଞ୍ଚିବେ ବୋଲି ଯୀଶୁ ମାର୍ଥାଙ୍କୁ କହିଥିଲେ। ସେ ହିଁ ପୁନରୁତ୍ଥାନ ଓ ଜୀବନ ଅଟନ୍ତି। ସେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଓ କବର ନିକଟରେ ଲାଜାରଙ୍କୁ ଡକିଲେ। ଲାଜାର ଜୀବିତ ହୋଇ କବରରୁ ବାହାରି ଆସିଲେ।

ଶ୍ରୀ ବୋକା ପଚାରନ୍ତି, ବର୍ତ୍ତମାନ ଯୀଶୁ କେଉଁ ଶକ୍ତିରେ ଜୀବନ ଦିଅନ୍ତି?

ଯୀଶୁ ସମସ୍ତଙ୍କୁ ଦେଖାଇ ଦେଇଥିଲେ ଯେ, ମୃତ୍ୟୁ ଉପରେ ତାହାଙ୍କ ଶକ୍ତି ରହିଛି। ସେ ମରି ତିନି ଦିନ ପରେ ଜୀବନ ଫେରି ପାଇବାରୁ, ତାହାଙ୍କୁ ବିଶ୍ୱାସ କରୁଥିବା ସମସ୍ତଙ୍କ ପ୍ରତି ଏକ ନୂତନ ଜୀବନ ଦାନ କରିଥିଲେ। ଆମଠାରେ ଈଶ୍ୱରଙ୍କ ଆତ୍ମା ଥିବାରୁ ଏହି ଜୀବନ କେବେ ସମାପ୍ତ ହୋଇଯାଏ ନାହିଁ।

ଶ୍ରୀ ଜ୍ଞାନୀ **ମନ୍ଦାତ୍ମା ଦ୍ୱାରା କଷ୍ଟ ପାଉଥିବା ଲୋକଟି** ବିଷୟରେ କହନ୍ତି, ଯେ କି ଯୀଶୁଙ୍କୁ ଭେଟ କରିଥିଲେ।

### ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ଯେଉଁ ପ୍ରଶ୍ନ ପଚାରିଥିଲେ ତାହାର ଉତ୍ତର **ମାର୍କ ୫:୧–୨୦ ପଦ**ରେ ଦେଖନ୍ତୁ :

- ଲୋକଟିକୁ ମନ୍ଦାତ୍ମା କେଉଁ କାର୍ଯ୍ୟ କରାଉଥିଲା ?
- ମନ୍ଦାତ୍ମା ଯୀଶୁଙ୍କୁ କ'ଣ କହିଲା ?
- ଲୋକଟି ପାଇଁ ଯୀଶୁ କ'ଣ କଲେ ?
- ଲୋକଟି ସୁସ୍ଥ ହେବା ପରେ ଯୀଶୁ ତାକୁ କ'ଣ କରିବା ପାଇଁ କହିଲେ ?

ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି। ତାହାଙ୍କଠାରେ ଈଶ୍ୱରଙ୍କ ଗୁଣାବଳୀ ରହିଛି। ଫିଲିପ୍ପୀୟ ୨:୬ ପଦରେ ଏହା ବର୍ଣ୍ଣନା ହୋଇଛି। ଆତ୍ମାଟି ମନୁଷ୍ୟକୁ ଚିତ୍କାର କରାଇ ନିଜକୁ କାଟିବା ପାଇଁ ଦେଉଥିଲା। ସେ ଏତେ ବଳୁଆ ଥିଲା ଯେ, ତାକୁ କେହି ନିୟନ୍ତ୍ରଣ କରିପାରୁ ନ ଥିଲେ। ଯୀଶୁ ଆସିବା ପରେ ସେମାନେ ତାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ଚିହ୍ନିପାରିଲେ। ଲୋକଟି ଯୀଶୁଙ୍କ ସମ୍ମୁଖରେ ଆଣ୍ଠୋଇ ପଡ଼ିଲା, ପୁଣି ଆତ୍ମାଗୁଡ଼ିକ ଘୁଷୁରିଗୁଡ଼ିକ ମଧ୍ୟରେ ପ୍ରବେଶ କରିବା ପାଇଁ ଅନୁମତି ମାଗିଲେ। ଯୀଶୁ ଲୋକଟି ମଧ୍ୟରୁ ଆତ୍ମାଗୁଡ଼ିକୁ ପଠାଇଦେଲେ, ପୁଣି ସେମାନେ ଚାଲିଗଲେ। ଯୀଶୁ ଲୋକଟିକୁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ କଲେ। ତା'ପରେ ସେ ଲୋକଟିକୁ ତାଙ୍କ ଘରକୁ ପଠାଇଦେଲେ, ଯେପରି ଈଶ୍ୱର ତାଙ୍କ ପ୍ରତି କ'ଣ କରିଅଛନ୍ତି ତାହା ସେ ତାଙ୍କ ପରିବାରରେ କହିପାରିବ।

ଶ୍ରୀ ବୋକା କିଛି ନ କହି ସେଠାରୁ ପଳାନ୍ତି ଓ ଶ୍ରୀ ଜ୍ଞାନୀ ଆହୁରି କହନ୍ତି, ଯୀଶୁ ସ୍ୱର୍ଗକୁ ଯିବା ପରେ ତାଙ୍କ ଆତ୍ମାଙ୍କୁ ପ୍ରେରଣ କଲେ, ଯେପରି ସେ ତାହାଙ୍କଠାରେ ବିଶ୍ୱାସ କରିଥିବା ଲୋକମାନଙ୍କଠାରେ ରହିପାରିବେ। ଈଶ୍ୱରଙ୍କ ଆତ୍ମା ଶକ୍ତିଶାଳୀ ଅଟନ୍ତି ଏବଂ ଆମକୁ ସମସ୍ତ ମନ୍ଦତାରୁ ରକ୍ଷା କରନ୍ତି। ସେ ଆମକୁ ଏକ ନୂତନ ଜୀବନ ଦିଅନ୍ତି ଯାହାକି ଚିରସ୍ଥାୟୀ ଓ ପବିତ୍ର ଅଟେ। ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ ସୁସମାଚାର ଦେବା ପାଇଁ ସେ ଆମକୁ ସାହାଯ୍ୟ କରିଥାଆନ୍ତି।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ପଚାରନ୍ତି, ବର୍ତ୍ତମାନ ତୁମେ କ'ଣ ଯୀଶୁଙ୍କ ନାମରେ ଈଶ୍ୱରଙ୍କୁ ପ୍ରାର୍ଥନା କରି ତୁମର ଜୀବନ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରିବ ? ସେ ତାହା କରିବେ। ତୁମ ପରିବାରରେ କହିବା ପାଇଁ ଏଠାରେ ଏକ କାହାଣୀ ଅଛି : ଯୋହନ ୧୧:୨୫। ତୁମ ପରିବାରରେ ତୁମେ ଏହି ଆଶା ଦେଇପାରିବ। ଶିକ୍ଷାର୍ଥୀ ତଥାପି ପ୍ରାର୍ଥନା କରିବାକୁ ଇଚ୍ଛା କରନ୍ତି ନାହିଁ, ମାତ୍ର ସେ ପଦଟି ମୁଖସ୍ଥ କରନ୍ତି।

### ଅନୁଶୀଳନୀ

**ଦୟାକରି** ଯୋହନ ୧୧:୨୫ ମୁଖସ୍ଥ କରନ୍ତୁ।

## ୧–୫ ଆବିଷ୍କାର ୫

# ଜୀବନର ଗୁରୁତ୍ୱପୂର୍ଣ୍ଣ ବିଷୟ ଜାଣିପାରିବା

## (ପାପରୁ ବିମୁଖ ହୋଇ ଚିରସ୍ଥାୟୀ ମୂଲ୍ୟ ଥିବା ବିଷୟ ଅନ୍ୱେଷଣ କରିବା)

ଆସନ୍ତା ସପ୍ତାହରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ସାକ୍ଷାତ କରିବାକୁ ଆସିଲେ, ମାତ୍ର ତାଙ୍କୁ ଘରେ ବା ତାଙ୍କ ଦୋକାନରେ ପାଇଲେ ନାହିଁ। ଶେଷରେ ସେ ତାଙ୍କୁ ରାସ୍ତାରେ ଭେଟିଲେ। ଶିକ୍ଷାର୍ଥୀ କ୍ଷମା ମାଗି କହିଲେ, ଶ୍ରୀ ଜ୍ଞାନୀ, ମୋର ଭାଇଙ୍କ ମୃତ୍ୟୁର ଅନ୍ତିମ କ୍ରିୟା ସମୟରୁ ମୁଁ ଈଶ୍ୱରଙ୍କ ବିଷୟରେ ବହୁତ ଭାବୁଛି। ବୋଧହୁଏ ମାସେ ଦୁଇ ମାସ ହେବ .....।

ମୁଁ ଜାଣେ ଯେ, ତୁମେ ବ୍ୟସ୍ତ ଅଛ, ମାତ୍ର ତୁମେ ଏହି ଜୀବନର କାର୍ଯ୍ୟକଳାପ ହେତୁ ତୁମେ ଯେପରି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ଭୁଲି ନ ଯାଅ। ମୁଁ **ନୋହ ଓ ଜଳପ୍ଲାବନ** ବିଷୟରେ କହୁଛି।

### ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଯାହା ବର୍ଣ୍ଣନା କରୁଛନ୍ତି ଦୟାକରି ତାହା **ଆଦିପୁସ୍ତକ *୬:୫–୧୪*** ଦେଖନ୍ତୁ :

- ନୋହଙ୍କ ସମୟରେ ଲୋକମାନେ କ'ଣ କରୁଥିଲେ ବୋଲି ଈଶ୍ୱର ଅନୁଭବ କଲେ ?
- ଈଶ୍ୱର ନୋହ ଓ ତାଙ୍କ ପରିବାରକୁ କାହିଁକି ରକ୍ଷା କଲେ ?
- ଈଶ୍ୱରଙ୍କ ବାଧ୍ୟ ହୋଇ ନୋହ କ'ଣ କଲେ ?

ସେମାନେ ଶିକ୍ଷାର୍ଥୀଙ୍କ ଦୋକାନକୁ ଗଲେ ଓ ଦ୍ୱାର ନିକଟରେ କାର୍ଯ୍ୟ ଆରମ୍ଭ କଲେ। ଶ୍ରୀ ଜ୍ଞାନୀ ଜଳପ୍ଲାବନକୁ ବର୍ଣ୍ଣନା କରନ୍ତି : ଲୂକ ୧୭–୨୭ ପର୍ବରେ ଯୀଶୁ କହନ୍ତି ଯେ, ନୋହଙ୍କ ସମୟରେ ଲୋକମାନେ ସ୍ୱାଭାବିକ ଜୀବନ ଯାପନ କରୁଥିଲେ। ସେମାନେ ଈଶ୍ୱରଙ୍କୁ ଭୁଲିଯାଇ ଦୁଷ୍ଟ ଓ ହିଂସ୍ରକ ହୋଇଗଲେ। ସେମାନେ ଅନୁତାପ କରିବେ ବୋଲି ଈଶ୍ୱର ଧୈର୍ଯ୍ୟ ସହକାରେ ଅପେକ୍ଷା କରିଥିଲେ, ମାତ୍ର ସେମାନେ ଈଶ୍ୱରଙ୍କୁ ଅବଜ୍ଞା କରିଥିଲେ। ଈଶ୍ୱର ପବିତ୍ର ଅଟନ୍ତି। ସେ ପାପ ସହ୍ୟ କରନ୍ତି ନାହିଁ। ନୋହଙ୍କ ସମୟରେ ସେ ଯେଉଁ ପାପ ଓ ହିଂସାକାଣ୍ଡ ଦେଖିଲେ, ତାହା ତାଙ୍କୁ ଦୁଃଖିତ ଓ କ୍ରୋଧିତ କରିଦେଲା। ସେ ଜଗତର ଲୋକମାନଙ୍କୁ ବିନାଶ କରିବାକୁ ସ୍ଥିର କଲେ।

ସେମାନେ ସମସ୍ତେ ?

ପ୍ରାୟ ସମସ୍ତେ। କେବଳ ନୋହ ହିଁ ଈଶ୍ୱରଙ୍କ ବାଧ୍ୟ ହେଉଥିଲେ। ନୋହ ଈଶ୍ୱରଙ୍କୁ ନ ଦେଖିଲେ ମଧ୍ୟ ତାହାଙ୍କଠାରେ ନିର୍ଭର ରଖିଥିଲେ। ଜାହାଜକୁ

ଭସାଇ ନେବା ପାଇଁ ଜଳ ନ ଦେଖିଲେ ମଧ୍ୟ ଅନେକ ବର୍ଷ ଧରି ସେ ତାହା ତିଆରି କରିଥିଲେ। ଈଶ୍ୱର ନୋହଙ୍କୁ ଉଦ୍ଧାର କରିଥିଲେ, କାରଣ ସେ ତାହାଙ୍କୁ ବିଶ୍ୱାସ କରି ବାଧ୍ୟ ହୋଇଥିଲେ। ଈଶ୍ୱର ଜଳପ୍ଲାବନ ଦ୍ୱାରା ପୃଥିବୀକୁ ବିନାଶ କରିଥିଲେ, ମାତ୍ର ଜାହାଜ ଭିତରେ ଥିବା ନୋହ ଓ ତାଙ୍କ ପରିବାରକୁ ଉଦ୍ଧାର କରିଥିଲେ।

ଶ୍ରୀ ବୋକା ଦ୍ୱାର ନିକଟରେ ରହି ଶୁଣନ୍ତି। ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଆଜି ଆମେ ନୋହଙ୍କ ସମୟର ଲୋକମାନଙ୍କ ପରି ହୋଇଛୁ। ଆମେ ଈଶ୍ୱରଙ୍କୁ ଅବଜ୍ଞା କରି ପାପ ଓ ହିଂସାରେ ପୂର୍ଣ୍ଣ ହୋଇଛୁ। ଆମ ପାପ ଈଶ୍ୱରଙ୍କୁ ଦୁଃଖିତ ଓ କ୍ରୋଧିତ କରିଥାଏ। ଆମେ ଯଦି ଆମମାନଙ୍କୁ ଈଶ୍ୱରଦତ୍ତ ସୁରକ୍ଷିତ ସ୍ଥାନରେ ପ୍ରବେଶ ନ କରୁ, ତେବେ ମୃତ୍ୟୁରେ ଆମର ବିନାଶ ହେବ। ଉକ୍ତ ସୁରକ୍ଷିତ ସ୍ଥାନ ହେଉଛି ବଡ଼ ଜାହାଜ ସଦୃଶ। ଏହା ଯୀଶୁ ଅଟନ୍ତି। ଆମେ ଯଦି ବିଶ୍ୱାସ କରୁଛୁ, ତେବେ ଯୀଶୁଙ୍କ ହାତରେ ସୁରକ୍ଷିତ ରହିଛୁ।

ଶ୍ରୀ ବୋକା କିନ୍ତୁ ପ୍ରତିବାଦ କରନ୍ତି, ମାତ୍ର ଶିକ୍ଷାର୍ଥୀ କିଛି ମନ୍ଦ କାର୍ଯ୍ୟ କରୁ ନାହାନ୍ତି ! ତେଣୁ ଲୁଚିବା ପାଇଁ ତାଙ୍କର କାହିଁକି ସୁରକ୍ଷିତ ସ୍ଥାନ ଲୋଡ଼ା ହେବ ? ସେ ବହୁତ ଅର୍ଥ ଆବଶ୍ୟକ କରନ୍ତି ! ଦେଖ, ମୁଁ କ'ଣ ଆଣିଛି। ଏହା ଗୋଟିଏ ଚକୋଲେଟ୍ ଯନ୍ତ୍ର। ଏଥିରେ ଗୋଟିଏ ମୁଦ୍ରା ପକାଇ ବୋତାମ ଚିପି ଦେଲେ ଗୋଟିଏ ଚକୋଲେଟ୍ ବାହାରି ଆସିବ। ଶିକ୍ଷାର୍ଥୀ ତୁମେ ଏହାକୁ ତୁମର କାଠ ଦୋକାନ ପାଇଁ କିଣ ? ଲୋକମାନେ ଚକୋଲେଟ୍ ପାଇଁ ଆସିବେ, ପୁଣି ତୁମେ ବହୁତ ଅର୍ଥ ପାଇବ। ଅର୍ଥ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ।
ଶ୍ରୀ ଜ୍ଞାନୀ ଶ୍ରୀ ବୋକାଙ୍କୁ କହିଲେ, ଯୀଶୁ ଯେଉଁ ବୋକା ଧନୀ ବ୍ୟକ୍ତିଙ୍କ କଥା କହିଥିଲେ, ସେହି କାହାଣୀ ମୁଁ ତୁମକୁ କହିବି।

### ଅନୁଶୀଳନୀ

- ଦୟାକରି ଲୂକ ୧୨:୧୩-୨୧ ପଦରେ ଯେଉଁ ଲୋକମାନେ ଅଧିକ ଧନ ଅର୍ଜନ କରିବା ପାଇଁ ଲାଳାୟିତ ଥିଲେ, ସେମାନଙ୍କ ପ୍ରତି ଯୀଶୁଙ୍କ ସତର୍କବାଣୀ ଦେଖନ୍ତୁ।

ଚକୋଲେଟ୍ ଯନ୍ତ୍ର ଧରିଥିବା ଶ୍ରୀ ବୋକାଙ୍କୁ ଶ୍ରୀ ଜ୍ଞାନୀ କହିଲେ, ତୁମେ କ'ଣ ଦେଖୁଛ ଯେ, ଧନୀ ବ୍ୟକ୍ତିଟି କେବଳ ତାଙ୍କର ସାଧାରଣ ବ୍ୟବସାୟ ହିଁ କରୁଥିଲେ ? ମାତ୍ର ସେ ଈଶ୍ୱରଙ୍କ ଅପେକ୍ଷା ତାଙ୍କ ଶସ୍ୟ ଓ ଖଳାକୁ ଅଧିକ ଗୁରୁତ୍ୱ ଦେଉଥିଲେ। ଅନପେକ୍ଷିତ ଭାବରେ ତାଙ୍କର ମୃତ୍ୟୁ ହେଲା। ସେ ମୃତ୍ୟୁଭୋଗ କରିବା ପାଇଁ ପ୍ରସ୍ତୁତ ନ ଥିଲେ। ଯୀଶୁ କହନ୍ତି ଯେ, ସେ ପୁନର୍ବାର ପୃଥିବୀକୁ ଆସିବେ। ନୋହଙ୍କ ସମୟରେ ଯେପରି ସେହିପରି କେତେକ ଲୋକ କେବଳ ସେମାନଙ୍କ ସାଧାରଣ ବ୍ୟବସାୟ କରୁଥିବେ। ସେମାନେ ଯୀଶୁଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନ ଥିବେ। ଜଳପ୍ଲାବନରେ ପଡ଼ିଥିବା ଲୋକମାନଙ୍କ ପରି ସେମାନେ ବିନଷ୍ଟ ହେବେ। ମାତ୍ର ଯେଉଁମାନେ ଯୀଶୁଙ୍କଠାରେ ଥିବେ, ସେମାନେ ଉଦ୍ଧାର ପାଇବେ।

ଶ୍ରୀ ବୋକା ପରିହାସ କରି ପଳାଇଗଲେ, ମାତ୍ର ଶିକ୍ଷାର୍ଥୀ ଉତ୍ତର ଦେଲେ, ଶ୍ରୀ ଜ୍ଞାନୀ, ମୁଁ ଈଶ୍ୱରଙ୍କୁ ଭୁଲି ଯାଇଛି। ମୋ' ସହିତ ପ୍ରାର୍ଥନା କରନ୍ତୁ, ଯେପରି ମୁଁ ଯୀଶୁଙ୍କ ନାମରେ କ୍ଷମା ମାଗିବି। ସେମାନେ ପ୍ରାର୍ଥନା କରିବା ପରେ ସେ କହନ୍ତି, ମୁଁ ଆପଣଙ୍କ ସହିତ ବହୁପୂର୍ବରୁ ପ୍ରାର୍ଥନା କରିବାର ଥିଲା। ମୋତେ ହାଲୁକା ଲାଗୁଛି। ଏହି କାହାଣୀଗୁଡ଼ିକ ମୁଁ ମୋର ପରିବାରରେ କହିବି, ଯେପରି ସେମାନେ ମଧ୍ୟ ଈଶ୍ୱରଙ୍କୁ ସ୍ମରଣ କରିବେ। ମୋତେ ଆପଣ ମୁଖସ୍ଥ କରିବା ପାଇଁ ଆଉ ଗୋଟିଏ ବାଇବଲ ପଦ ଦେବେ କି ?
ରୋମୀୟ ୬:୨୩ ମୁଖସ୍ଥ କର। ଆମେ ଅତି ଶୀଘ୍ର ପୁନର୍ବାର ସାକ୍ଷାତ କରିବା କି ?
ହଁ। ଆଜି ରାତିରେ। ଦୟାକରି ମୋ' ଘରେ ରାତିରେ ଖାଇବେ। ମୋର ସ୍ତ୍ରୀ ସାରା ମଧ୍ୟ ଆପଣଙ୍କୁ ସାକ୍ଷାତ କରିବାକୁ ଇଚ୍ଛା କରୁଛି।

### ଅନୁଶୀଳନୀ

- ଜଗତ ପ୍ରତି ସବୁଠାରୁ ମୂଲ୍ୟବାନ ଦାନ ବିଷୟରେ ଲେଖାଥିବା ରୋମୀୟ ୬:୨୩ ମୁଖସ୍ଥ କରନ୍ତୁ।

## ୧–୬ ଆବିଷ୍କାର ୬

# ପ୍ରକୃତ ଉତ୍ତମତା ଜାଣିବା

### (ଯେଉଁ ଲୋକମାନେ ନିଜକୁ ଉତ୍ତମ ବୋଲି କହନ୍ତି, ସେମାନେ ମଧ୍ୟ ଈଶ୍ୱରଙ୍କଠାରୁ କ୍ଷମା ଲୋଡ଼ନ୍ତି)

ଶିକ୍ଷାର୍ଥୀଙ୍କ ଘରେ ଉତ୍ତମ ଭୋଜନ କରିବା ପରେ, ସେ ଶ୍ରୀ ଜ୍ଞାନୀଙ୍କୁ ପଚାରିଲେ, ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି ବୋଲି ସାରା ଇଚ୍ଛା କରୁଛି। କିଛି ବିଷୟ ତାକୁ ବ୍ୟତିବ୍ୟସ୍ତ କରୁଛି।

ତୁମର ଅନୁମତି ନେଇ ମୁଁ ସାରାଙ୍କଠାରୁ ତାଙ୍କର ବ୍ୟସ୍ତତା ବିଷୟରେ ଶୁଣିବାକୁ ଇଚ୍ଛା କରିବି।

ସାରା ଲାଜେଇ ଗଲେ। ଆପଣ କହୁଛନ୍ତି ଯେ, ଶିକ୍ଷାର୍ଥୀଙ୍କୁ କୌଣସି କାରଣରୁ କ୍ଷମା ଲୋଡ଼ାଅଛି। ମାତ୍ର ଶିକ୍ଷାର୍ଥୀ ଜଣେ ମନ୍ଦ ବ୍ୟକ୍ତି ନୁହନ୍ତି। ସେ ଜଣେ ପିତା ଓ ସ୍ୱାମୀ ରୂପେ ନିଜର କର୍ତ୍ତବ୍ୟ ପାଳନ କରନ୍ତି। ସେ ତାଙ୍କ ବନ୍ଧୁମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତି। ଜଣେ ବ୍ୟକ୍ତି ଉତ୍ତମ ହେବାଟା କ'ଣ ଈଶ୍ୱରଙ୍କ ଦୃଷ୍ଟିରେ ଯଥେଷ୍ଟ ନୁହେଁ?

ମୁଁ ତୁମକୁ **ଦୁର୍ନୀତିଗ୍ରସ୍ତ କରଗ୍ରାହୀ**ଙ୍କ ବିଷୟରେ କହୁଛି। କାହାଣୀଟି କହିବା ପରେ ଶିକ୍ଷାର୍ଥୀ ଓ ତାଙ୍କ ସ୍ତ୍ରୀ ସାରା ବୁଝିଲେ କି ନାହିଁ ତାହା ଜାଣିବା ପାଇଁ ଶ୍ରୀ ଜ୍ଞାନୀ ପ୍ରଶ୍ନ ପଚାରିଲେ।

### ଅନୁଶୀଳନୀ

ଶିକ୍ଷାର୍ଥୀ ଯାହା ଯାହା ଜାଣିଲେ ତାହା ପାଇବା ପାଇଁ ଦୟାକରି **ଲୂକ ୧୯:୧–୧୦ ପଦ** ଦେଖନ୍ତୁ :

- ଯୀଶୁ କିପରି ଲକ୍ଷ୍ୟ କଲେ ଯେ, ଜଖିୟ ତାହାଙ୍କୁ ସାକ୍ଷାତ କରିବାକୁ ଚାହୁଁଛନ୍ତି?
- ଏହି ଦୁର୍ନୀତିଗ୍ରସ୍ତ କରଗ୍ରାହୀଙ୍କୁ ଯୀଶୁ କିପରି ବ୍ୟବହାର ପ୍ରଦର୍ଶନ କଲେ?
- ଜଖିୟ ଯୀଶୁଙ୍କୁ କିପରି ବ୍ୟବହାର ପ୍ରଦର୍ଶନ କରିଥିଲେ?
- ଅନ୍ୟମାନଙ୍କ ପରି ଯୀଶୁ ସେହି ବ୍ୟକ୍ତିଙ୍କୁ ଦୋଷାରୋପ କରି ନ ଥିଲେ। ଜଖିୟ କୃତଜ୍ଞ ହୋଇ କ'ଣ କରିବେ ବୋଲି କହିଲେ?

ତା'ପରେ ଶ୍ରୀ ଜ୍ଞାନୀ ଜଖିୟଙ୍କ ବିଷୟରେ ବର୍ଣ୍ଣନା କଲେ : ଯୀଶୁ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପାଖକୁ ସର୍ବଦା ଆସିଥାଆନ୍ତି। ସେ ସେମାନଙ୍କ ହୃଦୟ ପରିବର୍ତ୍ତନ କରିଥାଆନ୍ତି। ଆମେ ଆମ ନିଜ ଚେଷ୍ଟାରେ କେବେ ମଧ୍ୟ ଉତ୍ତମ ବ୍ୟକ୍ତି ହୋଇପାରିବା ନାହିଁ। କେତେକ ଲୋକ ଭାବନ୍ତି ଯେ, ସେମାନେ ଉତ୍ତମ ମାତ୍ର ସେମାନେ ଏତେ ଗର୍ବୀ ଯେ, ନିଜ ପାପ ଦେଖିପାରନ୍ତି ନାହିଁ। ଯୀଶୁ ଯେତେବେଳେ ଆମ ଜୀବନକୁ ଆସନ୍ତି, ସେତେବେଳେ ସେ ଆମକୁ ତାହାଙ୍କ ଉତ୍ତମତା ପ୍ରଦାନ କରିଥାଆନ୍ତି। ଜଖିୟଙ୍କ ପରି ଆମେ ଆମ କାର୍ଯ୍ୟ ମାଧ୍ୟମରେ ତାହାଙ୍କ ପ୍ରତି ଆମର କୃତଜ୍ଞତା ପ୍ରଦର୍ଶନ କରିଥାଉ।

## ପାଳକଙ୍କ କାହାଣୀ ପୁସ୍ତକ

ମୁଁ ତଥାପି ବୁଝିପାରୁ ନାହିଁ, ସାରା କହନ୍ତି। ମୋର ଧାର୍ମିକ କାକାଙ୍କ ବିଷୟରେ କ'ଣ ଭାବୁଛନ୍ତି ? ଯାଜକ ତାଙ୍କୁ ପ୍ରାର୍ଥନା ଦେଇଛନ୍ତି, ଯେପରି ସେ ଦିନରେ ବହୁତ ଥର ସେହି ପ୍ରାର୍ଥନା ପୁନରାବୃତ୍ତି କରିବେ ! ତାଙ୍କର ମଧ୍ୟ କ'ଣ ଯୀଶୁଙ୍କ ଦ୍ୱାରା ପରିତ୍ରାଣ ଲୋଡ଼ାଅଛି ? ହଁ। ଆମେ କେବଳ କେତେକ ନିୟମ ପାଳନ କରିଦେଇ ବା ଧାର୍ମିକ କାର୍ଯ୍ୟ କଳାପରେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବା ନାହିଁ। ମୁଁ ତୁମକୁ **ଯାଜକ ଓ କରଗ୍ରାହୀ**ଙ୍କ ବିଷୟରେ କହୁଛି।

### ଅନୁଶୀଳନୀ

ଶିକ୍ଷାର୍ଥୀ ଓ ସାରା ଯାହା ପାଇଥିଲେ, ଦୟାକରି ତାହା **ଲୂକ ୧୮:୯–୧୪** ପଦରେ ଦେଖନ୍ତୁ:

- ଯୀଶୁ ଦୁର୍ନୀତିଗ୍ରସ୍ତ କରଗ୍ରାହୀଙ୍କ ବିଷୟରେ କେଉଁ ଲୋକମାନଙ୍କୁ କହିଥିଲେ ?
- କାହାଣୀରେ ଧାର୍ମିକ ଲୋକମାନଙ୍କର ଈଶ୍ୱରଙ୍କ ପ୍ରତି କେଉଁ ପ୍ରକାର ମନୋଭାବ ରହିଛି ?
- କରଗ୍ରାହୀର କେଉଁ ପ୍ରକାର ମନୋଭାବ ଥିଲା ?
- କେଉଁ ବ୍ୟକ୍ତି ଈଶ୍ୱରଙ୍କୁ ସନ୍ତୁଷ୍ଟ କରି ପ୍ରକୃତରେ ଉତ୍ତମ ହୋଇଥିଲା ?

ଉତ୍ତମ ଖାଦ୍ୟ ପାଇଁ ଶ୍ରୀ ଜ୍ଞାନୀ ସାରାଙ୍କୁ ଧନ୍ୟବାଦ ଦିଅନ୍ତି ? ସେ ଉତ୍ତର ଦେଲେ, ଶ୍ରୀ ଜ୍ଞାନୀ, ବାଇବଲ କାହାଣୀ କହିଥିବାରୁ ତୁମକୁ ଧନ୍ୟବାଦ। ମୁଁ ବର୍ତ୍ତମାନ ଅଧିକ ଭଲ ରୂପେ ବୁଝିପାରିଲି। ଈଶ୍ୱର ମନ୍ଦ ଲୋକମାନଙ୍କୁ ମଧ୍ୟ କ୍ଷମା କରନ୍ତି।

ଶିକ୍ଷାର୍ଥୀ ଶ୍ରୀ ଜ୍ଞାନୀଙ୍କୁ କହନ୍ତି, ଦୟାକରି ବୁଝାନ୍ତୁ ଯେ, ଏହି ଛୋଟ ପ୍ରାର୍ଥନା କିପରି ସେହି ବ୍ୟକ୍ତିଙ୍କୁ ଉତ୍ତମ କରିପାରିଲା।

କେବଳ ଈଶ୍ୱର ହିଁ ଆମକୁ ପ୍ରକୃତରେ ଉତ୍ତମ କରିପାରନ୍ତି। ଆମ ପାପ ବିଷୟରେ ଆମେ ଯେତେବେଳେ ତାଙ୍କ ପ୍ରତି ବିଶ୍ୱସ୍ତ ହେଉ ଓ ଯୀଶୁଙ୍କ ନାମରେ ସେ ଆମକୁ କ୍ଷମା କରିବେ ବୋଲି ବିଶ୍ୱାସ କରୁ, ସେତେବେଳେ ଆମକୁ ପ୍ରକୃତରେ ଉତ୍ତମ କରିବା ପାଇଁ ତାହାଙ୍କ ଆତ୍ମା ଆମ ନିକଟକୁ ଆସିଥାଏ। କାହାଣୀରେ ଥିବା ବ୍ୟକ୍ତିଟି ପରି ଆମେ ଅତ୍ୟନ୍ତ ଧାର୍ମିକ ହୋଇପାରୁ, ମାତ୍ର କେବଳ ତାହା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରି ନ ଥାଏ। ଆମର ଅନୁତାପ ଓ ନିର୍ଭରତା ହିଁ ତାହାଙ୍କୁ ସନ୍ତୁଷ୍ଟ କରିଥାଏ।

ଶ୍ରୀ ଜ୍ଞାନୀ ପରିତ୍ୟାଗ କରିବା ସମୟରେ ଶିକ୍ଷାର୍ଥୀଙ୍କୁ କହନ୍ତି, ମୁଁ ଭାବୁଛି ଯେ, ସାରା ଖ୍ରୀଷ୍ଟଙ୍କ ବିଷୟରେ ସୁସମାଚାର ପ୍ରତି ମନୋଯୋଗୀ ଅଟନ୍ତି। ମୋର ଆଶା ତୁମେ ତାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରିବ। ସେ ଯଦି ପ୍ରସ୍ତୁତ ବୋଲି ତୁମେ ଭାବୁଥାଅ, ତେବେ ମୁଁ ତୁମ ସହିତ ଯେପରି ପ୍ରାର୍ଥନା କରିଥିଲି, ତୁମେ ମଧ୍ୟ କ୍ଷମା ପାଇବା ପାଇଁ ତାଙ୍କ ସହିତ ଯୀଶୁଙ୍କ ନାମରେ ପ୍ରାର୍ଥନା କରିପାରିବ।

ଆଜି ରାତିରେ ମୁଁ ତାଙ୍କ ସହିତ କଥାବାର୍ତ୍ତା କରିବି। ଯଦି ସମ୍ଭବ, ତେବେ ଦୟାକରି ସକାଳେ ଆସନ୍ତୁ।

## ୧–୭ ଆବିଷ୍କାର ୭

# ଯୀଶୁଙ୍କଠାରେ ପ୍ରଚୁର ଜୀବନ ପାଇବା

### (ପ୍ରଥମେ ବାପ୍ତିସ୍ମ ଗ୍ରହଣ କରି ବାଧ ହେବା ଦ୍ୱାରା ନୂତନ ବିଶ୍ୱାସ ପ୍ରଦର୍ଶନ କରନ୍ତୁ)

ପରଦିନ ସକାଳେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କ ଘରକୁ ଆସିଲେ। ଠିକ୍ ପରେ ପରେ ଶ୍ରୀ ବୋକା ଦ୍ୱାର ନିକଟକୁ ଆସିଲେ, ସେ ପରରେ ତିଆରି ଅନେକଗୁଡ଼ିଏ ଚକ୍‌ମକ୍ ଜିନିଷ ଧରିଥିଲେ। ଶିକ୍ଷାର୍ଥୀ, ତୁମ ସ୍ତ୍ରୀ ସାରା ପାଇଁ ଗୋଟିଏ ଟୋପି କିଣ!

ଶିକ୍ଷାର୍ଥୀ ହସିଲେ। ପର ଅପେକ୍ଷା ଆମର ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କଥା ଅଛି। ମୋର ପରିବାର ଓ ମୁଁ ଯୀଶୁଙ୍କ କଥା ମାନୁଛୁ। ଶ୍ରୀ ବୋକା ମୁଁ ଆଶା କରୁଛି ଯେ, ତୁମେ ମଧ୍ୟ ସେପରି କରିବ।

ମୁଁ ଏ ବିଷୟରେ ଚିନ୍ତା କରିଛି। ମୁଁ ନିଜ ଉପାୟରେ ତାହାଙ୍କ ଅନ୍ୱେଷଣ କରୁଛି। ଶିକ୍ଷାର୍ଥୀ ଏ ବିଷୟରେ ଏତେ ଧର୍ମାନ୍ଧ ହୁଅ ନାହିଁ। କେତେକ ଲୋକ କହନ୍ତି ଯେ, ସ୍ୱର୍ଗ ଯିବାକୁ ହେଲେ ତୁମକୁ କେବଳ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ପଡ଼ିବ। ଆଉ କିଛି ନୁହେଁ। ମୁଁ ତାହା କରିବି।

ମୁଁ କହିଲି ଆମେ ତାହାଙ୍କର ବାଧ୍ୟ ମଧ୍ୟ ହେବା।

ତୁମେ କରିପାରିବ ନାହିଁ। ସେ କହିଥିଲେ ତୁମ ଶତ୍ରୁକୁ ମଧ୍ୟ ପ୍ରେମ କର। ଏହା ପାଗଳାମୀ!

ଶ୍ରୀ ଜ୍ଞାନୀ ସମ୍ମତ ହେଲେ ନାହିଁ। ନା। ବିଶ୍ୱାସ କରିବାଟା କେବଳ ଆରମ୍ଭ ମାତ୍ର। ଈଶ୍ୱର ଇଚ୍ଛା କରନ୍ତି ଯେ, ତୁମେ କେବଳ ସରଳ ରୂପେ ଆସ୍ଥା ସ୍ଥାପନ କରି ତୁମର ବିଶ୍ୱାସକୁ ଦୃଢ଼ୀଭୂତ କର। **ଉଚ୍ଚପଦପ୍ରାପ୍ତ କୁଶୀୟ ନପୁଂସକଙ୍କ** କାହାଣୀ ତୁମକୁ ଏହା ବୁଝିବାରେ ସାହାଯ୍ୟ କରିବ।

### ଅନୁଶୀଳନୀ

ଦୟାକରି **ପ୍ରେରିତ ୮:୨୬–୩୮ ପଦ** ଦେଖନ୍ତୁ :

- ଖ୍ରୀଷ୍ଟଙ୍କ ଜନ୍ମର ଶହ ଶହ ବର୍ଷ ପୂର୍ବରୁ ଲେଖାଯାଇଥିବା ପୁରାତନ ନିୟମ ପୁସ୍ତକରୁ କାହା ବିଷୟରେ କୁଶୀୟ ନପୁଂସକ ପଢ଼ୁଥିଲେ ?
- ସେହି ଶାସ୍ତ୍ରାଂଶ ଯୀଶୁଙ୍କ ବିଷୟରେ କେଉଁ ଭାବବାଣୀ ପ୍ରଦାନ କରିଥାଏ ?
- ଯୀଶୁଙ୍କୁ ବିଶ୍ୱାସ କରନ୍ତି ବୋଲି ଦର୍ଶାଇବାକୁ କୁଶୀୟ ନପୁଂସକ କ'ଣ କଲେ ?

ଶିକ୍ଷାର୍ଥୀ, ସାରା ଓ ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ ଗୃହରେ ବସିଥିବା ସମୟରେ ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି : କୁଶୀୟ ନପୁଂସକ ଯିଶାଇୟ ୫୩ ପର୍ବ ପଢ଼ୁଥିଲେ। ଯୀଶୁଙ୍କ ଜନ୍ମର ଶହ ଶହ ବର୍ଷ ପୂର୍ବରୁ ଏହା ଲେଖାଯାଇଥିଲା, ମାତ୍ର ଯୀଶୁ କ'ଣ କରିବେ, ସେ ବିଷୟରେ ଏଥିରେ କୁହାଯାଇଥିଲା। ଏଥିରେ ଲେଖାଥିଲା ଯେ, ଆମେ ମେଷ ପରି ଆମର ପାପ ହେତୁ ଈଶ୍ୱରଙ୍କ ପଥରୁ ପଥଭ୍ରଷ୍ଟ ହୋଇଛୁ। ଆମେ ମୃତ୍ୟୁର ଯୋଗ୍ୟ ଅଟୁ, ମାତ୍ର ଯୀଶୁ ତାହାଙ୍କ ଉପରକୁ ଆମର ସମସ୍ତ ପାପ, ଆମର ରୋଗବ୍ୟାଧି, ଆମର ଦୁଃଖ ଓ ଆମର ମୃତ୍ୟୁ ବହନ କରିଥିଲେ। ଆମେ ଦୁଃଖଭୋଗ କରି ମରିଯିବାରୁ, ପାପ ଓ ମୃତ୍ୟୁରୁ ମୁକ୍ତ ଅଟୁ।

ସାରା କଫି ଆଣିଲେ ଓ ଶ୍ରୀ ଜ୍ଞାନୀ ବର୍ଣ୍ଣନା କରିବାକୁ ଲାଗିଲେ, ଯୀଶୁ ତାଙ୍କ ପାଇଁ ଯାହା କରିଥିଲେ, କୁଶୀୟ ନପୁଂସକ ତାହା ବିଶ୍ୱାସ କରୁଥିଲେ। ତାହାଙ୍କ ବିଶ୍ୱାସ ପ୍ରଦର୍ଶନ କରିବା ନିମନ୍ତେ ସେ ରାସ୍ତାକଡ଼ରେ ଜଳ ଦେଖିବା ମାତ୍ରେ ତାଙ୍କୁ ବାପ୍ତିସ୍ମ ଦେବାକୁ ଫିଲିପଙ୍କୁ କହିଲେ। କଲସୀୟ ୨:୧୨ ଓ ରୋମୀୟ ୬ ପର୍ବ ଦର୍ଶାଏ ଯେ ବାପ୍ତିସ୍ମ ଖ୍ରୀଷ୍ଟଙ୍କ ମୃତ୍ୟୁରେ ଆମ ସହିତ ତାହାଙ୍କ ଏକତା ହୋଇଥାଏ ବୋଲି କହେ। ଆମର ପାପପୂର୍ଣ୍ଣ ଜୀବନ ଯୀଶୁଙ୍କ ସହିତ ମୃତ୍ୟୁଭୋଗ କରିଥାଏ। ବିଶ୍ୱାସ ମାଧ୍ୟମରେ ଆମେ ତାହାଙ୍କ ପୁନରୁତ୍ଥାନରେ ଯୋଗ ଦେଇଥାଉ ଏବଂ ଏକ ଅନନ୍ତ ଓ ପବିତ୍ର ନୂତନ ଜୀବନ ଆରମ୍ଭ କରିଥାଉ। ତାହାଙ୍କ ଆତ୍ମା ଆମଠାରେ ବାସ କରିବାକୁ ଆସିଥାଏ।

ଶ୍ରୀ ବୋକା କ୍ରୋଧ କରି କହିଲେ, ତାହା ହାସ୍ୟାସ୍ପଦ ବିଷୟ! ନିଜକୁ ପବିତ୍ର କରିବା ପାଇଁ ଆମର ଜଳ ଆବଶ୍ୟକ ନାହିଁ! ସେଥିପାଇଁ ଆମେ ବହୁତ ସମୟ ଧ୍ୟାନ କରିଥାଉ। କିପରି ଧ୍ୟାନ କରିବାକୁ ହେବ ସେ ବିଷୟରେ ମୁଁ ତୁମକୁ ଜଣେ ପବିତ୍ର ହିନ୍ଦୁ ବ୍ୟକ୍ତିଙ୍କ ପୁସ୍ତକ ପଢ଼ିବାକୁ ଦେବି। ଏଠାରେ, ଏହା ଦେଖ।

ଶ୍ରୀ ଜ୍ଞାନୀ ନାମାନ କୁଷ୍ଠୀଙ୍କ ବିଷୟରେ କହିଲେ। ସେମାନଙ୍କ ବୋଧଗମ୍ୟ ନିମନ୍ତେ ସେ ସେମାନଙ୍କୁ ପ୍ରଶ୍ନ ପଚାରିଲେ।

### ଅନୁଶୀଳନୀ

ଦୟାକରି **୨ୟ ରାଜାବଳୀ ୫:୧–୧୪** ଦେଖନ୍ତୁ:

- ବିଶ୍ୱାସ ପ୍ରଦର୍ଶନ କରିବା ପାଇଁ ନାମାନ କ'ଣ କରିଥିଲେ ?
- ନଦୀର ପାଣି ନାମାନଙ୍କ କୁଷ୍ଠ ଧୋଇ ଦେଇ ନ ଥିଲା। ଈଶ୍ୱର ତାହା କରିଥିଲେ। ମାତ୍ର ଈଶ୍ୱର କିପରି ଆପଣା ପ୍ରତି ନାମାନଙ୍କ ବିଶ୍ୱାସ ସ୍ଥାପନ କରିବା ପାଇଁ ଜଳ ବ୍ୟବହାର କରିଥିଲେ ?

ଶ୍ରୀ ବୋକା ତାଙ୍କ ପୁସ୍ତକ ବିକ୍ରୀ କରି ନ ପାରି ଘରୁ ବାହାରିଗଲେ। ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀ ଓ ସାରାଙ୍କୁ ବୁଝାଇଲେ : ଈଶ୍ୱର ଆମକୁ ଜଳରେ ବାପ୍ତିଜିତ ହେବାକୁ କହନ୍ତି। ନାମାନଙ୍କ ଧୋଇ ହେବା ଓ କୁଶୀୟ ନପୁଂସକଙ୍କ ବାପ୍ତିସ୍ମ ପରି ଜଳରେ ଆମର ବାପ୍ତିସ୍ମ ଆମର ବିଶ୍ୱାସ ପ୍ରଦର୍ଶନ କରିଥାଏ। ଈଶ୍ୱରଙ୍କ ଆଜ୍ଞାବହ ହେବା ପାଇଁ ଆମେ ଏହି ପ୍ରଥମ କାର୍ଯ୍ୟ କରିଥାଉ। ପ୍ରେରିତ ୨୨:୧୬ ଅନୁସାରେ ବାପ୍ତିସ୍ମ ଦର୍ଶାଇଥାଏ ଯେ, ଯୀଶୁଙ୍କ ରକ୍ତରେ ଈଶ୍ୱର ଆମର ସମସ୍ତ ପାପ ଧୋଇ ଦେଇଅଛନ୍ତି। ୧ମ ଯୋହନ ୧:୭ ଆମ ପ୍ରତି ଈଶ୍ୱରଙ୍କ ଶୁଚୀକରଣର ନିଶ୍ଚିତବୋଧ ଦେଇଥାଏ।

ଶିକ୍ଷାର୍ଥୀ ଓ ଶ୍ରୀ ଜ୍ଞାନୀ ବାପ୍ତିସ୍ମ ବିଷୟରେ କଥାବାର୍ତ୍ତା କରି କରି ଦୋକାନକୁ ଗଲେ। ଶିକ୍ଷାର୍ଥୀ ଈଶ୍ୱର ଇଚ୍ଛା କରନ୍ତି ଯେ, ତୁମେ ସପରିବାର ବାଧ୍ୟତାର ଏହି ପଦକ୍ଷେପ ଗ୍ରହଣ କର। **ବାପ୍ତିସ୍ମ କିପରି ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକତ୍ର କରିଥାଏ,** ତାହା ତୁମେ ସାରା ଓ ତୁମ ପିଲାମାନଙ୍କୁ ବର୍ଣ୍ଣନା କରିବା ଉଚିତ୍।

ମୁଁ ସାରାଙ୍କ ସହିତ କଥାବାର୍ତ୍ତା କରିବି। ଆମେ ଏବେ ସୁଦ୍ଧା ପ୍ରସ୍ତୁତ ହୋଇଛୁ କି ନାହିଁ ମୁଁ ତାହା ଜାଣି ନାହିଁ।

### ଅନୁଶୀଳନୀ

- ଦୟାକରି ପ୍ରେରିତ ୨:୩୮ ମୁଖସ୍ଥ କରନ୍ତୁ।
- ବାପ୍ତିସ୍ମ କିପରି ଆମକୁ ଖ୍ରୀଷ୍ଟଙ୍କ ସହିତ ଏକତ୍ର କରିଥାଏ, ତାହା **ରୋମୀୟ ୬:୧–୧୪** ଦେଖନ୍ତୁ।
- ଆମ ଜୀବନ ଶୈଳୀରେ ବାପ୍ତିସ୍ମର ଫଳାଫଳ କ'ଣ ହେବା ଉଚିତ୍, ତାହା **ରୋମୀୟ ୬:୧–୧୪** ଦେଖନ୍ତୁ।

## ୧-୮ ଆବିଷ୍କାର ୮

# ଯୀଶୁଙ୍କର ଅନୁଗାମୀ ହୁଅନ୍ତୁ

## (ପୁନରୁତ୍ଥିତ ଖ୍ରୀଷ୍ଟଙ୍କୁ ସାକ୍ଷାତ କରନ୍ତୁ, ଜାଣନ୍ତୁ ଓ ଅନୁସରଣ କରନ୍ତୁ)

କିଛି ଦିନ ପରେ ଶ୍ରୀ ଜ୍ଞାନୀ କାଠକାମ ଦୋକାନରେ ପହଞ୍ଚି ଶିକ୍ଷାର୍ଥୀଙ୍କୁ କହିଲେ, ମୁଁ ଶୀଘ୍ର ଦେଶର ଅନ୍ୟ ସ୍ଥାନକୁ ଯାଉଛି। ମୁଁ ପ୍ରଥମେ ଏଠାରେ ବିଶ୍ୱାସୀମାନଙ୍କ ଏକ ମଣ୍ଡଳୀ ଛାଡ଼ିଯିବି ବୋଲି ଆଶା କରୁଛି। ତୁମେ ଯୀଶୁଙ୍କ ସୁସମାଚାର ଶୁଣିଛ। ତୁମେ ଜାଣିଛ ଯେ, ଆମର ଜଣେ ପ୍ରକୃତ ଈଶ୍ୱରଙ୍କଠାରେ ଲୋଡ଼ା ଅଛି, ପୁଣି ସେ କିପରି ଆମକୁ ପାପ ଓ ମୃତ୍ୟୁରୁ ଉଦ୍ଧାର କରିବା ପାଇଁ ଯୀଶୁଙ୍କୁ ପ୍ରେରଣ କରିଥିଲେ। ତୁମେ ବାପ୍ତିସ୍ମ ନେବା ଦ୍ୱାରା ତୁମର ବିଶ୍ୱାସକୁ କିପରି ପ୍ରଦର୍ଶନ କରିଥାଅ, ସେ ବିଷୟରେ ସାରାଙ୍କ ସହିତ କଥାବାର୍ତ୍ତା ହେଲ କି ?

ହଁ, ଆମେ ଉଭୟେ ବିଶ୍ୱାସ କରୁଛୁ ଯେ, ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ଆମ ପାଇଁ କ୍ଷମା ଓ ନୂତନ ଜୀବନ ଆଣିଥାଏ। ମାତ୍ର ମୁଁ ବାପ୍ତିସ୍ମ ବିଷୟରେ ଅଧିକ ବିଷୟ ଶିକ୍ଷା କରିବାକୁ ଇଚ୍ଛା କରୁଛି।

**ପାଉଲ ଯୀଶୁଙ୍କୁ କିପରି ସାକ୍ଷାତ କରିଥିଲେ**, ଶୁଣ।

### ଅନୁଶୀଳନୀ

ଦୟାକରି **ପ୍ରେରିତ ୨୨:୧-୧୬** ଦେଖନ୍ତୁ :

- ଯୀଶୁଙ୍କୁ ସାକ୍ଷାତ କରିବା ପୂର୍ବରୁ ପାଉଲ ଖ୍ରୀଷ୍ଟିୟାନମାନଙ୍କ ପ୍ରତି କ'ଣ କରୁଥିଲେ ?
- ଦମ୍ମେସକ ପଥରେ ପାଉଲଙ୍କ ସହିତ କିଏ କଥାବାର୍ତ୍ତା କରିଥିଲେ ?
- ଯୀଶୁଙ୍କର ଆଜ୍ଞାବହ ଅନୁଗାମୀ ହେବା ପାଇଁ ପାଉଲଙ୍କର କ'ଣ ଆବଶ୍ୟକ ଥିଲା ?

ଗୋଟିଏ ଚଉକି ତିଆରି କରିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବା ସମୟରେ ଶ୍ରୀ ଜ୍ଞାନୀ କାହାଣୀଟିର ସାରାଂଶ କହିଲେ। ଯୀଶୁଙ୍କୁ ସାକ୍ଷାତ କରିବା ପୂର୍ବରୁ ପାଉଲ ଅନେକ ଖ୍ରୀଷ୍ଟିୟାନଙ୍କୁ ବନ୍ଦୀଶାଳାରେ ନିକ୍ଷେପ କରିଥିଲେ। ସେ ଭାବୁଥିଲେ ଯେ, ସେ ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରି ଈଶ୍ୱରଙ୍କ ସେବା କରୁଥିଲେ। ଯୀଶୁ ମୃତ୍ୟୁରୁ ଉଠିଥିଲେ ବୋଲି ସେ ବିଶ୍ୱାସ କରୁ ନ ଥିଲେ। ସେ ଭାବୁଥିଲେ ଯେ ଖ୍ରୀଷ୍ଟିୟାନମାନେ ମିଥ୍ୟାବାଦୀ ଥିଲେ। ମାତ୍ର ପୁନରୁତ୍ଥିତ ଯୀଶୁ ପାଉଲଙ୍କୁ କଥା କହିଲେ। ଈଶ୍ୱରଙ୍କ ଜଣେ ଭାବବାଦୀ ତାଙ୍କୁ ସୁସ୍ଥ ନ କରିବା ପର୍ଯ୍ୟନ୍ତ ପାଉଲ ଅନ୍ଧ ହୋଇ ରହିଲେ। ଭାବବାଦୀ ତାଙ୍କୁ ଉଠି, ବାପ୍ତିସ୍ମ ଗ୍ରହଣ କରିବାକୁ କହିଲେ, ପୁଣି ଯୀଶୁଙ୍କ ନାମରେ ତାଙ୍କ ପାପସବୁ ଧୋଇଦେଲେ। ଭାବବାଦୀ ପାଉଲଙ୍କୁ କହିଲେ ଯେ, ସେ ଯାହା ଦେଖିଛନ୍ତି ଓ ଶୁଣିଛନ୍ତି ତାହା ଯେପରି ସମସ୍ତ ମନୁଷ୍ୟ ନିକଟରେ ସାକ୍ଷ୍ୟ ଦେବେ।

ଶ୍ରୀ ବୋକା ଦୋକାନକୁ ଆସି କଥା ଆରମ୍ଭ କଲେ, ମାତ୍ର ଶ୍ରୀ ଜ୍ଞାନୀଙ୍କୁ ଦେଖି ନୀରବ ରହିଲେ। ସେ କିଛି ସମୟ ଶୁଣିଲେ ପୁଣି ତା'ପରେ କହିଲେ, ଏ ବିଷୟରେ ଏତେ ଶୀଘ୍ର ସିଦ୍ଧାନ୍ତ ଗ୍ରହଣ କର ନାହିଁ, ଶିକ୍ଷାର୍ଥୀ। ଏ ବିଷୟରେ ଚିନ୍ତା କର। ଯୀଶୁଙ୍କ ଏହି ଧର୍ମର ଏତେ ଗଭୀରକୁ ଯାଅ ନାହିଁ। ଏହା ତୁମ ଜୀବନରେ ପ୍ରଭାବ ପକାଇବ !

ଶ୍ରୀ ଜ୍ଞାନୀ ନୀରବରେ ଈଶ୍ୱରଙ୍କ ପ୍ରତି ପ୍ରାର୍ଥନା କଲେ, ତା'ପରେ **ଯୀଶୁ କିପରି ସ୍ୱର୍ଗ ଯାଇଥିଲେ** ତାହା କହିଲେ।

## ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ କ'ଣ ପଚାରିଥିଲେ ଦୟାକରି ତାହା **ଲୂକ ୨୪:୩୬–୫୩** ପଦରେ ଦେଖନ୍ତୁ:

- ଯୀଶୁ ଯେ ଭୂତ ନୁହନ୍ତି, ଆପଣା ଶିଷ୍ୟମାନଙ୍କୁ ତାହା ଦେଖାଇବାକୁ କ'ଣ କରିଥିଲେ ?
- ସାରା ଜଗତରେ କେଉଁ ଐତିହାସିକ ଘଣଟାବଳୀ ଘୋଷଣା କରିବାକୁ ଯୀଶୁ ଆମକୁ କହିଥିଲେ ?
- ଯୀଶୁ ଆପଣା ଅନୁଗାମୀମାନଙ୍କୁ କେଉଁ ଚମତ୍କାର ବିଷୟ ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ ?

ଶିକ୍ଷାର୍ଥୀ ଓ ଶ୍ରୀ ବୋକା ଦୋକାନରେ ଶ୍ରୀ ଜ୍ଞାନୀଙ୍କ କାହାଣୀ ଶୁଣିଲେ : ଜଣେ ମନୁଷ୍ୟ ରୂପେ ଯୀଶୁଙ୍କୁ ସ୍ୱର୍ଗକୁ ନିଆଗଲା।  ଦୂତମାନେ ପ୍ରତିଜ୍ଞା କଲେ ଯେ, ସେ ସେହିପ୍ରକାରେ ପ୍ରତ୍ୟାବର୍ତ୍ତନ କରିବେ (ପ୍ରେରିତ ୧:୮–୧୧)।  ଇତିମଧ୍ୟରେ, ଯୀଶୁ ତାହାଙ୍କ ଅନୁଗାମୀମାନଙ୍କୁ ଏକ କାର୍ଯ୍ୟ କରିବାକୁ ଦେଇ କାର୍ଯ୍ୟ କରିବାକୁ ସେମାନଙ୍କୁ ଶକ୍ତିଶାଳୀ କରିବା ପାଇଁ ସେମାନଙ୍କ ପ୍ରତି ତାହାଙ୍କ ପବିତ୍ରଆତ୍ମା ପ୍ରେରଣ କଲେ।  ଆଜି ମଧ୍ୟ ଆମକୁ ଏହି କାର୍ଯ୍ୟ ଦତ୍ତ ହୋଇଛି।  ସ୍ୱର୍ଗରୁ ଏହା କରିବା ପାଇଁ ଶକ୍ତି ଦେବାକୁ ସେ ପ୍ରତିଜ୍ଞା କରିଥିଲେ, ଯାହାକି ଆମ ମଧ୍ୟରେ ବାସ କରୁଥିବା ପବିତ୍ରଆତ୍ମାଙ୍କ ମାଧ୍ୟମରେ ଆସିଥାଏ।  ସମସ୍ତ ଲୋକଙ୍କୁ ଯୀଶୁଙ୍କ ବିଷୟରେ, ବିଶେଷ ରୂପେ ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ କହିବା ଓ ଅନୁତାପ ଓ ପାପ କ୍ଷମା ଘୋଷଣା କରିବା ହିଁ ଆମର କାର୍ଯ୍ୟ ଅଟେ।

ଶ୍ରୀ ବୋକା କହିଲେ, ତାହାହେଲେ ଯୀଶୁଙ୍କ ଆସିବା ବହୁତ ଡେରି ଅଛି।  ମୁଁ ଯାଉଛି।  ତୁମ୍ଭେମାନେ ଧର୍ମ ବିଷୟରେ ବହୁତ ଅନ୍ଧ ହୋଇଯାଉଛ।

ଶ୍ରୀ ଜ୍ଞାନୀ ମନୋଯୋଗ ନ ଦେଇ ଶିକ୍ଷାର୍ଥୀଙ୍କୁ କହିଲେ, ଦିନେ ଯୀଶୁ ଆଗମନ କରି ତାହାଙ୍କ ଅନୁଗାମୀମାନଙ୍କୁ ମୃତ୍ୟୁରୁ ଉଠାଇବେ, ଯେପରି ଆମେ ତାହାଙ୍କ ସହିତ ସେ ଯେଉଁଠାରେ ବାସ କରନ୍ତି ସେଠାରେ ବାସ କରିପାରିବା (ଯୋହନ ୧୪:୩)।  ଶିକ୍ଷାର୍ଥୀ, ତୁମେ କ'ଣ ଈଶ୍ୱରଙ୍କ ପ୍ରତି ଏହି ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛ ?  ଯୀଶୁଙ୍କ ସ୍ୱର ଶୁଣ ।  ତୁମର ପାପ ସ୍ୱୀକାର କରି ବାପ୍ତିସ୍ମ ଗ୍ରହଣ କର, ଯୀଶୁଙ୍କ ନାମରେ ତୁମର ପାପ ଧୌତ କର (ପ୍ରେରିତ ୨୨:୧୬)।

ଏହା ସତ୍ୟ ବୋଲି ମୁଁ ମୋ' ହୃଦୟରେ ଜାଣିଛି।  ମୋର ପରିବାର ଓ ମୁଁ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା।  ଆମେ ବାପ୍ତିସ୍ମ ଗ୍ରହଣ କରିବା। ପୁଣି ମୁଁ ମୋ' ସାଙ୍ଗମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ ଆରମ୍ଭ କରିସାରିଛି।

## ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ଯାହା କରିବା ପାଇଁ କହନ୍ତି ତାହା କରନ୍ତୁ :

- **ମାଥିଉ ୨୮:୧୮–୨୦** ମୁଖସ୍ଥ କରନ୍ତୁ।
- ଯୀଶୁଙ୍କ ବିଷୟରେ ଆପଣ ଯାହା ଦେଖିଛନ୍ତି ଓ ଶୁଣିଛନ୍ତି ତାହା ଅନ୍ୟମାନଙ୍କୁ କହନ୍ତୁ।
- ଈଶ୍ୱର ପ୍ରତ୍ୟାଗମନ କରି ତାହାଙ୍କ ଅନୁଗାମୀମାନଙ୍କୁ ତାହାଙ୍କ ସହିତ ଆପଣା ଗୃହକୁ ନେଇଯିବେ, ସେଥିପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ।

## ୨ୟ ଭାଗ

# ଖ୍ରୀଷ୍ଟଙ୍କ ଆଜ୍ଞାବହ ଉପାସନା ମଣ୍ଡଳୀ ସ୍ଥାପନ କରନ୍ତୁ

୨ୟ ଭାଗର ଅଧ୍ୟାୟଗୁଡ଼ିକ ହେଉଛି ଖ୍ରୀଷ୍ଟଙ୍କର ମୌଳିକ *ଆଦେଶ* । ଯେଉଁଗୁଡ଼ିକ ଅଭ୍ୟାସ କରାଯାଉଛି ସେଗୁଡ଼ିକ ✓ପରୀକ୍ଷା କରନ୍ତୁ :

୨–୧ ଖ୍ରୀଷ୍ଟଙ୍କ ଆଦେଶ #୧ : ଅନୁତାପ କରନ୍ତୁ, ବିଶ୍ୱାସ କରନ୍ତୁ ଓ ପବିତ୍ରଆତ୍ମା ଗ୍ରହଣ କରନ୍ତୁ (ପରିତ୍ରାଣ)

୨–୨ ଖ୍ରୀଷ୍ଟଙ୍କ ଆଦେଶ #୨ : ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦିଅନ୍ତୁ (ତା'ପରେ ଖ୍ରୀଷ୍ଟଙ୍କଠାରେ ପବିତ୍ର ଜୀବନ ଯାପନ କରନ୍ତୁ, ଯାହାକି ଏହାର ପ୍ରାରମ୍ଭିକ କ୍ରିୟା ଅଟେ)

୨–୩ ଖ୍ରୀଷ୍ଟଙ୍କ ଆଦେଶ #୩ : ଯୀଶୁଙ୍କ ଶିଷ୍ୟମାନଙ୍କୁ ପ୍ରସ୍ତୁତ କରନ୍ତୁ (ଯୀଶୁ ଓ ଈଶ୍ୱରଙ୍କ ବାକ୍ୟର ବାଧ୍ୟ ହେବାକୁ ଶିଖାନ୍ତୁ)

୨–୪ ଖ୍ରୀଷ୍ଟଙ୍କ ଆଦେଶ #୪ : ପ୍ରେମ (ଈଶ୍ୱର ଓ ମନୁଷ୍ୟଙ୍କୁ ପ୍ରେମ କରନ୍ତୁ, ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରନ୍ତୁ, ଶତ୍ରୁମାନଙ୍କୁ କ୍ଷମା କରନ୍ତୁ)

୨–୫ ଖ୍ରୀଷ୍ଟଙ୍କ ଆଦେଶ #୫ : ପ୍ରାର୍ଥନା (ଈଶ୍ୱରଙ୍କ ପ୍ରଶଂସା କରନ୍ତୁ, ପାପ ସ୍ୱୀକାର କରନ୍ତୁ, ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ, ସୁସ୍ଥ କରନ୍ତୁ, ଆତ୍ମିକ ଯୁଦ୍ଧ କରନ୍ତୁ)

୨–୬ ଖ୍ରୀଷ୍ଟଙ୍କ ଆଦେଶ #୬ : ରୋଟୀ ଭାଙ୍ଗନ୍ତୁ (ପ୍ରଭୁଭୋଜ ପାଳନ କରନ୍ତୁ, ଆତ୍ମାରେ ପ୍ରଭୁଙ୍କ ଉପାସନା କରନ୍ତୁ)

୨–୭ ଖ୍ରୀଷ୍ଟଙ୍କ ଆଦେଶ #୭ : ଦାନ କରନ୍ତୁ (ଈଶ୍ୱର ଆମକୁ ଯେଉଁସବୁ ବିଷୟ ଦାନ କରିଅଛନ୍ତି ସେଥିର ଉତ୍ତମ ଭଣ୍ଡାରଘରିଆ ହୁଅନ୍ତୁ)

ଏହି ଭାଗର ଉଦ୍ଦେଶ୍ୟ ହେଉଛି ଯେ, ଆମେ ଏପରି ଶିଷ୍ୟ ପ୍ରସ୍ତୁତ କରିବା ଯେଉଁମାନେ ସମସ୍ତ ବିଷୟ ଉପରେ ଯୀଶୁଙ୍କ ଆଜ୍ଞାବହ ହେଉଥିବେ।

ବାଇବଲରେ ତିତସ ନାମରେ ଜଣେ ପାଳକଙ୍କୁ ଆମେ ଦେଖିଥାଉ। ତିତସ ୧:୫ ଦେଖନ୍ତୁ, ପ୍ରେରିତ ପାଉଲ କିପରି କ୍ରୀତୀ ଦ୍ୱୀପରେ ନୂତନ ଖ୍ରୀଷ୍ଟିୟାନମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ପାଳକଙ୍କୁ ରଖିଥିଲେ। କ୍ରୀତୀରେ ନୂତନ ମଣ୍ଡଳୀର ଅଭାବ ପୂରଣ କରିବା ପାଇଁ ପାଉଲ ତିତସଙ୍କୁ କହିଥିଲେ। ୧ମ ଭାଗରେ ଆପଣ ହୁଏତ ଶ୍ରୀ ଜ୍ଞାନୀଙ୍କୁ ସାକ୍ଷାତ କରିଥିବେ। ଯଦି ନୁହେଁ, ତେବେ ମୁଁ ତାଙ୍କ ପରିଚୟ ଦେଉଛି। ସେ ଜଣେ ପାଳକ ଅଟନ୍ତି। ସେ ପ୍ରକୃତରେ ଜଣେ ବ୍ୟକ୍ତି ନୁହନ୍ତି, ମାତ୍ର ସେ ବାଇବଲର ତିତସଙ୍କ ପରି ଅଟନ୍ତି।

୧ମ ଭାଗରେ ଶ୍ରୀ ଜ୍ଞାନୀ କାଠକାମ କରୁଥିବା ଶିକ୍ଷାର୍ଥୀଙ୍କୁ ଯୀଶୁଙ୍କ ସୁସମାଚାର କହିଥିଲେ। ସେ ବାଇବଲ କାହାଣୀ ବ୍ୟବହାର କରିଥିଲେ। ଶିକ୍ଷାର୍ଥୀ ସେହି କାହାଣୀଗୁଡ଼ିକ ତାଙ୍କ ପରିବାରରେ କହିଥିଲେ। ବର୍ତ୍ତମାନ ଶିକ୍ଷାର୍ଥୀଙ୍କ ପରିବାର ଓ ଅନ୍ୟାନ୍ୟ ବନ୍ଧୁଗଣ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ଓ ବାପ୍ତିଜିତ ହେଲେ। ଶ୍ରୀ ଜ୍ଞାନୀ ଜଣେ ଜ୍ଞାନୀ ବ୍ୟକ୍ତି ପରି ଅଟନ୍ତି, ଯେ କି ପଥର ବା ଯୀଶୁ ଖ୍ରୀଷ୍ଟଙ୍କ ଉପରେ ତାଙ୍କ ଘର ତୋଳିଥିଲେ। ସେ ସେହି କାହାଣୀଗୁଡ଼ିକ ବ୍ୟବହାର କରି ନୂତନ ବିଶ୍ୱାସୀମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଆଜ୍ଞାବହ ଶିଷ୍ୟ ହେବାକୁ ସାହାଯ୍ୟ କରିଥିଲେ। ଏହି କାହାଣୀ ଐତିହାସିକ ଘଟଣାବଳୀ ସହିତ ସମ୍ପର୍କିତ।

ଯେଉଁଠାରେ ଲୋକମାନେ ଯୀଶୁଙ୍କ ଅନୁଗାମୀମାନଙ୍କୁ ତାଡ଼ନା କରୁଥିଲେ, ସେଠାରେ ଶିକ୍ଷାର୍ଥୀ ବାସ କରୁଥିଲେ। ତାଙ୍କ ସାଙ୍ଗ ଶ୍ରୀ ବୋକା ଜଣେ ବିକ୍ରେତା ଯେ କି ବିଭିନ୍ନ ଅଦରକାରୀ ଜିନିଷ ବିକ୍ରୀ କରନ୍ତି। ସେ ବୋକା ବ୍ୟକ୍ତି ପରି ବାଲି ଉପରେ ତାଙ୍କର ଘର ତିଆରି କରିଥିଲେ।

ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ କାଠକାମ ଦୋକାନରେ ପହଞ୍ଚି କହିଲେ, ମୁଁ ଶୁଣିଲି ଯେ ତୁମେ ଖ୍ରୀଷ୍ଟିୟାନ ହୋଇଛ। ମୁଁ ମଧ୍ୟ ହେଲି। ମୁଁ ଯଦି ଖ୍ରୀଷ୍ଟିୟାନ ହେବି ତେବେ ଯାତ୍ରୀମାନେ ମୋ'ଠାରୁ ବହୁତ ସ୍ମରଣିକା କିଣିବେ। ଦେଖ। ତୁମେ ମଧ୍ୟ ଏଥିରୁ ଗୋଟିଏ କିଣିବା ଉଚିତ୍। ସେ ଗୋଟିଏ ଅଖାମୁଣିରୁ ଛୋଟ ବାଉଁଶ ସୁସୁରି ବାହାର କଲେ। ଏହା ଗୋଟିଏ ପକ୍ଷୀ ସୁସୁରି। ଏହାକୁ ବଜାଇଲେ ପକ୍ଷୀମାନେ ତୁମ ପାଇଁ ଗୀତ ଗାଇବେ। ମୁଁ ତୁମକୁ ଏହା ଦେଖାଇବି। ସେ ସୁସୁରି ବଜାଇଲେ, ତା'ପରେ ତିନୋଟି କୁକୁର ଭୁକିବା ଆରମ୍ଭ କଲେ।

ଶିକ୍ଷାର୍ଥୀ ଉତ୍ତର ଦେଲେ, ଅର୍ଥ ଉପାର୍ଜନ କରିବା ପାଇଁ ନୁହେଁ, ମାତ୍ର ଈଶ୍ୱରଙ୍କ ସେବା କରିବା ପାଇଁ ମୁଁ ଯୀଶୁଙ୍କ ଅନୁଗାମୀ ହୋଇଛି। ମୁଁ ମୋର ସାଙ୍ଗମାନଙ୍କୁ ଏହା କହିଛି।

ଶ୍ରୀ ବୋକା ହସିଲେ, ତୁମେ ? ଅନ୍ୟମାନଙ୍କୁ ଯାଇ ଶିକ୍ଷା ଦେବା ପୂର୍ବରୁ ତୁମକୁ ସମ୍ପୂର୍ଣ୍ଣ ବାଇବଲ ଶିକ୍ଷା କରିବାକୁ ପଡ଼ିବ ! ରହିଲି !

ପରେ ସେହିଦିନ ଶ୍ରୀ ଜ୍ଞାନୀ ଆସିଲେ। ସେ ଶିକ୍ଷାର୍ଥୀଙ୍କୁ କାଠକାମ ଶିଖାଇଥିଲେ, ପୁଣି ତାଙ୍କ ଦୋକାନକୁ ଆସି ତାଙ୍କ ସହିତ କାର୍ଯ୍ୟକରି କଥାବାର୍ତ୍ତା କରିବାକୁ ସେ ଭଲ ପାଉଥିଲେ। ଶିକ୍ଷାର୍ଥୀ ଅଭିଯୋଗ କଲେ, ଶ୍ରୀ ବୋକା କହନ୍ତି ଯେ, ମୁଁ ଅନ୍ୟମାନଙ୍କୁ ଶିକ୍ଷା ଦେବା ପୂର୍ବରୁ ସମ୍ପୂର୍ଣ୍ଣ ବାଇବଲ ଜାଣିବା ଉଚିତ୍।

ଶ୍ରୀ ଜ୍ଞାନୀ ସତର୍କ କରାଇଦେଲେ, ନା, ଖ୍ରୀଷ୍ଟରେ ମୋର ଭାଇ ! ଆମେ ଈଶ୍ୱରଙ୍କ ବାକ୍ୟ କେବଳ ଶୁଣିବା, ଶୁଣିବା ଓ ଶୁଣିବା ନୁହେଁ। ଆମେ ଯାହା କିଛି ଶିଖୁଛୁ ତାହା କାର୍ଯ୍ୟରେ ବିନିଯୋଗ କରିବା ଉଚିତ୍। ନଚେତ୍ ତାହା ଆମ ପାଇଁ ମଙ୍ଗଳକର ହେବ ନାହିଁ। **ଦୁଇ ଜଣ**

**ନିର୍ମାଣକାରୀ**ଙ୍କ ବିଷୟରେ ମୁଁ ତୁମକୁ ସ୍ମରଣ କରାଇଦେଉଛି। ଯୀଶୁ ଆପଣା ଶିଷ୍ୟମାନଙ୍କୁ ସେମାନଙ୍କ ବିଷୟରେ କହିଥିଲେ, ଯେପରି ଆମେ ନୂତନ ଖ୍ରୀଷ୍ଟିୟାନ ରୂପେ ଆରମ୍ଭରୁ ତାହାଙ୍କ ବାକ୍ୟର ଆଜ୍ଞାବହ ହେବାର ଗୁରୁତ୍ୱ ଜାଣିବା।

## ଅନୁଶୀଳନୀ

ଦୟାକରି **ମାଥିଉ ୭:୨୪–୨୯ ପଦ**ରେ ଏହି କାହାଣୀ ପଢ଼ନ୍ତୁ। ଆପଣଙ୍କ ଭାଷାରେ ଯଦି ବାଇବଲ ନାହିଁ, ତେବେ ଅନ୍ୟ କାହାକୁ କୁହନ୍ତୁ ଯେ, ସେ ଆପଣଙ୍କୁ ଏହା କହିବେ। ଆପଣ ଏହି କାହାଣୀ ପଢ଼ିବା ସମୟରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କ ପାଇଁ ଯେଉଁ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରିଥିଲେ, ନିମ୍ନରେ ଥିବା ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ :

- ଯୀଶୁଙ୍କ କଥା ଶୁଣୁଥିବା ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ପ୍ରଭେଦ କ'ଣ ଅଟେ ?
- ସମସ୍ତ ଉତ୍ତମତାର ମୂଳଦୁଆ ପଥର କିଏ ଅଟନ୍ତି ?
- ପଥର ଉପରେ ଆମର ଜୀବନ ଓ ସେବାକାର୍ଯ୍ୟ ନିର୍ମାଣ କରିବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

ଶିକ୍ଷାର୍ଥୀ ଆଶ୍ଚର୍ଯ୍ୟ ହେଲେ, ତେବେ ଯୀଶୁଙ୍କ ବାକ୍ୟ କେବଳ ଶୁଣିବାଟା ଯଥେଷ୍ଟ ନୁହେଁ! ଯୀଶୁ ଆମକୁ କ'ଣ କରିବାକୁ ଆଦେଶ ଦେଉଅଛନ୍ତି, ଆମକୁ ତାହା ଜାଣିବାକୁ ପଡ଼ିବ, ମାତ୍ର ଜାଣିଦେବାଟା ଯଥେଷ୍ଟ ନୁହେଁ। ଆମକୁ ଖ୍ରୀଷ୍ଟଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ପଡ଼ିବ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ଏକ ମେଜ କାମରେ ସାହାଯ୍ୟ କରୁ କରୁ ହସିଲେ। ହଁ! ଯୋହନ ୧୪:୧୫ ପଦରେ ସେ କହନ୍ତି, 'ଯଦି ତୁମେ ମୋତେ ପ୍ରେମ କର, ତେବେ ମୋର ଆଜ୍ଞାସବୁ ପାଳନ କର' । ଆମେ ଶୁଣୁ ଓ କରୁ, ଶୁଣୁ ଓ କରୁ, ଶୁଣୁ ଓ କରୁ। ଆମେ ଶୁଣୁଛୁ, ଶୁଣୁଛୁ, ଶୁଣୁଛୁ, ତେବେ ହୁଏତ ପରେ କରିବା ନାହିଁ।

ତେବେ ଏଇ କଥା।

ଯୀଶୁ ଖ୍ରୀଷ୍ଟଙ୍କ ପଥର ଉପରେ ନିର୍ମାଣ କରିବାର ଉପାୟ ହେଉଛି ଶିଶୁ ପରି ବିଶ୍ୱାସ ଓ ପ୍ରେମରେ ତାହାଙ୍କ ଆଜ୍ଞାବହ ହେବା। ଈଶ୍ୱର ଯୀଶୁଙ୍କ ପ୍ରତି ଆମର ପ୍ରେମପୂର୍ଣ୍ଣ ବାଧ୍ୟତାକୁ ଆଶୀର୍ବାଦ କରିଥାଆନ୍ତି। ଆମଠାରେ ତାହାଙ୍କ ବାକ୍ୟର ଗଭୀର ଜ୍ଞାନ ଥିବାରୁ ସେ ଆମକୁ ଆଶୀର୍ବାଦ କରିବେ ବୋଲି ପ୍ରତିଜ୍ଞା କରି ନାହାନ୍ତି। ଯୀଶୁ ସ୍ୱର୍ଗକୁ ଯିବା ପୂର୍ବରୁ, ଆମକୁ ପୃଥିବୀରେ ଜୀବନ ଯାପନ କରିବାର ନିର୍ଦ୍ଦେଶ ଦେଇଯାଇଥିଲେ। ମାଥିଉ ୨୮:୧୮–୨୦ ପଦରେ ଆମେ ଏହି ନିର୍ଦ୍ଦେଶ ଦେଖିବାକୁ ପାଉ, ଯାହାକୁ ଶ୍ରେଷ୍ଠାଜ୍ଞା କୁହାଯାଏ। ଯୀଶୁ ଆମକୁ ଶିଷ୍ୟ ପ୍ରସ୍ତୁତ କରିବା ପାଇଁ କହିଥିଲେ। ସେମାନଙ୍କୁ *ବାପ୍ତିସ୍ମ ଦେଇ* ଆରମ୍ଭ କରିବାକୁ ଏବଂ ତା'ପରେ *ସେ ଯାହା ଆଦେଶ ଦେଇଅଛନ୍ତି, ତାହା ପାଳନ କରିବାକୁ ସେମାନଙ୍କୁ ଶିକ୍ଷା ଦେବାକୁ କହିଥିଲେ।*

ଯୀଶୁଙ୍କର ସମସ୍ତ ଆଦେଶ ପାଳନ କରିବା ଦ୍ୱାରା ଆମେ ଶିଷ୍ୟ ହୋଇଥାଉ। ଅନ୍ୟମାନଙ୍କୁ ତାହାଙ୍କ ସମସ୍ତ ଆଦେଶ ପାଳନ କରିବାକୁ ଶିକ୍ଷା ଦେଇ ଶିଷ୍ୟ କରିଥାଉ। ଶିଷ୍ୟ କରିବା ପ୍ରକ୍ରିୟା ପ୍ରେମରେ ବାଧ୍ୟ ହେବାରେ ଆରମ୍ଭ ହୋଇଥାଏ। ତାହା ହିଁ ଭିତ୍ତିମୂଳ। ଏକ ସତ୍ୟ ମଣ୍ଡଳୀ ଏକ ଲୋକଦଳ ଅଟେ, ଯେଉଁମାନେ ପ୍ରେମରେ ଯୀଶୁଙ୍କ ବାଧ୍ୟ ହେବାପାଇଁ ଏକତ୍ର ହୋଇଥା'ନ୍ତି। ଯୀଶୁ ଖ୍ରୀଷ୍ଟଙ୍କ ଆଦେଶର ବାଧ୍ୟ ହେବା ପାଇଁ ପୃଥିବୀର ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା।

ସେମାନେ କେତେ ଜଣଙ୍କୁ ଗୀତ ଗାଇବା ଶୁଣିଲେ। ଶିକ୍ଷାର୍ଥୀଙ୍କ ସାନ ଭାଇ, ସାହାଯ୍ୟକାରୀ ଗୋଟିଏ ଗିଟାର୍ ଧରି ଦୋକାନରେ ପ୍ରବେଶ କଲେ। ଶିକ୍ଷାର୍ଥୀ, ତୁମେ ଏହାକୁ ଯୋଡ଼ିପାରିବ କି ? ଏହାର ଅଠା ଛାଡ଼ି ଯାଇଛି। ଓଃ, ହାଲୋଃ ଶ୍ରୀ ଜ୍ଞାନୀ। ତୁମକୁ ଦେଖି ମୁଁ ଖୁସି ଅଟେ ! ମୁଁ ଶୁଣିଲି ଯେ ଜଣେ ପୋଲିସ୍ କହୁଥିଲେ, ତୁମେ ଅନଧିକାର ସଭା କରୁଛ। ତୁମେ ବିପଦରେ ପଡ଼ିଛ। ତୁମେ ଏ ସ୍ଥାନ ଛାଡ଼ି ଚାଲିଯିବା ଉଚିତ୍ ।

ଶ୍ରୀ ଜ୍ଞାନୀ ଦୁଃଖିତ ହୋଇ କହିଲେ, ମୁଁ ଛାଡ଼ି ପାରିବି ନାହିଁ। ମୋତେ ପ୍ରଥମେ ତୁମ ପରିବାର ଓ ବନ୍ଧୁମାନଙ୍କୁ ଏକତ୍ର କରି ଯୀଶୁଙ୍କ ଆଜ୍ଞାବହ ଶିଷ୍ୟ ରୂପେ ଏକ ଦୃଢ଼ ମଣ୍ଡଳୀ ସ୍ଥାପନ କରିବାକୁ ପଡ଼ିବ। ତା'ପରେ ମୁଁ ଏ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ସୁସମାଚାର ପ୍ରଚାର କରିପାରିବି।

ସାହାଯ୍ୟକାରୀ କହିଲେ, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗାମୀ ନୁହେଁ, ମାତ୍ର ଶିକ୍ଷାର୍ଥୀ ମୋତେ ତାହାଙ୍କ ବିଷୟରେ କହିଲେ ଓ ମୁଁ ଆହୁରି ଅଧିକ ଜାଣିବାକୁ ଇଚ୍ଛା କରୁଛି। ଯୀଶୁ ଲୋକମାନଙ୍କୁ କ'ଣ କରିବାକୁ ଆଦେଶ ଦେଇଥିଲେ ?

ଶ୍ରୀ ଜ୍ଞାନୀ ବର୍ଣ୍ଣନା କଲେ, ଏହା ବିଶ୍ୱାସରେ ଆରମ୍ଭ ହେଲା। ଯୀଶୁ ବହୁତ ବିଷୟ ଆଦେଶ ଦେଇଥିଲେ। ସାତଟି ସାଧାରଣ ଆଦେଶ ରୂପେ ଆମେ ତାହାକୁ ସଂକ୍ଷିପ୍ତରେ କହିପାରିବା। ପରିତ୍ରାଣ ଅର୍ଜନ କରିବା ପାଇଁ ଆମେ ଆଜ୍ଞାବହ ହେଉ ନାହୁଁ। ଆମେ ଯେତେବେଳେ ଯୀଶୁଙ୍କର ସନ୍ତାନ ହେଉ, ସେତେବେଳେ ସ୍ୱତଃପ୍ରବୃତ୍ତ ବାଧ୍ୟତା ଆସିଥାଏ। ଆମେ ତାହାଙ୍କୁ ପ୍ରେମ ଓ ସମ୍ମାନ କରୁଥିବାରୁ ତାହାଙ୍କ ଆଜ୍ଞାବହ ହୋଇଥାଉ। ତାହାଙ୍କ ଆଜ୍ଞାବହ ହେବାଟା ଦର୍ଶାଇଥାଏ ଯେ, ତାହାଙ୍କ ଜୀବନ ଆମଠାରେ ରହିଛି।

ଶିକ୍ଷାର୍ଥୀ ପଚାରିଲେ, ଆଜ୍ଞାଗୁଡ଼ିକ କ'ଣ ?

ସରଳ ଭାବରେ ଆମେ ଖ୍ରୀଷ୍ଟଙ୍କ ସାତୋଟି ମୌଳିକ ଆଜ୍ଞା କହିପାରିବା :

- ଅନୁତାପ କରନ୍ତୁ, ବିଶ୍ୱାସ କରନ୍ତୁ ଓ ପବିତ୍ରଆତ୍ମାଙ୍କ ଦ୍ୱାରା ପରିବର୍ତ୍ତିତ ହୁଅନ୍ତୁ
- ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦିଅନ୍ତୁ
- ପ୍ରେମ କରନ୍ତୁ
- ରୋଟୀ ଭାଙ୍ଗନ୍ତୁ
- ପ୍ରାର୍ଥନା କରନ୍ତୁ
- ଦାନ କରନ୍ତୁ
- ଶିଷ୍ୟ ପ୍ରସ୍ତୁତ କରନ୍ତୁ।

ଶ୍ରୀ ଜ୍ଞାନୀ କହିଲେ, ଏକ ମଣ୍ଡଳୀ କ'ଣ ଆସ ତାହା ବାଇବଲରୁ ଦେଖିବା। ସେ ଶିକ୍ଷାର୍ଥୀ ଓ ତାଙ୍କ ଭାଇ ସାହାଯ୍ୟକାରୀଙ୍କୁ **ପ୍ରଥମ ଖ୍ରୀଷ୍ଟିୟାନ କିପରି ଯୀଶୁଙ୍କ ଆଜ୍ଞାବହ ହୋଇଥିଲେ** ତାହା ଦର୍ଶାଇଲେ।

## ଅନୁଶୀଳନୀ

ଶ୍ରୀ ଜ୍ଞାନୀ ଦୁଇ ଜଣଙ୍କୁ ଯେଉଁ ପ୍ରଶ୍ନ ପଚାରିଲେ ଦୟାକରି ତାହା **ପ୍ରେରିତ ୨:୩୬–୪୭ ପଦ**ରେ ଦେଖନ୍ତୁ :

- ନୂତନ ବିଶ୍ୱାସୀ କେତେ ଶୀଘ୍ର ବାପ୍ତିଜିତ ହୋଇ ମଣ୍ଡଳୀ ସହିତ ସଂଯୁକ୍ତ ହୋଇଥିଲେ ?
- ପ୍ରଭୁଭୋଜ ପାଳନ କରିବା ପାଇଁ ସେ କେଉଁଠାରେ ରୋଟୀ ଭାଙ୍ଗୁଥିଲେ ?
- ସେମାନେ କିପରି ପରସ୍ପର ପ୍ରତି ସେମାନଙ୍କ ପ୍ରେମ ପ୍ରଦର୍ଶନ କରୁଥିଲେ ?
- ନୂତନ, ଆଜ୍ଞାବହ ମଣ୍ଡଳୀର ଅଭିବୃଦ୍ଧି ନିମନ୍ତେ ପ୍ରଭୁ କ'ଣ କଲେ ?

ଶିକ୍ଷାର୍ଥୀ ମନୋଯୋଗ ସହକାରେ ଶୁଣିଲେ। ମଣ୍ଡଳୀ କ'ଣ ତାହା ମୁଁ ବର୍ତ୍ତମାନ ବୁଝୁଛି ! ଏହା ହେଉଛି ଲୋକମାନେ ଏକତ୍ର ହୋଇ ଯୀଶୁଙ୍କ ଆଜ୍ଞାବହ ହେବା। ପ୍ରଥମ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କୁ ସମ୍ମାନ କରୁଥିଲେ। ସେ ଯାହା ଶିକ୍ଷା ଦେଇଥିଲେ, ସେମାନେ ତାହା ସ୍ମରଣ କରି ଆଗ୍ରହ ଓ ଆନନ୍ଦର ସହ ତାହାଙ୍କ ବାକ୍ୟର ବାଧ୍ୟ ହେଉଥିଲେ। ଆଦ୍ୟ ଖ୍ରୀଷ୍ଟିୟାନଙ୍କ ପରି ମୋର ପରିବାର ମଧ୍ୟ ଯୀଶୁଙ୍କ ଆଜ୍ଞାବହ ହୋଇଥିଲେ।

ଉତ୍ତମ, ଶ୍ରୀ ଜ୍ଞାନୀ ଉତ୍ତର ଦେଲେ। ଆରମ୍ଭରୁ ସେମାନେ ପବିତ୍ରଆତ୍ମାଙ୍କ ଶକ୍ତିରେ ଖ୍ରୀଷ୍ଟଙ୍କ ସାତୋଟି ମୌଳିକ ଆଜ୍ଞାକୁ ମାନ୍ୟ କରୁଥିଲେ। ଯେଉଁ ମଣ୍ଡଳୀ ପ୍ରେମରେ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୁଅନ୍ତି, ଈଶ୍ୱରଙ୍କ ଆଶୀର୍ବାଦ ଓ ଆନନ୍ଦ ସେମାନଙ୍କ ନିକଟକୁ ଆସିଥାଏ।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀକୁ ଯୋହନ ୧୪:୧୫ ମୁଖସ୍ଥ କରିବାରେ ସାହାଯ୍ୟ କରନ୍ତୁ।
- ଉପରୋକ୍ତ ଖ୍ରୀଷ୍ଟଙ୍କ ସାତୋଟି ମୌଳିକ ଆଜ୍ଞା ମୁଖସ୍ଥ କରିବା ପାଇଁ ଆପଣଙ୍କ ମଣ୍ଡଳୀକୁ ସାହାଯ୍ୟ କରନ୍ତୁ।
- କେହି ଯଦି ଏହାକୁ ମୁଖସ୍ଥ କରି ନାହାନ୍ତି, ତେବେ ଯୀଶୁଙ୍କ ସାତୋଟି ମୌଳିକ ଆଜ୍ଞା ଉପରେ ଆଧାରିତ ଏକ ଛୋଟ ଗୀତ ରଚନା କରନ୍ତୁ। ଫଳରେ ଅନ୍ୟମାନେ ଏହା ମୁଖସ୍ଥ କରିବାରେ ସହଜ ହେବ। ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟମାନଙ୍କୁ କୁହନ୍ତୁ।
- ଆପଣଙ୍କ ମଣ୍ଡଳୀକୁ ଭୟରେ ନୁହେଁ, ମାତ୍ର ପ୍ରେମରେ ଈଶ୍ୱରଙ୍କ ବାଧ୍ୟ ହେବାକୁ ସାହାଯ୍ୟ କରନ୍ତୁ।
- କୌଣସି ମନୁଷ୍ୟକୃତ ବ୍ୟବସ୍ଥା ନୁହେଁ, ମାତ୍ର ଯୀଶୁଙ୍କ ମୌଳିକ ଆଜ୍ଞାକୁ ମାନ୍ୟ କରିବାକୁ ଆପଣଙ୍କ ମଣ୍ଡଳୀର ସମସ୍ତଙ୍କୁ ଅନୁରୋଧ କରନ୍ତୁ।

# ୨–୧ ଖ୍ରୀଷ୍ଟଙ୍କ ଆଦେଶ ୧

ପରଦିନ ଈଶ୍ୱରଙ୍କ ଅନ୍ୱେଷଣକାରୀ ଅନେକ ନୂତନ ବିଶ୍ୱାସୀ ଶିକ୍ଷାର୍ଥୀଙ୍କ ଛୋଟ ଘରେ ଏକତ୍ର ହେଲେ। ସେମାନେ ଯେପରି ପରସ୍ପରକୁ ଦେଖି ଓ ଉତ୍ତମ କଥାବାର୍ତ୍ତା କରିପାରିବେ, ସେଥିପାଇଁ ସେମାନେ ଗୋଲ ହୋଇ ବସିଲେ। ଶ୍ରୀ ଜ୍ଞାନୀ ସେମାନଙ୍କୁ ଅନୁତାପ, ବିଶ୍ୱାସ କରି ପବିତ୍ର ଆତ୍ମା ଗ୍ରହଣ କରିବା ପାଇଁ ଯୀଶୁ ଯେଉଁ ଆଜ୍ଞା ଦେଇଥିଲେ ତାହା ବୁଝାଇଲେ। ମାର୍କ ୧:୧୫; ଯୋହନ ୩:୧୬ ଓ ଯୋହନ ୨୦:୨୨ ପଦରେ ଥିବା ଏହି ଆଜ୍ଞାର ବିଭିନ୍ନ ଧାରା ବିଷୟ ସେ ପଢ଼ିଲେ।

ଶ୍ରୀ ବୋକା ସଭାରେ ପହଞ୍ଚି ଘୋଷଣା କଲେ, ବର୍ତ୍ତମାନ ମୁଁ ଖ୍ରୀଷ୍ଟିୟାନ ହୋଇଛି। ମୁଁ ଭାବୁଛି ଜୀବନ ଧାରଣ କରିବା ପାଇଁ ଏହା ଉତ୍ତମ ପନ୍ଥା ଅଟେ।

ମୁଁ ଏ ବିଷୟରେ ତୁମ ସହିତ ପରେ କଥା ହେବି, ଶ୍ରୀ ଜ୍ଞାନୀ କହିଲେ। ବର୍ତ୍ତମାନ ଆମେ ସମସ୍ତେ ଖ୍ରୀଷ୍ଟଙ୍କ ନିମନ୍ତେ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବାର ଯୋଜନା କରିବା। ମୁଁ ପ୍ରଚାର କରିବାକୁ ଆସି ନାହିଁ। ଆମେ ଯାହା କରିବା ବୋଲି ଈଶ୍ୱର ଇଚ୍ଛା କରନ୍ତି ସେ ବିଷୟରେ ଆମେ କଥାବାର୍ତ୍ତା କରିବାକୁ ଯାଉଛୁ। ମୁଁ ଇଚ୍ଛା କରୁଛି ଯେ ତୁମେ ସମସ୍ତେ ଦୟାକରି, ଏ ବିଷୟରେ କଥାବାର୍ତ୍ତା କର।

ଶିକ୍ଷାର୍ଥୀ କହିଲେ, ମୋର କେତେଜଣ ସାଙ୍ଗ ଅଛନ୍ତି। ମୁଁ ସେମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ ଇଚ୍ଛା କରୁଛି।

ଶ୍ରୀ ବୋକା କହିଲେ, ମୋର ଆଶା ଆମେ ସେମାନଙ୍କୁ ଆକ୍ରମଣ କରିବା ନାହିଁ, କାରଣ ସେମାନେ ବେଳେବେଳେ ମୋର ମୂର୍ତ୍ତି କିଣିଥାନ୍ତି। ସେମାନ ପାପୀ ବୋଲି ଆମେ ସର୍ବଦା କହିବା ନାହିଁ। ସେମାନେ ରାଗିଯିବେ।

ମୁଁ ଏଥିରେ ସମ୍ମତ ନୁହେଁ, ଶ୍ରୀ ଜ୍ଞାନୀ କହିଲେ, ବେଳେ ବେଳେ ଆମେ ଲୋକମାନଙ୍କୁ ସେମାନଙ୍କ ପାପ ପ୍ରତି ଅନୁତାପ କରିବାକୁ ସତର୍କ କରାଇ ଉତ୍ତମ କାର୍ଯ୍ୟ କରିବାକୁ ପଡ଼ିବ। ଆମେ ସେମାନଙ୍କୁ ଅପମାନ ଦେଲୁ ବୋଲି ଭାବି ଭୟ କରିବା ନାହିଁ। **ଯୋହନ ଡୁବକଙ୍କ ନିର୍ଭୟ ପ୍ରଚାର** ବିଷୟରେ ମୁଁ କହୁଛି।

### ଅନୁଶୀଳନୀ

ଦୟାକରି **ମାଥିଉ ୩:୪–୧୦ ପଦ**ରେ ଶ୍ରୀ ଜ୍ଞାନୀଙ୍କ ପ୍ରଶ୍ନର ଉତ୍ତର ଦେଖନ୍ତୁ :

- ଯୋହନ ଡୁବକ କେଉଁ ପ୍ରକାର ଲୋକମାନଙ୍କୁ ବାପ୍ତିସ୍ମ ଦେଉଥିଲେ – ଉତ୍ତମ ଲୋକ ଯେଉଁମାନେ ଏହାର ଯୋଗ୍ୟ ଥିଲେ ନା ମନ୍ଦ ଲୋକ ଯେଉଁମାନେ ଏହା ଲୋଡ଼ୁଥିଲେ ?

ସାରା କହିଲେ ଆପଣ ଆମ ସମସ୍ତଙ୍କୁ ଏହି ପ୍ରଶ୍ନ ପଚାରୁଥିବାରୁ, ମୁଁ ମୋର ଉତ୍ତର ଦେବାକୁ ଇଚ୍ଛା କରୁଛି। ଆମେ ଯେଉଁମାନେ ନିଜକୁ ପାପୀ ବୋଲି ଜାଣି ଯୀଶୁଙ୍କ କ୍ଷମା ଲୋଡ଼ିଥାଉ, ଆମ୍ଭେମାନେ ନିଜକୁ ଉତ୍ତମ ବୋଲି ଭାବୁଥିବା ଲୋକମାନଙ୍କଠାରୁ ପ୍ରକୃତରେ ଉତ୍ତମ ଅଟୁ।

ଶ୍ରୀ ବୋକା ଉତ୍ତର ଦେବାକୁ ଆରମ୍ଭ କରିଥିଲେ, ମାତ୍ର ଶିକ୍ଷାର୍ଥୀ କହିଲେ, ଆମେ ଈଶ୍ୱରଙ୍କ ବିଷୟରେ ଲୋକମାନଙ୍କୁ କ'ଣ କହିଥାଉ ?

ଶ୍ରୀ ଜ୍ଞାନୀ କହିଲେ, ମୁଁ ଆପଣମାନଙ୍କୁ **ସୁସମାଚାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ** କହୁଛି।

### ଅନୁଶୀଳନୀ

ଦୟାକରି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ **ଲୂକ ୨୪:୩୬–୫୩** ଦେଖନ୍ତୁ :

- ଆମେ ଅନ୍ୟମାନଙ୍କୁ ଯୀଶୁଙ୍କର ଜୀବନ ଇତିହାସର କେଉଁ ଦୁଇଟି ଘଟଣା ବିଷୟରେ କହିଥାଉ ?
- ଏହି ପଦ ଅନୁସାରେ ପାପ କ୍ଷମା ପାଇଁ ପାପୀକୁ କ'ଣ କରିବାକୁ ପଡ଼ିବ ?
- ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ କେଉଁଠାରୁ ଶକ୍ତି ଆସିଥାଏ ?

ଶିକ୍ଷାର୍ଥୀଙ୍କ ଘରେ ଶ୍ରୀ ଜ୍ଞାନୀ ବର୍ଣ୍ଣନା କଲେ। ଆମେ ଯେତେବେଳେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହୁ, ସେତେବେଳେ ଆମେ କହିଥାଉ ଯେ, ସେ ହିଁ ଈଶ୍ୱରଙ୍କ ପ୍ରେରିତ, ଅଭିଷିକ୍ତ ଖ୍ରୀଷ୍ଟ ଅଟନ୍ତି। ଆମେ ସେମାନଙ୍କୁ ଆଉ କ'ଣ କହିଥାଉ ?

ଜଣେ ନୂତନ ବିଶ୍ୱାସୀ ଲାଜ କରି କହିଲେ, ଶିକ୍ଷାର୍ଥୀ ମୋତେ ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ କହିଥିଲେ।

ହଁ! ପୁଣି ଆମେ ସେମାନଙ୍କୁ ଅନୁତାପ କରିବା ପାଇଁ ଆହ୍ୱାନ କରିଥାଉ। କେବଳ ମାନସିକ ସିଦ୍ଧାନ୍ତ ନ ନେଇ, କାର୍ଯ୍ୟ କରିବାକୁ ଆମେ ସେମାନଙ୍କୁ କହିଥାଉ। ସେମାନେ ଅନୁତାପ କରି ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା ଏହାକୁ ନିଶ୍ଚିତ କରିଥା'ନ୍ତି।

ଶିକ୍ଷାର୍ଥୀ ଆଲୋଚନାରେ ଯୋଗ କଲେ, ତା'ପରେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ ପବିତ୍ରଆତ୍ମାଙ୍କ ପ୍ରଦତ୍ତ ଈଶ୍ୱରଙ୍କ ଶକ୍ତି ବ୍ୟବହାର କରିବା ପାଇଁ ନୂତନ ବିଶ୍ୱାସୀମାନଙ୍କୁ ସାହାଯ୍ୟ କରିଥାଉ।

ଶ୍ରୀ ବୋକା ବାଧା ଦେଇ କହିଲେ, ଆମେ ଲୋକମାନଙ୍କୁ ସେମାନଙ୍କ ପାପ ବିଷୟରେ ବୋଧ ଦେଇ ଖରାପ ଭାବିବାକୁ ଦେବା ଆବଶ୍ୟକ ନାହିଁ। ତାହା ସେମାନଙ୍କୁ ଅପମାନିତ କରିଥାଏ। ସେଥିପାଇଁ ଶ୍ରୀ ଜ୍ଞାନୀ ଏଠାରେ ବାସ କରନ୍ତୁ ବୋଲି ଅଧିକାରୀ ଇଚ୍ଛା କରୁନାହାନ୍ତି। ସେ ସେମାନଙ୍କୁ ଅପମାନ କରିଥା'ନ୍ତି। ଲୋକମାନେ କେବଳ ଏହା ଗ୍ରହଣ କରିବେ ଯେ, ଈଶ୍ୱର ସେମାନଙ୍କୁ ପ୍ରେମ କରନ୍ତି! ତାହା ହିଁ ଯଥେଷ୍ଟ।

ଅନେକେ ଏ ବିଷୟରେ ଯୁକ୍ତିତର୍କ ଆରମ୍ଭ କଲେ। ଶ୍ରୀ ଜ୍ଞାନୀ କହିଲେ, ଦୟାକରି ଶୁଣନ୍ତୁ। ବାର୍ତ୍ତା ଶୁଣିବା ଅପେକ୍ଷା ଲୋକମାନେ ଅଧିକ ବିଷୟ ଲୋଡ଼ନ୍ତି। **ପିତର କିପରି ଯିହୁଦୀ ଲୋକମାନଙ୍କ ନିକଟରେ ଯୀଶୁଙ୍କୁ ଉପସ୍ଥାପନ କରିଥିଲେ,** ତାହା ମୁଁ ଆପଣମାନଙ୍କୁ କହୁଛି।

### ଅନୁଶୀଳନୀ

ଦୟାକରି **ପ୍ରେରିତ ୨:୨୨–୩୮** ଦେଖନ୍ତୁ :

- ପିତର ଯୀଶୁଙ୍କ ବିଷୟରେ କ'ଣ କହିଥିଲେ ?
- ଉଦ୍ଧାରପ୍ରାପ୍ତ ହେବା ପାଇଁ କ'ଣ କରିବାକୁ ହେବ ବୋଲି ପିତର ଲୋକମାନଙ୍କୁ କହିଥିଲେ ?

ଶିକ୍ଷାର୍ଥୀଙ୍କ ଘରେ ଗୋଲ ହୋଇ ବସିଥିବା ଦଳ କିଛି ସମୟ ଧରି ଏହା ଆଲୋଚନା କରିବା ପରେ ସେମାନେ ଯାହା କହିଛନ୍ତି, ତାହା ଠିକ୍ କି ନାହିଁ ତାହା ଶ୍ରୀ ଜ୍ଞାନୀଙ୍କୁ ପ୍ରଶ୍ନ କଲେ। ସେ ଉତ୍ତର ଦେଲେ, ହଁ, ତୁମେ ଉତ୍ତମ ଶିକ୍ଷା କରିଛ। ଆସନ୍ତୁ ଏହାକୁ ସଂକ୍ଷିପ୍ତରେ କହିବା। ପ୍ରେରିତ ପିତର ସୁସମାଚାରର ଗୁରୁତ୍ୱପୂର୍ଣ୍ଣ ସତ୍ୟ ବିଷୟରେ ପ୍ରଚାର କରିଥିଲେ। ତିନିହଜାର ଲୋକଙ୍କ ହୃଦୟରେ ପବିତ୍ରଆତ୍ମା କଥା କହିବାରୁ, ସେମାନେ ଅନୁତାପ କରିଥିଲେ। ସେମାନେ ମଣ୍ଡଳୀରେ ସେହିଦିନ ବାପ୍ତିଜିତ ହୋଇଥିଲେ। ବାପ୍ତିଜିତ ହୋଇ ମଣ୍ଡଳୀରେ ସଭ୍ୟଭୁକ୍ତ ନ ହେବା ପର୍ଯ୍ୟନ୍ତ ଆମେ ନୂତନ ବିଶ୍ୱାସୀମାନଙ୍କୁ ଗ୍ରହଣ କରିପାରିବା ନାହିଁ, ନଚେତ୍ ଆମେ ଦ୍ୱନ୍ଦ୍ୱରେ ପଡ଼ିଯିବା । ବର୍ତ୍ତମାନ, ଈଶ୍ୱରଙ୍କ ଅନ୍ୱେଷଣକାରୀମାନଙ୍କୁ ପ୍ରେରିତମାନେ କେଉଁ ସତ୍ୟ ବିଷୟ ଶିକ୍ଷା ଦେଉଥିଲେ ?

ଜଣେ ବ୍ୟକ୍ତି ଉତ୍ତର ଦେଲେ, ଯୀଶୁ ହିଁ ଉଦ୍ଧାରକର୍ତ୍ତା ଅଟନ୍ତି, ଯାହାଙ୍କୁ ଆଶ୍ଚର୍ଯ୍ୟ କର୍ମ ମାଧ୍ୟମରେ ପ୍ରଭୁ ଓ ମସୀହ ରୂପେ ଈଶ୍ୱର ଦାନ କରିଥିଲେ।

ସାରା କହିଲେ, ତାହାଙ୍କ ମୃତ୍ୟୁ ଦ୍ୱାରା ଆମେ କ୍ଷମା ପାଇଛୁ।

ଅନ୍ୟ ଜଣେ କହିଲେ, ତାହାଙ୍କ ପୁନରୁତ୍ଥାନ ଈଶ୍ୱରଙ୍କ ପବିତ୍ରଆତ୍ମାଙ୍କ ମାଧ୍ୟମରେ ଆମ ପ୍ରତି ମୃତ୍ୟୁ ଉପରେ ବିଜୟ ଆଣି ଦେଇଥିଲା।

ଆଉ ଜଣେ କହିଲେ, ଆମର ଉତ୍ତର ହେଉଛି, ଅନୁତାପ, ଯୀଶୁଙ୍କଠାରେ ବିଶ୍ୱାସ, ବାପ୍ତିସ୍ମ ଓ ମଣ୍ଡଳୀରେ ପ୍ରବେଶ।

ଶିକ୍ଷାର୍ଥୀ କହିଲେ, ମୁଁ ପ୍ରେରିତ ପିତରଙ୍କ ଉଦାହରଣ ଅନୁସରଣ କରି ମୋର ବନ୍ଧୁବାନ୍ଧବମାନଙ୍କୁ ଯୀଶୁଙ୍କ ଜନ୍ମ, ମୃତ୍ୟୁ ଓ ପୁନରୁତ୍ଥାନର ଶକ୍ତିଶାଳୀ ଘଟଣା କହିବି। ମୁଁ ଯେତେବେଳେ ପ୍ରଥମେ ଖ୍ରୀଷ୍ଟଙ୍କ ଅନୁଗାମୀ ହୋଇଥିଲି, ସେତେବେଳେ ଶ୍ରୀ ଜ୍ଞାନୀ ମୋତେ ଯେଉଁ କାହାଣୀ କହିଥିଲେ, ମୁଁ ସେହି କାହାଣୀ ବ୍ୟବହାର କରିବି। ଲୋକମାନଙ୍କୁ ସୁସମାଚାର ବୁଝାଇବାରେ ସାହାଯ୍ୟ କରିବା ପାଇଁ ସେ ମୋତେ ବାଇବଲରୁ କାହାଣୀଗୁଡ଼ିକ ଦେଇଥିଲେ। *(୪ର୍ଥ ଭାଗରେ ଏହି କାହାଣୀର ତାଲିକା ଦତ୍ତ ଅଛି।)*

ଶିକ୍ଷାର୍ଥୀଙ୍କ ଭାଇ ସାହାଯ୍ୟକାରୀ କହିଲେ, ମୁଁ ଯୀଶୁଙ୍କ ଅନୁଗାମୀ ହେବାକୁ ଇଚ୍ଛା କରୁଛି। ମୋର ପାପ ହେତୁ ମୁଁ ଅନୁତାପ କରିପାରେ କାରଣ ଈଶ୍ୱରଙ୍କ ପବିତ୍ରଆତ୍ମା ଏହା କରିବା ପାଇଁ ସାହାଯ୍ୟ କରନ୍ତି। ସେ ତାଙ୍କ ଗିଟାର ଧରି ଖ୍ରୀଷ୍ଟଙ୍କ ଚମତ୍କାର କ୍ଷମାକୁ ଆଧାର କରି ଏକ ନୂତନ ସଙ୍ଗୀତ ରଚନା ଆରମ୍ଭ କଲେ।

ଚମତ୍କାର! ଶିକ୍ଷାର୍ଥୀ କହିଲେ, ମୋର ବନ୍ଧୁ ଓ ସାଙ୍ଗମାନେ ଯୀଶୁଙ୍କ ନିକଟକୁ ଆସୁଥିବାରୁ ମୁଁ ଆନନ୍ଦିତ ଅଟେ!

କିଛିଦିନ ପରେ ଏହି ଦଳଟି ପୁଣି ଶିକ୍ଷାର୍ଥୀଙ୍କ ଘରେ ଏକତ୍ର ହେଲେ ଏବଂ ଶ୍ରୀ ଜ୍ଞାନୀ ଘୋଷଣା କଲେ, ମୁଁ ତୁମ ପାଖରେ ଆଉ ଅଧିକ ଶିକ୍ଷା ଦେବାକୁ ଆସିପାରିବି ନାହିଁ। ମୁଁ ଶିକ୍ଷାର୍ଥୀଙ୍କୁ ଦାୟିତ୍ୱ ଦେଇ ଯାଉଛି। ସେ ଖ୍ରୀଷ୍ଟଙ୍କଠାରେ ବୃଦ୍ଧି ପାଇଛନ୍ତି ଏବଂ ବର୍ତ୍ତମାନ ସେ ପାଳକୀୟ ଦାୟିତ୍ୱ ତୁଲାଇ ପାରୁଛନ୍ତି। ମୋ' ଅନୁପସ୍ଥିତିରେ ଏହି ଦଳକୁ ପାଳକ ରୂପେ ପ୍ରସ୍ତୁତ କରିବାକୁ ମୁଁ ତାଙ୍କ ମସ୍ତକରେ ମୋର ହସ୍ତ ରଖୁଛି।

ସାରା ଚିତ୍କାର କଲେ, ଆପଣ ଆମକୁ ଛାଡ଼ିବେ ନାହିଁ!

ମୋତେ ଯିବାକୁ ପଡ଼ିବ। ଶିକ୍ଷାର୍ଥୀ ତୁମେ ମୋ' ତତ୍ତ୍ୱାବଧାନ ବିନା ଏହା କରିବାକୁ ଆରମ୍ଭ କରିବା ପର୍ଯ୍ୟନ୍ତ ଆମେ ତୁମକୁ ଜଣେ ଅସ୍ଥାୟୀ ପ୍ରାଚୀନ ରୂପେ ଡାକିବା। ତୁମେ ସାହାଯ୍ୟକାରୀ ଓ ଅନ୍ୟମାନଙ୍କୁ ବାପ୍ତିସ୍ମ ଦେବ।

ଶ୍ରୀ ବୋକା ପ୍ରତିବାଦ କଲେ, ଏତେ ଶୀଘ୍ର ନୁହେଁ! ମୋର ସମ୍ପର୍କୀୟ ଭାଇ ବାଇବଲରୁ ପାଠ କରିଛନ୍ତି ଯେ, ଜଣେ ନୂଆ ନେତାଙ୍କ ଉପରେ ଏତେ ଶୀଘ୍ର ହସ୍ତାର୍ପଣ କରିବା ଉଚିତ୍ ନୁହେଁ!

ଶ୍ରୀ ଜ୍ଞାନୀ ବର୍ଣ୍ଣନା କଲେ, ପ୍ରେରିତ ପାଉଲ ଏତେ ଶୀଘ୍ର ଶବ୍ଦର ଅର୍ଥ କରୁଥିଲେ? ଏହା ଜାଣିବା ପାଇଁ ଆମେ ତାଙ୍କର ଉଦାହରଣ ଦେଖିବା। ଏକ ନୂତନ ମଣ୍ଡଳୀରେ ପ୍ରେରିତ ପାଉଲ ମଧ୍ୟ ସମାନ ପରିସ୍ଥିତିରେ ଏହା କରିଥିଲେ, ତା'ଠାରୁ ଶୀଘ୍ର ମୁଁ ଏହା କରୁ ନାହିଁ। ତାଙ୍କର ନେତୃତ୍ୱର ଅନୁଭୂତି ନ ଥିଲା ଓ ସେ ଗାଲାତୀୟରେ ତାଡ଼ନାର ସମ୍ମୁଖୀନ ହୋଇଥିଲେ, ତାହା ପ୍ରେରିତ ୧୪:୧ ପଦରେ ଲେଖାଯାଇଛି, ତାଙ୍କ ଉଦାହରଣ ଦେଖନ୍ତୁ। ଶିକ୍ଷାର୍ଥୀ, ତୁମେ ଯେଉଁ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିଥିଲ, ସେମାନଙ୍କୁ ବାପ୍ତିସ୍ମ ଦେବ।

## ବ୍ୟାବହାରିକ କାର୍ଯ୍ୟ

- ଆମକୁ ଅନ୍ୟମାନଙ୍କୁ ଯେଉଁ ବିଷୟ କହିବାକୁ ପଡ଼ିବ **ଲୂକ ୨୪:୪୬–୪୭ ପଦ**ରେ ତାହା ଜାଣିବା ପାଇଁ ମଣ୍ଡଳୀକୁ କୁହନ୍ତୁ।
- ଅନୁତାପ କରି ଆପଣଙ୍କ ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ପଡ଼ୋଶୀଙ୍କୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରାଇବାରେ ଆପଣ କ'ଣ କରିବେ ବୋଲି ଯୋଜନା କରିଛନ୍ତି।
- ନୂତନ ବିଶ୍ୱାସୀମାନଙ୍କୁ ବୁଝିବାରେ ସାହାଯ୍ୟ କରନ୍ତୁ ଯେ, ସେମାନେ ଯେତେବେଳେ ଈଶ୍ୱରଙ୍କ ପ୍ରତି ଫେରନ୍ତି, ସେତେବେଳେ ସେମାନେ ପାପ କ୍ଷମା ଓ ପବିତ୍ରଆତ୍ମାଙ୍କ ଦାନ ଗ୍ରହଣ କରନ୍ତି।

## ୨-୨ ଖ୍ରୀଷ୍ଟଙ୍କ ଆଦେଶ ୨

# ବାପ୍ତିଜିତ ହୁଅନ୍ତୁ

### (ତା'ପରେ ଖ୍ରୀଷ୍ଟଙ୍କଠାରେ ପବିତ୍ର ଜୀବନ ଯାପନ କରନ୍ତୁ, ଯାହାକି ଏହାର ପ୍ରାରମ୍ଭିକ କ୍ରିୟା ଅଟେ)

ଶିକ୍ଷାର୍ଥୀଙ୍କ ଘରେ ଯେଉଁ ଦଳଗତ ସଭା ହୋଇଥିଲା, ସେଥିରେ ବାପ୍ତିସ୍ମ ବିଷୟରେ ଆଲୋଚନା ହୋଇଥିଲା। ଶ୍ରୀ ଜ୍ଞାନୀ କହିଲେ, **ମାଥିଉ ୨୮:୧୮-୨୦ ପଦ**ରେ ମୌଳିକ ଆଜ୍ଞା ରହିଛି। ଦୟାକରି କୌଣସି ପ୍ରଶ୍ନ ପ୍ରଚାରନ୍ତୁ।

ଶ୍ରୀ ବୋକା ଯୁକ୍ତି କରନ୍ତି, ଏହି ଲୋକମାନଙ୍କୁ ଏତେ ଶୀଘ୍ର ବାପ୍ତିସ୍ମ କରିବାଟା ଚଞ୍ଚଳ ପ୍ରକ୍ରିୟା ହେବ ! ମୋର ସମ୍ପର୍କୀୟ ଭାଇ କହୁଥିଲେ ଯେ, ପରିବର୍ତ୍ତିତ ଲୋକମାନେ ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧ ନ ହେବା ପର୍ଯ୍ୟନ୍ତ ମଣ୍ଡଳୀ ଅପେକ୍ଷା କରିବା ଉଚିତ୍। ତେଣୁ ଯତ୍ନଶୀଳ ହୁଅନ୍ତୁ। ଆପଣ ସେମାନଙ୍କୁ ବାପ୍ତିସ୍ମ ଦେବା ପରେ ଯଦି କେତେ ଜଣ ମଣ୍ଡଳୀ ପରିତ୍ୟାଗ କରିବେ ତେବେ କ'ଣ ହେବ? ଅପେକ୍ଷା କରି ସେମାନେ କେତେ ଭଲ ବ୍ୟବହାର କରୁଛନ୍ତି, ତାହା ଦେଖନ୍ତୁ। ତା'ପରେ ସେମାନଙ୍କ ମଧ୍ୟରୁ ଉତ୍ତମ ବ୍ୟକ୍ତିମାନଙ୍କୁ ଆପଣ ବାପ୍ତିସ୍ମ ଦେଇପାରିବେ।

ଶ୍ରୀ ଜ୍ଞାନୀ କହିଲେ, ତୁମେ ବାପ୍ତିସ୍ମର ସଂଜ୍ଞା ଭୁଲ ବୁଝିଛ। ଆମେ ଖ୍ରୀଷ୍ଟଙ୍କ ପ୍ରତି ବାଧ୍ୟ ହେବାରେ ବିଳମ୍ବ କରିବା ନାହିଁ। ତାହା ସର୍ବଦା ପ୍ରଥମେ ହେବା ଉଚିତ୍। ନୂତନ ଅନୁତପ୍ତ ବିଶ୍ୱାସୀମାନଙ୍କର ପାଳକତ୍ୱ କରିବାରେ ବାପ୍ତିସ୍ମ ଆରମ୍ଭ ହୋଇଥାଏ।

ସାହାଯ୍ୟକାରୀ କହିଲେ, ମୁଁ ବାପ୍ତିଜିତ ହେବାକୁ ଇଚ୍ଛା କରୁଛି। ବାଇବଲରେ ଏ ବିଷୟରେ ଆଉ କ'ଣ ଲେଖାଯାଇଛି?

ଶ୍ରୀ ଜ୍ଞାନୀ ଉତ୍ତର ଦେଲେ, ଶିକ୍ଷାର୍ଥୀ, ଅନୁତପ୍ତ କାରାରକ୍ଷକଙ୍କ କାହାଣୀ ତୁମେ ଜାଣିଛ। ଦୟାକରି ସେମାନଙ୍କୁ ଏହା କୁହ।

### ଅନୁଶୀଳନୀ

ଦୟାକରି **ପ୍ରେରିତ ୧୬:୨୨-୩୪ ପଦ**ରେ ଥିବା ଶିକ୍ଷାର୍ଥୀଙ୍କ ବର୍ଣ୍ଣନା ଦେଖନ୍ତୁ :

- କାରାରକ୍ଷକ କାହିଁକି ନିଜକୁ ବଧ କରିବାକୁ ଇଚ୍ଛା କରିଥିଲେ?
- କାରାରକ୍ଷକ ଉଦ୍ଧାର ପାଇବେ ବୋଲି ପାଉଲ ନିଶ୍ଚିତବୋଧ ଦେବା ପରେ, ଅନ୍ୟମାନେ ମଧ୍ୟ ଯେପରି ଖ୍ରୀଷ୍ଟଙ୍କୁ ଜାଣିପାରିବେ ସେଥିପାଇଁ କାରାରକ୍ଷକ କ'ଣ କରିଥିଲେ?
- କାରାରକ୍ଷକ ଓ ତାଙ୍କ ପରିବାର କେତେ ଶୀଘ୍ର ବାପ୍ତିଜିତ ହୋଇଥିଲେ?

ଶିକ୍ଷାର୍ଥୀଙ୍କ ଘରେ ବାପ୍ତିସ୍ମ ବିଷୟରେ ଅଧ୍ୟୟନ କରୁଥିବା ଦଳକୁ ଶ୍ରୀ ବୋକା କହନ୍ତି, ବାଇବଲ ମତ ଅନୁଯାୟୀ ଆମେ କରିପାରିବା ନାହିଁ। ଆଜି ସେପରି ନୁହେଁ।

ଶିକ୍ଷାର୍ଥୀ ତାଙ୍କୁ ସଂଶୋଧନ କରି କହନ୍ତି, ହଁ ଏହା ଅଟେ। ପାପ ପରିବର୍ତ୍ତନ ହୋଇ ନାହିଁ। ଈଶ୍ୱର ପରିବର୍ତ୍ତନ ହୋଇ ନାହାନ୍ତି। ବାପ୍ତିସ୍ମ ପରିବର୍ତ୍ତନ ହୋଇ ନାହିଁ। କୂଶୀୟ ନପୁଂସକ ଦଣ୍ଡ ପାଇବେ ବୋଲି ଭୟ କରୁଥିଲେ – ସେ ଭାବିଲେ ଯେ, ସେ ବନ୍ଦୀମାନଙ୍କୁ ପହରା ଦେଇପାରି ନ ଥିବାରୁ ମୃତ୍ୟୁଦଣ୍ଡ ପାଇବେ। ସେ ଭୟ କରିଥିଲେ, ପୁଣି ତାଙ୍କର ପରିତ୍ରାଣର ଆଶା ନ ଥିଲା। ସେ ହାରି ଯାଇଥିଲେ ବୋଲି ଜାଣିଲେ। ମୋର ବନ୍ଧୁବାନ୍ଧବ ମଧ୍ୟ ସେପ୍ରକାର ଅଟନ୍ତି। ସେମାନେ ପ୍ରକୃତରେ ଖରାପ ହୋଇଛନ୍ତି, ମାତ୍ର ଯେଉଁମାନେ ନିଜକୁ ବିନାଶପ୍ରାପ୍ତ ଓ ନିଃସହାୟ ବୋଲି ସ୍ୱୀକାର କରନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯୀଶୁ ଆସିଥିଲେ। ଯେଉଁମାନେ କ୍ଷମାର ନିଶ୍ଚିତବୋଧ ଲୋଡ଼ନ୍ତି ସେମାନଙ୍କ ପ୍ରତି ବାପ୍ତିସ୍ମ ଏକ ଦାନ ଅଟେ।

ଶ୍ରୀ ଜ୍ଞାନୀ ଆହୁରି କହନ୍ତି, ହଁ, ରୋମୀୟ ୬:୩–୮ ପଦରେ ପ୍ରେରିତ ପାଉଲ କହନ୍ତି ଯେ, ବାପ୍ତିଜିତ ହେବାଟା ଜଳରେ କେବଳ ଧୌତ ହେବା ନୁହେଁ। ବାପ୍ତିସ୍ମରେ ଆମର ପାପ ପ୍ରକୃତି ଖ୍ରୀଷ୍ଟଙ୍କ ସହିତ କ୍ରୁଶବିଦ୍ଧ ହୋଇଥାଏ। ନୂତନ ଜୀବନ ଲାଭ କରିବା ପାଇଁ ଆମେ ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ସହିତ ଉପରକୁ ଉଠିଥାଉ। ଲୋକମାନେ ଯେତେବେଳେ ଅନୁତାପ କରନ୍ତି, ସେତେବେଳେ ସେମାନଙ୍କ ବାପ୍ତିସ୍ମ ସେମାନଙ୍କୁ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନର ନିଶ୍ଚିତବୋଧ ଦେଇଥାଏ। ଆମେ ସେମାନଙ୍କୁ ବର୍ଣ୍ଣନା କରୁ ଯେ, ଏହି ଜୀବନ ସମ୍ଭବ କରିବା ପାଇଁ ଈଶ୍ୱରଙ୍କଠାରୁ ଏକ ଦାନ ସ୍ୱରୂପେ ସେମାନଙ୍କ ନିକଟକୁ ପବିତ୍ରଆତ୍ମା ଆସିଥାଏ। କାରାରକ୍ଷକ ବିଶ୍ୱସ୍ତ ଥିଲା ବୋଲି ପାଉଲ କିପରି ଜାଣିପାରିଲେ ?

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, କାରାରକ୍ଷକଙ୍କ କାର୍ଯ୍ୟକଳାପ ଦର୍ଶାଇଥିଲା ଯେ ସେ ଯୀଶୁଙ୍କଠାରେ ନିର୍ଭର ରଖିଥିଲେ। ସେ ତାଙ୍କ ପରିବାରକୁ ତତ୍‌କ୍ଷଣାତ୍ ଡକାଇଥିଲେ। ସେମାନେ ଏକତ୍ର ଯୀଶୁଙ୍କ ଶିଷ୍ୟ ହୋଇଥିଲେ। ପୁଣି ବାପ୍ତିସ୍ମ ଗ୍ରହଣ କରି ସେ ଯୀଶୁଙ୍କ ଆଜ୍ଞାବହ ହୋଇଥିଲେ। ନୂତନ ବିଶ୍ୱାସୀମାନଙ୍କୁ ସେମାନଙ୍କ ପରିବାର, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀମାନଙ୍କୁ ଖ୍ରୀଷ୍ଟଙ୍କ ଶିଷ୍ୟ କରାଇବାକୁ ଆରମ୍ଭ କରନ୍ତୁ ବୋଲି ଉତ୍ସାହିତ କରନ୍ତୁ।

ସାହାଯ୍ୟକାରୀ ମନ୍ତବ୍ୟ ଦିଅନ୍ତି, ବାପ୍ତିଜିତ ହେବା ଦ୍ୱାରା କାରାରକ୍ଷକ ନିଜର ଅନୁତାପ ଓ ବିଶ୍ୱାସ ପ୍ରଦର୍ଶନ କରିଥିଲେ।

ହଁ, ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ଆମ ପରିବର୍ତ୍ତନ, ଈଶ୍ୱର ଆମ ହୃଦୟରେ ଯେଉଁ ପରିବର୍ତ୍ତନ ଆରମ୍ଭ କରିଥାଆନ୍ତି, ତାହାକୁ ଦୃଢ଼ୀଭୂତ କରିବା ପାଇଁ ଯୀଶୁ ଆପଣା ମଣ୍ଡଳୀକୁ କେବଳ ବାପ୍ତିସ୍ମ ରୂପକ ଧର୍ମକର୍ମ ସମ୍ପାଦନ କରିବା ପାଇଁ ଦେଇଥିଲେ। ପ୍ରେରିତମାନେ ତତ୍‌କ୍ଷଣାତ୍ ଖ୍ରୀଷ୍ଟଙ୍କ ପ୍ରତି ଫେରିଥିବା ସମସ୍ତଙ୍କୁ ବାପ୍ତିସ୍ମ ଦେଇଥିଲେ। ସେମାନେ ସେମାନଙ୍କୁ ଏହପରି ଭାବରେ ମଣ୍ଡଳୀରେ ଗ୍ରହଣ କରିଥିଲେ। ଈଶ୍ୱର ପବିତ୍ରଆତ୍ମାଙ୍କ ଶକ୍ତିରେ ସେମାନଙ୍କୁ ଖ୍ରୀଷ୍ଟଙ୍କ ଶରୀର, ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିଥିଲେ।

ଶ୍ରୀ ବୋକା ପ୍ରତିବାଦ କରନ୍ତି, କିନ୍ତୁ ବାପ୍ତିଜିତ ହେବାକୁ ଇଚ୍ଛା କରୁଥିବା ଶିକ୍ଷାର୍ଥୀଙ୍କ କେତେ ଜଣ ସାଙ୍ଗ ଓ ବନ୍ଧୁବାନ୍ଧବ ମଦ୍ୟପ ଓ ଚୋର ଅଟନ୍ତି ! ସେମାନେ ଯୋଗ୍ୟ କି ନୁହନ୍ତି ନ ଜାଣି ସେମାନଙ୍କୁ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଲୋକମାନେ ବଚସା କରିବେ।

ଜଣେ ବ୍ୟକ୍ତି କହନ୍ତି, ମୁଁ ପାପପୂର୍ଣ୍ଣ ଜୀବନ ଯାପନ କରିଛି। ମୁଁ ଅନୁତାପ କରି ଯୀଶୁ ଖ୍ରୀଷ୍ଟଙ୍କ ଅନୁଗାମୀ ହେବାକୁ ଇଚ୍ଛା କରୁଛି। କିନ୍ତୁ ଶ୍ରୀ ବୋକା ବୋଧହୁଏ ଠିକ୍ କହୁଥିବେ। ମୁଁ ଯଦି ବାପ୍ତିଜିତ ହେବି, ତେବେ ମଣ୍ଡଳୀର ଦୁର୍ନାମ ହେବ।

ଶ୍ରୀ ଜ୍ଞାନୀ ତାଙ୍କୁ ଉତ୍ସାହିତ କରନ୍ତି, ମନ୍ଦ ଲୋକମାନଙ୍କ ପାଇଁ ବାପ୍ତିସ୍ମ ରହିଛି। **କ୍ଷମାପ୍ରାପ୍ତ କରଗ୍ରାହୀ**ଙ୍କ କାହାଣୀ ଶୁଣନ୍ତୁ।

### ଅନୁଶୀଳନୀ

- ନିରୁତ୍ସାହିତ ବ୍ୟକ୍ତିଙ୍କୁ ଶ୍ରୀ ଜ୍ଞାନୀ କ'ଣ ବର୍ଣ୍ଣନା କଲେ ଦୟାକରି ତାହା **ଲୂକ ୧୮:୯–୧୪ ପଦ**ରେ ଦେଖନ୍ତୁ।
- ଦୁଇଜଣ ଲୋକ ପ୍ରାର୍ଥନା କରୁଥିଲେ। କେଉଁ ଲୋକଟି ବଡ଼ ପ୍ରାର୍ଥନା କଲେ ?
- କେଉଁ ଲୋକର ପ୍ରାର୍ଥନା ଈଶ୍ୱର ଶୁଣିଲେ ?
- ଈଶ୍ୱରଙ୍କ ସମ୍ମୁଖରେ କେଉଁ ବ୍ୟକ୍ତି ଯଥାର୍ଥ ଥିଲେ ?

ନିରୁତ୍ସାହିତ ବ୍ୟକ୍ତି ଆଶ୍ୱସ୍ତ ହେଲେ। ପୁଣି ସ୍ମିତ ହାସ୍ୟ କଲେ। ଶ୍ରୀ ଜ୍ଞାନୀ ଦଳକୁ ବର୍ଣ୍ଣନା କଲେ, ଏକ ବଡ଼ ଅଧ୍ୟୟନ ପରେ ପ୍ରେରିତମାନେ ବାପ୍ତିସ୍ମକୁ ଏକ ସ୍ନାତକ ଉତ୍ସବ ରୂପେ ପାଳନ କରୁ ନ ଥିଲେ। ଯେଉଁମାନେ ନିଜକୁ ଯୋଗ୍ୟ କରିଛନ୍ତି, ସେମାନଙ୍କ ପ୍ରତି ପୁରସ୍କାର ସ୍ୱରୂପେ ସେମାନେ ଏହା ବ୍ୟବହାର କରୁ ନ ଥିଲେ। ମନୁଷ୍ୟର ଏହି ଧାରା ପରବର୍ତ୍ତୀ କାଳରେ କେତେକ ମଣ୍ଡଳୀକୁ ଆକ୍ରାନ୍ତ କରିଛି। ନୂତନ ନିୟମ ସମୟରେ ଲୋକମାନେ ଅନୁତାପ ଓ ବାପ୍ତିସ୍ମ ଗ୍ରହଣ ଦ୍ୱାରା ମଣ୍ଡଳୀଭୁକ୍ତ ହେଉଥିଲେ। ତା'ପରେ ସେମାନେ ଖ୍ରୀଷ୍ଟଙ୍କ ଶରୀର, ଅନ୍ୟ ବିଶ୍ୱାସୀମାନଙ୍କ ଦ୍ୱାରା ଆତ୍ମିକ ରୂପେ ବୃଦ୍ଧି ପାଉଥିଲେ, ଯେଉଁମାନେ କି ସେମାନଙ୍କୁ ପ୍ରେମ କରି ସେମାନଙ୍କ ସେବା କରୁଥିଲେ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ କହନ୍ତି, ଏହି ଲୋକମାନଙ୍କୁ ବାପ୍ତିସ୍ମ ଦେବା ପାଇଁ ତୁମେ ଈଶ୍ୱରଙ୍କଠାରୁ ଅଧିକାର ପ୍ରାପ୍ତ ହୋଇ ନାହଁ।

ହଁ, ସେ ପାଇଛନ୍ତି, ଶ୍ରୀ ଜ୍ଞାନୀ କହନ୍ତି, ମାଥିଉ ୨୮:୧୮–୨୦ ପଦରେ ଆମେ **ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦେବା ପାଇଁ ଆମର ଅଧିକାର** ବିଷୟରେ ଦେଖିବାକୁ ପାଉଛୁ। ତାହା ହିଁ ଯୀଶୁଙ୍କ ମହାନ୍ କାର୍ଯ୍ୟ ଅଟେ। ପୁଣି ଶିକ୍ଷାର୍ଥୀ ଈଶ୍ୱରଙ୍କ ପ୍ରୟୋଜନୀୟ ସମସ୍ତ ବିଷୟ ସାଧନ କରିଛି।

## ଅନୁଶୀଳନୀ

ଦୟାକରି **ମାଥିଉ ୨୮:୧୮–୨୦** ଦେଖନ୍ତୁ :

- ଶିଷ୍ୟ କରିବା ପାଇଁ ଯୀଶୁ କେଉଁ ଅଧିକାରରେ ଆମକୁ ଆଦେଶ ଦିଅନ୍ତି ?
- ଆମେ ଲୋକମାନଙ୍କ ପାଇଁ କେଉଁ ଦୁଇଟି ବିଷୟ କରିବା ଯେ, ସେମାନେ ଖ୍ରୀଷ୍ଟଙ୍କ ଶିଷ୍ୟ ହେବେ ?
- ମହାନ୍ ଆଜ୍ଞା ମାନ୍ୟ କରିବାଟା ଆମ ପାଇଁ ଯେପରି ସହଜ ହେବ ସେଥିପାଇଁ ଯୀଶୁ କେଉଁ କାର୍ଯ୍ୟ କରିବା ପାଇଁ ପ୍ରତିଜ୍ଞା କରିଅଛନ୍ତି ?

ଲୋକମାନେ ସଭା ଛାଡ଼ି ଚାଲିଗଲେ, ମାତ୍ର ଶ୍ରୀ ଜ୍ଞାନୀ ଆଉ ଟିକିଏ ଅଧିକ ସମୟ ରହି ଅଧିକାରର ତିନୋଟି ସ୍ତର ବିଷୟରେ ଶିକ୍ଷାର୍ଥୀଙ୍କୁ ବର୍ଣ୍ଣନା କଲେ, ଯାହାକି ଏକ ମଣ୍ଡଳୀ ରୂପେ ଆମେ କରିଥାଉ। ଶିକ୍ଷାର୍ଥୀ, ଆମ ଅଧିକାର କେଉଁଠାରୁ ଆସିଥାଏ ତାହା ମନେ ରଖିବା ପାଇଁ ଏଠାରେ ଏକ ସହଜ ଉପାୟ ରହିଛି:

- ସର୍ବପ୍ରଥମେ ଯୀଶୁ ଓ ତାହାଙ୍କ ପ୍ରେରିତମାନଙ୍କ ଆଦେଶ
- ଦ୍ୱିତୀୟରେ, ଆଦେଶପ୍ରାପ୍ତ ହୋଇ ନ ଥିବା ପ୍ରେରିତମାନଙ୍କ କାର୍ଯ୍ୟକଳାପ
- ତୃତୀୟରେ, ଆମର ମାନବିକ ପରମ୍ପରା – ଯେଉଁ ବିଷୟ କରିବା ପାଇଁ  ଆମେ ମଣ୍ଡଳୀର ଶରୀର ରୂପେ ସମ୍ମତ ହୋଇଥାଉ, ତାହା ନୂତନ ନିୟମରେ ଉଲ୍ଲେଖ କରାଯାଇ ନାହିଁ।

ଶିକ୍ଷାର୍ଥୀ କହନ୍ତି, ତେବେ ଏଇ କଥା। ସବୁ ବିଷୟ ଅପେକ୍ଷା ଆମେ ଯୀଶୁଙ୍କ ଆଜ୍ଞାବହ ହେଉ। ଏହି ଆଜ୍ଞା ଓ ତାହାଙ୍କ ପ୍ରେରିତମାନଙ୍କ ଆଜ୍ଞା ପ୍ରଥମ ସ୍ତରର ଅଧିକାର ଅଟେ। କୌଣସି ବିଷୟ ଆମକୁ ପ୍ରେମରେ ଯୀଶୁଙ୍କ ଆଜ୍ଞାବହ ହେବାରୁ ବଞ୍ଚିତ କରିପାରିବ ନାହିଁ।

ହଁ, ଦ୍ୱିତୀୟ ସ୍ତରଟି ପ୍ରେରିତମାନଙ୍କ ଦ୍ୱାରା ପାଳନ କରାଯାଉଥିବା କାର୍ଯ୍ୟକଳାପ ଯାହାକି ନିର୍ଦ୍ଦେଶିତ ହୋଇ ନାହିଁ। ସେମାନେ ଆମର ଆଦର୍ଶ ଅଟନ୍ତି। ଆମେ ସେମାନଙ୍କ କାର୍ଯ୍ୟକଳାପ ନିଷିଦ୍ଧ କରିପାରିବା ନାହିଁ। ଆମେ ସେମାନଙ୍କୁ ଆଦେଶ ଦେଇପାରିବା ନାହିଁ, କାରଣ ଯୀଶୁ କେବେ ତାହା କରି ନ ଥିଲେ। ପ୍ରେରିତମାନଙ୍କ ଏହି କାର୍ଯ୍ୟକଳାପ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା : ସପ୍ତାହର ପ୍ରଥମ ଦିନରେ ସଭା, ଗୃହରେ ସଭା, ତତ୍‌କ୍ଷଣାତ୍ ବାପ୍ତିସ୍ମ, ନୂଆ ନେତାମାନଙ୍କ ଉପରେ ହସ୍ତାର୍ପଣ କରି ପ୍ରାର୍ଥନା କରିବା।

ଶିକ୍ଷାର୍ଥୀ କହନ୍ତି, ମନୁଷ୍ୟର ପରମ୍ପରା ତୃତୀୟ ସ୍ତରର ଅଧିକାର ଅଟେ। ସମସ୍ତ ପରମ୍ପରା କ'ଣ ମନ୍ଦ ଅଟେ ?

ନା, ଅଧିକାଂଶ ପରମ୍ପରା ଉତ୍ତମ ଅଟେ। ଏହା ଆମକୁ ସହାବସ୍ଥାନର ସହ କାର୍ଯ୍ୟ କରିବାକୁ ସାହାଯ୍ୟ କରିଥାଏ। ମାତ୍ର ଯଦି ମନୁଷ୍ୟର ପରମ୍ପରା ଖ୍ରୀଷ୍ଟଙ୍କ ଆଦେଶକୁ ପ୍ରତିହତ କରୁଥାଏ, ତେବେ ଆମକୁ ମନୋନୟନ କରିବାକୁ ପଡ଼ିବ। ଆମେ ଆମର ମଣ୍ଡଳୀର ପରମ୍ପରା ଅନୁସରଣ କରିବା ନା ପ୍ରଭୁ ଯୀଶୁଙ୍କ ଆଜ୍ଞାବହ ହେବା ?

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀ ସହିତ **ମାଥିଉ ୨୦:୧୮–୨୦** ମୁଖସ୍ଥ କରନ୍ତୁ।
- ମନୁଷ୍ୟକୃତ ଆବଶ୍ୟକତା ପୂରଣ କରିବା ପାଇଁ ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦେବାରେ ହେଳା କରନ୍ତୁ ନାହିଁ।
- ନୂତନ ବାପ୍ତିଜିତ ହୋଇଥିବା ବିଶ୍ୱାସୀମାନେ ପବିତ୍ରଆତ୍ମାଙ୍କ ଶକ୍ତିରେ ମଣ୍ଡଳୀରେ ସକ୍ରିୟ ଅଂଶୀ ହେଉନ୍ତୁ।
- ନୂତନ ବିଶ୍ୱାସୀମାନଙ୍କୁ ସେମାନଙ୍କ ନିଜ ପରିବାର ଓ ବନ୍ଧୁବାନ୍ଧବମାନଙ୍କୁ ତତ୍‌କ୍ଷଣାତ୍ ଖ୍ରୀଷ୍ଟଙ୍କ ନିକଟକୁ ନେବାରେ ସାହାଯ୍ୟ କରନ୍ତୁ।
- ଆପଣଙ୍କ ମଣ୍ଡଳୀର ପରମ୍ପରା ହେତୁ ଖ୍ରୀଷ୍ଟ ଓ ତାହାଙ୍କ ପ୍ରେରିତମାନଙ୍କ ଆଜ୍ଞାବହ ହେବାରୁ ଆପଣଙ୍କୁ ବଞ୍ଚିତ କରୁଛି କି ନାହିଁ ତାହା ପରୀକ୍ଷା କରନ୍ତୁ।

## ୨–୩ ଖ୍ରୀଷ୍ଟଙ୍କ ଆଦେଶ ୩

# ଶିଷ୍ୟମାନଙ୍କୁ ପ୍ରସ୍ତୁତ କରନ୍ତୁ

କିଛିଦିନ ପରେ ଶ୍ରୀ ଜ୍ଞାନୀ ବସ୍‌ରେ ଆସି ଶିକ୍ଷାର୍ଥୀଙ୍କ ଘରକୁ ଚାଲି ଯାଆନ୍ତି। ସାରା ତାଙ୍କୁ କହନ୍ତି, ଶିକ୍ଷାର୍ଥୀ ଦୋକାନରେ ଅଛନ୍ତି। ତୁମେ ଆସିଥିବାରୁ ମୁଁ ଖୁସି। ସେ ନିରୁତ୍ସାହିତ ହୋଇଛନ୍ତି।

କାହିଁକି? କ'ଣ ହେଲା?

ଶ୍ରୀ ବୋକା ଓ ତାଙ୍କ ବନ୍ଧୁମାନେ ସମସ୍ତଙ୍କୁ ଅଭିଯୋଗ କରୁଛନ୍ତି। କୌଣସି ପାରମାର୍ଥିକ ବିଦ୍ୟାଳୟରେ ଅଧ୍ୟୟନ ନ କରି ଶିକ୍ଷାର୍ଥୀ ଧର୍ମଶିକ୍ଷା ଦେଉଥିବାରୁ ସେମାନେ ତାଙ୍କର ସମାଲୋଚନା କରୁଛନ୍ତି। ସେମାନେ କହୁଛନ୍ତି ଯେ, ତାଙ୍କ କଥା ସାଧାରଣ ଲୋକର କଥା ପରି ଅଟେ, କୌଣସି ଯାଜକ ବା ମଣ୍ଡଳୀର ଶିକ୍ଷିତ ନେତାଙ୍କ ପରି ନୁହେଁ।

ଶ୍ରୀ ଜ୍ଞାନୀ ଶୀଘ୍ର କାଠକାମ ଦୋକାନକୁ ଗଲେ। ଶ୍ରୀ ବୋକା ଓ ତାଙ୍କ ସାଙ୍ଗମାନଙ୍କ କଥା ବିଷୟରେ ସେମାନେ କଥାବାର୍ତ୍ତା କଲେ। ଶିକ୍ଷାର୍ଥୀ ଦୁଃଖିତ ହୋଇ କହିଲେ, ମୁଁ ଜଣେ ଉତ୍ତମ ବକ୍ତା ନୁହେଁ । ମୁଁ କଥା କହିପାରେ ନାହିଁ।

ତୁମର ସହଭାଗିତା ଦଳ ସଂଖ୍ୟା ଏତେ କମ୍ ଯେ ତୁମେ ପାରମ୍ପାରିକ ପୁଲ୍‌ପିଟ୍ ଶୈଳୀରେ ପ୍ରଚାର କରିପାରିବ ନାହିଁ। ତେଣୁ ତୁମେ ବରଂ ବାଇବଲ କାହାଣୀ କହିବା ବା କିଛି ବିଷୟ ପଢ଼ିବା ଉଚିତ୍ ଏବଂ ମୁକ୍ତ ଭାବରେ ଆଲୋଚନା କରିବା ପାଇଁ ଦଳକୁ ଉତ୍ସାହିତ କରିବାକୁ ପ୍ରଶ୍ନ ପଚାରିବା ଉଚିତ୍।

ମୁଁ ତାହା ହିଁ କରିଥାଏ। ଆପଣ ମୋ' ସହିତ ଯେପରି କରିଥିଲେ ମୁଁ ଠିକ୍ ସେହିପରି କରୁଛି। ମୁଁ ଗୋଟିଏ କାହାଣୀ ପଢ଼େ ବା କହିଥାଏ, ତା'ପରେ ଲୋକମାନଙ୍କୁ ପ୍ରଶ୍ନ ପଚାରି ଏହାର ଉତ୍ତର ଦେବାକୁ ବା ଆଲୋଚନା କରିବାକୁ କହିଥାଏ। ମୁଁ ପ୍ରତ୍ୟେକଙ୍କୁ ଏଥିରେ ଭାଗ ନେବାକୁ ଉତ୍ସାହିତ କରିଥାଏ। ମାତ୍ର ଶ୍ରୀ ବୋକା ତାହା ଚାହାନ୍ତି ନାହିଁ। ସେ କେବଳ ସୁସ୍ଥିଆ ହୋଇ ଶୁଣିବାକୁ ଇଚ୍ଛା କରନ୍ତି।

ଯାକୁବ ୧:୨୨ ଓ ୧ କରିନ୍ଥୀୟ ୧୪:୨୬ ପଦ ଅନୁସାରେ ତାହା ବହୁତ ଭୁଲ ଅଟେ। ଅନେକ ବାଇବଲ ପଦ ଆମକୁ ଶିକ୍ଷା ଦେଇ ପରସ୍ପରକୁ ସତର୍କ କରିବାକୁ କହିଥାଏ। ଏହାର ଅର୍ଥ ଆମେ ସଭାରେ ପରସ୍ପର କଥାବାର୍ତ୍ତା କରିବା ଉଚିତ୍। ଆମେ କେବଳ ଶୁଣିବା ତାହା ନୁହେଁ। ମଣ୍ଡଳୀରେ ଈଶ୍ୱରଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବଡ଼ ବଡ଼ ମଣ୍ଡଳୀ ଛୋଟ ଛୋଟ ଦଳ କରି ଈଶ୍ୱରଙ୍କ ବାକ୍ୟ ଆଲୋଚନା କରିବା ଉଚିତ୍ ଏବଂ ସେମାନଙ୍କ ଜୀବନ ଓ ସେବାକାର୍ଯ୍ୟରେ ତାହା ପ୍ରୟୋଗ କରିବା ପାଇଁ ଯୋଜନା କରିବା ଉଚିତ୍। ଯୀଶୁ ଆମକୁ କୁହାଳିଆ ହେବା ପାଇଁ କହୁ ନାହାନ୍ତି। ସେ ଇଚ୍ଛା କରନ୍ତି ଯେ, ଆମେ ଶିଷ୍ୟ ପ୍ରସ୍ତୁତ କରିବା। ତୁମେ ଯଦି ଜଣେ ଭଲ ବକ୍ତା ହେବାକୁ ଗୁରୁତ୍ୱ ଦେବ, ତେବେ ଭୁଲ କାର୍ଯ୍ୟରେ ମନ ଦେବ। ଉତ୍ତମ ପାଳକ ହେବା ଉତ୍ତମ ଅଟେ। **ଶିଷ୍ୟ କରିବା ପାଇଁ ଯୀଶୁଙ୍କ ଆଦେଶ** ବିବେଚନା କର।

**ଅନୁଶୀଳନୀ**

ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମେ ଯାହା କରୁ ବୋଲି ଇଚ୍ଛା କରନ୍ତି, ଦୟାକରି ତାହା **ମାଥିଉ ୨୮:୧୮–୨୦** ପଦରେ ଦେଖନ୍ତୁ :

- ଶିଷ୍ୟ କରିବା ପାଇଁ ଆମେ ନିର୍ଦ୍ଦିଷ୍ଟରୂପେ କଣ କରିଥାଉ ?
- ଶିଷ୍ୟମାନେ ନିର୍ଦ୍ଦିଷ୍ଟ ରୂପେ କ'ଣ କରିଥାନ୍ତି ?

ଶିକ୍ଷାର୍ଥୀଙ୍କ ଭାଇ, ସାହାଯ୍ୟକାରୀ ତାଙ୍କ ଗିଟାର ଧରି ଦୋକାନରେ ପହଞ୍ଚନ୍ତି। ମୋର ନୂଆ ସଙ୍ଗୀତ ଶୁଣନ୍ତୁ, ଶ୍ରୀ ଜ୍ଞାନୀ। ଖ୍ରୀଷ୍ଟଙ୍କ ଆଜ୍ଞା ଶିକ୍ଷା ଦେବା ପାଇଁ ମୁଁ ଏହା ରଚନା କରିଛି। ଯୀଶୁଙ୍କ ସାତୋଟି ମୌଳିକ ଆଜ୍ଞାକୁ ସେ ଗୀତ ଆକାରରେ ଗାଆନ୍ତି।

ବହୁତ ଭଲ ! ଶ୍ରୀ ଜ୍ଞାନୀ ତାଙ୍କୁ ଅଭିବାଦନ ଜଣାଇଲେ, ଦୟାକରି ନୂଆ ମଣ୍ଡଳୀକୁ ଏହା ଶିଖାଅ।

ଆସ ଆମ ସହିତ ଯୋଗଦିଅ, ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ କହିଲେ, ଆମେ ଶିଷ୍ୟ ପ୍ରସ୍ତୁତ କରିବା ବିଷୟରେ କଥାବାର୍ତ୍ତା କରୁଛୁ।

କାଠକାମ ମେଜ ଉପରେ ପଡ଼ିଥିବା କାଠକାମର ଯନ୍ତ୍ରପାତିକୁ ଦେଖାଇ ଶ୍ରୀ ଜ୍ଞାନୀ କହନ୍ତି, ବିଖ୍ୟାତ ବକ୍ତାଙ୍କୁ ନୁହେଁ, ମାତ୍ର ଖ୍ରୀଷ୍ଟ ସାଧାରଣ କାର୍ଯ୍ୟକାରୀଙ୍କୁ ତାହାଙ୍କ ଶିଷ୍ୟ ହେବା ପାଇଁ ଆହ୍ୱାନ କରିଥାଆନ୍ତି। ସେ ଇଚ୍ଛା କରନ୍ତି ନାହିଁ ଯେ, ତାଙ୍କ ଅନୁଗାମୀମାନେ ମଣ୍ଡଳୀରେ କେବଳ ବସିରହି ଉତ୍ତମ ବକ୍ତାମାନଙ୍କ କଥା ଶୁଣିବେ। ମଣ୍ଡଳୀର ମଙ୍ଗଳ ନିମନ୍ତେ ସେ ଆପଣା ଶିଷ୍ୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ଆଦେଶ ଦିଅନ୍ତି। **ଯୀଶୁଙ୍କ ଅନୁଗାମୀମାନଙ୍କ ପ୍ରତି ତାହାଙ୍କ ପ୍ରତିଜ୍ଞା** ବିଷୟରେ ମୁଁ କହୁଛି।

**ଅନୁଶୀଳନୀ**

- ଆମେ ଯୀଶୁଙ୍କ ଅନୁଗାମୀ ହେଲେ କ'ଣ ହେବ ବୋଲି ଯୀଶୁ ଯାହା କହିଅଛନ୍ତି ଦୟାକରି ତାହା **ଲୂକ ୫:୧–୧୧** ପଦରେ ଦେଖନ୍ତୁ।
- ଯୀଶୁଙ୍କ ଅନୁଗାମୀ ହେବା ପାଇଁ ଆରମ୍ଭ କରିବାମାତ୍ରେ ଲେବି (ମାଥିଉ ବୋଲି ମଧ ଡକାଯା'ନ୍ତି) କେଉଁ ଦୁଇଟି ବିଷୟ କରିଥିଲେ ତାହା **ଲୂକ ୫:୨୭–୩୨** ଦେଖନ୍ତୁ।
- ଯୀଶୁ କେବଳ ସର୍ବୋତ୍ତମ ଲୋକମାନଙ୍କ ବନ୍ଧୁ ହେବାକୁ ଆସି ନ ଥିଲେ। କେଉଁ ପ୍ରକାର ଲୋକମାନଙ୍କୁ ଉଦ୍ଧାର କରିବାକୁ ଆସିଅଛନ୍ତି ବୋଲି ସେ କହିଥିଲେ ?

ସାହାଯ୍ୟକାରୀ କହନ୍ତି, ମୁଁ ମୋ' ସାଙ୍ଗମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ଚେଷ୍ଟା କରୁଛି, କିନ୍ତୁ ମୋତେ ଲାଜ ମାଡ଼ୁଛି। ଯେଉଁ ବିଷୟ ମୁଁ ଭଲ ରୂପେ ନ ଜାଣିଛି, ଲୋକମାନଙ୍କୁ ତାହା କହିବା ମୋ' ପକ୍ଷରେ କଷ୍ଟ ହେଉଛି।

ଈଶ୍ୱର ତୁମକୁ ସାହାଯ୍ୟ କରିବେ, ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଶିକ୍ଷାର୍ଥୀଙ୍କୁ ନୂଆ ଆଲମାରୀ ତିଆରି କରିବାରେ ସାହାଯ୍ୟ କରିବା ଆସ। ଆମେ କାମ କରିବା ସମୟରେ କଥାବାର୍ତ୍ତା କରିପାରିବା। ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ ଯେ, ସେମାନେ ମନୁଷ୍ୟ ଧରିବେ। ପିତରଙ୍କ ପରି ଈଶ୍ୱରଙ୍କ ସାହାଯ୍ୟ ବିନା ଆମେ ଖ୍ରୀଷ୍ଟଙ୍କ ନିମନ୍ତେ ଲୋକମାନଙ୍କ ନିକଟରେ ପହଞ୍ଚି ପାରିବା ନାହିଁ। ଆମେ ଯେତେବେଳେ ଏକତ୍ର ହୋଇ ଦୁଇ ବା ତଦୁର୍ଦ୍ଧ ଦଳ ହୋଇ କାର୍ଯ୍ୟ କରୁ, ସେତେବେଳେ ଏହି ଶକ୍ତିକୁ ଗ୍ରହଣ କରି ଫଳପ୍ରଦ ରୂପେ ବ୍ୟବହାର କରିପାରୁ।

ସେଥିପାଇଁ ଲୋକମାନଙ୍କୁ ପ୍ରଭୁଙ୍କ ବିଷୟରେ କହିବାଟା ମୋ' ପକ୍ଷେ କଷ୍ଟକର ହୋଇଥାଏ, ଶିକ୍ଷାର୍ଥୀ କାରଣ ଦର୍ଶାନ୍ତି, ମୁଁ ଏକୁଟିଆ ଏହା କରିବାକୁ ଇଚ୍ଛା କରିଥାଏ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ପ୍ରସ୍ତାବ ଦିଅନ୍ତି, ତୁମେ ଯେତେବେଳେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହୁଛ, ସେତେବେଳେ ତୁମ ଭାଇ ସାହାଯ୍ୟକାରୀଙ୍କୁ ସାଙ୍ଗରେ ନେଇ ଯାଅ। ଆସ ବର୍ତ୍ତମାନ ତୁମ ଦୁହିଁଙ୍କ ପାଇଁ ପ୍ରାର୍ଥନା କରିବା, ଯେପରି ମାଥିଉ ୯:୩୮ ପଦରେ ଲେଖାଥିବା ଯୀଶୁଙ୍କ ପ୍ରତିଜ୍ଞାନୁସାରେ ପବିତ୍ରଆତ୍ମା ଆପଣଙ୍କୁ ଅଭିଷିକ୍ତ କରି ଅଧିକ ସହକାର୍ଯ୍ୟକାରୀ ଯୋଗାଇବେ।

ପ୍ରାର୍ଥନା କରିବା ପରେ ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଯୀଶୁ ଯେତେବେଳେ ଲେବିଙ୍କୁ ଆହ୍ୱାନ କଲେ, ସେତେବେଳେ ସେ ପିତର ଓ ଅନ୍ୟ ଶିଷ୍ୟମାନଙ୍କ ପରି ତତ୍କ୍ଷଣାତ୍ ସମସ୍ତ ପରିତ୍ୟାଗ କରି ତାହାଙ୍କ ଅନୁସରଣ କଲେ। ପ୍ରକୃତ ଶିଷ୍ୟ ଯୀଶୁଙ୍କୁ ସେମାନଙ୍କ ପ୍ରତ୍ୟେକ କ୍ଷେତ୍ରର ଶାସନକର୍ତ୍ତା ହେବାକୁ ଦେଇଥା'ନ୍ତି ଓ ତତ୍କ୍ଷଣାତ୍ ତାହାଙ୍କ ଆଜ୍ଞାବହ ହୋଇଥା'ନ୍ତି।

ସେମାନେ ଦ୍ୱାର ନିକଟରେ କେହିଜଣେ ଥିବାର ଶୁଣନ୍ତି। ଶ୍ରୀ ବୋକା ଗୋଟିଏ ଛୋଟ ପିଞ୍ଜରାରେ ସବୁଜ ଏଣ୍ଡୁଅ ଧରି ଦୋକାନକୁ ଆସିଛନ୍ତି। ସେଗୁଡ଼ିକ ମାଛି ଖାଆନ୍ତି, ସେ ବର୍ଣ୍ଣନା କରନ୍ତି, ସେଗୁଡ଼ିକ ତୁମ ଘରକୁ ମାଛି

ଓ ତାଆଁଶଙ୍କ ଦାଉରୁ ରକ୍ଷା କରିବେ। ଗୋଟିଏ କିଣ। ଏଠାରେ ମୁଁ ତୁମକୁ ଦେଖାଇବି। ସେ ଗୋଟିଏ ଛାଡ଼ିଦେବାରୁ ତାହା ଦ୍ୱାର ଆଡ଼କୁ ଦୌଡ଼ିଲା। ଗୋଟିଏ ବିଲେଇ ତା' ଉପରେ ଝାମ୍ପ ମାରି ତାକୁ ନେଇ ପଳାଇଲା।

ସେମାନେ ଶିଷ୍ୟ କରିବା ପାଇଁ ଶିକ୍ଷାର୍ଥୀଙ୍କ ପ୍ରାଚୀନ ରୂପେ ଦାୟିତ୍ୱ ବିଷୟରେ କଥାବାର୍ତ୍ତା କରନ୍ତି। ଶ୍ରୀ ବୋକା ଘୋଡ଼ିଆ ଉପରେ ତାଙ୍କ ହାତ ପିଟି କାମରେ ବ୍ୟାଘାତ କରନ୍ତି। ସେ ଚିତ୍କାର କରନ୍ତି, ତୁମେ ଅଧିକ ଧର୍ମତତ୍ତ୍ୱ ଶିକ୍ଷା କରିବା ପୂର୍ବରୁ ଶିଷ୍ୟ ପ୍ରସ୍ତୁତ କରିପାରିବ ନାହିଁ। ମୋର ସମ୍ପର୍କୀୟ ଭାଇ କହନ୍ତି ଯେ, ତାଙ୍କ ପାଳକ ଅନ୍ୟମାନଙ୍କୁ ଈଶ୍ୱରଙ୍କ ବିଷୟରେ ଶିକ୍ଷା ଦେବା ପୂର୍ବରୁ ଅନେକ ବର୍ଷ ଧରି ଅଧ୍ୟୟନ କରିଥିଲେ। ଏ ବିଷୟରେ ତୁମ ନିଜର କମ୍ ଜ୍ଞାନ ଥିବା ବେଳେ ତୁମେ ଯଦି ଅନ୍ୟମାନଙ୍କୁ ଈଶ୍ୱରଙ୍କ ବିଷୟରେ କହିବାକୁ ଚେଷ୍ଟା କରିବ, ତେବେ ତୁମେ ଜଣେ କପଟୀ ଅଟ!

ନା! ଶ୍ରୀ ଜ୍ଞାନୀ ଜବରଦସ୍ତ ବାଧା ଦିଅନ୍ତି, ଈଶ୍ୱର ଶିକ୍ଷାର୍ଥୀଙ୍କୁ ଯେଉଁମାନଙ୍କୁ ଦେଇଅଛନ୍ତି, ସେମାନଙ୍କୁ ପାଳନ କରିବା ପାଇଁ ନିଜକୁ ଯୋଗ୍ୟ ପ୍ରମାଣିତ କରିବାକୁ ତୁମେ ତାଙ୍କଠାରୁ ନିର୍ଦ୍ଦିଷ୍ଟ ରୂପେ କ'ଣ ଲୋଡୁଛ? ପାଣିରେ ଚାଲିବା ପାଇଁ? ସେ ନିଜେ ପ୍ରତ୍ୟେକ କ୍ଷେତ୍ରରେ ଯଥାର୍ଥ ନ ଥିବାରୁ ଅନ୍ୟ ଲୋକମାନଙ୍କ ଯତ୍ନ ନେବାରୁ ନିବୃତ୍ତ ହୋଇପାରିବେ ନାହିଁ! ଆମେ ଯେତେବେଳେ ଖ୍ରୀଷ୍ଟଙ୍କ ନିକଟକୁ ଆସୁ ସେତେବେଳେ ଆମେ ଅନ୍ୟମାନଙ୍କୁ ଅଧିକ ପ୍ରେମ କରିଥାଉ।

ଆସନ୍ତୁ ଆମେ ଆମ ଆଲୋଚନାକୁ ଫେରିଯିବା, ଶିକ୍ଷାର୍ଥୀ ଅନୁରୋଧ କରନ୍ତି। ଆମେ ଶିଷ୍ୟ କରିବାକୁ ଇଚ୍ଛା କରୁଛୁ। ଯୀଶୁଙ୍କ ଶିଷ୍ୟ ରୂପେ ମାଥିଉଙ୍କ ପ୍ରଥମ କାର୍ଯ୍ୟ ଥିଲା ଯେ ସେ ଗୋଟିଏ ଭୋଜିକରି ତାଙ୍କର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ଏକତ୍ର କଲେ, ଯେପରି ସେମାନଙ୍କୁ ଯୀଶୁଙ୍କ ବିଷୟରେ କହିବେ। ନୂତନ ବିଶ୍ୱାସୀମାନଙ୍କୁ ସେମାନଙ୍କ ବନ୍ଧୁବାନ୍ଧବମାନଙ୍କୁ ଓ ପରିବାରବର୍ଗଙ୍କୁ ଯୀଶୁଙ୍କ ବିଷୟରେ କହିବା ପାଇଁ ଆମେ ସାହାଯ୍ୟ କରିଥାଉ। ଆମେ ସେମାନଙ୍କୁ ଯୀଶୁଙ୍କ ବିଷୟରେ କହିଥାଉ, ତାହାଙ୍କ ଶିକ୍ଷା, ଆଶ୍ଚର୍ଯ୍ୟକର୍ମ, ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବିଷୟ କହିଥାଉ। ୧ମ କରିନ୍ଥୀୟ ୧୫:୨-୫ ପଦ ସ୍ପଷ୍ଟ କରିଥାଏ ଯେ, ସୁସମାଚାର ହେଉଛି ଯୀଶୁ ମୃତ୍ୟୁଭୋଗ କଲେ ଓ ମୃତ୍ୟୁରୁ ଉଠିଲେ, ପୁଣି ଏପରି କରିବା ଦ୍ୱାରା ଲୋକମାନେ କ୍ଷମା ଓ ଅନନ୍ତ ଜୀବନ ଲାଭ କଲେ।

ସାହାଯ୍ୟକାରୀ କହନ୍ତି, ମୁଁ ଗତ ରାତିରେ ମୋ' ପରିବାର ନିକଟରେ ପାଠ କରିଥିଲି। ଶାସ୍ତ୍ରୀମାନେ ଲେବି ଓ ତାଙ୍କ ବନ୍ଧୁମାନଙ୍କୁ ପାପୀ ବୋଲି କହୁଥିଲେ। ପିତର ମଧ୍ୟ ନିଜକୁ ପାପୀ ବୋଲି କହୁଥିଲେ। ଏହି ପାପୀମାନଙ୍କୁ ଅନୁତପ୍ତ ହେବା ପାଇଁ ଯୀଶୁ ଆହ୍ୱାନ କରିଥିଲେ ଓ ସେମାନଙ୍କୁ ମନୁଷ୍ୟ ଧରାଳୀ କରିଥିଲେ। ଯୀଶୁ ପାପୀ ଦଳଙ୍କୁ ତାଙ୍କ ମଣ୍ଡଳୀକୁ ଆହ୍ୱାନ କରନ୍ତି, ଯେପରି ମାଥିଉଙ୍କ ଦଳରେ କରଗ୍ରାହୀ। ସେ ସେମାନଙ୍କୁ ପରିବର୍ତ୍ତନ କରନ୍ତି!

ଶ୍ରୀ ବୋକା ତାଙ୍କ ପଞ୍ଜୁରୀ ଧରି ଦୋକାନ ଛାଡ଼ି ଚାଲିଯାଆନ୍ତି। ସାହାଯ୍ୟକାରୀ ଶିଷ୍ୟ କରିବା ବିଷୟରେ ଆଲୋଚନା ଜାରି ରଖନ୍ତି। ପ୍ରେରିତ ୨ ଅଧ୍ୟାୟରେ ପ୍ରେରିତମାନେ ଯୀଶୁ, ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ କଥାବାର୍ତ୍ତା କରୁଥିଲେ। ଆତ୍ମାଙ୍କ ଶକ୍ତିରେ ଅନେକ ଲୋକ ଅନୁତାପ କରିଥିଲେ। ପ୍ରେରିତ ପିତର ସେମାନଙ୍କୁ ମନପରିବର୍ତ୍ତନ କରି ପାପ କ୍ଷମା ନିମନ୍ତେ ବାପ୍ତିଜିତ ହୋଇ ପବିତ୍ର ଆତ୍ମାଙ୍କ ଦାନ ଗ୍ରହଣ କରିବାକୁ କହିଥିଲେ। ସେହିଦିନ ତିନିହଜାର ଜଣ ଅନୁତାପ କରି ବାପ୍ତିଜିତ ହୋଇଥିଲେ ଏବଂ ମଣ୍ଡଳୀଭୁକ୍ତ ହୋଇଥିଲେ!

ଶ୍ରୀ ଜ୍ଞାନୀ ଆହୁରି କହନ୍ତି, ବାପ୍ତିସ୍ମ ପରେ ପ୍ରେରିତମାନେ ତତ୍କ୍ଷଣାତ୍ ସେମାନଙ୍କୁ ଖ୍ରୀଷ୍ଟଙ୍କ ମୌଳିକ ଆଜ୍ଞାସବୁ ପାଳନ କରିବାକୁ ଶିକ୍ଷା ଦେଲେ। ପ୍ରେରିତ ୨ ପର୍ବରେ ଲେଖାଯାଏ ଯେ, ଲୋକମାନେ ପ୍ରେରିତମାନଙ୍କ ଶିକ୍ଷା ଶୁଣି କାର୍ଯ୍ୟ କଲେ, ସେମାନେ ପ୍ରେମରେ ସହଭାଗିତାରେ ରହିଲେ, ଏକତ୍ର ରୋଟୀ ଭାଙ୍ଗିଲେ, ପ୍ରାର୍ଥନା କଲେ, ଅଭାବଗ୍ରସ୍ତଙ୍କୁ ଦାନ ଦେଲେ। ସେହିପରି ଭାବରେ ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା!

ଶିକ୍ଷାର୍ଥୀ ଆଶ୍ଚର୍ଯ୍ୟ ରୂପେ କହନ୍ତି, ଆଦ୍ୟ ଖ୍ରୀଷ୍ଟିୟାନମାନେ ଯେପରି କରିଥିଲେ, ଆମ ମଣ୍ଡଳୀ ମଧ୍ୟ ସେହିପରି ଯୀଶୁଙ୍କ ଆଜ୍ଞାବହ ହୋଇ ଆରମ୍ଭ ହେଉଛି। ସେମାନେ ପରସ୍ପରକୁ ପ୍ରେମ କରୁଥିଲେ। ଆମେ ମଧ୍ୟ ଯୀଶୁଙ୍କ ଆଜ୍ଞାଗୁଡ଼ିକ ପାଳନ କରିବା ପାଇଁ ପରସ୍ପରକୁ ସାହାଯ୍ୟ କରିବା। ଆମେ ମଧ୍ୟ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଜ୍ଞାବହ ଶିଷ୍ୟମାନଙ୍କୁ ପ୍ରସ୍ତୁତ କରିବା ଉଚିତ୍!

ଉତ୍ତମ, ଶ୍ରୀ ଜ୍ଞାନୀ ଖୁସି ହେଲେ। ଆମେ ଯେତେବେଳେ ଏକତ୍ର ସାକ୍ଷାତ କରିଥାଉ, ସେତେବେଳେ ଖ୍ରୀଷ୍ଟଙ୍କର କେତେକ ଆଜ୍ଞା ପାଳନ କରିଥାଉ, ଯେପରି ପ୍ରଭୁଭୋଜ ଓ ପ୍ରେମପୂର୍ଣ୍ଣ ସହଭାଗିତା। ଯୀଶୁଙ୍କ ଆଜ୍ଞାବହ ହେବା ହିଁ ପ୍ରକୃତ ଉପାସନା ଅଟେ। ମାତ୍ର ଆମେ ଯେତେବେଳେ ସଭାରେ ନ ଥାଉ ସେତେବେଳେ ମଧ୍ୟ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଥାଉ। ଆମେ ଦିନସାରା ପ୍ରାର୍ଥନା କରି, ଅନ୍ୟମାନଙ୍କୁ ତାହାଙ୍କ ବିଷୟରେ କହି ଓ ଅଭାବଗ୍ରସ୍ତମାନଙ୍କ ସେବା କରି ଆନନ୍ଦରେ ତାହାଙ୍କ ଆଜ୍ଞାବହ ହୋଇଥାଉ।

ଶିକ୍ଷାର୍ଥୀ ପ୍ରଶ୍ନ କରନ୍ତି, ଈଶ୍ୱରଙ୍କ ଉପାସନା କରିବା ପାଇଁ ଏକ ଶରୀର ରୂପେ ଆମେ ଏକତ୍ର ହୋଇ କ'ଣ କରିବା ଉଚିତ୍? ମୁଁ ତୁମ ପାଇଁ **ଉପାସନାର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକ**ର ତାଲିକା କରିବି।

- ପ୍ରାର୍ଥନା
- ଈଶ୍ୱରଙ୍କ ପ୍ରଶଂସା,
- ଆମ ପାପ ସ୍ୱୀକାର କରି ପାପ କ୍ଷମାର ନିଶ୍ଚିତବୋଧ ପାଇବା,
- ପ୍ରଭୁଭୋଜ ପାଳନ କରିବା
- ପରସ୍ପର ସହଭାଗିତାରେ ଆସିବା
- ଦାନ ଦେବା,
- ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା।

ଆମେ କ'ଣ ଏଗୁଡ଼ିକ ଏହି କ୍ରମରେ କରିବା ?

ତୁମର ସୁବିଧା କ୍ରମେ ତୁମେ ଏହା କର।

ସାହାଯ୍ୟକାରୀ କହନ୍ତି, ମୁଁ ଭାବୁଛି ଯେ ଏକ ନୂତନ ମଣ୍ଡଳୀ ବା ଗୋଟିଏ ବା ଦୁଇଟି ପରିବାରର ଏକ ଅତି ଛୋଟ ଦଳ ଏକତ୍ର ହୋଇ ଏହି କାର୍ଯ୍ୟ କରିପାରିବେ।

ତୁମେ ଯେତେବେଳେ ଏକ କ୍ଷୁଦ୍ର ଦଳ ରୂପେ ଗୋଟିଏ ଘରେ ଏକତ୍ର ହେବ, ଶ୍ରୀ ଜ୍ଞାନୀ ସତର୍କ କରାଇ ଦିଅନ୍ତି, ସେତେବେଳେ ଉପାସନା କରିବା ପାଇଁ ତୁମର ଏକ ନିର୍ଦ୍ଦିଷ୍ଟ ଆରମ୍ଭ ଓ ଏକ ନିର୍ଦ୍ଦିଷ୍ଟ ସମାପ୍ତି ରହିବା ଆବଶ୍ୟକ। ନଚେତ୍ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ଦ୍ୱାରା ଉପାସନାରେ ଓ ଈଶ୍ୱରଙ୍କ ଉପସ୍ଥିତିକୁ ଆସିବାରେ ବାଧା ସୃଷ୍ଟି ହେବ।

ମୁଁ ତାହା ଜାଣିପାରିଛି, ଶିକ୍ଷାର୍ଥୀ କହନ୍ତି, ଉପାସନା ଆରମ୍ଭ କରିବା ପାଇଁ ଆମେ ପ୍ରତ୍ୟେକଙ୍କୁ ଛିଡ଼ାହୋଇ ଗୀତସଂହିତାର ପ୍ରଶଂସା ଆବୃତ୍ତି କରିବା ଉଚିତ୍। ଏହା ସମାପ୍ତ କରିବା ପାଇଁ ଆମେ ସମସ୍ତେ ଠିଆ ହୋଇ ବିଶେଷ ଆଶିଷ ପ୍ରାର୍ଥନା କରୁ। ଏହିପରି ଭାବରେ ପିଲାମାନେ ଜାଣନ୍ତି ଯେ, କେତେବେଳେ ଖେଳକୁଦ ଓ ପାଟିତୁଣ୍ଡ ବନ୍ଦ କରିବେ ଏବଂ ଉପାସନା ସମାପ୍ତିରେ କେତେବେଳେ ସେମାନେ ଠିଆ ହେବେ।

ଶ୍ରୀ ଜ୍ଞାନୀ କହନ୍ତି, ସରଳ ପାରିବାରିକ ଉପାସନା କିପରି କରିବ, ତାହା ମୁଁ ତୁମକୁ ଓ ତୁମ ପରିବାରକୁ ଦର୍ଶାଇଲି। ତୁମେ ଏବଂ ସାହାଯ୍ୟକାରୀ ଓ ତାଙ୍କ ସ୍ତ୍ରୀ ରାଚେଲଙ୍କ ପରି ଯେଉଁମାନେ ତୁମ ସହିତ ଯୋଗ ଦେଇଛନ୍ତି ଏହାକୁ ଭଲ ରୂପେ କର। ମାତ୍ର ମୁଁ ସର୍ବଦା ଏଠାରେ ରହିବି ନାହିଁ। ଯେକୌଣସି ସମୟରେ ମୋତେ ଛାଡ଼ି ଯିବାକୁ ପଡ଼ିବ। ମୋର ବିନା ସାହାଯ୍ୟରେ ତୁମକୁ ନେତୃତ୍ୱ ନେବାକୁ ପଡ଼ିବ। ଶିକ୍ଷାର୍ଥୀ, ପ୍ରତ୍ୟେକ ବ୍ୟକ୍ତିଙ୍କୁ କିଛି କାର୍ଯ୍ୟ କରିବାକୁ ଦିଅ। ପ୍ରତ୍ୟେକ ଲୋକ କେଉଁ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି, ତାହା ସ୍ମରଣ ରଖନ୍ତୁ। ଏହା ସେମାନଙ୍କ ବିଭିନ୍ନ ଆତ୍ମିକ ଦାନକୁ ପ୍ରଦର୍ଶନ କରିବ। ତା'ପରେ ସମସ୍ତେ ଏଥିରେ ଯୋଗ ଦେଇପାରିବେ।

ବ୍ୟାବହାରିକ କାର୍ଯ୍ୟ

- ଯୀଶୁଙ୍କୁ ଲୋଡ଼ୁଥିବା, ଆପଣଙ୍କ ନିକଟରେ ଥିବା ଓ ଦୂରରେ ଅବହେଳିତ ସ୍ଥାନରେ ଥିବା ଲୋକମାନଙ୍କ ପାଇଁ ଆପଣଙ୍କ ମଣ୍ଡଳୀରେ ପ୍ରାର୍ଥନା କରନ୍ତୁ।
- ଆପଣଙ୍କ ଲୋକମାନଙ୍କୁ ବନ୍ଧୁ ରୂପେ ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ ବିଶେଷରେ ସେମାନଙ୍କ ପରିବାର ଓ ବନ୍ଧୁବାନ୍ଧବମାନଙ୍କ ନିକଟରେ କିପରି କହିବେ, ତାହା ଦର୍ଶାନ୍ତୁ।
- ଆପଣଙ୍କ ଲୋକମାନେ ଯେପରି ଯାଇ ସେମାନଙ୍କ ବନ୍ଧୁମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ସମୟ ପାଇବେ, ସେଥିପାଇଁ ସପ୍ତାହରେ କମ୍ ସଂଖ୍ୟକ ସଭା ରଖନ୍ତୁ।
- ସାପ୍ତାହିକ ମୁଖ୍ୟ ସଭାରେ ଉପାସନାର ସମସ୍ତ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଅଂଶ ଅଭ୍ୟାସ କରନ୍ତୁ।
- ଆପଣଙ୍କ ସଭା ସମୟରେ ଅନ୍ୟମାନଙ୍କ ଉନ୍ନତିକଳ୍ପେ ପ୍ରତ୍ୟେକ ବିଶ୍ୱାସୀଙ୍କୁ କିଛି କାର୍ଯ୍ୟ କରିବାକୁ ସାହାଯ୍ୟ କରନ୍ତୁ।

# ୨–୪ ଖ୍ରୀଷ୍ଟଙ୍କ ଆଦେଶ ୪
# ପ୍ରେମ

ଶିକ୍ଷାର୍ଥୀ ଓ ତାଙ୍କ ଭାଇ ସାହାଯ୍ୟକାରୀ ସେମାନଙ୍କ ପଡ଼ୋଶୀ ଓ ବନ୍ଧୁମାନଙ୍କୁ ସାକ୍ଷାତ କରି ଯୀଶୁଙ୍କ ସୁସମାଚାର କହନ୍ତି। ସାହାଯ୍ୟକାରୀ ସେମାନଙ୍କ ପାଇଁ ଗୀତ ଗାଆନ୍ତି। ସେମାନେ କିଛି କିଲୋମିଟର୍ ଦୂରବର୍ତ୍ତୀ ଭିନ୍ନ ଭିନ୍ନ ସ୍ଥାନରେ ବାସ କରନ୍ତି, ତେଣୁ ଦିନେ ସେମାନେ ଶିକ୍ଷାର୍ଥୀଙ୍କ ପଡ଼ୋଶୀ କ୍ଷେତ୍ରକୁ ଗଲେ, ପରଦିନ ସାହାଯ୍ୟକାରୀଙ୍କ କ୍ଷେତ୍ରକୁ ଯାଉଥିଲେ। ସାହାଯ୍ୟକାରୀଙ୍କ ପଡ଼ୋଶୀ ଯତ୍ନଶୀଳ ସାହାଯ୍ୟକାରୀଙ୍କୁ କହନ୍ତି, ମୁଁ ଜଣେ ବିଦ୍ୟାଳୟ ଶିକ୍ଷକ, କିନ୍ତୁ ମୁଁ ଅସୁସ୍ଥ ହୋଇ କାର୍ଯ୍ୟ କରିବାକୁ ଅକ୍ଷମ ହୋଇଛି।

ସାହାଯ୍ୟକାରୀ ତାଙ୍କୁ ଯୀଶୁଙ୍କ ବିଷୟରେ କହନ୍ତି, କିନ୍ତୁ ଶିକ୍ଷାର୍ଥୀ ନୀରବ ରହନ୍ତି। ସେମାନେ ଯେତେବେଳେ ଘରୁ ବାହାରିଲେ, ସେତେବେଳେ ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ପଚାରିଲେ, ତୁମେ କାହିଁକି ନୀରବ ଥିଲ ? ଆମେ ତାଙ୍କୁ ସାହାଯ୍ୟ କରିବା ଉଚିତ୍। ତାଙ୍କ ପରିବାରରେ ଦୁଃଖ ଅଛି।

ମୋତେ ଯତ୍ନଶୀଳଙ୍କୁ ଭଲ ଲାଗେ ନାହିଁ, ଶିକ୍ଷାର୍ଥୀ ସ୍ୱୀକାର କରନ୍ତି। ସେ ଶ୍ରୀ ବୋକାଙ୍କ ଶଳା ଅଟନ୍ତି। ଗତ ବର୍ଷ ମୁଁ ତାଙ୍କ ପାଇଁ ଗୋଟିଏ ଚଉକି ତିଆରି କରିଥିଲି, କିନ୍ତୁ ସେ ମୋତେ ତା'ର ବେତନ ଦେଇ ନ ଥିଲେ। ପରେ ମୁଁ ତାଙ୍କୁ ବେତନ ମାଗିବାରୁ ଆମର ଯୁକ୍ତିତର୍କ ହୋଇଥିଲା। ସେ ରାଗିଯାଇ ମୋ' ଉପରକୁ ଗୋଟିଏ ବହି ପକାଇଥିଲେ। ସେ ମୋର ଶତ୍ରୁ। ମୁଁ ଆଉ କେବେ ତାଙ୍କୁ ସାକ୍ଷାତ କରିବି ନାହିଁ।

ସେମାନେ ଶିକ୍ଷାର୍ଥୀଙ୍କ ଘରକୁ ଫେରି ଶ୍ରୀ ଜ୍ଞାନୀ ଅପେକ୍ଷା କରିଥିବାର ଦେଖିଲେ। ସାହାଯ୍ୟକାରୀ ତାଙ୍କୁ କହନ୍ତି, ଗତ ବର୍ଷ ଯତ୍ନଶୀଳଙ୍କ ସହିତ ଯୁକ୍ତି ହୋଇଥିବାରୁ ଶିକ୍ଷାର୍ଥୀ ତାଙ୍କୁ ଆବଶ୍ୟକ ସମୟରେ ସାହାଯ୍ୟ କରିବାକୁ ଇଚ୍ଛା କରୁ ନାହାନ୍ତି।

ଶ୍ରୀ ଜ୍ଞାନୀ ଉପଦେଶ ଦେଲେ, ଶିକ୍ଷାର୍ଥୀ, ମାଥିଉ ୨୨:୩୬–୪୦ ପଦରେ ଥିବା ପ୍ରେମ କରିବାକୁ ଯୀଶୁଙ୍କ ଆଜ୍ଞାକୁ ତୁମକୁ ମାନିବାକୁ ପଡ଼ିବ। ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ମଧ୍ୟରେ ଏହା ହିଁ ଶ୍ରେଷ୍ଠାଜ୍ଞା ଅଟେ। **ଉତ୍ତମ ଶମିରୋଣୀୟ** ବିଷୟରେ ଯୀଶୁ କ'ଣ କହିଥିଲେ, ମୁଁ କହୁଛି।

### ଅନୁଶୀଳନୀ

**ଲୂକ ୧୦:୨୫–୩୭ ପଦ**ରେ ଶିକ୍ଷାର୍ଥୀ ଉକ୍ତ ବାସ୍ତବ ପ୍ରେମ ବିଷୟରେ କ'ଣ ଆବିଷ୍କାର କରିଥିଲେ, ଦୟାକରି ତାହା ଦେଖନ୍ତୁ :

- ଈଶ୍ୱରଙ୍କ ବ୍ୟତୀତ ଆମକୁ ଆଉ କାହାକୁ ପ୍ରେମ ପ୍ରଦର୍ଶନ କରିବାକୁ ପଡ଼ିବ ?
- ପଡ଼ୋଶୀଙ୍କୁ ପ୍ରେମ ପ୍ରଦର୍ଶନ କରିବା ପାଇଁ ଶମୀରୋଣୀୟ କ'ଣ କଲେ ?
- ଈଶ୍ୱରଙ୍କ ମତରେ ପଡ଼ୋଶୀ କିଏ ?

ସେମାନେ ଶିକ୍ଷାର୍ଥୀଙ୍କ ଘରେ ଏ ବିଷୟରେ କଥାବାର୍ତ୍ତା କରିବାକୁ ଲାଗିଲେ। ଶ୍ରୀ ଜ୍ଞାନୀ ଉପଦେଶ ଦିଅନ୍ତି, ଶିକ୍ଷାର୍ଥୀ, କ୍ଷତବିକ୍ଷତ ଯାତ୍ରୀଙ୍କୁ ଅତିକ୍ରମ କରି ଯାଉଥିବା ଧର୍ମନେତାମାନେ ଜାଣିଥିଲେ ଯେ, ପଡ଼ୋଶୀଙ୍କୁ ପ୍ରେମ କରିବା ପାଇଁ ସେମାନଙ୍କୁ ଆଜ୍ଞା ଦିଆଯାଇଛି, ମାତ୍ର ସେମାନେ ତାଙ୍କୁ ସାହାଯ୍ୟ କରିବାକୁ ସେମାନେ ରହିଲେ ନାହିଁ। ଶମିରୋଣୀୟ ଓ ଯିହୁଦୀମାନେ ପରସ୍ପରର ଶତ୍ରୁ ଜାତି ଥିଲେ। ମାତ୍ର କ୍ଷତବିକ୍ଷତ ଯିହୁଦୀ ଯାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ଶମିରୋଣୀୟ ବ୍ୟକ୍ତି ସେଠାରେ ରହିଲେ। ଅଭାବରେ ପଡ଼ିଥିବା ବ୍ୟକ୍ତି ଶତ୍ରୁ ହେଲେ ମଧ୍ୟ ଈଶ୍ୱର ତାହା ଦେଖୁଥିବାରୁ ସେ ଆମର ପଡ଼ୋଶୀ ଅଟନ୍ତି। ସେ ଚାହାନ୍ତି ଯେ, ଆମେ ସେମାନଙ୍କୁ ସମସ୍ତଙ୍କୁ ପ୍ରେମ କରିବା।

ମୋତେ କ'ଣ ଯତ୍ନଶୀଳଙ୍କୁ ପ୍ରେମ କରିବାକୁ ପଡ଼ିବ ?

ତୁମେ କ'ଣ ଭାବୁଛ ?

ମୁଁ ତାହା ଅନୁଭବ କରୁଛି।

ଈଶ୍ୱର ପ୍ରେମ ଅଟନ୍ତି, ପୁଣି ଆମେ ତାହାଙ୍କ ପରି ହେବା ପାଇଁ ସୃଷ୍ଟ ହୋଇଛୁ। ସେ ଆମକୁ ଯେପରି ପ୍ରେମ କରନ୍ତି, ଆମେ ମଧ୍ୟ ତାହାଙ୍କୁ ଓ ପରସ୍ପରକୁ ସେହିପରି ପ୍ରେମ କରିବାକୁ ସେ ଆମକୁ ସୃଷ୍ଟି କରିଅଛନ୍ତି। ପ୍ରେମ ଆବଶ୍ୟକୀୟ ହେବା ଉଚିତ୍। କେବଳ ଯୀଶୁଙ୍କ

ବିଷୟରେ କଥାବାର୍ତ୍ତା କରିବା ଯଥେଷ୍ଟ ନୁହେଁ। ଆମେ ଯେତେବେଳେ ପ୍ରୟୋଜନ ସମୟରେ ପରସ୍ପର ପ୍ରତି ପ୍ରେମ ପ୍ରଦର୍ଶନ କରିଥାଉ, ସେତେବେଳେ ଲୋକମାନେ ଜାଣନ୍ତି ଯେ, ଆମେ ଖ୍ରୀଷ୍ଟଙ୍କର ଅଟୁ। ଈଶ୍ୱର ଆମ ପାଇଁ କ'ଣ କରିପାରିବେ, ଆମେ କେବଳ ସେଥିପ୍ରତି ଆଗ୍ରହାନ୍ୱିତ ହେବା ନାହିଁ।

'ପ୍ରୟୋଜନୀୟ ପ୍ରେମ'ର ଅର୍ଥ କ'ଣ ?

ଆମେ ଯେତେବେଳେ ଯୀଶୁଙ୍କ ଆଜ୍ଞା ପାଳନ କରିଥାଉ, ସେତେବେଳେ ପ୍ରେମ ଆବଶ୍ୟକୀୟ ହୋଇଥାଏ। ଏହି ପ୍ରଥମ ମହାନ୍ ଆଜ୍ଞାରୁ ହିଁ ଆମର ଉପାସନା ଓ ମାଣ୍ଡଳିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥାଏ। ଆମ ପଡ଼ୋଶୀ ଯେତେବେଳେ ସାହାଯ୍ୟ ଲୋଡ଼ନ୍ତି, ସେତେବେଳେ ଆମେ ସେମାନଙ୍କୁ ପ୍ରେମ କରି ଆମର ଆବଶ୍ୟକୀୟ ପ୍ରେମର ପ୍ରମାଣ ଦେଇଥାଉ।

ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ ଗୃହ ଦ୍ୱାର ନିକଟକୁ ଗାଢ଼ ସବୁଜ ରଙ୍ଗର ତରଳ ପଦାର୍ଥ ଥିବା ବୋତଲ ଧରି ଆସିଲେ। ଏହା ସ୍ୱର ଔଷଧ, ସେ ଘୋଷଣା କରନ୍ତି। ସାହାଯ୍ୟକାରୀ, ତୁମେ ଏଥିରୁ ଗୋଟିଏ ଚାମୁଚ ପିଇଲେ ଭଲ ଗୀତ ଗାଇପାରିବ। ଶ୍ରୀ ଜ୍ଞାନୀ ଲୋକମାନେ ତୁମର ପ୍ରଚାର ଦୂରରେ ଥାଇ ଶୁଣିବେ। ମୁଁ ଏଠାରେ ଗୋଟିଏ ବିଲେଇକୁ ଏହା ଦେଇ ପରୀକ୍ଷା କରିବି। ସେ ଏଥିରୁ ଗୋଟିଏ ଚାମୁଚ ନେଇ ତଳେ ପକାଇଲେ। ବିଲେଇ ଏହାକୁ ଶୁଙ୍ଘି ଗାଉଁ ଗାଉଁ ହୋଇ ଆଙ୍ଗୁଠିରେ ତାକୁ ପିଟିଲା। ଶ୍ରୀ ବୋକା ଅନ୍ୟମାନଙ୍କୁ ଗାଳି ଦେଲେ, ତୁମ୍ଭମାନଙ୍କର ଏତେ ହସିବା ଦରକାର ନାହିଁ! ତୁମ୍ଭେମାନେ ଭଦ୍ରାମୀ ଜାଣି ନାହଁ।

ସାରା ତାଙ୍କ ଆଙ୍ଗୁଠିରେ ପଟି ବାନ୍ଧି କହନ୍ତି, ଆମ ସହିତ ଅଭଦ୍ରାମୀ କରିଥିବା ଲୋକମାନଙ୍କୁ ମଧ୍ୟ ଆମେ ପ୍ରେମ କରିବା ଉଚିତ୍। ତୁମେ ଏହା ଜାଣିଛ କି, ଶ୍ରୀ ବୋକା ? ଆଜି ସକାଳେ ମାଥିଉ ୫:୪୪ ପଦରେ ମୁଁ ଏହା ପଢ଼ିଛି।

ମାତ୍ର ତୁମେ ଜଣେ ଶତ୍ରୁକୁ ଆକ୍ରମଣ କରିବାକୁ ଦେଇ ନିଜେ ନିଷ୍କ୍ରୀୟ ହୋଇ ବସିପାରିବ ନାହିଁ! ଏପରିକି ବିଲେଇଟି ମଧ୍ୟ ଜାଣେ ଯେ, ତୁମ ପ୍ରତି ଯେ ଅଭଦ୍ରାମୀ କରୁଛନ୍ତି, ତାଙ୍କୁ ତୁମେ ଆକ୍ରମଣ କରିବା ଉଚିତ୍! ଲୋକମାନେ ଭୁଲ କରୁଥିବା ହେତୁ ଦୁଃଖଭୋଗ କରିବା ଉଚିତ୍, ଫଳରେ ଏପରି ପୁନର୍ବାର ହେବ ନାହିଁ!

ଶ୍ରୀ ଜ୍ଞାନୀ ବାଧା ଦିଅନ୍ତି, ଦୟାକରି, **କ୍ଷମା ଦେଉ ନ ଥିବା ଦାସ**ଙ୍କ ବିଷୟରେ ମୁଁ କହୁଛି।

## ଅନୁଶୀଳନୀ

ବର୍ତ୍ତମାନ ଦୟାକରି **ମାଥିଉ ୧୮:୨୧–୩୫** ଦେଖନ୍ତୁ :

- ମୁନିବ କେତେ ଋଣ କ୍ଷମା କରିଥିଲେ ?
- ପ୍ରଥମ ଦାସ ଦ୍ୱିତୀୟ ଦରିଦ୍ର ଦାସଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିଥିଲେ ?
- କ୍ଷମା ଦେଉ ନ ଥିବା ଦାସଙ୍କ ପ୍ରତି ମୁନିବ କ'ଣ କରିଥିଲେ ?

ଶିକ୍ଷାର୍ଥୀଙ୍କ ଘରେ ସେମାନେ ପ୍ରେମ ଓ କ୍ଷମା ବିଷୟରେ କଥାବାର୍ତ୍ତା ଜାରି ରଖନ୍ତି। ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଆମେ ଆମ ଶତ୍ରୁମାନଙ୍କୁ କ୍ଷମା କରି ସେମାନଙ୍କ ପ୍ରତି ଆମ ପ୍ରେମ ପ୍ରଦର୍ଶନ କରିଥାଉ। ଯୀଶୁ ଆମକୁ ଏହିପରି କ୍ଷମା କରିଥିଲେ। ନୂତନ ବିଶ୍ୱାସୀମାନଙ୍କୁ ଆମ ମଣ୍ଡଳୀ ପରିବାରକୁ ନିମନ୍ତ୍ରଣ କରି ଆମେ ମଧ୍ୟ ଆମର ପ୍ରେମ ପ୍ରଦର୍ଶନ କରିଥାଉ। ଆମେ ଆମ ଶିଷ୍ୟମାନଙ୍କ କଥା ଶୁଣି ସେମାନଙ୍କୁ ସାହାଯ୍ୟ କରି ଫଳପ୍ରଦ ସେବାକାର୍ଯ୍ୟ କରିବା ଦ୍ୱାରା ଆମର ପ୍ରେମ ପ୍ରଦର୍ଶନ କରିଥାଉ। ଏଫିସୀୟ ୪:୧୧–୧୨ କହିଥାଏ ଯେ, ସଫଳ ସେବାକାର୍ଯ୍ୟ କରିବା ପାଇଁ ଶିକ୍ଷକମାନଙ୍କୁ ସମସ୍ତ ବିଶ୍ୱାସୀଙ୍କୁ ସାହାଯ୍ୟ କରିବାକୁ ପଡ଼ିବ।

ପ୍ରାର୍ଥନା ପରେ ଶିକ୍ଷାର୍ଥୀ ଦୀର୍ଘଶ୍ୱାସ ନେଲେ। ମୁଁ ଯତ୍ନଶୀଳକୁ କ୍ଷମା ଦେବି। ମାତ୍ର ତାଙ୍କୁ ଘୃଣା ନ କରି ମୁଁ ରହିପାରୁ ନାହିଁ। ସାରା, ଦୟାକରି ତାଙ୍କ ପରିବାର ପାଇଁ କିଛି ଖାଦ୍ୟ ପ୍ରସ୍ତୁତ କର। ମୁଁ ସେମାନଙ୍କୁ ସାହାଯ୍ୟ କରିବି।

ସେ ଯତ୍ନଶୀଳଙ୍କ ପାଇଁ ଏକ ବଡ଼ ଝୁଡ଼ିରେ ରୋଟୀ, ଅଣ୍ଡା ଓ ଅନ୍ୟାନ୍ୟ ଜିନିଷ ନେଇ ଯାଆନ୍ତି। ଯତ୍ନଶୀଳ ବହୁତ କୃତଜ୍ଞ ହୁଅନ୍ତି। ଶିକ୍ଷାର୍ଥୀ ତାଙ୍କୁ କହନ୍ତି, ତୁମର ଚାକିରୀ ଲୋଡ଼ା ଅଛି, ମାତ୍ର ତୁମେ ଦିନସାରା କାର୍ଯ୍ୟ କରିପାରିବ ନାହିଁ। ତୁମେ ସମ୍ପୂର୍ଣ୍ଣ ସୁସ୍ଥ ହେବା

ପର୍ଯ୍ୟନ୍ତ ମୋ' ଦୋକାନରେ ସାମୟିକ କାର୍ଯ୍ୟ କରିପାରିବ। ତୁମେ ହାଲୁକା କାମ କରିପାରିବ, ଯେପରି ମୁଁ ଯେଉଁ ଜିନିଷ ତିଆରି କରୁଛି, ସେଥିରେ ରଙ୍ଗ ଦେଇପାରିବ। ତୁମେ କ୍ଳାନ୍ତ ଅନୁଭବ କଲେ କାମ ବନ୍ଦ କରିପାରିବ। ତୁମ ପରିବାରର ଯତ୍ନ ନେବା ପାଇଁ ତୁମେ ଯଥେଷ୍ଟ ରୋଜଗାର କରିପାରିବ।

ଯତ୍ନଶୀଳ କିଛି ସମୟ ପାଇଁ ଶିକ୍ଷାର୍ଥୀଙ୍କୁ ଅନାଇ ରହନ୍ତି, ଧନ୍ୟବାଦ। ମୁଁ ସକାଳେ ସେଠାରେ ପହଞ୍ଚିବି।

କିଛି ସପ୍ତାହ ପରେ ସେ ଶିକ୍ଷାର୍ଥୀଙ୍କୁ କହନ୍ତି, ମୁଁ ଏବେ ପୁରାସମୟ ଶିକ୍ଷା ଦେଇପାରିବି। ଗତ ବର୍ଷର କଳହ ବିଷୟରେ ଶୁଣନ୍ତୁ। ମୁଁ ଭୁଲ କରିଛି। ଦୟାକରି ମୋତେ କ୍ଷମା କରିଦିଅ। ମୁଁ ଯଥାର୍ଥ ବେତନ ଦେବି। ଯତ୍ନଶୀଳ ମଣ୍ଡଳୀ ସେବାକାର୍ଯ୍ୟରେ ଯୋଗ ଦେବା ଆରମ୍ଭ କରନ୍ତି। ସେ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ବାପ୍ତିଜିତ ହୁଅନ୍ତି।

ଗୋଟିଏ ଉପାସନା ସେବାକାର୍ଯ୍ୟରେ ଶ୍ରୀ ଜ୍ଞାନୀ ଦଳଟିକୁ କହନ୍ତି, ଈଶ୍ୱର ତୁମ୍ଭମାନଙ୍କୁ ଏକ ଉତ୍ତମ ନେତା ଦେଇଅଛନ୍ତି। ବର୍ତ୍ତମାନ ମୋ' ସାହାଯ୍ୟ ବିନା ଶିକ୍ଷାର୍ଥୀ ଭଲ ରୂପେ ଉପାସନା ସେବାକାର୍ଯ୍ୟ ଚଳାଇ ପାରୁଛନ୍ତି। ପୁଣି ସେ ବାଇବଲ ଅନୁଯାୟୀ ଏହା କରୁଛନ୍ତି। ଆପଣମାନେ ସମସ୍ତେ ଯୋଗ ଦେଉଛନ୍ତି। ଆପଣମାନେ ସାକ୍ଷ୍ୟ ଦିଅନ୍ତି, ପ୍ରଶଂସା ବାକ୍ୟ କହନ୍ତି, ପଦ ମୁଖସ୍ଥ କରି କହନ୍ତି ଓ ବାଇବଲ କାହାଣୀ କହୁଛନ୍ତି। କେହି କେହି ଗୀତ ବୋଲନ୍ତି ତ ଅନ୍ୟମାନେ ବାଇବଲ କାହାଣୀଗୁଡ଼ିକୁ ନାଟକୀୟ ଢଙ୍ଗରେ କହିଥା'ନ୍ତି। କେହି ଜଣେ ବାଇବଲର ଅଂଶ ପଢ଼ିବା ପରେ ବା ଏକ କାହାଣୀ କହିବା ପରେ ଆପଣମାନେ ଶିକ୍ଷାର୍ଥୀଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି। ୧ମ କରିନ୍ଥୀୟ ୧୨–୧୪ ଅଧ୍ୟାୟରେ ଏହିପରି କରିବା ପାଇଁ ପାଉଲ ଆମକୁ କହନ୍ତି। ଏହା ବାଇବଲ ଓ ଆତ୍ମିକ ଦୃଷ୍ଟିରୁ ଉତ୍ତମ ଅଟେ। ଆପଣମାନେ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଉଚିତ୍ ଯେ, ବାଇବଲ ଯେପରି କହିଥାଏ, ସେ ଆପଣମାନଙ୍କୁ ସେହିପରି ଜଣେ ନେତା ଦେଇଅଛନ୍ତି।

ଶିକ୍ଷାର୍ଥୀଙ୍କ ଘରେ ସଭା ପରେ ସମସ୍ତେ ଚାଲିଯିବା ପରେ ଶ୍ରୀ ବୋକା ଶ୍ରୀ ଜ୍ଞାନୀଙ୍କୁ କହନ୍ତି, ପ୍ରକୃତରେ ତୁମେ ଶିକ୍ଷାର୍ଥୀଙ୍କୁ ଗର୍ବୀ କରିଦେଇଛ! ମାତ୍ର ତାଙ୍କ ନେତୃତ୍ୱକୁ ମୁଁ ପସନ୍ଦ କରେ ନାହିଁ। ଆମ ଦଳରେ ଥିବା କେତେ ଜଣ ନୂଆ ଲୋକ ଅଛନ୍ତି, ଯେଉଁମାନେ କି ଥଙ୍ଗଥଙ୍ଗ କରି ତାଙ୍କ ପ୍ରଶ୍ନର ବିଚିତ୍ର ଉତ୍ତର ଦେଉଛନ୍ତି। ସେ ସେମାନଙ୍କୁ ଅଧିକ ରୂପେ ଯୋଗ ଦେବାକୁ କହୁଛନ୍ତି। ସେମାନଙ୍କର ସେହିପରି ଅଧିକାର ନାହିଁ। ସେ ସେମାନଙ୍କୁ ଅଧିକ ସ୍ୱାଧୀନତା ଦେଇଛନ୍ତି! ଦଳଟି ଜଣେ କଠୋର ନେତା ଲୋଡ଼ୁଛି। ମୁଁ ଭଲ ରୂପେ ନେତୃତ୍ୱ ନେଇପାରିବି!

ଓଃ, ନା! ଶ୍ରୀ ଜ୍ଞାନୀ ଚିତ୍କାର କଲେ, ତୁମେ ଈଶ୍ୱରଙ୍କ ଅନୁଗ୍ରହ ବିଷୟରେ ଅଧିକ କାର୍ପଣ୍ୟତା ପ୍ରଦର୍ଶନ କରୁଛ! **ହିଂସ୍ରକ କାର୍ଯ୍ୟକାରୀ**ଙ୍କ ବିଷୟରେ ଶୁଣନ୍ତୁ।

### ଅନୁଶୀଳନୀ

**ମାଥିଉ ୨୦:୧–୧୬** ଦେଖନ୍ତୁ :

• ଯଦି ଆମେ ଖ୍ରୀଷ୍ଟଙ୍କ ପାଇଁ ଅଧିକ କାର୍ଯ୍ୟ କରିଛୁ ଓ ତାହାଙ୍କ ପାଇଁ ଅଧିକ ଦୁଃଖଭୋଗ କରିଛୁ, ତଥାପି କୌଣସି ଦୁଃଖଭୋଗ କରି ନ ଥିବା ଓ ଅଧିକ ପରିଶ୍ରମ କରି ନ ଥିବା ନୂତନ ବିଶ୍ୱାସୀଙ୍କ ପ୍ରତି ଆମ ମନୋଭାବ କିପରି ହେବା ଉଚିତ୍?

ଶ୍ରୀ ବୋକା ଶ୍ରୀ ଜ୍ଞାନୀଙ୍କୁ ଟିପ୍ପଣୀ ଦିଅନ୍ତି, ମୁଁ ଆପଣଙ୍କ ଶିକ୍ଷା ବୁଝିପାରୁ ନାହିଁ! ପ୍ରଭୁଙ୍କ ଅନୁଗ୍ରହରେ ଆମର ଯେତିକି ଅଧିକାର ରହିଛି, ନୂତନ ବିଶ୍ୱାସୀମାନଙ୍କର ମଧ୍ୟ ସେତିକି ଅଧିକାର ରହିଛି!

ଈଶ୍ୱର ଆମ ପ୍ରତି ଯେତିକି ଅନୁଗ୍ରହ କରିଅଛନ୍ତି, ଆମେ ସେମାନଙ୍କୁ ସେତିକି ଅନୁଗ୍ରହ କରି ଆମ ମଣ୍ଡଳୀରେ ଗ୍ରହଣ କରିବା।

ଶିକ୍ଷାର୍ଥୀ ଏହି କଥା କହିବାରୁ ଶ୍ରୀ ଜ୍ଞାନୀ ମଣ୍ଡଳୀର ଏକତାକୁ ବଳିଷ୍ଠ କରିବା ପାଇଁ ସେମାନଙ୍କୁ ଅନୁରୋଧ କଲେ। ସେ ସେମାନଙ୍କୁ **ଆମେ ଯେପରି ଏକ ହୋଇ ପରସ୍ପରକୁ ପ୍ରେମ କରିବା** ସେଥିପାଇଁ ଯୀଶୁଙ୍କ ପ୍ରାର୍ଥନା ବିଷୟରେ କହିଲେ।

### ଅନୁଶୀଳନୀ

ଏହା ପାଇବା ପାଇଁ ଦୟାକରି **ଯୋହନ ୧୭:୨୦–୨୩** ପଢ଼ :

- ଆମ ପାଇଁ କ'ଣ କରିବାକୁ ଯୀଶୁ ଈଶ୍ୱରଙ୍କୁ କହିଥିଲେ?
- ଆମର ପାରସ୍ପରିକ ଏକତା କିପରି ପିତା ଈଶ୍ୱର ଓ ପୁତ୍ର ଈଶ୍ୱରଙ୍କ ଏକତା ସଦୃଶ ଅଟେ?
- ଈଶ୍ୱର ଯୀଶୁଙ୍କୁ ପ୍ରେରଣ କରିଥିଲେ, ତାହା ଜଗତ କିପରି ଜାଣିବ ବୋଲି ଯୀଶୁ କହିଥିଲେ?

ଶ୍ରୀ ଜ୍ଞାନୀ ଶ୍ରୀ ବୋକା ଓ ଶିକ୍ଷାର୍ଥୀଙ୍କୁ କହନ୍ତି, ତୁମେ ଦୁଇ ଜଣ ପରସ୍ପର ସଦ୍‌ଭାବ ରଖିବା ଉଚିତ୍। ଈଶ୍ୱରଙ୍କ ଲୋକମାନେ ତାହାଙ୍କ ମଣ୍ଡଳୀରେ ଏକତ୍ର ହୁଅନ୍ତି। ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମେ ସମସ୍ତେ ଏକ ଅଟୁ। ଏକ ସ୍ଥାନୀୟ ମଣ୍ଡଳୀ ଗୋଟିଏ ଲୋକଦଳ ଅଟେ ଯେଉଁମାନେ ଯେଉଁଠାରେ ଥାଆନ୍ତି ପ୍ରେମରେ ଯୀଶୁଙ୍କ ଆଜ୍ଞାବହ ହେବା ପାଇଁ ଏକତ୍ର ହୋଇଥା'ନ୍ତି। ଈଶ୍ୱର ଇଚ୍ଛା କରନ୍ତି ଯେ, ଆମେ ପରସ୍ପରକୁ ସାହାଯ୍ୟ କରିବା ଓ ପରସ୍ପରର ଉନ୍ନତି ସାଧନ କରିବା। ଯୀଶୁ ଆମକୁ କହନ୍ତି ନାହିଁ ଯେ, ଆମେ ପ୍ରତ୍ୟେକେ ନିଜ ନିଜ ଇଚ୍ଛାନୁଯାୟୀ ତାହାଙ୍କୁ ଅନୁସରଣ କରିବା। ଆମେ ଏକତ୍ର ଏହା କରିଥାଉ।

ଏହାର ଅର୍ଥ କ'ଣ, ଆମେ ସମସ୍ତେ ଖ୍ରୀଷ୍ଟଙ୍କଠାରେ କ'ଣ ଏକ ଅଟୁ? ଶିକ୍ଷାର୍ଥୀ ପ୍ରଶ୍ନ କରନ୍ତି।

ପବିତ୍ରଆତ୍ମା ଆମକୁ ଖ୍ରୀଷ୍ଟଙ୍କ ଶରୀରରେ ଏପରି ଏକତ୍ର କରିଥାଆନ୍ତି ଯେ, ମନୁଷ୍ୟ ତାହାକୁ ମାନବିକ ଦୃଷ୍ଟିକୋଣରୁ ବର୍ଣ୍ଣନା କରିପାରିବ ନାହିଁ। ଯୋହନ ୧୭ ପଦରେ ଯୀଶୁ କହିଥିଲେ ଯେ ସେ ଯେପରି ପିତା ଈଶ୍ୱରଙ୍କ ସହିତ ଏକ ଅଟନ୍ତି, ଆମେ ମଧ୍ୟ ସେହିପରି ତାହାଙ୍କ ସହିତ ଏକ ଅଟୁ।

ମୁଁ ତାହା ବୁଝିପାରୁ ନାହିଁ, ଶ୍ରୀ ବୋକା ଅସନ୍ତୁଷ୍ଟ ହୁଅନ୍ତି। ମୁଁ ଯାହା ବୁଝି ନ ପାରେ ସେଥିରେ ବିଶ୍ୱାସ କରେ ନାହିଁ।

କଲସୀୟ ୩:୧–୭ ଯେପରି ଲେଖାଅଛି, ମନୁଷ୍ୟ ସେପରି ଈଶ୍ୱରଙ୍କ ବିଚିତ୍ରତା ଓ ଖ୍ରୀଷ୍ଟଙ୍କଠାରେ ଆମର ଯେଉଁ ନୂତନ ପବିତ୍ର ଜୀବନ ଗୁପ୍ତ ରହିଛି, ତାହା ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ। ଆମର ଜ୍ଞାନ ଈଶ୍ୱରଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ। ସେ ଆମର

ଆଜ୍ଞାବହତା ଲୋଡ଼ନ୍ତି। ଆମେ ଅଧିକ ଧର୍ମତତ୍ତ୍ୱ ଶିକ୍ଷା କରିପାରୁ ଏବଂ ତାହା ଉତ୍ତମ। ମାତ୍ର ଖ୍ରୀଷ୍ଟଙ୍କ ଆଜ୍ଞାବହତା ଶିକ୍ଷା କରିବା ଉତ୍ତମ ଅଟେ। ଅବଶ୍ୟ ଉଭୟ କରିବାଟା ସର୍ବୋତ୍ତମ ଅଟେ। ଶିକ୍ଷା କରି ଆଜ୍ଞାବହ ହୁଅନ୍ତୁ। ତାହା ଖ୍ରୀଷ୍ଟଙ୍କ ଶରୀର, ମଣ୍ଡଳୀକୁ ଶକ୍ତିଶାଳୀ କରିଥାଏ !

ଶିକ୍ଷାର୍ଥୀ ପ୍ରଶ୍ନ କରନ୍ତି, ଆପଣ ଏହି ଦଳକୁ ଖ୍ରୀଷ୍ଟଙ୍କ ଶରୀର ବୋଲି କାହିଁକି କହନ୍ତି ?

ନୂତନ ନିୟମ ମଣ୍ଡଳୀ ଖ୍ରୀଷ୍ଟଙ୍କ ଶରୀର ଅଟେ – ଏହା ଏକ ସମ୍ପ୍ରଦାୟ ବା ଏକ ଗୃହ ନୁହେଁ, ଅର୍ଥାତ୍ ଈଶ୍ୱରଙ୍କ ଲୋକମାନେ ତାହାଙ୍କ ଉପାସନା ଓ ସେବା କରିବା ପାଇଁ ଯେଉଁଠାରେ ଏକତ୍ର ହୁଅନ୍ତି। ଶରୀରର ଅଂଶ ରୂପେ ଜଣେ ଈଶ୍ୱର ଓ ପରସ୍ପର ପ୍ରତି ଆମେ ବ୍ୟାବହାରିକ ପ୍ରେମ ପ୍ରଦର୍ଶନ ଶିକ୍ଷା କରିଥାଉ।

ଶ୍ରୀ ବୋକା ଶ୍ରୀ ଜ୍ଞାନୀଙ୍କୁ ପଚାରନ୍ତି, ପ୍ରେମ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ ?

ଏହା ଆମ ସମସ୍ତ କାର୍ଯ୍ୟକଳାପର ସବୁଠାରୁ ପବିତ୍ର ଉଦ୍ଦେଶ୍ୟ ଅଟେ। ଶିକ୍ଷାର୍ଥୀ ଯୀଶୁ ଏ ବିଷୟରେ ଯାହା କହିଥିଲେ, ତାହା ତୁମେ ଜାଣ କି ?

ହଁ। ସେ **ଦ୍ୱିତୀୟ ବିବରଣ ୬:୪–୫** ପୁରାତନ ଆଜ୍ଞା କହିଲେ, ହେ ଇସ୍ରାୟେଲ, ଶୁଣ, ସଦାପ୍ରଭୁ ଆମ୍ଭମାନଙ୍କ ଏକମାତ୍ର ସଦାପ୍ରଭୁ ଅଟନ୍ତି। ଏନିମନ୍ତେ ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତି ସହିତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ପ୍ରେମ କରିବ।

ଆମେ ଯଦି ସଦାପ୍ରଭୁଙ୍କୁ ଏକମାତ୍ର ସଦାପ୍ରଭୁ ବୋଲି ବିଶ୍ୱାସ ନ କରୁଛୁ, ତେବେ ପ୍ରେମମୟ ଈଶ୍ୱର ସମ୍ଭବ ନୁହନ୍ତି। ଶ୍ରୀ ଜ୍ଞାନୀ ବ୍ୟକ୍ତ କରନ୍ତି।

ନୂତନ ନିୟମର ବିଶ୍ୱାସୀଗଣ ପ୍ରେମରେ ଯୀଶୁଙ୍କ ଆଜ୍ଞାବହ ହୋଇ ଏକତ୍ର ହେଉଥିଲେ। ପ୍ରେରିତ ୨ ପର୍ବ ଦର୍ଶାଇଥାଏ ଯେ, ସେମାନେ ଅନୁତାପ କରି ବାପ୍ତିସ୍ମ ଗ୍ରହଣ କରିବା ପରେ ସେମାନଙ୍କ ଜୀବନରେ ପ୍ରେରିତମାନଙ୍କ ଶିକ୍ଷା ପ୍ରୟୋଗ କରିଥିଲେ। ସେମାନେ ପ୍ରେମରେ ସହଭାଗିତା କରୁଥିଲେ, ଦୟାଚିତ୍ତରେ ଦାନ ଦେଉଥିଲେ, ପ୍ରଭୁଭୋଜ ପାଳନ କରୁଥିଲେ ଓ ଶକ୍ତିଯୁକ୍ତ ପ୍ରାର୍ଥନା କରୁଥିଲେ। ଏହିପରି ଏକତ୍ର ହେବାଦ୍ୱାରା ଓ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ପ୍ରେମପୂର୍ଣ୍ଣ ବାଧ୍ୟ ହେବା ଦ୍ୱାରା ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା। ଯେଉଁ ପ୍ରକୃତ ପ୍ରେମ ଈଶ୍ୱରଙ୍କଠାରୁ ଉତ୍ପନ୍ନ ତାହା ଆଜ୍ଞାବହତାରେ ଆନନ୍ଦ କରିଥାଏ, ଏହା ହିଁ ଆମ ବିଶ୍ୱାସର ସାର ଅଟେ।

## ବ୍ୟାବହାରିକ କାର୍ଯ୍ୟ

- ପ୍ରାର୍ଥନା କରନ୍ତୁ ଯେପରି ଆପଣଙ୍କ ମଣ୍ଡଳୀର ମୂଳଦୁଆ ଓ ପ୍ରତିଷ୍ଠା ପ୍ରେମରେ ହେବ।
- ଲୂକ ୧୦:୨୭ ରେ ଥିବା ଯୀଶୁଙ୍କ ଆଜ୍ଞାଟି ମୁଖସ୍ଥ କରିବା ପାଇଁ ଆପଣଙ୍କ ମଣ୍ଡଳୀକୁ ସାହାଯ୍ୟ କରନ୍ତୁ।
- ଶାରୀରିକ ଓ ଆତ୍ମିକ ଆବଶ୍ୟକତା ଲୋଡ଼ୁଥିବା ଲୋକମାନଙ୍କ ସେବା କରିବା ପାଇଁ ଆପଣଙ୍କ ମଣ୍ଡଳୀକୁ ପ୍ରସ୍ତୁତ କରନ୍ତୁ।
- ଏକ ଶରୀର ରୂପେ ଯୋଜନା କରନ୍ତୁ ଯାହାଁକି ପରସ୍ପର ସହିତ ଓ ଅନ୍ୟ ମଣ୍ଡଳୀ ସହିତ ପ୍ରେମର ଏକତାରେ ବନ୍ଧା ହେବ।

## ୨–୫ ଖ୍ରୀଷ୍ଟଙ୍କ ଆଦେଶ ୫

# ପ୍ରାର୍ଥନା

କିଛିଦିନ ପରେ, ଶ୍ରୀ ଜ୍ଞାନୀ ବ୍ୟବସାୟ କେନ୍ଦ୍ରରେ ଜଣେ ଟ୍ରକ୍ ଚାଳକଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହୁଥିଲେ, ସେତେବେଳେ ଯତ୍ନଶୀଳ ସେଠାରେ ଦ୍ରୁତ ଗତିରେ ପହଞ୍ଚି ଧୀରେ ଧୀରେ କହନ୍ତି, ପୋଲିସ୍ ଆପଣଙ୍କୁ ଗିରଫ କରିବାକୁ ଯୋଜନା କରୁଛି ! ଦୁଇ ଜଣ ବ୍ୟକ୍ତି ଏହା କହୁଥିବାର ମୁଁ ଶୁଣିଲି। ଆପଣ ସର୍ବସାଧାରଣରେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଏପରି କହୁଥିବାରୁ ଅଧିକାରୀ ଖୁସି ନୁହନ୍ତି ! ଆସନ୍ତୁ !

ସେମାନେ ଶୀଘ୍ର ଶିକ୍ଷାର୍ଥୀଙ୍କ ଦୋକାନକୁ ଗଲେ। ସେମାନେ ଶିକ୍ଷାର୍ଥୀଙ୍କ ସହିତ ପ୍ରାର୍ଥନା କରିବା ପରେ ଶ୍ରୀ ଜ୍ଞାନୀ କହନ୍ତି, ମୁଁ ଆପଣମାନଙ୍କ ସହିତ ଆଉ କେତେ କାଳ ରହିବି ତାହା ମୁଁ ଜାଣି ନାହିଁ। ମୁଁ ଯିବା ପୂର୍ବରୁ ଆପଣମାନଙ୍କୁ ସତର୍କ କରାଇ ଦେଉଛି ଯେ, କେବଳ ବିପଦ ସମୟରେ ନୁହେଁ, ମାତ୍ର ଆପଣମାନଙ୍କ ଜୀବନରେ ପ୍ରାର୍ଥନା ଯେପରି ନିୟମିତ ହେବ। ଆମ ଆନନ୍ଦ ଯେପରି ପୂର୍ଣ୍ଣ ହେବ, ସେଥିପାଇଁ ଯୋହନ ୧୬:୨୪ ଯୀଶୁ ଆମକୁ ପ୍ରାର୍ଥନା କରିବାକୁ କହିଅଛନ୍ତି। ଯୀଶୁ ମୃତ୍ୟୁର ସମ୍ମୁଖୀନ ହେବା ସମୟରେ ଯେଉଁ **ପ୍ରାର୍ଥନା** କରିଥିଲେ, ସେ ବିଷୟରେ ମୁଁ କହୁଛି।

### ଅନୁଶୀଳନୀ

ଦୟାକରି **ମାଥିଉ ୨୬:୩୬–୪୬** ପଢ଼ି ଦେଖନ୍ତୁ :

- ଯୀଶୁ କେଉଁଠାରେ ପ୍ରାର୍ଥନା କରିଥିଲେ ?
- ଯୀଶୁ କାହାକୁ ପ୍ରାର୍ଥନା କରିଥିଲେ ?
- ଏହି ପରିପ୍ରେକ୍ଷୀରେ ତାହାଙ୍କର ଭାବଭଙ୍ଗୀ କିପରି ରହିଥିଲା ଯେ ତାହା ପ୍ରାର୍ଥନାରେ ତାହାଙ୍କ ମହାଦୁଃଖକୁ ପ୍ରଦର୍ଶନ କରୁଥିଲା ?
- ଯୀଶୁଙ୍କ ପ୍ରାର୍ଥନାରେ ତାହାଙ୍କ ମହାନ୍ ଅଭିଳାଷ କ'ଣ ଥିଲା, ଯାହା ଦ୍ୱାରା ସେ ଆପଣା ପ୍ରଥମ ଅନୁରୋଧ ପରିତ୍ୟାଗ କରିଥିଲେ ?

କାଠକାମ ଦୋକାନରେ ଶ୍ରୀ ଜ୍ଞାନୀ ଓ ଯତ୍ନଶୀଳଙ୍କୁ ଏ କଥା କହନ୍ତି, ଯୀଶୁ ମୃତ୍ୟୁର ସମ୍ମୁଖୀନ ହେବା ପର୍ଯ୍ୟନ୍ତ ଆପଣା ପିତାଙ୍କ ନିକଟରେ ଅନୁରୋଧ କରିଚାଲିଥିଲେ। ସେ କ୍ରୁଶରେ ମୃତ୍ୟୁଭୋଗ କରିବାକୁ ଇଚ୍ଛା କରୁ ନ ଥିଲେ, ମାତ୍ର ସେ ଆପଣା ପିତା ଈଶ୍ୱରଙ୍କ ଆଜ୍ଞାବହ ହେବା ପାଇଁ ଅଧିକ ଅଭିଳାଷ କରିଥିଲେ। ସେ ପିତାଙ୍କ ଉତ୍ତର ଉପରେ ନିର୍ଭର କରିଥିଲେ, ପିତାଙ୍କ ଉତ୍ତର ନା ହେଲେ ମଧ୍ୟ ତାହା ହିଁ ସର୍ବୋତ୍ତମ ଉତ୍ତର ଥିଲା। ଆମେ ମଧ୍ୟ, ଈଶ୍ୱରଙ୍କଠାରେ ନିର୍ଭର ରଖି ଅବିରତ ପ୍ରାର୍ଥନା କରିବା ଉଚିତ୍, ଆମେ ନିଜ ଅଭିଳାଷାନୁଯାୟୀ ଦାବି ନ କରି ଈଶ୍ୱରଙ୍କ ଉପରେ ନିର୍ଭର ରଖିବା ଉଚିତ୍।

ମୁଁ ପ୍ରାର୍ଥନା କରିଥିଲି ଯେ, ଆପଣ ଯେପରି ଆମକୁ ଛାଡ଼ି ଯିବେ ନାହିଁ, ଯତ୍ନଶୀଳ କହନ୍ତି।

ଈଶ୍ୱର ହୁଏତ ମୋତେ ଲୋଡ଼ିଅଛନ୍ତି। ଆସନ୍ତୁ ଯୀଶୁଙ୍କ ପରି ପବିତ୍ରଆତ୍ମାଙ୍କ ଶକ୍ତିରେ ପିତାଙ୍କ ନିକଟରେ ପ୍ରାର୍ଥନା କରିବା ଯେ, ଯାହାହେଉ ନା କାହିଁକି ସେ ଆମକୁ ତାହା ଦର୍ଶାନ୍ତୁ। ଗତ ସପ୍ତାହରେ ପ୍ରାର୍ଥନା ବିଷୟରେ ମୁଁ ଆପଣମାନଙ୍କୁ ଯାହା ଶିକ୍ଷା ଦେଇଥିଲି, ତାହା ଆପଣମାନଙ୍କ ମନେଅଛି କି ?

ହଁ, ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଈଶ୍ୱରଙ୍କ ନିକଟକୁ ଯିବା ପାଇଁ ଆମର ଏକମାତ୍ର ପଥ ଯୀଶୁଙ୍କ ନାମରେ ଆମେ ପ୍ରାର୍ଥନା କରିଥାଉ। ଏବ୍ରୀ ୪:୬ ଯେପରି ପ୍ରକାଶ କରିଥାଏ, ସେହିପରି କ୍ରୁଶ ଉପରେ ତାହାଙ୍କ ମୃତ୍ୟୁ ଦ୍ୱାରା ଆମେ ଆପଣା ପ୍ରୟୋଜନ ବିଷୟରେ ପିତାଙ୍କ ଉପସ୍ଥିତିରେ ସାହସର ସହିତ ପ୍ରକାଶ କରିପାରୁ। ଆମର ପାପ ଈଶ୍ୱରଙ୍କ ପ୍ରତି ଆମର ପ୍ରାର୍ଥନାକୁ ବାଧା ପହଞ୍ଚାଇପାରେ ନାହିଁ। ଯୀଶୁ ହିଁ ଆମର ଏକମାତ୍ର ମଧ୍ୟସ୍ଥ ଅଟନ୍ତି।

ଯତ୍ନଶୀଳ ଆହୁରି କହନ୍ତି, ଦ୍ୱିତୀୟ ବିବରଣ ୧୮:୧୧ ରେ ଶାସ୍ତ୍ର ମଧ୍ୟ ମୃତମାନଙ୍କ ପାଇଁ ପ୍ରାର୍ଥନା ନ କରିବାକୁ ଆମକୁ କହିଛି। ମୁଁ ଖ୍ରୀଷ୍ଟଙ୍କୁ ଜାଣିବା ପୂର୍ବରୁ ତାହା କରୁଥିଲି। ମୁଁ ଭାବୁଥିଲି ଯେ, ଆମର ଜଣେ ପୂର୍ବପୁରୁଷଙ୍କ ଆତ୍ମା ମୋ' ମନରେ ଏପରି ଭାବ ଭର୍ତ୍ତି କରିଥିଲେ ଯେ, ମୁଁ ଗତ ବର୍ଷ ଶିକ୍ଷାର୍ଥୀ ମୋ' ପାଇଁ ତିଆରି କରିଥିବା ଚଉକିର ବେତନ ତାଙ୍କୁ ଦେବା ଉଚିତ୍ ନୁହେଁ। ସେହି ଆତ୍ମାଗୁଡ଼ିକଙ୍କ ଭୟରୁ ଯୀଶୁ ମୋତେ ଓ ମୋ' ପରିବାରକୁ ମୁକ୍ତ କରିଅଛନ୍ତି ! ବର୍ତ୍ତମାନ ଆମେ ଜାଣିଲୁ ଯେ, ଅନ୍ୟ କୌଣସି ମନ୍ଦାତ୍ମା ଅପେକ୍ଷା ତାହାଙ୍କ ଅଧିକ ଶକ୍ତି ଅଛି।

ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ଆମେ କେବଳ ଈଶ୍ୱରଙ୍କୁ ଆମର ସମସ୍ତ ପ୍ରାର୍ଥନା ଜଣାଇବାକୁ ପଡ଼ିବ। ମାଥିଉ ୨୮:୧୮ ପଦରେ ଯେପରି ଲେଖାଯାଇଛି ଯେ, ପିତା ଈଶ୍ୱର ଯୀଶୁଙ୍କୁ ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ପ୍ରଦାନ କରିଅଛନ୍ତି। ଆମେ ତାହାଙ୍କ ନାମରେ ପ୍ରାର୍ଥନା କରୁ।

ଯତ୍ନଶୀଳ ଶ୍ରୀ ଜ୍ଞାନୀଙ୍କୁ ପଚାରନ୍ତି, ଅନ୍ୟ ସମସ୍ତ ଉପାୟ ଅପେକ୍ଷା ପ୍ରାର୍ଥନା କରିବାଟା କ'ଣ ଅଧିକ ଶକ୍ତିଶାଳୀ ଅଟେ? ମୁଁ ଯଦି ସମାନ ପ୍ରାର୍ଥନା ପୁନରାବୃତ୍ତି କରିବି ବା ବଡ଼ ପାଟିରେ ତାହା କହିବି, ତେବେ କ'ଣ ଈଶ୍ୱର ମୋତେ ଉତ୍ତର ଦେବାକୁ ଅଧିକ ଆଗ୍ରହୀ ହେବେ? ଶ୍ରୀ ବୋକା ମୋତେ କହନ୍ତି ଯେ ତାଙ୍କ ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀରେ ଯେପରି ପ୍ରାର୍ଥନା କରନ୍ତି ଆମେ ଯଦି ସେପରି ପ୍ରାର୍ଥନା କରିବା ତେବେ ଯାଇ ଈଶ୍ୱର ଆମର ପ୍ରାର୍ଥନା ଶୁଣିବେ।

ଶାସ୍ତ୍ରରୁ ଆମେ ଦେଖୁ ଯେ ଆମେ ବିଭିନ୍ନ ଉପାୟରେ ପ୍ରାର୍ଥନା କରିବାକୁ ସ୍ୱାଧୀନତା ପ୍ରାପ୍ତ ହୋଇଛୁ। ଆମେ ଛିଡ଼ା ହୋଇ, ବସିରହି, ଆଣ୍ଠୋଇପଡ଼ି ବା ଶୋଇରହି, ଉଚ୍ଚସ୍ୱରରେ, ନୀରବରେ, ଏକୁଟିଆ ବା ଅନ୍ୟମାନଙ୍କ ସହ ମିଶି ପ୍ରାର୍ଥନା କରୁ ତାହାକୁ ଈଶ୍ୱର ବିଶେଷତ୍ୱ ଦିଅନ୍ତି ନାହିଁ। ଈଶ୍ୱର ଚାହାନ୍ତି ଯେ ଆମେ ନିଦ୍ୱନ୍ଦ୍ୱରେ ହୃଦୟର ସହ ପ୍ରାର୍ଥନା କରିବା। ସେ ଆମକୁ ମାଥିଉ ୬ ପର୍ବରେ ଆଳଙ୍କାରିକ ଭାଷା ବା ଲୋକମାନଙ୍କୁ ପ୍ରଭାବିତ କରିବା ପରି ପୁନରାବୃତ୍ତି ନ କରିବାକୁ ସତର୍କ କରାଇ ଦିଅନ୍ତି। ଯୀଶୁ ଆପଣାକୁ ଗିରଫ ହେବା ପାଇଁ ସମର୍ପିତ କରିବା ପୂର୍ବରୁ ପିତାଙ୍କ ପ୍ରତି ତାହାଙ୍କ ସମର୍ପଣ ଭାବ ଓ ମହାନ ଆବଶ୍ୟକତା ଦର୍ଶାଇବାକୁ ଯାଇ ଭୂମିରେ ପଡ଼ି ପ୍ରାର୍ଥନା କରିଥିଲେ। ବାଇବଲରେ ଅନ୍ୟମାନେ ବସିରହି, ଛିଡ଼ାହୋଇ, ଆଣ୍ଠୋଇପଡ଼ି ବା ହାତ ଉପରକୁ କରି ପ୍ରାର୍ଥନା କରିଥିଲେ। ଲୋକମାନେ ବିଭିନ୍ନ ଉପାୟରେ ପ୍ରାର୍ଥନା କରୁଥିଲେ। ଲୋକମାନେ ଦଳଗତ ଭାବରେ କଥାବାର୍ତ୍ତା, ଗାୟନ, ଆବୃତ୍ତି, ପ୍ରାର୍ଥନା ଇତ୍ୟାଦି କରୁଥିଲେ ଏବଂ ନୀରବରେ ପ୍ରାର୍ଥନା କରୁଥିଲେ। ଆମ ଶରୀରର ସ୍ଥିତି ହେତୁ ନୁହେଁ, ମାତ୍ର ଈଶ୍ୱର ଆମ ପ୍ରାର୍ଥନା ଶୁଣୁଅଛନ୍ତି ବୋଲି ବିଶ୍ୱାସ କରି ଈଶ୍ୱରଙ୍କ ସମ୍ମୁଖରେ ବିଶ୍ୱସ୍ତ ରୂପେ ଆମ ହୃଦୟ ସମର୍ପଣ କରିବା ଦ୍ୱାରା ଆମର ପ୍ରାର୍ଥନା ଫଳ ଉତ୍ପନ୍ନ କରିଥାଏ।

ଶିକ୍ଷାର୍ଥୀ ଆହୁରି କହନ୍ତି, ବେଳେ ବେଳେ ଯୀଶୁ ଆପଣା ପିତାଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ଏକୁଟିଆ ଦୂରକୁ ଯାଉଥିଲେ। ଆମେ ମଧ୍ୟ ସ୍ୱର୍ଗସ୍ଥ ପିତାଙ୍କ ସହିତ ଆମ ସମ୍ପର୍କ ସଦୃଢ଼ କରିବା ପାଇଁ ପ୍ରତ୍ୟେକ ଦିନ ଏକୁଟିଆ ପ୍ରାର୍ଥନା କରିଥାଉ। ଯୀଶୁ ମଧ୍ୟ ସର୍ବସାଧାରଣରେ ପ୍ରାର୍ଥନା କରୁଥିଲେ, ତେଣୁ ଆମେ ମଧ୍ୟ ଖ୍ରୀଷ୍ଟଙ୍କଠାରେ ଆମ ଭାଇ ଓ ଭଉଣୀଙ୍କ ସହିତ ଉଚ୍ଚସ୍ୱରରେ ପ୍ରାର୍ଥନା କରିପାରିବା।

ଶ୍ରୀ ଜ୍ଞାନୀ କହନ୍ତି, ମୁଁ ଆପଣଙ୍କୁ ଏକ କାହାଣୀ କହୁଛି ଯେ, **କିପରି ପ୍ରାର୍ଥନା କରିବାକୁ ହେବ, ଯୀଶୁ କିପରି ତାହା ଆମକୁ ଶିକ୍ଷା ଦିଅନ୍ତି।** ସେ ଆମକୁ ପ୍ରାର୍ଥନାର ଅନେକ କାରଣ କହିଅଛନ୍ତି, ଯାହାକି ଆମର ପ୍ରାର୍ଥନାର ମୁଦ୍ରା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ।

### ଅନୁଶୀଳନୀ

ଦୟାକରି ମାଥିଉ ୬:୧-୧୩ ପଢ଼ନ୍ତୁ, ଯାହାକୁ କି କେତେ ଜଣ *ପ୍ରଭୁଙ୍କ ପ୍ରାର୍ଥନା* ବୋଲି କହନ୍ତି। ଦୈନନ୍ଦିନ ପ୍ରାର୍ଥନା କରିବାର କାରଣ ଦର୍ଶାଉଥିବା ବିଷୟଗୁଡ଼ିକ ଦେଖନ୍ତୁ :

- ଈଶ୍ୱରଙ୍କ ପ୍ରଶଂସା କରିବା
- ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି କରିବା
- ଆମର ପ୍ରୟୋଜନ ମାଗିବା
- କ୍ଷମାଭିକ୍ଷା କରିବା
- ମନ୍ଦତାରୁ ସୁରକ୍ଷା ପାଇଁ ଅନୁରୋଧ କରିବା

ଶ୍ରୀ ବୋକା କାଠକାମ ଦୋକାନ ଦ୍ୱାର ନିକଟରେ ଶୁଣୁଥିଲେ, ସେ ପ୍ରବେଶ କରନ୍ତି, ମୁଁ ଈଶ୍ୱରଙ୍କୁ ଗୋଟିଏ ବଡ଼ ଘର ମାଗୁଛି, ମାତ୍ର ପାଇନାହିଁ। ଈଶ୍ୱରଙ୍କର ଉତ୍ତର ଦେବାକୁ ଝୁଙ୍କ ଆସିଲେ ହିଁ ସେ ଉତ୍ତର ଦିଅନ୍ତି। ସେ ଈଶ୍ୱର ହୋଇଥିବାରୁ ହିଁ ଆପଣା ଇଚ୍ଛାମତେ କାର୍ଯ୍ୟ କରନ୍ତି, ଓ ଏଥିରେ ଆମର କିଛି କରିବାର ନାହିଁ।

ଈଶ୍ୱର ଆମକୁ ଉତ୍ତର ଦିଅନ୍ତି, ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି। ମାତ୍ର ୧ମ ଯୋହନ ୩:୨୧, ୨୨ରେ ଯେପରି ବର୍ଣ୍ଣନା କରାଯାଇଛି ଯେ, ଆମ ଆଜ୍ଞାବହତା ଉପରେ ହିଁ ଆମ ପ୍ରାର୍ଥନାର ଉତ୍ତର ନିର୍ଭର କରିଥାଏ। ଆମ ପ୍ରାର୍ଥନାକୁ ଚାରିଟି ପାପ ବାଧା ପହଞ୍ଚାଇଥାଏ : କ୍ଷମା ନ ଦେବା, ସ୍ୱାର୍ଥପରତା, ବିଶ୍ୱାସହୀନତା ଓ ଲୋକମାନଙ୍କ ପ୍ରତି ପ୍ରେମର ଅଭାବ। ଆମକୁ ଏହି ପାପ ସ୍ୱୀକାର କରିବାକୁ ପଡ଼ିବ। ଆମେ ଯଦି ଏହା କରୁ, ତେବେ ୧ମ ଯୋହନ ୧:୮-୧୦ ପଦରେ ଈଶ୍ୱର ଆମକୁ କ୍ଷମା କରିବାକୁ ଓ ଆମ ହୃଦୟ ପରିବର୍ତ୍ତନ କରିବାକୁ ବିଶ୍ୱସ୍ତ ବୋଲି ପ୍ରତିଜ୍ଞା କରିଅଛନ୍ତି।

ସେହି ସନ୍ଧ୍ୟାରେ ଶିକ୍ଷାର୍ଥୀ ବିଶ୍ୱାସୀମାନଙ୍କୁ ତାଙ୍କ ଘରେ ଏକତ୍ର କରି ଶ୍ରୀ ଜ୍ଞାନୀଙ୍କୁ ପୋଲିସମାନଙ୍କ କବଳରୁ ସୁରକ୍ଷା ଦେବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି। ପ୍ରେରିତ ୪:୨୯-୩୧ ପଦରେ ନୂତନ ନିୟମ ମଣ୍ଡଳୀ ଅବିରତ ପ୍ରାର୍ଥନା କରନ୍ତି। ସେମାନେ ଈଶ୍ୱରଙ୍କୁ ପ୍ରତିଜ୍ଞା କରନ୍ତି ଯେପରି ସେମାନେ ଲୋକମାନଙ୍କ ନିକଟରେ ଯୀଶୁଙ୍କ ବିଷୟରେ ସୁସମାଚାର ପହଞ୍ଚାଇପାରିବେ।

## ବ୍ୟାବହାରିକ କାର୍ଯ୍ୟ

- ମାଥିଉ ୬:୯-୧୩ ପଦରେ ଥିବା *ପ୍ରଭୁଙ୍କ ପ୍ରାର୍ଥନା* ମୁଖସ୍ଥ କରିବା ପାଇଁ ଆପଣଙ୍କ ଦଳକୁ ସାହାଯ୍ୟ କରନ୍ତୁ।
- ପ୍ରତ୍ୟେକ ପିତାମାନଙ୍କୁ ସାହାଯ୍ୟ କରନ୍ତୁ, ଯେପରି ସେମାନେ ସେମାନଙ୍କ ପରିବାରର ସମସ୍ତ ସଦସ୍ୟ ଏକ ପରିବାର ସ୍ୱରୂପେ ଏକୁଟିଆ ଦୈନନ୍ଦିନ ପ୍ରାର୍ଥନା କରିବେ। ଏକୁଟିଆ ପ୍ରାର୍ଥନା କରିବାର ସର୍ବୋତ୍ତମ ସମୟ ହେଉଛି ପାହାନ୍ତା ସମୟ।
- ଦୈନନ୍ଦିନ ପାରିବାରିକ ପ୍ରାର୍ଥନାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଣ୍ଣୟ କରିବା ପାଇଁ ପ୍ରତ୍ୟେକ ପରିବାରକୁ ଅନୁରୋଧ କରନ୍ତୁ।
- ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଈଶ୍ୱର ପ୍ରାର୍ଥନାର ଉତ୍ତର ଦେଲେ ତାହା ମଣ୍ଡଳୀକୁ ସୂଚନା ଦିଅନ୍ତୁ।
- ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ବଡ଼ ବଡ଼ ଶବ୍ଦ ବ୍ୟବହାର ବା ଅଯଥା ପୁନରୁକ୍ତି ନ କରି ବିଶ୍ୱସ୍ତ ରୂପେ ହୃଦୟର ସହ କିପରି ପ୍ରାର୍ଥନା କରିବାକୁ ହେବ, ତାହା ଆପଣଙ୍କ ଲୋକମାନଙ୍କୁ ଦର୍ଶାନ୍ତୁ ।

## ୨-୬ ଖ୍ରୀଷ୍ଟଙ୍କ ଆଦେଶ ୬

# ରୋଟୀ ଭାଙ୍ଗିବା

ଦିନେ ପାହାନ୍ତା ସମୟରେ ଶିକ୍ଷାର୍ଥୀ ଶ୍ରୀ ଜ୍ଞାନୀଙ୍କ ସମ୍ପର୍କୀୟ ଭାଇଙ୍କ ଘରକୁ ଯାଆନ୍ତି, ସେ ଭୟ କରୁଥିଲେ ଯେ, ପୋଲିସ୍ କାଳେ ଶ୍ରୀ ଜ୍ଞାନୀଙ୍କୁ ଗିରଫ କରିଦେଇଛି। ସେ ସେତେବେଳ ପର୍ଯ୍ୟନ୍ତ ସେଠାରେ ଅଛନ୍ତି । ଦୟାକରି ମୋ' ଘରକୁ ଆସନ୍ତୁ, ଶିକ୍ଷାର୍ଥୀ ଅନୁରୋଧ କରନ୍ତି। ସେମାନେ ଯଦି ଆପଣଙ୍କୁ ନେବା ପାଇଁ ଆସିବେ, ତେବେ ଆପଣଙ୍କ ସମ୍ପର୍କୀୟ ଭାଇ ଆମକୁ ସତର୍କ କରାଇଦେଲେ ଆମେ ଆପଣଙ୍କୁ ଲୁଚାଇ ଦେବୁ। ବର୍ତ୍ତମାନ ଆସନ୍ତୁ। ବିଶ୍ୱାସୀମାନେ ଆପଣଙ୍କୁ ଅପେକ୍ଷା କରିଛନ୍ତି ଯେ, ଆମେ ପ୍ରଭୁଭୋଜ ପାଳନ କରିବା ସମୟରେ ଆପଣ ଆମର ନେତୃତ୍ୱ ନେବେ।

ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ମୁଁ ଆସିବି, ମାତ୍ର ଆଜିଠାରୁ ତୁମେ ଉପାସନାର ନେତୃତ୍ୱ ନେବ। କିପରି କରିବ, ତାହା ମୁଁ ତୁମକୁ ଦେଖାଇଥିଲି।

ଶିକ୍ଷାର୍ଥୀ ତାଙ୍କ ଘରେ ଏକ ଆଲୋଚନା ପରିଚାଳନା କରୁଥିଲେ, ସେଥିପାଇଁ ଶ୍ରୀ ଜ୍ଞାନୀ ତାଙ୍କୁ ପ୍ରସ୍ତୁତ ହେବାରେ ସାହାଯ୍ୟ କରୁଥିଲେ। ଦଳରେ ରୋଟୀ ଭାଙ୍ଗିବା ଓ ତାହାଙ୍କ ଶରୀରରେ ସଂଯୁକ୍ତ ହେବା ପାଇଁ ପ୍ରଭୁଙ୍କ ଆଜ୍ଞା ବିଷୟରେ ଆଲୋଚନା ହେଉଥିଲା। ଶିକ୍ଷାର୍ଥୀ ମେଜରେ ଥିବା ଦ୍ରାକ୍ଷାରସ ଓ ରୋଟୀ ପ୍ରତି ନିର୍ଦ୍ଦେଶ ଦିଅନ୍ତି। ଶ୍ରୀ ଜ୍ଞାନୀ ଶାସ୍ତ୍ରରୁ ଶିକ୍ଷା କରି ଆମକୁ ପ୍ରଭୁଭୋଜ ପାଳନ କରିବା ପ୍ରଣାଳୀ ଦେଖାଇଥିଲେ। ଆସନ୍ତୁ ଆମେ ବର୍ତ୍ତମାନ ଆଲୋଚନା କରିବା ଯେ, **ଆମେ କାହିଁକି ପ୍ରଭୁଭୋଜ ପାଳନ କରିବା ।**

### ଅନୁଶୀଳନୀ

- **ମାଥିଉ ୨୬:୨୬-୨୭ ପଦ**ରେ ଯୀଶୁ ରୋଟୀ ଓ ଦ୍ରାକ୍ଷାରସ ବିଷୟରେ ଯାହା କହିଥିଲେ, ଦୟାକରି ତାହା ପଢ଼ି ଦେଖନ୍ତୁ।
- ଯୀଶୁ ଆମକୁ କାହିଁକି ପ୍ରଭୁଭୋଜ ପାଳନ କରିବାର କେଉଁ କାରଣ ଦେଇଥିଲେ ତାହା **ଲୂକ ୨୨:୧-୨୨**ରେ ଦେଖନ୍ତୁ।
- **୧ମ କରିନ୍ଥୀୟ ୧୧:୨୩-୩୪** ଦେଖନ୍ତୁ :
- ଆମେ ସର୍ବଦା କାହିଁକି ପ୍ରଭୁଭୋଜକୁ ସମ୍ପୂର୍ଣ୍ଣ ଖାଦ୍ୟ ରୂପେ ଗ୍ରହଣ କରିବା ଅନୁଚିତ୍।
- ପ୍ରଭୁଭୋଜରେ କେଉଁମାନେ ଯୋଗ ଦେବା ଉଚିତ୍।

ଶିକ୍ଷାର୍ଥୀ ତାଙ୍କ ଘରେ ତାଙ୍କ ଦଳକୁ ବର୍ଣ୍ଣନା କରନ୍ତି, ଯୀଶୁ ଆମକୁ କହନ୍ତି ଯେ, ରୋଟୀ ହେଉଛି ତାହାଙ୍କ ଶରୀର ଓ ଦ୍ରାକ୍ଷାରସ ହେଉଛି ଈଶ୍ୱର ଯୀଶୁଙ୍କ ରକ୍ତରେ କରିଥିବା ନୂତନ ଚୁକ୍ତି ଅଟେ। ଏହା ପାଳନ କରିବା ଦ୍ୱାରା ଆମେ ଜାଣୁ ଯେ, ଈଶ୍ୱର ଆମର ଅତି ନିକଟବର୍ତ୍ତୀ ଅଟନ୍ତି। ଈଶ୍ୱର ଓ ଆମ ମଧ୍ୟରେ ଯେଉଁ ନୂତନ ଚୁକ୍ତି ହୋଇଥିଲା, ତାହା ଆମକୁ ଯୀଶୁଙ୍କ ମାଧ୍ୟମରେ ତାହାଙ୍କ ନିକଟବର୍ତ୍ତୀ କରିଥାଏ। ଯୀଶୁଙ୍କ ମାଧ୍ୟମରେ ତାହାଙ୍କ ପବିତ୍ର ଆତ୍ମାଙ୍କ ଶକ୍ତିରେ ଆମର ନୂତନ, ପବିତ୍ର ଓ ଅନନ୍ତ ଜୀବନ ରହିଛି। ଆପଣ ଏହା ପ୍ରେରିତ ୨:୩୮ ଓ ଏବ୍ରୀ ୯:୧୫ ଦେଖିବାକୁ ପାଇବେ। ପ୍ରଭୁଭୋଜ ଗ୍ରହଣ କରିବା ଦ୍ୱାରା ଆମେ ଈଶ୍ୱରଙ୍କ ଅନୁଗ୍ରହ ପ୍ରତି ଆମର ବିଶ୍ୱାସ ଦୃଢ଼ କରିଥାଉ।

ଯତ୍ନଶୀଳ ପଚାରନ୍ତି, ଆମେ ଏହାକୁ ନୂତନ ଚୁକ୍ତି ବୋଲି କାହିଁକି କହିଥାଉ ?

ଶିକ୍ଷାର୍ଥୀ ଦ୍ୱିଧାବୋଧ କରିବାରୁ ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି। ଯୀଶୁ ମୃତ୍ୟୁବରଣ କରି ମୃତ୍ୟୁରୁ ଉଠିବା ପୂର୍ବରୁ ଈଶ୍ୱର ମନୁଷ୍ୟର ପାପ ଆଚ୍ଛାଦନ କରିବା ପାଇଁ ପଶୁ ରକ୍ତ ଗ୍ରହଣ କରୁଥିଲେ। ତାହା ପୁରାତନ ଚୁକ୍ତି ବା ନିୟମ ଥିଲା, ଯାହାକି ଈଶ୍ୱର ପୁରାତନ ଦେଶ ଇସ୍ରାୟେଲ ସହିତ କରିଥିଲେ, ଯେତେବେଳେ ମୋଶା ସେମାନଙ୍କ ନେତୃତ୍ୱ ନେଇଥିଲେ। ନୂତନ ଚୁକ୍ତି ବା ନିୟମ ଯୀଶୁଙ୍କ ରକ୍ତରେ ଆଧାରିତ ଥିଲା। ଯେଉଁ ନିୟମ ମୃତ୍ୟୁଦଣ୍ଡ ଦେଉଥିଲା ତା' ବଦଳରେ ଆମେ ଯଦି ସେଗୁଡ଼ିକୁ ଭାଙ୍ଗୁ, ତେବେ ଆମ ହୃଦୟ ପୁନଃସଂସ୍ଥାପିତ କରିବା ପାଇଁ ଓ ଆମକୁ ପରିଚାଳନା କରିବା ପାଇଁ ଈଶ୍ୱର ଆମକୁ ପବିତ୍ରଆତ୍ମା ଦାନ ଦିଅନ୍ତି। ଆମେ ଆଉ ପୁରାତନ ନିୟମର ଅଧୀନସ୍ଥ ନୋହୁଁ। ରୋମୀୟ ୧-୮ ପର୍ବ ଏହା ବର୍ଣ୍ଣନା କରିଥାଏ।

ଶିକ୍ଷାର୍ଥୀ କହନ୍ତି, ଯୀଶୁଙ୍କ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ତାହାଙ୍କୁ ଓ ତାହାଙ୍କ ବଳିଦାନ ସ୍ୱରୂପ ମୃତ୍ୟୁ ସ୍ମରଣ କରିବା ପାଇଁ ଆମେ ପ୍ରଭୁଭୋଜ ପାଳନ କରୁ। ଏଥିରେ ଯେଉଁ ରହସ୍ୟ ଅଛି ତାହା ବୁଝିବା ଆମର ଆବଶ୍ୟକ ନାହିଁ।

ତାହା ଠିକ୍, ଶ୍ରୀ ଜ୍ଞାନୀ ଦୃଢ଼ କରନ୍ତି। ଆମ ଆଜ୍ଞାବହତା ହେତୁ ନିୟମିତ ରୂପେ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିବା ପାଇଁ ପ୍ରଭୁଭୋଜ ପାଳନ କରିଥାଉ। ପ୍ରଭୁଭୋଜ ପାଳନ ଭୁଲିଯାଇଥିବା ଉପାସନା ମଣ୍ଡଳୀ ଖ୍ରୀଷ୍ଟଙ୍କୁ ଗୌରବ ଦେଇ ନ ଥାଏ। ପ୍ରଭୁଭୋଜ ଆମକୁ ଆମ ମସ୍ତକ ଖ୍ରୀଷ୍ଟଙ୍କ ସହିତ ଏକ ଶରୀର ରୂପେ ଏକତ୍ର କରିଥାଏ। ବର୍ତ୍ତମାନ ଶିକ୍ଷାର୍ଥୀ ଏହା ଆମକୁ ପରିବେଷଣ କରିବେ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ କହନ୍ତି, ତୁମର କ'ଣ ମନେଅଛି ଯେ, ପ୍ରଭୁଭୋଜ ଆମକୁ କେଉଁ ବିଷୟରେ ଅଂଶୀ ହେବାକୁ ସକ୍ଷମ କରିଥାଏ ?

ଶିକ୍ଷାର୍ଥୀ ଗୋଟିଏ ମୁହୂର୍ତ୍ତ ଚିନ୍ତା କରି ସ୍ମରଣ କରନ୍ତି, ୧ମ କରିନ୍ଥୀୟ ୧୦:୧୬-୧୭ ଆମକୁ କହିଥାଏ ଯେ, ରୋଟୀ ଓ ଦ୍ରାକ୍ଷାରସରେ ଭାଗ ନେବାଟା ହେଉଛି ଆମ ପ୍ରଭୁଙ୍କ ଶରୀର ଓ ରକ୍ତରେ ଅଂଶୀ ହେବା। ଆମେ ଏହାକୁ ଭଲ ରୂପେ ବୁଝି ନ ପାରୁ। ତେଣୁ ପ୍ରଭୁଭୋଜ ପାଳନ କରିବା ସମୟରେ ଆମେ ଏହି ବାକ୍ୟ ଉଲ୍ଲେଖ କରିଥାଉ ଓ ଆମ ହୃଦୟରେ କାର୍ଯ୍ୟ କରିବେ ବୋଲି ତାହାଙ୍କଠାରେ ନିର୍ଭର କରିଥାଉ। ତାହାଙ୍କ ଅଲୌକିକ କାର୍ଯ୍ୟ ଖଣ୍ଡିଏ ରୋଟୀରେ ନୁହେଁ, ମାତ୍ର ଆମ ମଧ୍ୟରେ ଅଛି। ମାଥିଉ ୨୬:୨୬-୨୮ରେ ଯୀଶୁ ଯେପରି କହନ୍ତି, ଆମେ କେବଳ ସେହିପରି କହୁ, ଏହା ଗ୍ରହଣ କରି ଭୋଜନ କର, ଏହା ମୋର ଶରୀର। ପାନ କର, ଏହା ମୋର ନୂତନ ଚୁକ୍ତିର ରକ୍ତ ଅଟେ।

ପ୍ରଭୁଭୋଜ ସେବାକାର୍ଯ୍ୟ ପରେ ଶ୍ରୀ ବୋକା ଉଚ୍ଚସ୍ୱରରେ କହନ୍ତି, ପ୍ରଭୁଭୋଜ ଏକ ପବିତ୍ର କାର୍ଯ୍ୟ ଅଟେ। ମୋର ସମ୍ପର୍କୀୟ ଭାଇ ମୋତେ କହିଥିଲେ ଯେ, ଏହି ସେବା କରିବା ପାଇଁ ଆମେ ଜଣେ ପାଳକଙ୍କୁ ଲୋଡ଼ୁ ଯାହାଙ୍କ ପାଖରେ ପ୍ରଦତ୍ତ ଅଧିକାର ଥିବ ଓ ଆଧ୍ୟାତ୍ମିକ

ଶିକ୍ଷାଗତ ଯୋଗ୍ୟତା ଥିବ। ପୁଣି ଆପଣମାନେ ଯଦି ଏହାକୁ ଅନେକ ସମୟରେ କରିବେ, ତେବେ କେହି ଏହାକୁ ଗୁରୁତ୍ୱ ଦେବେ ନାହିଁ।

ଶ୍ରୀ ଜ୍ଞାନୀ ଅସମ୍ମତ ହୁଅନ୍ତି। ପ୍ରେରିତ ୨୦:୭ ପ୍ରକାଶ କରେ ଯେ, ନୂତନ ନିୟମ ମଣ୍ଡଳୀ ସପ୍ତାହର ପ୍ରଥମ ଦିନ ସେମାନଙ୍କ ଘରେ ରୋଟୀ ଭାଙ୍ଗିଥିଲେ। ଯଦି ଈଶ୍ୱର ଆମକୁ ସପ୍ତାହରେ ଥରେ ରୋଟୀ ଭାଙ୍ଗିବାକୁ ଦିଅନ୍ତି ନାହିଁ, ତଥାପି ପ୍ରେରିତ ଆମକୁ ଏହି ଉଦାହରଣ ଦିଅନ୍ତି। ଏହା ଶିଷ୍ୟମାନଙ୍କୁ ଶକ୍ତିଯୁକ୍ତ କରିଥାଏ ଓ ନୂତନ ମଣ୍ଡଳୀରେ ଉପାସନା କରିବାକୁ ଦେଇଥାଏ । ବିଶ୍ୱାସୀମାନଙ୍କ ଯେ କୌଣସି ଦଳ ସାନ ବା ନୂତନ ନିର୍ବିଶେଷରେ ପ୍ରଭୁଭୋଜ ପାଳନ କରିବା ପାଇଁ ଉତ୍ସାହିତ ହେବା ଉଚିତ୍। ପ୍ରଭୁ ଆମକୁ କହି ନାହାନ୍ତି ଯେ ଆମେ ଶିକ୍ଷିତ ପାଳକ ନ ପାଇବା ପର୍ଯ୍ୟନ୍ତ ତାହାଙ୍କ ଆଜ୍ଞାବହ ହେବା ପାଇଁ ଅପେକ୍ଷା କରିବା! ଯୀଶୁଙ୍କ ଆଜ୍ଞାବହ ହେବାରେ ବାଧା ସୃଷ୍ଟି କରୁଥିବା ମନୁଷ୍ୟକୃତ ଆବଶ୍ୟକତା ଅନେକ କ୍ଷତି ସାଧନ କରିଥାଏ।

ଶ୍ରୀ ବୋକା ଅଭିଯୋଗ କରନ୍ତି, ସାହାଯ୍ୟକାରୀଙ୍କ ସ୍ତ୍ରୀ ରାଚେଲ ତିନି ସପ୍ତାହ ପୂର୍ବରୁ ମୋ' ସ୍ତ୍ରୀଙ୍କ ସହିତ କଳି କରିଥିଲେ। ତେଣୁ ତାହା ଭୁଲିଯିବା ପୂର୍ବରୁ ଆମେ କେହି ପ୍ରଭୁଭୋଜ ଗ୍ରହଣ କରିବା ନାହିଁ। ରାଚେଲ ଅନ୍ତତଃ ଛଅ ମାସ ପର୍ଯ୍ୟନ୍ତ ତାହା ଗ୍ରହଣ କରିବା ଅନୁଚିତ। ମୋର ସମ୍ପର୍କୀୟ ଭାଇ ମୋତେ ଏହା କହିଥିଲେ।

ଶ୍ରୀ ଜ୍ଞାନୀ, ତୁମେ ଭୁଲି ଯାଇଛ ଯେ, ଖ୍ରୀଷ୍ଟଙ୍କ ପ୍ରତି ଓ ପରସ୍ପର ପ୍ରତି ଆମ ପ୍ରେମ ପାଳନ କରିବା ହେଉଛି ପ୍ରଭୁଭୋଜ। ଆମେ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଥିବାରୁ ଏହା କରିଥାଉ। ଶରୀରର ଜଣେ ବ୍ୟକ୍ତି ପାପ କରିଥିବାରୁ ଆମେ ସମସ୍ତଙ୍କୁ ଏ ବିଷୟରୁ ବଞ୍ଚିତ କରିପାରିବା ନାହିଁ। କେହି ଅଂଶୀ ହୋଇପାରିବ ନାହିଁ! ନିଜକୁ ବହୁତ ଦିନ ଧରି ଏଥିରୁ ଦୂରେଇ ରଖିଥିବା ଲୋକମାନଙ୍କ ଭୁଲ ଯୋଗୁଁ ଆମେ ସେମାନଙ୍କୁ ଦଣ୍ଡ ଦେବା ପାଇଁ ଚାବୁକ ବ୍ୟବହାର କରିପାରିବା ନାହିଁ । ଗାଲାତୀୟ ୬:୧ ପଦ ଶିକ୍ଷା ଦେଇଥାଏ ଯେ ଭୁଲ କରିଥିବା ଜଣେ ବିଶ୍ୱାସୀ ଅନୁତାପ କଲେ ଆମେ ତତ୍‌କ୍ଷଣାତ୍ ତାକୁ ଗ୍ରହଣ କରିବା। ଆମେ ତାହହିଁ କରିଥିଲୁ। ଏହା ଆମ ପାପ ଈଶ୍ୱରଙ୍କ ସହିତ ଆମ ସହଭାଗିତା ଦୁର୍ବଳ କରିଥାଏ, ପୁଣି ସମୟକ୍ରମେ ଅନ୍ୟ ବିଶ୍ୱାସୀମାନଙ୍କ ସହିତ ମଧ୍ୟ ଆମର ସହଭାଗିତାକୁ ଦୁର୍ବଳ କରିଦିଏ। ମାତ୍ର ଆମେ ଯେତେବେଳେ ଏହା ସ୍ୱୀକାର କରି ଏଥିରୁ ଫେରୁ, ସେତେବେଳେ ଈଶ୍ୱର ଆମର ସହଭାଗିତାକୁ ନୂତନୀକୃତ କରନ୍ତି। ୧ମ ଯୋହନ ୧:୯ ପଦ ପ୍ରତିଜ୍ଞା କରିଥାଏ ଯେ, ଆମେ ଯଦି ଆମ ପାପ ସ୍ୱୀକାର କରୁ, ତେବେ ସେ ଆମ ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମକୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି। ସାହାଯ୍ୟକାରୀଙ୍କ ସ୍ତ୍ରୀ ରାଚେଲ ତୁମର ସ୍ତ୍ରୀଙ୍କ ନିକଟରେ ଦୁଃଖ ପ୍ରକାଶ କରି କ୍ଷମା ଭିକ୍ଷା କରିଥିଲେ। ତେଣୁ ଆମେ ତାଙ୍କୁ ପ୍ରଭୁଭୋଜ ମେଜକୁ ନିମନ୍ତ୍ରଣ କରିଥିଲୁ।

ଶ୍ରୀ ବୋକା ବଚସା କରନ୍ତି, ଆପଣ ହୁଏତ ତାଙ୍କୁ କ୍ଷମା କରିବାକୁ ଇଚ୍ଛା କରିପାରନ୍ତି, ମାତ୍ର ମୁଁ ନୁହେଁ!

ଶ୍ରୀ ଜ୍ଞାନୀ ଦୃଢ଼ ରୂପେ ସମର୍ଥନ କରନ୍ତି, ମଣ୍ଡଳୀର ଶରୀର ବଚସା ଓ ସମାଲୋଚନା କରି ନ ଥାଏ, ମାତ୍ର ଲୋକମାନଙ୍କୁ ଈଶ୍ୱରଙ୍କ ପ୍ରତି ଫେରିବାରେ ସାହାଯ୍ୟ କରିଥାଏ। ରାଚେଲ ଯଦି ଈଶ୍ୱରଙ୍କ ପ୍ରତି ତାହାଙ୍କ ପାପ ସ୍ୱୀକାର କରିଛନ୍ତି, ତେବେ ସେ ତାଙ୍କୁ କ୍ଷମା କରିଅଛନ୍ତି। ଉପାସନା ମଣ୍ଡଳୀକୁ ମଧ୍ୟ ତାଙ୍କୁ କ୍ଷମା କରିବାକୁ ପଡ଼ିବ। **ଭୁଲ କରିଥିବା ବିଶ୍ୱାସୀଙ୍କୁ ପ୍ରତିଷ୍ଠା କରିବା ପାଇଁ ଆମେ କ'ଣ କରିଥାଉ** ଓ ଅନୁତାପ କରୁ ନ ଥିବା ବିଶ୍ୱାସୀମାନଙ୍କ ପ୍ରତି କ'ଣ କରୁ, ଆସନ୍ତୁ ଆମେ ତାହା ଦେଖିବା।

**ଅନୁଶୀଳନୀ**

- ଯେଉଁ ବିଶ୍ୱାସୀଗଣ ଏହିପରି ଶୃଙ୍ଖଳା ଲୋଡ଼ନ୍ତି ସେମାନଙ୍କ ପ୍ରତି ଆମେ କେଉଁ ପଦକ୍ଷେପ ଗ୍ରହଣ କରିବା, ତାହା ଆମେ ମାଥିଉ ୧୮:୧୫-୧୭ ପଦରେ ଦେଖିପାରିବା।

ଶିକ୍ଷାର୍ଥୀଙ୍କ ଘରେ ପ୍ରଭୁଭୋଜ ପାଳନ କରିବା ପରେ ଶ୍ରୀ ଜ୍ଞାନୀ ଦଳକୁ କହନ୍ତି, ମୋତେ ବର୍ତ୍ତମାନ ବିଦାୟ ନେବାକୁ ହେବ। ମୁଁ ଆପଣମାନଙ୍କୁ ଛାଡ଼ି ଯିବି। ଈଶ୍ୱର ମୋତେ ପୁଣି କେବେ ଏଠାକୁ ଆଣିବେ। ତାଙ୍କ ଆଖିରେ ଲୁହ ଭର୍ତ୍ତି ହୋଇଛି। ଅନେକେ କାନ୍ଦୁଥିଲେ।

ଶିକ୍ଷାର୍ଥୀ କହନ୍ତି, ଶ୍ରୀ ଜ୍ଞାନୀ ଏହି ମଣ୍ଡଳୀକୁ ଭଲ ପାଉଥିଲେ ଓ ଯୀଶୁଙ୍କ ଆଜ୍ଞାବହ ହେବା ପାଇଁ ଆମକୁ ଶିଖାଇଥିଲେ, ଯେପରି ସେ ପଳାଇଯିବା ପରେ ଆମେ ଏକ ଦୃଢ଼ ମଣ୍ଡଳୀ ହୋଇପାରିବା। ସେ ଏହା ନିଶ୍ଚିତ କରିଥିଲେ ଯେ, ଯେପରି ଆମର ଅଭିବୃଦ୍ଧି ନିମନ୍ତେ ଆମର ପ୍ରତ୍ୟେକ ଆବଶ୍ୟକତା ପୂରଣ ହେବ ଓ ସେ ଅନ୍ୟ ନୂତନ ମଣ୍ଡଳୀ ଆରମ୍ଭ କରିବେ। ଭାଇ, ଆମେ ସମସ୍ତେ ଆପଣଙ୍କୁ ଧନ୍ୟବାଦ ଦେଉଛୁ।

ଅପେକ୍ଷା କରନ୍ତୁ, ଶ୍ରୀ ଜ୍ଞାନୀ କହନ୍ତି, ମୁଁ କିଛି ବିଷୟ ଭୁଲିଗଲି। ଆଉ ଗୋଟିଏ ବିଷୟ କରିବାକୁ ରହିଲା। **ପ୍ରାଚୀନମାନଙ୍କ ଆବଶ୍ୟକତା** ବିଷୟ ସେ ପାଠ କରନ୍ତି।

## ଅନୁଶୀଳନୀ

ଜଣେ ପାଳକୀୟ ପ୍ରାଚୀନ ହେବା ପାଇଁ ଆବଶ୍ୟକ ବିଷୟଗୁଡ଼ିକ **ତିତସ ୧:୧–୯ ପଦ**ରେ ଦେଖନ୍ତୁ।

ଶ୍ରୀ ଜ୍ଞାନୀ ଦଳକୁ କହନ୍ତି, ଐଶ୍ୱରୀୟ ନେତୃତ୍ୱ ବିନା ଏକ ମଣ୍ଡଳୀ ସମ୍ପୂର୍ଣ୍ଣ ହେବ ନାହିଁ। କିଛି ମାସ ଧରି ମୁଁ ଶିକ୍ଷାର୍ଥୀଙ୍କ ଖ୍ରୀଷ୍ଟୀୟ ଜୀବନକୁ ଲକ୍ଷ୍ୟ କରିଛି। ଜଣେ ପ୍ରାଚୀନଙ୍କ ଆବଶ୍ୟକୀୟ ବିଷୟ ତାଙ୍କଠାରେ ରହିଛି। ତାଙ୍କ ଭାଇ ସାହାଯ୍ୟକାରୀ ମଧ୍ୟ ଏହି ଆବଶ୍ୟକତା ପୂରଣ କରିଛନ୍ତି। ଏହି ଦଳର ଦାୟିତ୍ୱ ନେବା ପାଇଁ ଈଶ୍ୱରଙ୍କ ଅଭିଷେକ ନିମନ୍ତେ ମୁଁ ବର୍ତ୍ତମାନ ତୁମ୍ଭମାନଙ୍କ ଉପରେ ହସ୍ତାର୍ପଣ କରିବି।

ଶ୍ରୀ ବୋକା ଅଭିଯୋଗ କରନ୍ତି, ଆମ ନେତାମାନଙ୍କୁ ଏହିପରି ଅଧିକାର ଦେବା ଆପଣଙ୍କ ପାଇଁ ଯଥାର୍ଥ ନୁହେଁ, ଶ୍ରୀ ଜ୍ଞାନୀ। ଆପଣ ଜଣେ ବାହାର ବ୍ୟକ୍ତି ଅଟନ୍ତି। ଆପଣ ଏହି ସମ୍ପ୍ରଦାୟର ନୁହନ୍ତି ଓ ଏହି ମଣ୍ଡଳୀର ସଦସ୍ୟ ନୁହନ୍ତି। ମୋ' ସମ୍ପର୍କୀୟ ଭାଇ କହନ୍ତି ଯେ ବାହାରୁ ଆସିଥିବା ବିଶପମାନେ ମଣ୍ଡଳୀର ନେତାମାନଙ୍କୁ ମନୋନୀତ କରିବା ଅନୁଚିତ୍। ଆନ୍ତିୟଖିୟ ମଣ୍ଡଳୀ ଯେପରି କରିଥିଲେ, ମଣ୍ଡଳୀ ସେହିପରି ନିଜ ନେତାମାନଙ୍କୁ ମନୋନୀତ କରିବା ଉଚିତ୍।

ତୁମ ସମ୍ପର୍କୀୟ ଭାଇ କିଛି ବିଷୟ ଛାଡ଼ି ଯାଇଛନ୍ତି, ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି। ପ୍ରେରିତ ୧୩:୧–୧୯ ପଦରେ ଲେଖାଯାଇଛି ଯେ, ଆନ୍ତିୟଖିୟା ମଣ୍ଡଳୀ ନେତାମାନଙ୍କୁ ମନୋନୀତ କରିଥିଲେ, କାରଣ ଏହି ମଣ୍ଡଳୀରେ ଅନେକ ପରିପକ୍ୱ କାର୍ଯ୍ୟକାରୀ ଥିବାରୁ ଏହା ଏକ ପରିପକ୍ୱ ମଣ୍ଡଳୀ ଥିଲା। ମାତ୍ର କ୍ରୀତୀର ମଣ୍ଡଳୀ ନୂତନ ମଣ୍ଡଳୀ ଥିଲା ଓ ସେଠାରେ ଅନୁଭୂତିସମ୍ପନ୍ନ କୌଣସି କାର୍ଯ୍ୟକାରୀ ନ ଥିଲେ। ତେଣୁ ପାଉଲ ତିତସ ୧:୫ ପଦରେ ବାହାରର ଜଣେ ଅନୁଭୂତିସମ୍ପନ୍ନ କାର୍ଯ୍ୟକାରୀ, ତିତସଙ୍କୁ ନୂତନ ନେତା ପ୍ରସ୍ତୁତ କରିବେ ବୋଲି କହିଥିଲେ। ତେଣୁ ମୁଁ ଯେପରି ଆପଣଙ୍କ ପାଇଁ କାର୍ଯ୍ୟ କରୁଛି, ନୂଆ ମଣ୍ଡଳୀରେ ତିତସ ସେହିପରି ପରିଚାଳକ ରୂପେ କାର୍ଯ୍ୟ କରୁଥିଲେ।

ଶିକ୍ଷାର୍ଥୀ ଓ ସାହାଯ୍ୟକାରୀଙ୍କୁ ଶ୍ରୀ ଜ୍ଞାନୀ କହନ୍ତି, ଏହି ନୂଆ ମଣ୍ଡଳୀ ପାଇଁ ତୁମ୍ଭେମାନେ ଦୁଇ ଜଣ ପାଳକୀୟ ପ୍ରାଚୀନ ଅଟ। ତୁମ୍ଭେମାନେ ବିଶ୍ୱାସରେ ସାନ ଅଟ, ମାତ୍ର ତୁମ୍ଭମାନଙ୍କ ପାଖରେ ବାଇବଲ ଅଛି ଯେ କି ତୁମ୍ଭମାନଙ୍କୁ ଶକ୍ତି ଯୋଗାଇବା ପାଇଁ ପବିତ୍ର-ଆତ୍ମାଙ୍କ ନିକଟକୁ କଢ଼ାଇ ନେବ। ଶିକ୍ଷାର୍ଥୀ, ମୁଁ ତୁମକୁ ଯେପରି ତାଲିମ ଦେଇଛି, ତୁମେ ମଧ୍ୟ ସେହିପରି ସାହାଯ୍ୟକାରୀଙ୍କୁ ତାଲିମ ଦେବ। ସାହାଯ୍ୟକାରୀ, ତୁମକୁ ଅନ୍ୟମାନଙ୍କୁ ତାଲିମ ଦେଇ ନୂତନ ମଣ୍ଡଳୀ ଆରମ୍ଭ କରିବାକୁ ପଡ଼ିବ। ମୁଁ ତୁମ ଉଭୟଙ୍କୁ ଚିଠି ଲେଖିବି ଓ ସମ୍ଭବ ହେଲେ ସାକ୍ଷାତ କରିବି।

ଆମେ ତାହା ଆଶା କରୁ, ଶିକ୍ଷାର୍ଥୀ କହନ୍ତି।

ତୁମ୍ଭେମାନେ ଉଭୟେ କ'ଣ ତୁମ୍ଭମାନଙ୍କ ମଣ୍ଡଳୀକୁ ବିଶ୍ୱସ୍ତ ସହକାରେ ପରିଚାଳନା କରିବାକୁ ଇଚ୍ଛା କରୁଛ? ସବୁକିଛି ଅପେକ୍ଷା ଯୀଶୁଙ୍କ ଆଜ୍ଞାବହ ହେବାକୁ ତୁମ୍ଭେମାନେ ସେମାନଙ୍କୁ ଶିକ୍ଷା ଦେବ କି? ୧ମ ପିତର ୫:୧–୪ ପଦରେ ଯେପରି ପ୍ରୟୋଜନ ଥିଲା ଆପଣମାନେ କ'ଣ ନମ୍ର ଭାବରେ ଲୋକମାନଙ୍କୁ ଓ ବିଶ୍ୱାସୀମାନଙ୍କୁ ମଣ୍ଡଳୀର ସେବା କରିବା ପାଇଁ ସାହାଯ୍ୟ କରିବେ?

ଶିକ୍ଷାର୍ଥୀ ଓ ତାଙ୍କ ଭାଇ ଦଳ ନିକଟରେ ନମ୍ର ରୂପେ ପ୍ରତିଜ୍ଞା କରନ୍ତି, ଆମେ ଈଶ୍ୱରଙ୍କ ସାହାଯ୍ୟରେ ତାହାଙ୍କ ଲୋକମାନଙ୍କ ଯତ୍ନ ନେବା।

ଶ୍ରୀ ଜ୍ଞାନୀ ଦଳକୁ ଅନୁରୋଧ କରନ୍ତି, ଆପଣମାନେ କ'ଣ ଈଶ୍ୱରଙ୍କ ସାହାଯ୍ୟରେ ଏହି ପ୍ରାଚୀନମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଓ ସେମାନେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ସମୟରେ ସେମାନଙ୍କ ବାଧ୍ୟ ହେବାକୁ ଓ ସେମାନେ ସେବାକାର୍ଯ୍ୟରେ ଯାହା କରିବାକୁ ପ୍ରସ୍ତୁତ କରିଛନ୍ତି, ସେଥିରେ ସାହାଯ୍ୟ କରିବାକୁ ପ୍ରତିଜ୍ଞା କରୁଛନ୍ତି?

ଶ୍ରୀ ବୋକାଙ୍କୁ ଛାଡ଼ି ଅନ୍ୟମାନେ ଉତ୍ତର ଦିଅନ୍ତି, ଆମେନ୍!।

ତିତସ ନୂଆ କ୍ରିତୀରେ ପାଳକୀୟ ପ୍ରାଚୀନଙ୍କ ପ୍ରତି ଯେପରି କରିଥିଲେ, ଶ୍ରୀ ଜ୍ଞାନୀ ମଧ୍ୟ ସେହିପରି ଶିକ୍ଷାର୍ଥୀ ଓ ସାହାଯ୍ୟକାରୀଙ୍କ ଉପରେ ହସ୍ତାର୍ପଣ କରି ଓ ପ୍ରାର୍ଥନା କରି ପବିତ୍ରଆତ୍ମାଙ୍କ ଦ୍ୱାରା ପାଳକ ରୂପେ ସେମାନଙ୍କୁ ଅଭିଷିକ୍ତ କରନ୍ତି।

ପ୍ରାର୍ଥନା କରିବା ପାଇଁ ଦଳଟି ଆଣ୍ଠେଇ ପଡ଼ନ୍ତି। କେହି କେହି କାନ୍ଦନ୍ତି। ଶିକ୍ଷାର୍ଥୀ ଜାଣନ୍ତି ଯେ, ବର୍ତ୍ତମାନ ତାଙ୍କଠାରେ ପବିତ୍ରଆତ୍ମାଙ୍କ ଶକ୍ତି ରହିଛି, ଯେପରି ସେ ଓ ତାଙ୍କ ଭାଇ ଈଶ୍ୱରଙ୍କ ଦଳର ପାଳକୀୟ ଦାୟିତ୍ୱ ଗ୍ରହଣ କରିପାରିବେ।

## ବ୍ୟାବହାରିକ କାର୍ଯ୍ୟ

- ମାଥିଉ ୨୬:୨୬–୨୮ ମୁଖସ୍ଥ କରନ୍ତୁ ଯେପରି ପ୍ରଭୁଭୋଜ ପାଳନ ସମୟରେ ଆପଣ ଖ୍ରୀଷ୍ଟଙ୍କ କଥା କହିପାରୁଥିବେ।
- ଅନୁତପ୍ତ ଲୋକମାନଙ୍କ ପାଇଁ ନିୟମିତ ରୂପେ ପ୍ରଭୁଭୋଜ ପାଳନ କରନ୍ତୁ।
- ନୂତନ ମଣ୍ଡଳୀଗୁଡ଼ିକୁ ପ୍ରଭୁଭୋଜ ପାଳନ ନିମନ୍ତେ ଥିବା ନିର୍ଦ୍ଦେଶ ଓ ଅଧିକାର ଦିଅନ୍ତୁ।

## ୨–୭ ଖ୍ରୀଷ୍ଟଙ୍କ ଆଦେଶ ୭

# ଦାନ ଦେବା

ଶ୍ରୀ ଜ୍ଞାନୀଙ୍କୁ ବିଦାୟ ଜଣାଇବା ପରେ ବିଶ୍ୱାସୀମାନେ ଶିକ୍ଷାର୍ଥୀଙ୍କ ଘର ଛାଡ଼ି ଦିଅନ୍ତି। ସେ ଶିକ୍ଷାର୍ଥୀଙ୍କ ସହ ପ୍ରାର୍ଥନା କରିବା ପାଇଁ ରହନ୍ତି। କେହି ଜଣେ ଦ୍ୱାରରେ ଆଘାତ କରନ୍ତି। ଜଣେ ପୋଲିସ୍ କହନ୍ତି, ଶ୍ରୀ ଜ୍ଞାନୀ ମୁଁ ତୁମକୁ କହିବା ପାଇଁ ଆସିଛି ଯେ, ତୁମେ ବର୍ତ୍ତମାନ ଆମର ଏହି କ୍ଷେତ୍ର ପରିତ୍ୟାଗ କରି ଚାଲିଯାଅ। ତୁମେ ଜଣେ ଭଲ ଲୋକ ହୋଇଥିବାରୁ ମୁଁ ତୁମକୁ ଗିରଫ ନ କରି ତୁମକୁ ପଳାଇଯିବାକୁ ଦେଇ ଦୟା କରୁଛି। ବର୍ତ୍ତମାନ ଯାଅ, ନଚେତ ମୁଁ ତୁମକୁ ବନ୍ଦୀଶାଳାକୁ ନେଇଯିବି।

ଶ୍ରୀ ଜ୍ଞାନୀଙ୍କ ପଥ ମଧ୍ୟରେ ଖାଦ୍ୟ ଖାଇବା ପାଇଁ ସାରା ଗୋଟିଏ ମୁଣି ତାଙ୍କୁ ଦିଅନ୍ତି। ସେ କହନ୍ତି, ତୁମେ ଦୟାଳୁ ଅଟ। ମୁଁ କୃତଜ୍ଞ। ଶିକ୍ଷାର୍ଥୀ, ଲୂକ ୬:୩୮ ଅନୁସାରେ ତୁମକୁ ଅନ୍ୟମାନଙ୍କୁ ଦାନ କରିବା ପାଇଁ ଥିବା ଯୀଶୁଙ୍କ ଆଜ୍ଞା ପାଳନ କରିବାକୁ ଶିକ୍ଷା ଦେବାକୁ ପଡ଼ିବ। ବର୍ଣ୍ଣନା କରନ୍ତୁ ଯେ, ଖ୍ରୀଷ୍ଟଙ୍କୁ ଅନୁସରଣ କରି ଅନନ୍ତ ଜୀବନ ଲାଭ କରିବା ପାଇଁ ସେମାନେ ଈଶ୍ୱରଙ୍କଠାରୁ ଆବଶ୍ୟକୀୟ ବିଷୟ ଗ୍ରହଣ କରିଛନ୍ତି। ଈଶ୍ୱର ସେମାନଙ୍କୁ ଯେପରି ଦାନ କରିଅଛନ୍ତି, ସେମାନେ ମଧ୍ୟ ସେହିପରି ଦୟା ଚିତ୍ତରେ ଅନ୍ୟମାନଙ୍କୁ ଦାନ କରିବା ଉଚିତ୍।

ସେମାନଙ୍କ ମଧ୍ୟରୁ କେତେକ ଅତି ଦରିଦ୍ର ଅଟନ୍ତି ଓ ସେମାନଙ୍କର ଅର୍ଥ ନାହିଁ।

ସେମାନେ ଅଭାବୀମାନଙ୍କୁ ଅନ୍ୟାନ୍ୟ ବସ୍ତୁ ଦେଇ ଉପାସନା ମଣ୍ଡଳୀର ସେବା କରିପାରିବେ। ଶିକ୍ଷାର୍ଥୀ, ମୁଁ ତୁମ୍ଭମାନଙ୍କର ଯେପରି ସେବା କରିଛି, ତୁମ୍ଭେମାନେ ମଧ୍ୟ ଅନ୍ୟମାନଙ୍କ ସେବା କର। ଜାଗତିକ ନେତାମାନଙ୍କ ପରି ହୁଅ ନାହିଁ, ଯେଉଁମାନେ ଅନ୍ୟମାନଙ୍କୁ ନିୟନ୍ତ୍ରଣ କରି ସେମାନଙ୍କ ପ୍ରଭୁ ହୋଇଥା'ନ୍ତି। ତୁମର ଅଧିକାରୀ ପ୍ରତି ହିଂସା କର ନାହିଁ। ନୂତନ ମଣ୍ଡଳୀରେ ପାଳକୀୟ ପ୍ରାଚୀନମାନଙ୍କୁ ଏହା କୁହ। ସୁଯୋଗ ଦେଖି ଅନ୍ୟମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର କୁହ।

ମୁଁ ତାହା କରିବି, ଶିକ୍ଷାର୍ଥୀ ତାଙ୍କୁ ନିଶ୍ଚିତବୋଧ ଦେଲେ।

ମୁଁ ତୁମକୁ ଏହା ଦାନ ସ୍ୱରୂପ ଦେଉଛି। ଶ୍ରୀ ଜ୍ଞାନୀ ତାଙ୍କୁ ତାଙ୍କ ବାଇବଲ ଦିଅନ୍ତି। ତୁମେ ଯେତେବେଳେ ଏହା ଅଧ୍ୟୟନ କର, ସେତେବେଳେ ମୋର ଶିକ୍ଷା ସ୍ମରଣ କର ।

ଆପଣ ଯିବା ପୂର୍ବରୁ ଆମକୁ ଆଉ ଗୋଟିଏ ବାଇବଲ କାହାଣୀ କୁହନ୍ତୁ। ଆହୁରି ଏକଘଣ୍ଟା ପୂର୍ବରୁ ବସ୍ ଆସିବ ନାହିଁ।

ଆସନ୍ତୁ, **ଦୟାଳୁ ବିଧବା**ଙ୍କ ବିଷୟରେ ପଢ଼ିବା।

### ଅନୁଶୀଳନୀ

ବର୍ତ୍ତମାନ **ଲୂକ ୨୧:୧–୪** ଦେଖନ୍ତୁ :

- ବିଧବାଙ୍କ ପାଖରେ ଯାହା କିଛି ଥିଲା, ସେଥିରୁ ସେ କେତେ ଦାନ କଲେ ?
- ଧନୀମାନଙ୍କ ଦାନ ତୁଳନାରେ ଈଶ୍ୱର ତାଙ୍କ ଦାନକୁ କେତେ ବୋଲି ଗଣନା କଲେ ?

ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଦେଖ, ବିଧବାଙ୍କର ବଞ୍ଚିବା ପାଇଁ ଯାହାକିଛି ଥିଲା, ସେ ସବୁକିଛି ଦାନ କରିଥିଲେ, ୧୦୦% ? ଯଦି ପୁରାତନ ନିୟମର ଲୋକମାନଙ୍କୁ ଈଶ୍ୱରଙ୍କୁ ସେମାନଙ୍କ ସମ୍ପତ୍ତିର ୧୦% ଦାନ କରିବାକୁ ଆଜ୍ଞା ଦିଆଯାଇଥିଲା, କିନ୍ତୁ ନୂତନ ନିୟମରେ ଇଚ୍ଛାନୁସାରେ ଦାନ କରିବା ପାଇଁ ନିୟମ ନାହିଁ। ଈଶ୍ୱରଙ୍କ ପ୍ରତି ଆମର ପ୍ରେମଭାବ ଆମକୁ ବିଧବାଙ୍କ ପରି ଆମର ସର୍ବସ୍ୱ ଦାନ କରିବାକୁ ଅନୁପ୍ରାଣିତ କରିଥାଏ। ୧ମ କରିନ୍ଥୀୟ ୧୬:୨ ପଦରେ ପାଉଲ କରିନ୍ଥୀୟ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ପ୍ରତ୍ୟେକ ସପ୍ତାହ ଈଶ୍ୱରଙ୍କ ପାଇଁ କିଛି କରିବାକୁ ଶିକ୍ଷା ଦେଇଥିଲେ। ଆୟର ଦଶମାଂଶ ଦାନ ଦେବାକୁ ଆରମ୍ଭ କରିବା ଉତ୍ତମ ଅଟେ।

ଶିକ୍ଷାର୍ଥୀ ସମ୍ମତ ହୁଅନ୍ତି।

୨ୟ କରିନ୍ଥୀୟ ୯:୬–୭ ପଦରେ ଲେଖାଯାଏ, ଯେଉଁମାନେ ହୃଷ୍ଟଚିତ୍ତ ଓ କୃତଜ୍ଞତାରେ ଦାନ କରନ୍ତି, ଈଶ୍ୱର ସେମାନଙ୍କୁ ଆଶୀର୍ବାଦ କରିବାକୁ ପ୍ରତିଜ୍ଞା କରିଅଛନ୍ତି। ଆମର ସବୁକିଛି ଈଶ୍ୱରଙ୍କଠାରୁ ଆସିଥାଏ। ଆମେ ତାହାଙ୍କ ପ୍ରତି କୃତଜ୍ଞ ହୋଇଥିବାରୁ ହୃଷ୍ଟଚିତ୍ତରେ ତାହାଙ୍କୁ ଦାନ କରିଥାଉ। ଆମର ଦୟାଭାବ ସେ ଯେ ଆମର ସବୁକିଛିର ପ୍ରଭୁ ଅଟନ୍ତି, ତାହା ଆମେ ବିଶ୍ୱାସ କରୁ ବୋଲି ଦର୍ଶାଇଥାଏ। ଆମର ଯତ୍ନ ନେବେ ଓ ଆଶୀର୍ବାଦ କରିବେ ବୋଲି ତାହାଙ୍କ ପ୍ରତିଜ୍ଞା ପ୍ରତି ଆମର ବିଶ୍ୱାସ ଅଛି ବୋଲି ଏହା ଦର୍ଶାଏ।

ଶିକ୍ଷାର୍ଥୀ ପୁନର୍ବାର ବିଧବା ବିଷୟରେ ଥିବା ଛୋଟ ଘଟଣା ପଢ଼ନ୍ତି। ଈଶ୍ୱର ବିଧବା ଓ ଧନୀ ଲୋକମାନଙ୍କ ହୃଦୟ ଦେଖୁଥିଲେ। ସେମାନେ କାହିଁକି ଦାନ କରୁଛନ୍ତି ତାହା ସେ ଦେଖୁଥିଲେ। ଧନୀ ଲୋକମାନେ କର୍ତ୍ତବ୍ୟ ପାଳନ କରିବା ପାଇଁ ବା ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ସେମାନଙ୍କ ବଳକା ଧନରୁ କିଛି ଦାନ କରୁଥିଲେ। ବିଧବାଟି କେବଳ ଦୁଇଟି କ୍ଷୁଦ୍ର ମୁଦ୍ରା ପକାଇଥିଲେ, ମାତ୍ର ଈଶ୍ୱର ଜାଣିଲେ ଯେ, ଏହା ହିଁ ପ୍ରେମରେ ଆନନ୍ଦପୂର୍ଣ୍ଣ ଦାନ ଅଟେ। ସେ ଏହାକୁ ଧନୀ ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ଦାନ ବୋଲି ବିବେଚନା କଲେ।

ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ କହନ୍ତି ଯେ, ବାଇବଲର କେତେକ ଲୋକ ସେମାନଙ୍କ ଦାନକୁ ଏହିପରି ବ୍ୟବହାର କରନ୍ତି :

- ପାଳକୀୟ ପ୍ରାଚୀନ ଓ ମିଶନାରୀମାନଙ୍କୁ ସାହାଯ୍ୟ କରିବାକୁ,
- ବିଧବା ଓ ଅନାଥ ଓ ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବାକୁ,

- କ୍ଷୁଧିତକୁ ସାହାଯ୍ୟ କରିବା ପାଇଁ,
- ପୁରାତନ ନିୟମ ମନ୍ଦିର ମରାମତି କରିବା ପାଇଁ।

ଶ୍ରୀ ଜ୍ଞାନୀ ବିଦାୟ ଜଣାନ୍ତି। ଶ୍ରୀ ବୋକା ବାହାରେ ଅପେକ୍ଷା କରି ତାହାଙ୍କୁ କହନ୍ତି, ଆପଣ ଯଦି ଅଧିକାରୀଙ୍କ ନିକଟରେ ପ୍ରତିଜ୍ଞା କରି କହିବେ ଯେ, ଆପଣ ସେମାନଙ୍କ କଥା ମାନିବେ, ତେବେ ସେମାନେ ଆପଣଙ୍କୁ ରହିବାକୁ ଦେବେ। ଆପଣ ଆପଣଙ୍କ ଜୀବନ କାହିଁକି ନଷ୍ଟ କରିବେ? ଏହି ଜୀବନରେ ଆପଣଙ୍କ ବିଶ୍ୱାସ କାମରେ ଆସିବ ନାହିଁ। ଯୀଶୁଙ୍କ ବିଷୟରେ ଶିକ୍ଷା ଦେବାକୁ ଭୁଲି ଏଠାରେ ଏକ ଭଲ କାମ କରି ରୁହନ୍ତୁ!

ଶ୍ରୀ ଜ୍ଞାନୀ ଦୀର୍ଘଶ୍ୱାସ ପକାନ୍ତି। ଶ୍ରୀ ବୋକା ତୁମେ ଆମର ଆଶା ବିଷୟ ବୁଝିପାରୁ ନାହଁ। ଆମେ ବର୍ତ୍ତମାନ ଯାହା ଦାନ କରୁଛୁ, ତାହା ସ୍ୱର୍ଗରେ ଆମର ପୁରସ୍କାର ପ୍ରାପ୍ତି ନିମନ୍ତେ ବିନିଯୋଗ ଅଟେ। ପ୍ରେରିତ ୧:୯-୧୧ ପଦରେ ଲେଖାଅଛି, ଯୀଶୁ ଯେପରି ଯାଇଥିଲେ ତାହାଙ୍କୁ ସେହିପରି ପ୍ରତ୍ୟାବର୍ତ୍ତନ କରିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ସେ ଆସିବା ପରେ ସବୁକିଛି ପରିବର୍ତ୍ତନ ହୋଇଯିବ। ଆମେ ଏକ ସ୍ୱର୍ଗୀୟ ଦାନ ଗ୍ରହଣ କରିବା। ଆମେ ଅନନ୍ତକାଳସ୍ଥାୟୀ ଧନ ଲାଭ କରିବା। ବର୍ତ୍ତମାନ ମୋତେ ଯିବାକୁ ପଡ଼ିବ। ଶ୍ରୀ ବୋକା, ହିତୋପଦେଶ ୨୧ ପଦରେ **ଯୀଶୁଙ୍କଠାରେ ଆମର ଭବିଷ୍ୟତ ବିଷୟରେ କ'ଣ ଲେଖାଯାଏ** ଦେଖନ୍ତୁ। ଶ୍ରୀ ବୋକା କେବଳ ବିଦାୟ ଜଣାଇ ପଳାଇଗଲେ, ମାତ୍ର ଶିକ୍ଷାର୍ଥୀ ଶାସ୍ତ୍ରରେ ଲେଖାଥିବା ପ୍ରତିଜ୍ଞାସମୂହ ପଢ଼ି ଖୁସି ହେଉଥା'ନ୍ତି।

### ଅନୁଶୀଳନୀ

ବର୍ତ୍ତମାନ ଦୟାକରି **ପ୍ରକାଶିତ ବାକ୍ୟ ୨୧:୧-୯** ପଢ଼ନ୍ତୁ :

- ନୂତନ ରାଜ୍ୟରେ ଈଶ୍ୱର କେଉଁମାନଙ୍କ ସହ ବାସ କରନ୍ତି?
- ସ୍ୱର୍ଗରେ ଶୋକାର୍ତ୍ତ ଓ ମୃତ୍ୟୁଭୋଗ କରିଥିବା ଲୋକମାନଙ୍କର କ'ଣ ହେବ?
- ଯେଉଁ ଲୋକମାନେ ଈଶ୍ୱରଙ୍କ ଉପରେ ଆସ୍ଥା ସ୍ଥାପନ କରିବାକୁ ପ୍ରତ୍ୟାଖ୍ୟାନ କରି ପାପପୂର୍ଣ୍ଣ ଜୀବନ ବିତାନ୍ତି, ସେମାନଙ୍କ ପ୍ରତି କ'ଣ ହେବ?

ଶିକ୍ଷାର୍ଥୀ ଆନନ୍ଦ କରନ୍ତି, ଏହା କହେ, ଆମେ ଈଶ୍ୱରଙ୍କ ସହ ବାସ କରିବା ଓ ତାହାଙ୍କ ଲୋକ ହେବା। ଆମେ ସିଦ୍ଧ ହେବା ଓ ସ୍ୱାମୀ ଯେପରି ଜଣେ ସୁନ୍ଦରୀ ସ୍ତ୍ରୀକୁ ସ୍ୱାଗତ କରିଥା'ନ୍ତି, ସେ ଆମକୁ ସେହିପରି ସ୍ୱାଗତ କରିବେ! ଆଉ କ୍ରନ୍ଦନ, ଦୁଃଖ ଓ ମୃତ୍ୟୁ ହେବ ନାହିଁ। ସବୁକିଛି ନୂତନ ଓ ସୁନ୍ଦର ହେବ! ଶ୍ରୀ ଜ୍ଞାନୀ ମୁଁ ଯଦି ଆପଣଙ୍କୁ ଆଉ ଦେଖି ପାରିବି ନାହିଁ, ତେବେ ଈଶ୍ୱର ଯେତେବେଳେ ନୂତନ ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କରିବେ, ସେତେବେଳେ ମୁଁ ଆପଣଙ୍କୁ ଦେଖିବି।

ଶ୍ରୀ ଜ୍ଞାନୀ କହନ୍ତି, ଶିକ୍ଷାର୍ଥୀ, ଆମେ ଏକ ଚମତ୍କାର ରାଜ୍ୟର ଅପେକ୍ଷାରେ ରହିଛୁ। ତେଣୁ ଏହି ଜୀବନରେ ଧନ ସଂଗ୍ରହ କରିବା ପାଇଁ ଓ ପ୍ରଭାବଶାଳୀ ହେବା ପାଇଁ ନିଜକୁ ବ୍ୟସ୍ତ କର ନାହିଁ। ଏହା ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ, କାରଣ ଏହି ଜୀବନ କ୍ଷଣସ୍ଥାୟୀ। ଈଶ୍ୱର ଯଦି ତୁମକୁ ଅର୍ଥ ଦେଉଅଛନ୍ତି, ତେବେ ଦୁର୍ବଳକୁ ସାହାଯ୍ୟ କରିବାରେ ଓ ପ୍ରଭୁଙ୍କ ସେବାର୍ଥେ ତାହା ବିନିଯୋଗ କର।
ତୁମେ ମୋର ଉଦାହରଣ ଦେଖିଲ। ମୁଁ କେବେ ମଧ୍ୟ ତୁମର ବୋଝ ନ ଥିଲି। ମନେରଖ ପ୍ରେରିତ ୨୦:୩୪, ୩୫ରେ ଈଶ୍ୱର କହନ୍ତି, ଗ୍ରହଣ କରିବା ଅପେକ୍ଷା ଦାନ ଦେବାଟା ଅଧିକ ଆଶୀର୍ବାଦର ବିଷୟ ଅଟେ।

ଶିକ୍ଷାର୍ଥୀ ଓ ତାଙ୍କ ଭାଇ ସାହାଯ୍ୟକାରୀ ଲୁହଭରା ଆଖିରେ ଶ୍ରୀ ଜ୍ଞାନୀଙ୍କୁ ବସ୍‌ରେ ଯିବାର ଦେଖିଲେ। ଶିକ୍ଷାର୍ଥୀ ଶୋକରେ କହନ୍ତି, ଆମେ ହୁଏତ ତାଙ୍କୁ ଆଉ କେବେ ଦେଖିବା ନାହିଁ।

## ବ୍ୟାବହାରିକ କାର୍ଯ୍ୟ

- ୨ୟ କରିନ୍ଥୀୟ ୯:୬-୭ ପଦରେ ଲେଖାଥିବା ହୃଷ୍ଟଚିତ୍ତ ଦାନ କରିବା ବିଷୟ ମୁଖସ୍ଥ କରନ୍ତୁ। ତା'ପରେ ଆପଣଙ୍କ ଲୋକମାନଙ୍କୁ ଏହା ଶିକ୍ଷା ଦିଅନ୍ତୁ।
- ଆପଣଙ୍କ ଲୋକମାନଙ୍କୁ ଲୋକମାନଙ୍କ ଦାନର ହିସାବ ରଖିବା ଓ ତାହା ଖର୍ଚ୍ଚ କରିବାର ଉପାୟ ଶିଖାନ୍ତୁ।
- ଅର୍ଥ ଗଣିବା ପାଇଁ କୋଷାଧ୍ୟକ୍ଷ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମନୋନୀତ କରନ୍ତୁ।
- ମଣ୍ଡଳୀର ନେତାଙ୍କ ଅଧିକାର ବିନା ଉକ୍ତ ଅର୍ଥରୁ ଧାର ନ ନେବା ବା କୌଣସି ଜିନିଷ ନ ନେବା ପାଇଁ କୋଷାଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଅନ୍ତୁ।
- ଅର୍ଥ କିପରି ଖର୍ଚ୍ଚ ହେବ, ତାହା ଜଣେ ପାଳକ ନିଜେ କେବେ ସିଦ୍ଧାନ୍ତ ନେବା ଉଚିତ୍ ନୁହେଁ, ବା ନିଜେ ତାହା ନେଇଯିବା ଅନୁଚିତ୍।
- ଦାନକୁ କିପରି ଖର୍ଚ୍ଚ କରାଯିବ, ସେ ବିଷୟରେ ମଣ୍ଡଳୀରେ ଯୋଜନା କରନ୍ତୁ। ବିପଦରେ ପଡ଼ିଥିବା ଓ ଅଭାବଗ୍ରସ୍ତ ଲୋକମାନଙ୍କୁ ପ୍ରଥମେ ସାହାଯ୍ୟ କରନ୍ତୁ।

## ୩ୟ ଭାଗ

# ମୌଳିକ ସେବାକାର୍ଯ୍ୟର ଅଭିବୃଦ୍ଧି

**୩ୟ ଭାଗର ଅଧ୍ୟାୟଗୁଡ଼ିକ ହେଉଛି ନୂତନ ନିୟମର ଆବଶ୍ୟକୀୟ ସେବାକାର୍ଯ୍ୟ । ଯେଉଁ ବିଷୟଗୁଡ଼ିକ କରି ଆପଣ ଓ ଆପଣଙ୍କ ସଦସ୍ୟଗଣ ସନ୍ତୋଷଲାଭ କରିଛନ୍ତି, ସେହି ବିଷୟଗୁଡ଼ିକୁ ✓ ଚିହ୍ନିତ କରନ୍ତୁ।**

୩-୧ ସେବାକାର୍ଯ୍ୟ ୧ : ଅନ୍ୟମାନଙ୍କୁ ସୁସମାଚାର ଶୁଣାଇ ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦିଅନ୍ତୁ

୩-୨ ସେବାକାର୍ଯ୍ୟ ୨ : ପରସ୍ପରର ସେବା କରିବା ପାଇଁ ଆମର ଆତ୍ମିକ ଦାନସବୁ ବ୍ୟବହାର କରି ଶରୀର ଗଠନ କରନ୍ତୁ

୩-୩ ସେବାକାର୍ଯ୍ୟ ୩ : ଈଶ୍ୱରଙ୍କ ଉପାସନା କରନ୍ତୁ ଓ ପ୍ରଭୁଭୋଜ ପାଳନ କରନ୍ତୁ

୩-୪ ସେବାକାର୍ଯ୍ୟ ୪ : ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରି, ଶିକ୍ଷା ଦେଇ ତାହା ପ୍ରୟୋଗ କରନ୍ତୁ

୩-୫ ସେବାକାର୍ଯ୍ୟ ୫ : ନୂତନ ଉପାସନା ମଣ୍ଡଳୀ ଆରମ୍ଭ କରନ୍ତୁ

୩-୬ ସେବାକାର୍ଯ୍ୟ ୬ : ପାଳକମାନଙ୍କୁ (ପାଳକୀୟ ପ୍ରାଚୀନମାନଙ୍କୁ) ଓ ଅନ୍ୟ ନେତାମାନଙ୍କୁ ତାଲିମ ଦିଅନ୍ତୁ

୩-୭ ସେବାକାର୍ଯ୍ୟ ୭ : ଉପାସନା ମଣ୍ଡଳୀର ସଦସ୍ୟମାନଙ୍କ ମଧ୍ୟରେ ସହଭାଗିତା ସ୍ଥାପନ କରନ୍ତୁ

୩-୮ ସେବାକାର୍ଯ୍ୟ ୮ : ଲୋକମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ବା ପାରିବାରିକ ସମସ୍ୟା ସମୟରେ ପରାମର୍ଶ ଦିଅନ୍ତୁ

୩-୯ ସେବାକାର୍ଯ୍ୟ ୯ : ବିବାହ ଓ ସମ୍ପୂର୍ଣ୍ଣ ପରିବାରର ବିଶ୍ୱାସ ଦୃଢ଼ୀଭୂତ କରନ୍ତୁ

୩-୧୦ ସେବାକାର୍ଯ୍ୟ ୧୦ : ଅସୁସ୍ଥ, ଅଭାବଗ୍ରସ୍ତ ଓ ନିର୍ଯ୍ୟାତିତ ଲୋକମାନଙ୍କ ଯତ୍ନ ନିଅନ୍ତୁ

୩-୧୧ ସେବାକାର୍ଯ୍ୟ ୧୧ : ଖ୍ରୀଷ୍ଟଙ୍କ ସଦୃଶ ହୋଇ ମଣ୍ଡଳୀରେ ଶୃଙ୍ଖଳା ରକ୍ଷା କରନ୍ତୁ

୩-୧୨ ସେବାକାର୍ଯ୍ୟ ୧୨ : ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତୁ

୩-୧୩ ସେବାକାର୍ଯ୍ୟ ୧୩ : ଈଶ୍ୱରଙ୍କ ଧନର ଉତ୍ତମ ଭଣ୍ଡାରଘରିଆ ହୁଅନ୍ତୁ

୩-୧୪ ସେବାକାର୍ଯ୍ୟ ୧୪ : ମିଶନାରୀ ପ୍ରେରଣ କରନ୍ତୁ

## ୩ୟ ଅଧ୍ୟାୟ କିପରି ବ୍ୟବହାର କରିବେ

୩ୟ ଭାଗରେ ଚଉଦଟି ମୌଳିକ ସେବାକାର୍ଯ୍ୟ ବିଷୟରେ ଦିଆଯାଇଛି। ନୂତନ ନିୟମରେ ଈଶ୍ୱର ଗୋଟିଏ ମଣ୍ଡଳୀରୁ ଏହି ସେବାକାର୍ଯ୍ୟଗୁଡ଼ିକ ଲୋଡ଼ନ୍ତି। ପାଳକଙ୍କ କାହାଣୀ ପୁସ୍ତକରେ ଥିବା ଶିକ୍ଷାର୍ଥୀ ଚରିତ୍ର ପରି ଆପଣଙ୍କ ନିଜର ମଣ୍ଡଳୀ କେଉଁ ସମସ୍ୟାର ସମ୍ମୁଖୀନ ହେଉଛି ବା ସୁଯୋଗ ପାଉଛି, ତାହା ଦେଖନ୍ତୁ। ତା'ପରେ ରେଷ୍ଟୋରାଁରେ ଖାଦ୍ୟ ତାଲିକା ପରି ଉପରୋକ୍ତ ସେବାକାର୍ଯ୍ୟର ତାଲିକା ବ୍ୟବହାର କରନ୍ତୁ। ଏହି ସମୟରେ ଯେଉଁ ସେବାକାର୍ଯ୍ୟ ଦ୍ୱାରା ଆପଣଙ୍କ ମଣ୍ଡଳୀ ଶକ୍ତିଯୁକ୍ତ ହେବ, ତାହା ଦେଖନ୍ତୁ। ସେହି ସେବାକାର୍ଯ୍ୟ ଓ ତାହାର ପ୍ରୟୋଗକୁ ଉଲ୍ଲେଖ କରି ଆପଣଙ୍କ ମଣ୍ଡଳୀକୁ କାହାଣୀଗୁଡ଼ିକ କୁହନ୍ତୁ। ତା'ପରେ ଆପଣଙ୍କ ମଣ୍ଡଳୀକୁ ଈଶ୍ୱରଙ୍କ ସତ୍ୟତା କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରନ୍ତୁ।

ଏହି ପୁସ୍ତକର ପ୍ରଥମ ଭାଗରେ ଆମେ ଶ୍ରୀ ଜ୍ଞାନୀ ନାମକ ଜଣେ ଶିକ୍ଷକଙ୍କ ପରିଚୟ ଦେଇଥିଲୁ। ସେ ବାସ୍ତବରେ ଜଣେ ବ୍ୟକ୍ତି ନୁହନ୍ତି, ମାତ୍ର ସେ ବାଇବଲରେ ଥିବା ପ୍ରେରିତ ପାଉଲଙ୍କ ପରି ଅଟନ୍ତି। ପ୍ରଭୁ ଯୀଶୁ ଖ୍ରୀଷ୍ଟ ପାଉଲଙ୍କୁ ବିଭିନ୍ନ ଦେଶରେ ବିଶ୍ୱାସୀ ମଣ୍ଡଳୀ ସ୍ଥାପନ କରିବାକୁ କହିଥିଲେ। ପାଉଲ ସୁସମାଚାର ପ୍ରଚାର କରିଥିଲେ, ଉପାସନା ମଣ୍ଡଳୀ ଆରମ୍ଭ କରିଥିଲେ ଓ ସେମାନଙ୍କ ମଧ୍ୟରେ ପ୍ରାଚୀନମାନଙ୍କୁ ନିଯୁକ୍ତ କରିଥିଲେ। ତାଙ୍କ ପରେ କାର୍ଯ୍ୟ କରିବାକୁ ସେ ତିତସ ଓ ତୀମଥିଙ୍କ ପରି କାର୍ଯ୍ୟକାରୀଙ୍କୁ ତାଲିମ ଦେଇଥିଲେ। ପାଉଲ ସ୍ଥାପନ କରିଥିବା ମଣ୍ଡଳୀକୁ କେବେ ଭୁଲୁ ନ ଥିଲେ, ବରଂ ସେ ସେମାନଙ୍କ ନିକଟକୁ ପତ୍ର ପ୍ରେରଣ କରି ନିର୍ଦ୍ଦେଶ ଦେଉଥିଲେ। ବାଇବଲରେ ଏହିପରି କେତେକ ଚିଠି ରହିଛି। ବାଇବଲରେ ତିତସ ଓ ତୀମଥିଙ୍କୁ ତାଲିମ ଦେବା ପାଇଁ ତାଙ୍କର କେତୋଟି ପତ୍ର ରହିଛି।

ପାଉଲଙ୍କ ପରି ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀ ନାମକ ଜଣେ ବ୍ୟକ୍ତି ଓ ତାଙ୍କ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କ ନିକଟରେ ସୁସମାଚାର ପ୍ରଚାର କରିଥିଲେ। ଏକ ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ଏକତ୍ର କରିବା ପାଇଁ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିଥିଲେ। ସେମାନେ ଖ୍ରୀଷ୍ଟଙ୍କର ମୌଳିକ ଆଜ୍ଞା ପାଳନ କରିବାକୁ ଓ ଉପାସନା କରିବା ସମୟରେ ଈଶ୍ୱରଙ୍କ ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ କରିବାକୁ ଆରମ୍ଭ କରିଥିଲେ। ପୋଲିସ୍ ଖ୍ରୀଷ୍ଟିୟାନ ନେତାମାନଙ୍କ ଶତ୍ରୁ ହୋଇ ଶ୍ରୀ ଜ୍ଞାନୀଙ୍କୁ ବଳପୂର୍ବକ ସେହି ସ୍ଥାନ ପରିତ୍ୟାଗ କରିବାକୁ କହିଥିଲେ। ନେତାଗଣ ତାଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଦେଖି ନ ଥିଲେ।

ଶିକ୍ଷାର୍ଥୀ ତାଙ୍କ ଭାଇ ସାହାଯ୍ୟକାରୀଙ୍କୁ ମଣ୍ଡଳୀରେ ଏକ ନେତା ରୂପେ ତାଲିମ ଦେଇଥିଲେ। ସାହାଯ୍ୟକାରୀ ଉତ୍ତର ଦେଇଥିଲେ, ମୁଁ ଭଲ ରୂପେ ପଢ଼ିପାରେ ନାହିଁ। ମାତ୍ର ମୁଁ ଗୀଟାର ବଜାଇ ଗୀତ ବୋଲି ପାରିବି।

ଏହି ଅଧ୍ୟୟନ ମାଧ୍ୟମରେ ତୁମେ ଶୀଘ୍ର ଭଲ ରୂପେ ପଢ଼ିବା ଶିଖିଯିବ। ଶ୍ରୀ ଜ୍ଞାନୀଙ୍କଠାରୁ ମୁଁ ଯାହା ଶିକ୍ଷା କରିଛି, ତାହା ମୁଁ ତୁମକୁ କହିବି। ସେ ପ୍ରେରିତ ପାଉଲଙ୍କ ପରି ଅଟନ୍ତି। ସେ ଦୂରରେ ରହିଲେ ମଧ୍ୟ ଏଠାରେ ଥିବା ନୂତନ ନେତାମାନଙ୍କୁ ତାଲିମ ଦିଅନ୍ତି। ସେ

ଆମ ନିକଟକୁ ଡାକ ମାଧ୍ୟମରେ ପାଠ୍ୟକ୍ରମ ପଠାନ୍ତି। ଆମେ ଉଭୟ ବାଇବଲ ଓ ତାହାଙ୍କ ପ୍ରେରିତ ପାଠ୍ୟକ୍ରମ ବ୍ୟବହାର କରିବା। ସେଥିରେ ବାଇବଲ କାହାଣୀ ଓ ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରୟୋଗାତ୍ମକ ସତ୍ୟତା ରହିଛି।

*ପାଳକଙ୍କ କାହାଣୀ ପୁସ୍ତକ*ରେ ଶ୍ରୀ ଜ୍ଞାନୀଙ୍କ ଦ୍ୱାରା ବ୍ୟବହୃତ କାହାଣୀଗୁଡ଼ିକ ରହିଛି। ଏହି ୩ୟ ଅଧ୍ୟାୟ କହିଥାଏ ଯେ, ଶିକ୍ଷାର୍ଥୀ ଯାହା ଶିକ୍ଷା କରିଥା'ନ୍ତି, ତାହା କିପରି ତାଙ୍କର ଶିଷ୍ୟ ଓ ମଣ୍ଡଳୀକୁ ଜଣାଇଥା'ନ୍ତି । ଏହିପରି ଭାବରେ ଶିକ୍ଷାର୍ଥୀ ତାଙ୍କର ମଣ୍ଡଳୀକୁ ଯୀଶୁଙ୍କ ସାତୋଟି ମୌଳିକ ଆଜ୍ଞାଗୁଡ଼ିକ ମଧ୍ୟରୁ ଆସିଥିବା ସେବାକାର୍ଯ୍ୟ କରିବାକୁ ସାହାଯ୍ୟ କରିଥା'ନ୍ତି। ସେ ସାହାଯ୍ୟକାରୀ ଓ ଅନ୍ୟାନ୍ୟ ନେତାମାନଙ୍କୁ ତାଲିମ ଦେଇଥା'ନ୍ତି। ସାହାଯ୍ୟକାରୀ ଏକ ନୂତନ ମଣ୍ଡଳୀ ଆରମ୍ଭ କରନ୍ତି। ଶିକ୍ଷାର୍ଥୀଙ୍କ ପରିଚିତ ବ୍ୟକ୍ତି ଶ୍ରୀ ବୋକା ଜଣେ ବିକ୍ରେତା ଅଟନ୍ତି ଯେ କି ଅଦରକାରୀ ବିଷୟସବୁ ବିକ୍ରୀ କରିବାକୁ ଚେଷ୍ଟା କରିଥା'ନ୍ତି। ସେ ଲାଭ ପାଇବା ଉଦ୍ଦେଶ୍ୟରେ ମଣ୍ଡଳୀରେ ଯୋଗ ଦିଅନ୍ତି। ଯୀଶୁଙ୍କ ପ୍ରତି ପ୍ରେମ ଥିବା ହେତୁ ସେ ସେଠାକୁ ଯାଆନ୍ତି ନାହିଁ, ପୁଣି ସେ ଖ୍ରୀଷ୍ଟଙ୍କ ଆଜ୍ଞାକାରୀମାନଙ୍କୁ ଶିଷ୍ୟ ନ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ନିରୁତ୍ସାହିତ କରନ୍ତି।

## ୩-୧ ସେବାକାର୍ଯ୍ୟ ୧

# ଅନ୍ୟମାନଙ୍କୁ ସୁସମାଚାର ଶୁଣାଇ ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦିଅନ୍ତୁ

ସାହାଯ୍ୟକାରୀ ସ୍ୱାଭାବିକ ରୂପେ ଗୀତ ବୋଲି ବୋଲି ଶିକ୍ଷାର୍ଥୀଙ୍କ କାଠକାମ ଦୋକାନରେ ତାଙ୍କୁ ଏକ ଶିଡ଼ି ତିଆରି କରିବାରେ ସାହାଯ୍ୟ କରନ୍ତି। ଶ୍ରୀ ବୋକା ସେଠାରେ ପହଞ୍ଚି ଅନୁରୋଧ କରନ୍ତି, ଶିକ୍ଷାର୍ଥୀ, ତୁମେ ପରିବାବାଲା ପାଇଁ ଯେପରି କରିଥିଲ, ମୋ' ପାଇଁ ମଧ୍ୟ ଏକ ଦୁଇଚକିଆ ଗାଡ଼ି ତିଆରି କରିଦେବ କି ସେଥିରେ ମୁଁ ବିକ୍ରୀ କରୁଥିବା ଜିନିଷ ରଖି ଦେଖାଇପାରିବି ? ମୁଁ ଏଥିପାଇଁ ବର୍ତ୍ତମାନ ତୁମକୁ ମୂଲ୍ୟ ଦେଇପାରିବି ନାହିଁ, ମାତ୍ର ମୁଁ ଅଧିକ ଜିନିଷ ବିକ୍ରୀ କରି ଆସନ୍ତା ମାସରେ ସହଜରେ ମୂଲ୍ୟ ଦେଇଦେବି। ଶିକ୍ଷାର୍ଥୀ ଟିକିଏ ଚିନ୍ତା କରି ଉତ୍ତର ଦିଅନ୍ତି, ମୋ ପାଇଁ ଦୁଇଟି ଦୁଇଚକିଆ ସାଇକଲ୍‌ର ଚକ ଓ ମୋଟା କାଠ ଆଣ, ମୁଁ ତୁମ ପାଇଁ ତିଆରି କରିଦେବି। ମୁଁ ବିନାମୂଲ୍ୟରେ ତିଆରି କରିଦେବି। ଶ୍ରୀ ଜ୍ଞାନୀ ଆମକୁ ଅର୍ଥ ଧାର ଦେବା ବା ଧାର ନେବା ବିଷୟରେ ସତର୍କ କରିଦେଇଛନ୍ତି।

ସାହାଯ୍ୟକାରୀ ତାଙ୍କ ଯୋଜନା ବିଷୟରେ କହିବା ସମୟରେ ଶ୍ରୀ ବୋକା ସେଠାରେ ରହନ୍ତି। ମୁଁ ଅନ୍ୟ ଏକ ଛୋଟ ମଣ୍ଡଳୀ ଆରମ୍ଭ କରିବାକୁ ଇଚ୍ଛା କରୁଛି – ତାହା ତୁମ ଘରେ ଆରମ୍ଭ ହେଉଥିବା ମଣ୍ଡଳୀର ଏକ ଅଂଶ ହେବ। ମୁଁ ଯେଉଁଠାରେ ବାସ କରେ ସେଠାରୁ କିଛି ଲୋକ ଏଠାକୁ ଆସି ଉପାସନା କରୁଛନ୍ତି।

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଏହା ହେଉ ବୋଲି ମୁଁ ପ୍ରାର୍ଥନା କରି ଆସୁଛି। ଏଠାରେ ଆମ ମଣ୍ଡଳୀକୁ ଯେଉଁମାନେ ତୁମ ବାସସ୍ଥାନ ପାଖରୁ ଆସୁଛନ୍ତି, ସେମାନଙ୍କୁ ମୁଁ ଅନୁରୋଧ କରିବି ଯେ, ସେମାନେ ଯେପରି ତୁମ ସହଭାଗିତାକୁ ଯିବେ। ମୁଁ ଭାବୁଛି ଅନେକେ ଯିବେ।

ନା ! ଶ୍ରୀ ବୋକା ଅଭିଯୋଗ କରନ୍ତି, ତାହା ଏଠାରେ ଥିବା ଆମ ମଣ୍ଡଳୀକୁ ଦୁର୍ବଳ କରିଦେବ !

ଶିକ୍ଷାର୍ଥୀ ତାଙ୍କୁ ସଂଶୋଧନ କରନ୍ତି, ଶ୍ରୀ ଜ୍ଞାନୀ କହିଥିଲେ ଯେ, ଖ୍ରୀଷ୍ଟଙ୍କ ନିମନ୍ତେ ସମଗ୍ର କ୍ଷେତ୍ରରେ ସୁସମାଚାର ପ୍ରଚାର କରିବାର ଏକମାତ୍ର ଉପାୟ ହେଉଛି ପ୍ରତ୍ୟେକ ସମାଜରେ ଗୋଟିଏ ଲେଖାଏଁ ସହଭାଗିତା ପ୍ରତିଷ୍ଠା କରିବା। ଆମ କ୍ଷେତ୍ରରେ ଯେଉଁ ମଣ୍ଡଳୀ ରହିଛି ତାହା କେବଳ ଆମର କ୍ଷୁଦ୍ର ମଣ୍ଡଳୀ ହୋଇ ରହିବା ଉଚିତ୍ ନୁହେଁ। ଅନେକ ଦଳ ପରସ୍ପର ଏକତ୍ର କାର୍ଯ୍ୟ କରିବେ। ସେହିପରି ଭାବରେ ଆମେ ଯୀଶୁଙ୍କ ପାଇଁ ହଜାର ହଜାର ଲୋକଙ୍କ ନିକଟରେ ସୁସମାଚାର ପହଞ୍ଚାଇପାରିବା। ସାରା କ୍ଷେତ୍ରରେ ବଡ଼ ଦ୍ରାକ୍ଷାକ୍ଷେତ୍ର ପରି ସୁସମାଚାର ବ୍ୟାପିଯିବ।

ଶ୍ରୀ ବୋକା ପଳାନ୍ତି ଓ ସାହାଯ୍ୟକାରୀ କହନ୍ତି, ମୋର ବାସସ୍ଥାନ ନିକଟରେ ଥିବା ବିଶ୍ୱାସୀମାନଙ୍କୁ ସୁସମାଚାର ପ୍ରଚାର କରିବା ପାଇଁ ମୁଁ ଅନୁରୋଧ କରିଥିଲି। ସେମାନେ କହିଲେ ଯେ, କିପରି କରିବାକୁ ହେବ, ତାହା ସେମାନେ ଜାଣନ୍ତି ନାହିଁ। ସେମାନେ ଭୟ କରୁଛନ୍ତି। ମୁଁ କିପରି ସେମାନଙ୍କ ଭୟ ଦୂର କରିବି ?

ଶିକ୍ଷାର୍ଥୀ, ଶ୍ରୀ ଜ୍ଞାନୀ ତାଙ୍କୁ ଭୟ ବିଷୟରେ ଏକ ଶିକ୍ଷା ଦେଇଥିଲେ ବୋଲି ମନେ ପକାନ୍ତି। ସେ କହନ୍ତି, ଶ୍ରୀ ଜ୍ଞାନୀ ତୁମ ପାଇଁ ଓ ଯେଉଁମାନଙ୍କୁ ଆମେ ନେତା ରୂପେ ତାଲିମ ଦେଉଛୁ, ସେମାନଙ୍କ ପାଇଁ ପାଠ୍ୟକ୍ରମ ଦେଇଥିଲେ। ଏହି ପାଠ୍ୟକ୍ରମ ମଧ୍ୟରୁ ଗୋଟିଏ ହେଉଛି ବାଇବଲରେ କେତେ ଜଣ ଲୋକ ବିଶ୍ୱାସ ଓ ସାହସର ସହ ଅନ୍ୟମାନଙ୍କୁ ଈଶ୍ୱରଙ୍କ ବିଷୟରେ କହିଥିଲେ। ଏହା ତୁମକୁ ତୁମର ସାହାଯ୍ୟକାରୀମାନଙ୍କୁ ବର୍ଣ୍ଣନା କରିବାରେ ସାହାଯ୍ୟ କରିବ ଯେ, ସେମାନେ କାହା ଉପରେ ସେମାନଙ୍କ ବିଶ୍ୱାସ ସ୍ଥାପନ କରୁଛନ୍ତି ତାହା ଅଭ୍ୟାସ କରିବେ। ଯୀଶୁଙ୍କ ବିଷୟରେ କହିବା ସମୟରେ ସେମାନେ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି। ଦାଉଦ ଓ ରାକ୍ଷସର କାହାଣୀଟି ସାହସର ଉଦାହରଣ ପ୍ରଦାନ କରିଥାଏ।

### ଅନୁଶୀଳନୀ

ଭୀତିପ୍ରଦ ରାକ୍ଷସ ସହିତ କିପରି ଯୁଦ୍ଧ କରିବାକୁ ହେବ ତାହା ଆମେ **୧ମ ଶାମୁୟେଲ ୧୭:୧–୫୧ ପଦ**ରେ ଦେଖିବାକୁ ପାରିବା :

- ଜଣେ ମେଷପାଳକ ରୂପେ ଦାଉଦଙ୍କ ଉତ୍ତମ କର୍ମ କିପରି ଜଣେ ଭୟଙ୍କର ମନୁଷ୍ୟ ସହିତ ଯୁଦ୍ଧ କରିବା ପାଇଁ ତାଙ୍କୁ ପ୍ରସ୍ତୁତ କରିଥିଲା ?
- ଦାଉଦ କିପରି ନିଶ୍ଚିତବୋଧ ଥିଲେ ଯେ, ସେ ସୈନ୍ୟର କୌଣସି ଅସ୍ତ୍ର ବିନା ରାକ୍ଷସକୁ ପରାସ୍ତ କରିଦେବେ ?

ଶିଡ଼ି ତିଆରି କରୁଥିବା ସମୟରେ ଶିକ୍ଷାର୍ଥୀ ବର୍ଣ୍ଣନା କରନ୍ତି, ଦାଉଦ ମେଷମାନଙ୍କ ଯତ୍ନ ନେବା ସମୟରେ, ବିପଦ ସମୟରେ ଈଶ୍ୱରଙ୍କ ଉପରେ ନିର୍ଭର ରଖିବାକୁ ଶିକ୍ଷା କରିଥିଲେ। ସେ ଈଶ୍ୱରଙ୍କ ଉପାସନା ଓ ତାହାଙ୍କ ବାକ୍ୟ ଧ୍ୟାନ କରିବାରେ ସମୟ କ୍ଷେପଣ କରୁଥିଲେ। ତାହା ହିଁ ତାଙ୍କୁ ଗଲିୟାତର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରିଥିଲା। ବାଇବଲରେ ଅନେକ ଲୋକ ଈଶ୍ୱରଙ୍କ ସାକ୍ଷୀ ହୋଇଛନ୍ତି। ବର୍ତ୍ତମାନ ସେହିପରି **ନିଆଁ ଭିତରେ ତିନି ଜଣ ଲୋକ**ଙ୍କ ଏକ କାହାଣୀ ଶୁଣ।

### ଅନୁଶୀଳନୀ

ଦାନିୟେଲ ୩ ଦେଖନ୍ତୁ :

- ସେମାନେ କିପରି ନିର୍ଭୟରେ ବିପଦର ସମ୍ମୁଖୀନ ହୋଇପାରିଥିଲେ ?
- ଈଶ୍ୱରଙ୍କ ମହାନତା ବିଷୟରେ ରାଜା କିପରି ବୁଝିପାରିଥିଲେ ?

ସୁସମାଚାର କାର୍ଯ୍ୟରେ ଉତ୍ସାହ ଆଣିବା ପାଇଁ ସାହାଯ୍ୟକାରୀ ଦାଉଦଙ୍କ ପରି ସାହସୀ ହେବାକୁ ଏକ ଗୀତ ରଚନା କରିଛନ୍ତି। ସଙ୍ଗୀତଟି ମର୍ମସ୍ପର୍ଶୀ ହୋଇଛି ଓ ଭୟ ଆଉ ରହୁ ନାହିଁ। ପରଦିନ ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ତାଙ୍କ ଦୋକାନରେ ସାକ୍ଷାତ କରି ପଚାରନ୍ତି, ସଫଳ ସୁସମାଚାର ପ୍ରଚାର ବିଷୟରେ ବାଇବଲ କ'ଣ ଆମକୁ କିଛି ଉଦାହରଣ ଦେଇଛି ? ଆମେ ସାହାଯ୍ୟ ଲୋଡ଼ୁ।

ଶିକ୍ଷାର୍ଥୀ **ସୁସମାଚାର ପ୍ରଚାର କରିବା ପାଇଁ ପ୍ରଥମ ସାହାଯ୍ୟ** ବିଷୟରେ ବର୍ଣ୍ଣନା କରନ୍ତି : **ପ୍ରସ୍ତୁତି**। ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ସଫଳ ସୁସମାଚାର ପ୍ରଚାର କରିବା ପାଇଁ ଈଶ୍ୱର ପିତରଙ୍କୁ ପ୍ରସ୍ତୁତ କରିଥିଲେ।

### ଅନୁଶୀଳନୀ

**ପ୍ରେରିତ ୧୦:୧–୩୩ ପଦ**ରେ ସାହାଯ୍ୟକାରୀ ଯାହା ପାଆନ୍ତି ତାହା ଦେଖନ୍ତୁ :

- ଲୋକଟି ପିତରଙ୍କୁ ଖୋଜି ଖୋଜି ଯାଫୋକୁ ଯିବା ବେଳେ ସେ କ'ଣ କରୁଥିଲେ ?
- ଈଶ୍ୱର ପିତରଙ୍କୁ କିପରି ଦର୍ଶାଇଥିଲେ ଯେ, ତାଙ୍କୁ ଅନ୍ୟମାନଙ୍କ ପାଖକୁ ଯାଇ ସେମାନଙ୍କୁ ତାଙ୍କ ପରି ହେବା ପାଇଁ ଅପେକ୍ଷା ନ କରି ଭିନ୍ନ ଉପାୟ ଗ୍ରହଣ କରିବାକୁ ହେବ ?
- ପିତର ଓ କାଇସରୀଆର ସୈନ୍ୟମାନଙ୍କ ସହ କିଏ ଯାଇଥିଲେ ?
- କର୍ଣ୍ଣୀଲିୟଙ୍କ ବ୍ୟତୀତ ପିତର କାଇସରୀଆରେ ତାଙ୍କୁ କିଏ ଅପେକ୍ଷା କରିଥିବା ଦେଖିଲେ ?
- ପିତର ସୁସମାଚାରର ବାର୍ତ୍ତା ଦେବା ଆରମ୍ଭ କରିବା ପୂର୍ବରୁ କର୍ଣ୍ଣୀଲିୟଙ୍କୁ କେଉଁ ସମ୍ମାନ ଦେଖାଇଥିଲେ ?

ଗୋଟିଏ ମେଜର କାମ ସମ୍ପୂର୍ଣ୍ଣ କରିବା ପାଇଁ ସାହାଯ୍ୟକାରୀ କିଛି ବାଲିକାଗଜ ନେଇ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କଲେ। ପିତର କିପରି ସୁସମାଚାର ପ୍ରଚାର କରିବା ପାଇଁ ପ୍ରସ୍ତୁତ ହେଉଥିଲେ ସେ ବିଷୟରେ ସେମାନେ କଥାବାର୍ତ୍ତା କରୁଥିଲେ। ଶିକ୍ଷାର୍ଥୀ ବର୍ଣ୍ଣନା କରନ୍ତି, ସେ ନିମ୍ନୋକ୍ତ ବିଷୟଗୁଡ଼ିକ କରି ପ୍ରସ୍ତୁତ ହେଉଥିଲେ:

୧) ପ୍ରାର୍ଥନା କରିବା ଦ୍ୱାରା।

୨) ଈଶ୍ୱରଙ୍କ ପରିଚାଳନା ଶୁଣିବା ଦ୍ୱାରା।

- ପିତର ପ୍ରାର୍ଥନା କରିବା ସମୟରେ ଈଶ୍ୱର ଦର୍ଶାଇଲେ ଯେ, ସେ ସମସ୍ତଙ୍କୁ ଗ୍ରହଣ କରନ୍ତି। ଲୋକମାନେ ଆମ ପରି ହେବା ପାଇଁ ଅପେକ୍ଷା ନ କରି ଆମେ ପ୍ରଥମେ ସେମାନଙ୍କ ନିକଟକୁ ସୁସମାଚାର ନେବା ଉଚିତ୍।

୩) ଏକ କାର୍ଯ୍ୟକାରୀ ଦଳ ଗଠନ କରିବା।

- ଏକୁଟିଆ ନ ଯାଇ ପିତର ତାଙ୍କ ସାଙ୍ଗରେ ଅନ୍ୟମାନଙ୍କୁ ନେଇଥିଲେ। ଆମେ ମଧ୍ୟ ଦୁଇ ବା ତିନି ଜଣିଆ ଦଳ ହୋଇ ଲୋକମାନଙ୍କ ଘରକୁ ଯିବା ଉଚିତ୍ ।

୪) ଲୋକମାନଙ୍କ ନିକଟକୁ ଯିବା ଅପେକ୍ଷା ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶୁଣିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ନିକଟକୁ ଯିବା ଉଚିତ୍।

- କାଇସରୀଆରେ ପହଞ୍ଚି ପିତର କର୍ଣ୍ଣୀଲିୟଙ୍କ ସାଙ୍ଗ ଓ ବନ୍ଧୁବାନ୍ଧବ ସୁସମାଚାର ଶୁଣିବାକୁ ଅପେକ୍ଷା କରିଥିବାର ଦେଖିବାକୁ ପାଇଲେ।

୫) ଜଣେ ଅନ୍ୱେଷୀ ଓ ତାଙ୍କ ପରିବାର ଓ ବନ୍ଧୁବାନ୍ଧବମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ।

- ପିତର ସେଠାରେ କଥା କହିବା ପୂର୍ବରୁ ସେ ସେମାନଙ୍କୁ ସମ୍ମାନ ଜଣାଇ ସେମାନେ ତାଙ୍କୁ କାହିଁକି ସେଠାକୁ ଡାକିଛନ୍ତି, ତାହା ସେମାନଙ୍କଠାରୁ ଶୁଣିଥିଲେ। ଲୋକମାନେ କର୍ଣ୍ଣୀଲିୟଙ୍କ ପରି ଉତ୍ତର ଦେଲେ, ସେମାନେ ଯେପରି ସେମାନଙ୍କ ବନ୍ଧୁମାନଙ୍କୁ ଓ ପରିବାରକୁ ସୁସମାଚାର ଶୁଣାଇପାରିବେ, ସେଥିପାଇଁ ଆମେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ୍।

ସେମାନେ କାଠକାମ ଦୋକାନରେ ଏକତ୍ର କାର୍ଯ୍ୟ କରିବା ସମୟରେ, **ସୁସମାଚାର ପ୍ରଚାର କରିବାର ଦ୍ୱିତୀୟ ନିର୍ଦ୍ଦେଶ ବିଷୟ**ରେ ଶିକ୍ଷାର୍ଥୀ ସାହାଯ୍ୟକାରୀକୁ ବର୍ଣ୍ଣନା କରନ୍ତି : **ପ୍ରେରିତମାନଙ୍କ ପରି ଖ୍ରୀଷ୍ଟଙ୍କ ସାକ୍ଷୀ ହୁଅନ୍ତୁ।** ଆମ ଅନୁଭୂତି ଓ ଆମ ପ୍ରତି ତାହାଙ୍କ କାର୍ଯ୍ୟାନୁସାରେ ଆମେ ଖ୍ରୀଷ୍ଟଙ୍କ ସାକ୍ଷୀ ହେବା। ବର୍ତ୍ତମାନ ତୁମେ ଭଲ ରୂପେ ପଢ଼ିବାକୁ ଶିକ୍ଷା କରିଛ। ଦୟାକରି ପ୍ରେରିତ ୧୦ ପର୍ବ ୩୪-୪୩ ପଦରେ ଏହା ଦେଖ।

### ଅନୁଶୀଳନୀ

**ପ୍ରେରିତ ୧୦:୩୪-୪୩ ପଦରେ ପିତରଙ୍କ ବାର୍ତ୍ତା** ଦେଖନ୍ତୁ :

- ପିତର ନିଜ ବିଷୟରେ କେଉଁ ସାକ୍ଷ୍ୟ ଦିଅନ୍ତି?
- ପିତର ଯୀଶୁଙ୍କ ବିଷୟରେ କେଉଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା କହନ୍ତି?
- ଯୀଶୁ ଆପଣା ପୁନରୁତ୍ଥାନ ବିଷୟରେ ତାହାଙ୍କ ଅନୁଗାମୀମାନଙ୍କୁ କେଉଁ ଆଜ୍ଞା ପ୍ରଦାନ କରିଥିଲେ?

ଶିକ୍ଷାର୍ଥୀ ବର୍ଣ୍ଣନା କରନ୍ତି, ପିତରଙ୍କ ପରି ଆମର ବାର୍ତ୍ତା ମଧ୍ୟ ସରଳ ଭାଷାରେ ଏହା କହିବା ଉଚିତ୍ ଯେ, ଈଶ୍ୱର କିପରି ଆମକୁ ପରିବର୍ତ୍ତନ କରିଥିଲେ ଓ ଅନ୍ୟମାନଙ୍କୁ ତାହାଙ୍କ ବିଷୟରେ କହିବା ପାଇଁ ପ୍ରେରଣ କରିଥିଲେ। ଆମେ ଯୀଶୁଙ୍କ ଉତ୍ତମତା ଓ ଶକ୍ତି, ତାହାଙ୍କ ମୃତ୍ୟୁ ଓ ତାହାଙ୍କ ପୁନରୁତ୍ଥାନ ବିଷୟ ବର୍ଣ୍ଣନା କରିବା ଉଚିତ୍। ଆମେ ଯୀଶୁଙ୍କ ନାମରେ ପାପକ୍ଷମାର ପ୍ରତିଜ୍ଞା କରିବା ଉଚିତ୍।

ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ **ସୁସମାଚାର ପ୍ରଚାର କରିବାର ତୃତୀୟ ନିର୍ଦ୍ଦେଶ ବିଷୟ**ରେ ବର୍ଣ୍ଣନା କରନ୍ତି : **ଈଶ୍ୱର ଓ ତାହାଙ୍କ ଲୋକମାନଙ୍କ ଦ୍ୱାରା ନୂତନ ବିଶ୍ୱାସୀଗଣ ଗ୍ରହଣୀୟ ହୋଇଛନ୍ତି ବୋଲି ସେମାନଙ୍କୁ ନିଶ୍ଚିତ ବୋଧ** ଦିଅନ୍ତୁ। ବର୍ତ୍ତମାନ ଦେଖନ୍ତୁ ଯେ, ଯେଉଁମାନେ ଆମ କଥା ମାନନ୍ତି ସେମାନଙ୍କୁ ନିଶ୍ଚୟତା ଦେବା ପାଇଁ ଆମେ କ'ଣ କରୁଛୁ।

### ଅନୁଶୀଳନୀ

**ପ୍ରେରିତ ୧୦:୪୪-୪୮ ପଦ**ରେ କ'ଣ ଘଟିଲା ତାହା ଦେଖନ୍ତୁ :

- ଲୋକମାନଙ୍କ ହୃଦୟରେ ପବିତ୍ରଆତ୍ମା ଆସିବା ପରେ ଯୀଶୁଙ୍କ ମୃତ୍ୟୁ ବିଷୟରେ ପିତର କେଉଁ ସାକ୍ଷ୍ୟ ଦେବା ପରେ କେଉଁ ମୁଖ୍ୟ ଘଟଣା ଘଟିଲା?
- ପବିତ୍ରଆତ୍ମାଙ୍କ କାର୍ଯ୍ୟକୁ ନିଶ୍ଚିତବୋଧ କରିବା ପାଇଁ ପିତର କ'ଣ କରିଥିଲେ?

ସେମାନେ ଦୋକାନରେ ଏକତ୍ର କାର୍ଯ୍ୟ କରୁଥିବା ସମୟରେ ଶିକ୍ଷାର୍ଥୀ ତାଙ୍କ ଭାଇ ସାହାଯ୍ୟକାରୀଙ୍କୁ ବର୍ଣ୍ଣନା କରନ୍ତି, ଲୋକଦଳ ଈଶ୍ୱରଙ୍କ ବାକ୍ୟ ବିଶ୍ୱାସ କରିବାର ଦେଖିବାକ୍ଷଣି ପିତର ସେମାନଙ୍କୁ ବାପ୍ତିଜିତ ହେବାକୁ ନିର୍ଦ୍ଦେଶ ଦେଲେ। ପବିତ୍ରଆତ୍ମା ସେମାନଙ୍କ ମଧ୍ୟକୁ ଆସିଥିବାରୁ ସେ ଜାଣିପାରିଲେ ଯେ, ସେମାନେ ସେମାନଙ୍କ ପାପ ପାଇଁ ଅନୁତପ୍ତ ଓ କ୍ଷମାପ୍ରାପ୍ତ। ସେ ଆଉ କୌଣସି ବିଷୟକୁ ଅପେକ୍ଷା ନ କରି ବାପ୍ତିସ୍ମ ମାଧ୍ୟମରେ ଆତ୍ମାଙ୍କ କାର୍ଯ୍ୟକୁ ଦୃଢ଼ୀଭୂତ କରିଥିଲେ। ମାଥିଉ ୨୮:୧୮-୨୦ ପଦରେ ଯୀଶୁ ଶିଷ୍ୟ କରିବା ପାଇଁ ଯେଉଁ ଆଜ୍ଞା ଦେଇଥିଲେ ପିତର ତାହା ପାଳନ କରିଥିଲେ। ଯୀଶୁଙ୍କଠାରେ କିପରି କ୍ଷମା ପାଇବାକୁ ହେବ ପିତର ତାହା କର୍ଣ୍ଣୀଲିୟ ଓ ତାଙ୍କ ସାଙ୍ଗମାନଙ୍କୁ କହିଥିଲେ। ସେମାନେ ମନୋଯୋଗ କରିବାମାତ୍ରେ, ସେ ସେମାନଙ୍କୁ ବାପ୍ତିସ୍ମ ଦେଇଥିଲେ। ସରଳ ଭାବରେ ତତ୍‌କ୍ଷଣାତ୍ ଯୀଶୁଙ୍କ ଆଜ୍ଞାବହ ହେବା ବିଷୟରେ ପିତରଙ୍କ ଉଦାହରଣ ଆମେ ଗ୍ରହଣ କରିବା ଉଚିତ୍।

ସାହାଯ୍ୟକାରୀ ଉତ୍ତର ଦିଅନ୍ତି, ଆମେ ସଫଳ ହୋଇପାରି ନାହୁଁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ! ପ୍ରଥମେ ଆମେ ଲୋକମାନଙ୍କ ନିକଟକୁ ନ ଯାଇ ସେମାନଙ୍କୁ ଆମ ସଭାକୁ ଆସିବାକୁ ନିମନ୍ତ୍ରଣ କରିଥିଲୁ। ଆମେ ପ୍ରତ୍ୟେକଙ୍କୁ ବିଶେଷ ରୂପେ ନୂତନ ବିଶ୍ୱାସୀମାନଙ୍କୁ ସେମାନଙ୍କ ପରିବାର ଓ ସାଙ୍ଗସାଥୀମାନଙ୍କ ସହିତ କଥାବାର୍ତ୍ତା କରିବାରେ ସାହାଯ୍ୟ କରିବା ଉଚିତ୍।

ଶିକ୍ଷାର୍ଥୀ ସ୍ମରଣ କରନ୍ତି, ସୁସମାଚାର ସଭା କରିବା ପାଇଁ ଶ୍ରୀ ବୋକା ତାଙ୍କର ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀରୁ ଜଣଙ୍କୁ ନିମନ୍ତ୍ରଣ କରିଥିଲେ। ସେ ବଡ଼ ବଡ଼ ଶବ୍ଦ ବ୍ୟବହାର କରି ଦୁର୍ବୋଧ୍ୟ ବାକ୍ୟ ପରିବେଷଣ କରିବାରୁ କେହି ବୁଝିପାରି ନ ଥିଲେ। ତାଙ୍କୁ ବହୁତ ଦାନ ଦିଅନ୍ତୁ ବୋଲି ସେ ଲୋକମାନଙ୍କୁ ଭିକ୍ଷା କରିଥିଲେ!

ଆସ, ପିତରଙ୍କ ପରି ସୁସମାଚାର ପ୍ରଚାର କରିବା, ସାହାଯ୍ୟକାରୀ ମନ୍ତବ୍ୟ ଦିଅନ୍ତି, ଆଜି ରାତିରେ ମୁଁ ଯତ୍ନଶୀଳଙ୍କୁ ଅନୁରୋଧ କରିବି ଯେ, ଯଦି ଆମେ ତାଙ୍କ ସାଙ୍ଗମାନଙ୍କୁ ସାକ୍ଷାତ କରି ଯୀଶୁଙ୍କ ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା କରିପାରିବା। ଶ୍ରୀ ଜ୍ଞାନୀ ଯେଉଁ ବିଷୟ ଛାଡ଼ି ଦେଇଥିଲେ ତାହା ମୁଁ ଅଧ୍ୟୟନ ପୁସ୍ତକରୁ ଦେଖିଛି ଯେ, କେହି କେହି ଆମକୁ ପ୍ରତ୍ୟାଖ୍ୟାନ କରିବେ। ମାଥିଉ ୧୦:୧୪

ପଦରେ ଯୀଶୁ କହନ୍ତି ଯେ, ଯଦି କେହି ଆମ କଥା ନ ଶୁଣନ୍ତି, ତେବେ ଆମକୁ ଅନ୍ୟମାନଙ୍କ ନିକଟକୁ ଯିବାକୁ ପଡ଼ିବ। ଆମ ବନ୍ଧୁବାନ୍ଧବ ବାସ କରୁଥିବା ସ୍ଥାନକୁ ସୁସମାଚାର ନେଇ ଯିବାକୁ ମୁଁ ଇଚ୍ଛା କରୁଛି। ତୁମେ ମୋତେ ସାହାଯ୍ୟ କରିବ କି?
ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ହଁ। ଶ୍ରୀ ଜ୍ଞାନୀ ତୁମକୁ ଓ ଅନ୍ୟାନ୍ୟ ମଣ୍ଡଳୀର ଅନେକ ନେତାମାନଙ୍କୁ ତାଲିମ ଦେଇ ସମ୍ପୂର୍ଣ୍ଣ କ୍ଷେତ୍ରରେ ଖ୍ରୀଷ୍ଟଙ୍କୁ ପରିଚିତ କରାଇବାକୁ ମୋତେ କହିଥିଲେ। ତୁମେ ଯେଉଁ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁଛ, ସେମାନଙ୍କୁ ସାକ୍ଷାତ କରିବା ମୋର ପ୍ରୟୋଜନ, ଫଳରେ ଶ୍ରୀ ଜ୍ଞାନୀ ଯେପରି ମୋତେ ସାକ୍ଷାତ କରି ତାଲିମ ଦେଉଥିଲେ, ମୁଁ ମଧ୍ୟ ସେହିପରି ତୁମର କାର୍ଯ୍ୟ ଦେଖି ତାଲିମ ଦେଇପାରିବି। ଶ୍ରୀ ଜ୍ଞାନୀ ଆମକୁ ନିଜର ନୁହେଁ, ମାତ୍ର ଈଶ୍ୱରଙ୍କ ଶକ୍ତିରେ ଶକ୍ତିଯୁକ୍ତ ହେବାକୁ କହିଥିଲେ। **ଷ୍ଟିଫେନଙ୍କ ନିର୍ଭୟ ସାକ୍ଷ୍ୟ** ବିଷୟରେ କହୁଛି।

### ଅନୁଶୀଳନୀ

ଷ୍ଟିଫେନଙ୍କ ବାର୍ତ୍ତା ପ୍ରତ୍ୟାଖ୍ୟାତ ହୋଇଥିଲେ ମଧ୍ୟ ସେ କିପରି ଈଶ୍ୱରଙ୍କୁ ଗୌରବାନ୍ୱିତ କରିଥିଲେ ତାହା **ପ୍ରେରିତ ୬:୫୪ରୁ ୭:୬୦** ପଦରେ ଦେଖନ୍ତୁ।

ଶିକ୍ଷାର୍ଥୀଙ୍କ ସ୍ତ୍ରୀ ସାରା ବାହାରେ ଗୋଟିଏ ଘଣ୍ଟା ଶବ୍ଦ ଶୁଣନ୍ତି। ଶ୍ରୀ ଜ୍ଞାନୀ ତାଙ୍କ ଠେଲାଗାଡ଼ିଟି ଠେଲୁଥିଲେ, ସେଥିରେ ସେ ଏକ ଘଣ୍ଟି ଲଗାଇ ଲୋକମାନଙ୍କୁ ତାଙ୍କଠାରୁ ଜିନିଷ କିଣିବା ପାଇଁ ଡାକନ୍ତି। ସେ ତାଙ୍କୁ କହନ୍ତି, ଏହି ସୁନ୍ଦର ମହମବତୀଗୁଡ଼ିକ ଦେଖ। ଶିକ୍ଷାର୍ଥୀ ଅଛନ୍ତି କି?

ସେ ଉତ୍ତର ଦିଅନ୍ତି, ସେ କାମ କରୁଛନ୍ତି।

ଶ୍ରୀ ଜ୍ଞାନୀ ଗୋଟିଏ ମହମବତୀ ଉଠାଇ କହନ୍ତି, ଦେଖ, ଏଥିରେ ମହମରେ ରାସାୟନିକ ପଦାର୍ଥ ମିଶିଛି, ଯାହାକି ଜଳିଲେ ଭିନ୍ନ ଭିନ୍ନ ରଙ୍ଗ ଦେଖାଯାଉଛି। ଏହା ସୁନ୍ଦର ଅଟେ। ଦେଖ, ମୁଁ ଗୋଟିଏ ଜଳାଉଛି। ସେ ଘରକୁ ଯାଇ ମହମବତୀ ଜଳାଇଲେ। ଏହା ହଳଦିଆ, ତା'ପରେ ଲାଲ, ପୁଣି ତା'ପରେ ନୀଳ ରଙ୍ଗ ହୋଇ ଜଳିଲା, ତା'ପରେ ବଡ଼ ଜୋର୍‌ରେ ଶବ୍ଦ କରି ଫୁଟି ରାସାୟନିକ ପଦାର୍ଥ ନିର୍ଗତ ହୋଇ ଘରସାରା ଧୂଆଁପୂର୍ଣ୍ଣ ହୋଇଯାଏ। ସାରା ପଙ୍ଖା ସମ୍ମୁଖରେ ଗୋଟିଏ ଗାମୁଛା ହଲାଇ ଘରୁ ମନ୍ଦ ବାୟୁ ବାହାର କରନ୍ତି।

ଜଣେ ପଡ଼ୋଶୀ ଝିଅ ଦବୋରା ନିଆଁ ! ବୋଲି ପାଟିକରି ସାହାଯ୍ୟ କରିବାକୁ ଦୌଡ଼ି ଆସନ୍ତି।

ସେମାନଙ୍କ କାଶ ବନ୍ଦ ହେବା ପରେ, ଦବୋରା ଖୁସିରେ କହନ୍ତି, ଶିକ୍ଷାର୍ଥୀ ମୋତେ ବାପ୍ତିସ୍ମ ଦେବା ପରେ ମୁଁ ଶାନ୍ତି ଓ ସୁରକ୍ଷିତ ଅନୁଭବ କରୁଛି। ଯୀଶୁ ସର୍ବଦା ମୋ' ସହିତ ଅଛନ୍ତି !

କ'ଣ? ଶ୍ରୀ ବୋକା ଚିତ୍କାର କରନ୍ତି। ଏତେ ଶୀଘ୍ର ତୁମେ କିପରି ବାପ୍ତିଜିତ ହେଲ? ସାରାଙ୍କୁ ସେ ଅଭିଯୋଗ କରନ୍ତି, ତାଙ୍କର ଗୋଟିଏ ଅବୈଧ ସନ୍ତାନ ଅଛନ୍ତି, ପୁଣି ତାଙ୍କ ପିତା କିଏ ବୋଲି ସେ ଜାଣନ୍ତି ନାହିଁ! ଆମ ମଣ୍ଡଳୀରେ ଏହିପରି ଲୋକମାନଙ୍କୁ ଯୋଗ କରି ଶିକ୍ଷାର୍ଥୀ ଆମ ମଣ୍ଡଳୀକୁ ନଷ୍ଟ କରିଦେବେ!

ଦବୋରା ସଁ ସଁ ହୋଇ କାନ୍ଦନ୍ତି, ମୁଁ ପାପପୂର୍ଣ୍ଣ ଜୀବନ ପରିତ୍ୟାଗ କରିଛି! ସେ ପଳାଇ ଗଲା ବେଳେ ସାରା ତାଙ୍କ ହାତ ଧରି ଗୋଟିଏ ଚଉକିରେ ବସାଇଦେଲେ।

ଶ୍ରୀ ବୋକା ଦ୍ୱାର ଆଡ଼କୁ ଯିବା ବେଳେ ତାଙ୍କ କାନ୍ଧ ହଲାଇ କହନ୍ତି, ତୁମେ ତାଙ୍କୁ ମୋଠାରୁ ଅଧିକ ଜାଣ ନାହିଁ। ତୁମେ ଦେଖିବ। ଶିକ୍ଷାର୍ଥୀ ତାଙ୍କୁ ବାପ୍ତିସ୍ମ ଦେଇଥିବାରୁ ଦୁଃଖିତ ହେବେ। ସେ ପଳାଇଯିବା ସମୟରେ ଦବୋରା ତାଙ୍କ ପଛପଟେ ଜିଭ ବାହାର କରି ତାଙ୍କ ପ୍ରତି ବିକୃତ ମୁଖ କଲେ।

### ବାପ୍ତିସ୍ମ ଦେବା ପାଇଁ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା

ଦବୋରାଙ୍କୁ ସାନ୍ତ୍ୱନା ଦେବା ପାଇଁ ସାରା ପ୍ରସ୍ତୁତ ଥିଲେ। ପାରିବାରିକ ଉପାସନା ସମୟରେ ଶିକ୍ଷାର୍ଥୀ ଯେଉଁ **ମୃତ୍ୟୁ ପର୍ଯ୍ୟନ୍ତ ପଥର ଫୋପଡ଼ା ଯିବାକୁ ଥିବା ସ୍ତ୍ରୀ ଲୋକଟି**ର କାହାଣୀ କହିଥିଲେ, ତାହା ସେ ସ୍ମରଣ କରନ୍ତି।

### ଅନୁଶୀଳନ

**ଯୋହନ ୮:୧–୧୧ ପଦ** ଦେଖନ୍ତୁ :
- ଫାରୂଶୀମାନେ ଉକ୍ତ ମହିଳାଙ୍କୁ ଯୀଶୁଙ୍କ ନିକଟକୁ କାହିଁକି ଆଣିଥିଲେ?
- ସେହିପରି ମହିଳାମାନଙ୍କ ସହିତ କ'ଣ କରିବା ପାଇଁ ପୁରାତନ ନିୟମ ବ୍ୟବସ୍ଥା କ'ଣ କହିଥିଲା?
- ମୃତ୍ୟୁଯୋଗ୍ୟ ଏହି ପାପୀଙ୍କ ପ୍ରତି ଫାରୂଶୀଗଣ କିପରି ବ୍ୟବହାର କଲେ?
- ଯୀଶୁ ତାଙ୍କ ପ୍ରତି କିପରି ବ୍ୟବହାର କଲେ?
- ଯୀଶୁ ଆସିବା ପରେ ପାପୀମାନଙ୍କୁ ଦୋଷାରୋପ କରିବା ପାଇଁ କାହାର ଅଧିକାର ରହିଛି?

ସାରା ଦବୋରାଙ୍କୁ ନିଶ୍ଚୟବୋଧ ଦିଅନ୍ତି, ଈଶ୍ୱର ତୁମକୁ କ୍ଷମା ଦେଇଥିବା ସମୟରେ ମନୁଷ୍ୟ ତୁମକୁ କିପରି ଦୋଷାରୋପ କରିପାରେ? ସେ ତୁମକୁ ପ୍ରେମ କରନ୍ତି! ଏହି କାହାଣୀରେ ଫାରୂଶୀଙ୍କ ପରି ଶ୍ରୀ ବୋକା ବ୍ୟବହାର କରିଥିଲେ। ସେମାନେ ମହିଳାଙ୍କ ବିଷୟରେ ଭାବୁ ନ ଥିଲେ। କେବଳ ଯୀଶୁଙ୍କୁ ଫାନ୍ଦରେ ପକାଇବା ପାଇଁ ସେମାନେ ତାଙ୍କୁ ଆଣିଥିଲେ। ସେମାନେ ସମସ୍ତଙ୍କ ସମ୍ମୁଖରେ ଉକ୍ତ ମହିଳାଙ୍କୁ ଛିଡ଼ା କରାଇ ଲଜ୍ଜା ଦେଉଥିଲେ। ଯୀଶୁ ସିଦ୍ଧ ଥିଲେ ଓ ସେ ମଧ୍ୟ ତାଙ୍କ ପ୍ରତି ପଥର ଫୋପାଡ଼ି ମାରିବା ସତ୍ତ୍ୱେ, ତାଙ୍କୁ ଟିକିଏ ମଧ୍ୟ ଦୋଷାରୋପ କରି ନ ଥିଲେ। ସେ ତାଙ୍କୁ ମୃତ୍ୟୁରୁ ଉଦ୍ଧାର କରିଥିଲେ। ସେ ତୁମକୁ ମଧ୍ୟ ମୃତ୍ୟୁରୁ ଉଦ୍ଧାର କରିଅଛନ୍ତି।

ତୁମେ ଦେଖ, ଯୀଶୁ ଆସିବା ପୂର୍ବରୁ ଈଶ୍ୱର ମୋଶାଙ୍କୁ ବ୍ୟବସ୍ଥା ପ୍ରଦାନ କରିଥିଲେ, ଯାହାକି କିପରି ଜୀବନ ଯାପନ କରିବାକୁ ହେବ ତାହା ଲୋକମାନଙ୍କୁ କହିଥିଲା। ବ୍ୟବସ୍ଥାରେ ଥିଲା ଯେ ପ୍ରତିମା ପୂଜା କରିବ ନାହିଁ, ନରହତ୍ୟା କରିବ ନାହିଁ, ଚୋରି କରିବ ନାହିଁ, ମିଥ୍ୟା କହିବ ନାହିଁ କିମ୍ବା ବ୍ୟଭିଚାର କରିବ ନାହିଁ। ଆମେ ପୁରାତନ ନିୟମରେ ବ୍ୟବସ୍ଥା ଦେଖୁ। ଏହି ବ୍ୟବସ୍ଥା ଲୋକମାନଙ୍କୁ ଦର୍ଶାଇଥାଏ ଯେ, ଈଶ୍ୱର ପବିତ୍ର ଅଟନ୍ତି ଓ ପାପ ସହ୍ୟ କରିପାରନ୍ତି ନାହିଁ। ଯେଉଁ ଲୋକମାନେ ବ୍ୟବସ୍ଥା ଭଙ୍ଗ କରୁଥିଲେ, ସେମାନଙ୍କୁ ମୃତ୍ୟୁଭୋଗ କରିବାକୁ ପଡ଼ୁଥିଲା। କେବଳ ଯୀଶୁ ହିଁ ସିଦ୍ଧ ରୂପେ ବ୍ୟବସ୍ଥା ପାଳନ କରୁଥିଲେ। ସେ ମୃତ୍ୟୁବରଣ କରିବା ଦ୍ୱାରା ଆମକୁ ଯେଉଁ ବ୍ୟବସ୍ଥା ସାହାଯ୍ୟରେ ଦୋଷାରୋପ କରାଯାଇ ମୃତ୍ୟୁଭୋଗ ଦିଆଯାଏ, ତାହା ସମାପ୍ତ କରିଥିଲେ।

ଆମେ ତୁମକୁ ବାପ୍ତିସ୍ମ ଦେଇଥିଲୁ, କାରଣ ତୁମେ ଯୀଶୁଙ୍କ ନାମରେ ଈଶ୍ୱରଙ୍କୁ କ୍ଷମାଭିକ୍ଷା କରିଥିଲ ଓ ସେ ତୁମକୁ ମୃତ୍ୟୁରୁ ଉଦ୍ଧାର କରି ନୂତନ ଜୀବନ ପ୍ରଦାନ କରିଥିଲେ। ସେ ତୁମକୁ ପବିତ୍ରଆତ୍ମାଙ୍କ ଦାନ ଦେଇଥିଲେ। ବାପ୍ତିସ୍ମ ଦେବା ଦ୍ୱାରା ଆମେ ତୁମର ବିଶ୍ୱାସ ଓ ଈଶ୍ୱରଙ୍କ ପ୍ରତିଜ୍ଞାକୁ ଦୃଢ଼ୀଭୂତ କରିଥିଲୁ। ତୁମେ ବ୍ୟବସ୍ଥା ଓ ତୁମ ପାପ ପ୍ରତି ଯୀଶୁଙ୍କ ସହିତ ମୃତ୍ୟୁଭୋଗ କରିଥିଲ। ତା'ପରେ ତୁମେ ଯୀଶୁଙ୍କ ସହିତ ନୂତନ ଜୀବନ ଲାଭ କରିଥିଲ। ତୁମେ ଯୀଶୁଙ୍କ ସମ୍ପୂର୍ଣ୍ଣ କ୍ଷମା ସ୍ମରଣ କରି ଆଉ କେବେ ପାପ କର ନାହିଁ।

ଶିକ୍ଷାର୍ଥୀ ଘରକୁ ଫେରନ୍ତି। ଶ୍ରୀ ବୋକା ଦବୋରାଙ୍କୁ ଯାହା କହିଲେ ସେ ବିଷୟରେ ସାରା ତାଙ୍କୁ ବର୍ଣ୍ଣନା କରନ୍ତି। ଶିକ୍ଷାର୍ଥୀ ତାଙ୍କୁ ନିଶ୍ଚିତବୋଧ ଦିଅନ୍ତି, ଶ୍ରୀ ବୋକାଙ୍କ ପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଭାବନ୍ତି ଯେ, ବାପ୍ତିସ୍ମ ଗ୍ରହଣ କରିବା ପାଇଁ ସିଦ୍ଧ ହେବାକୁ ପଡ଼ିବ। ବାପ୍ତିସ୍ମର ଅର୍ଥ ତାହା ନୁହେଁ। ସେପରି ହେଲେ ନିଜକୁ ସିଦ୍ଧ ବୋଲି କହୁଥିବା ମିଥ୍ୟାବାଦୀମାନଙ୍କ ବ୍ୟତୀତ କେହି ବାପ୍ତିସ୍ମ ଗ୍ରହଣ କରିବେ ନାହିଁ। ଯେଉଁ ବୟସ୍କ ନୂଆ ବିଶ୍ୱାସୀଗଣ ଯୀଶୁଙ୍କୁ ଗ୍ରହଣ କରନ୍ତି, ଈଶ୍ୱରଙ୍କ ଦୃଷ୍ଟିରେ ସେମାନେ ସଦ୍ୟଜାତ ଶିଶୁ ଅଟନ୍ତି। ସେମାନେ ସେମାନଙ୍କ ଆତ୍ମିକ ଶିଶୁ ଅବସ୍ଥାରେ ଅନେକ ଭୁଲ କରିଥା'ନ୍ତି। ବାପ୍ତିସ୍ମ ଦ୍ୱାରା ସେମାନେ ଆମର ତତ୍‌କ୍ଷଣାତ୍ ପ୍ରେମ, ଯତ୍ନ ଓ ସ୍ୱୀକୃତି ଲୋଡ଼ନ୍ତି।

## ଯୀଶୁଙ୍କ ବାପ୍ତିସ୍ମ

ଦବୋରା କାନ୍ଦିବା ବନ୍ଦ କରନ୍ତି। ସେ କହନ୍ତି, ମୋର ଭୟ ହେଉଛି ଯେ, ମୁଁ କାଳେ ପୁନର୍ବାର ପାପ କରି ପକାଇବି! ଈଶ୍ୱରଙ୍କ ସେବା କରିବା ପାଇଁ ମୁଁ ବହୁତ ଦୁର୍ବଳ ଅଟେ। ସେ ତାଙ୍କୁ ମାଥିଉ ୩ ପର୍ବରେ ଥିବା **ଯୀଶୁଙ୍କ ବାପ୍ତିସ୍ମ** ବିଷୟରେ କହନ୍ତି।

### ଅନୁଶୀଳନୀ

**ମାଥିଉ ୩ ପର୍ବ**ରେ ଦେଖନ୍ତୁ :

- ଯୀଶୁ ପାପୀ ଥିବାରୁ କିମ୍ବା ସେ ସମସ୍ତ ପାପୀଙ୍କ ସପକ୍ଷବାଦୀ ଥିବାରୁ ବାପ୍ତିଜିତ ହୋଇଥିଲେ ? **ମାଥିଉ ୪ ପର୍ବ**ରୁ ଦେଖନ୍ତୁ:
- ଶୟତାନ ଯୀଶୁଙ୍କୁ କେଉଁ ତିନୋଟି ବିଷୟ କରିବା ପାଇଁ ପ୍ରଲୋଭିତ କରିଥିଲା ?
- ଯୀଶୁ ଯଦି ତାକୁ ପ୍ରଣାମ କରିବେ, ତେବେ ଶୟତାନ ଯୀଶୁଙ୍କୁ କ'ଣ ଦେବ ବୋଲି ପ୍ରତିଜ୍ଞା କରିଥିଲା ?
  ମାଥିଉ ୩-୪ ପର୍ବକୁ ପୁନର୍ବାର ସ୍ମରଣ କରନ୍ତୁ:
- ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଆହ୍ୱାନ କରିବା ପୂର୍ବରୁ ନା ପରେ ବାପ୍ତିଜିତ ହୋଇ ସର୍ବସାଧାରଣରେ ତାହାଙ୍କ ସେବାକାର୍ଯ୍ୟ ଆରମ୍ଭ କରିଥିଲେ ?

ଦବୋରା ଆଶ୍ଚର୍ଯ୍ୟ ହୁଅନ୍ତି, ଯୀଶୁ ପାପୀ ନ ଥିଲେ! ସେ ସମସ୍ତଙ୍କୁ ଦେଖାଇ ଦେଲେ ଯେ, ସେ ବ୍ୟଭିଚାରୀ ସ୍ତ୍ରୀ ଓ ମୋ' ପରି ପାପୀମାନଙ୍କୁ ଦୋଷାରୋପ କରିବା ପାଇଁ ଆସି ନ ଥିଲେ। ବର୍ତ୍ତମାନ ମୁଁ ବୁଝିପାରୁଛି। ସେ ଶ୍ରୀ ବୋକାଙ୍କ ପରି ନ ଥିଲେ। ଆମର ସପକ୍ଷବାଦୀ ହେବା ପାଇଁ ଯୀଶୁ ଆସିଥିଲେ। ଯୀଶୁଙ୍କ ବାପ୍ତିସ୍ମର ଅର୍ଥ ତାହା ହିଁ ଅଟେ। ସେ ପ୍ରଥମେ ବାପ୍ତିସ୍ମ ଗ୍ରହଣ କରି ଈଶ୍ୱରଙ୍କ ବାର୍ତ୍ତାବହ ପରି ଆପଣା କାର୍ଯ୍ୟାରମ୍ଭ କରିଥିଲେ। ଯୀଶୁ ଯେପରି କରିଥିଲେ, ମୁଁ ମଧ୍ୟ ବାପ୍ତିସ୍ମ ଗ୍ରହଣ କରିଥିବାରୁ ବର୍ତ୍ତମାନ ଈଶ୍ୱରଙ୍କ ସେବା ଆରମ୍ଭ କରିପାରିବି!

ହଁ, ନିଶ୍ଚିତ ରୂପେ! ସାରା ସମ୍ମତ ହୁଅନ୍ତି, **ବିଳମ୍ବରେ ଆସିଥିବା କାର୍ଯ୍ୟକାରୀ**ଙ୍କ କାହାଣୀ ଶୁଣ। ତୁମେ ଦେଖିବ ଯେ, ଈଶ୍ୱର କିପରି ଆମକୁ ଯଥା ଶୀଘ୍ର କାର୍ଯ୍ୟ କରିବାକୁ ଦେଇଥାଆନ୍ତି।

## ଅନୁଶୀଳନୀ

**ମାଥିଉ ୨୦:୧–୧୬** ପଦରେ ଦେଖନ୍ତୁ:

- ଦିନର ସମୟ ନ ଦେଖି କ୍ଷେତ୍ର ମାଲିକ ପ୍ରତ୍ୟେକ କାର୍ଯ୍ୟକାରୀଙ୍କୁ କ'ଣ କରିବାକୁ କହିଲେ ?
- ଶେଷ କାର୍ଯ୍ୟକାରୀଙ୍କ ପ୍ରତି ପ୍ରଥମ କାର୍ଯ୍ୟଗଣ କାହିଁକି ଈର୍ଷାନ୍ୱିତ ହୋଇଥିଲେ ?

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ଲୋକମାନଙ୍କୁ ସେମାନଙ୍କ ପରିବାର ଓ ବନ୍ଧୁବାନ୍ଧବମାନଙ୍କ ନିକଟକୁ ସୁସମାଚାର ନେଇଯିବା ପାଇଁ ଉତ୍ସାହିତ କରି ଏହି ବିଭାଗରେ ଥିବା କାହାଣୀଗୁଡ଼ିକୁ ଉଲ୍ଲେଖ କରନ୍ତୁ।
- ଆପଣଙ୍କ ଲୋକମାନଙ୍କୁ ଯୀଶୁ ସେମାନଙ୍କ ଜୀବନରେ କ'ଣ କରିଅଛନ୍ତି, ସେ ବିଷୟରେ ସାକ୍ଷ୍ୟ ଦେବା ପାଇଁ ସାହାଯ୍ୟ କରନ୍ତୁ ଏବଂ ଯୀଶୁଙ୍କ ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ ସରଳ ଭାବରେ କହିବାକୁ ସାହାଯ୍ୟ କରନ୍ତୁ।
- ଯେଉଁ ଲୋକମାନେ ପାପ କ୍ଷମା ନିମନ୍ତେ ଯୀଶୁଙ୍କ ନିକଟକୁ ଆସନ୍ତି, ସେମାନଙ୍କ ଅନୁତାପର ନିଶ୍ଚିତବୋଧ ନିମନ୍ତେ ସେମାନଙ୍କୁ ସମସ୍ତଙ୍କୁ ଯଥା ଶୀଘ୍ର ବାପ୍ତିସ୍ମ ଦିଅନ୍ତୁ। ସେମାନଙ୍କୁ ସହଭାଗିତା ଜୀବନ ମଧ୍ୟକୁ ଆହ୍ୱାନ କରନ୍ତୁ।
- ବାପ୍ତିସ୍ମ ନିମନ୍ତେ ନୂତନ ନିୟମ ଯେଉଁସବୁ ବିଷୟ ଆବଶ୍ୟକ କରେ କେବଳ ତାହା ହିଁ ଲୋଡ଼ାଅଛି। ଏହା ମନ୍ଦ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ପୂର୍ବକ ଯେଉଁମାନେ ସେମାନଙ୍କ ପାପ ସ୍ୱୀକାର କରି ସେମାନଙ୍କୁ କ୍ଷମା କରି ପରିବର୍ତ୍ତନ କରିବା ବିଷୟରେ କେବଳ ଯୀଶୁଙ୍କ ଉପରେ ନିର୍ଭର କରନ୍ତି।
- ମଣ୍ଡଳୀକୁ ଏପରି ପ୍ରତିଷ୍ଠା କରନ୍ତୁ, ଯେପରି ପରିପକ୍ୱ ଖ୍ରୀଷ୍ଟିୟାନଗଣ ନୂତନ ଖ୍ରୀଷ୍ଟିୟାନମାନଙ୍କୁ ସେମାନଙ୍କ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କୁ ଯୀଶୁଙ୍କ ବିଷୟରେ କହିବା ପାଇଁ ପ୍ରସ୍ତୁତ କରିପାରିବେ।

## ୩–୨ ସେବାକାର୍ଯ୍ୟ ୨

# ପରସ୍ପରର ସେବା କରିବା ପାଇଁ ଆତ୍ମିକ ଦାନସବୁ ବ୍ୟବହାର କରି ଶରୀର ଗଠନ କରନ୍ତୁ

ଦବୋରା ଶିକ୍ଷାର୍ଥୀ ଓ ତାଙ୍କ ସ୍ତ୍ରୀ ସାରାଙ୍କ ସହିତ ସେମାନଙ୍କ ଘରେ କଥାବାର୍ତ୍ତା କରୁଛନ୍ତି। ସେ ଆନନ୍ଦରେ ହସୁଛନ୍ତି ଓ କହନ୍ତି, ଅନୁଗ୍ରହର ଅର୍ଥ କ'ଣ ମୁଁ ବୁଝୁଛି! ଈଶ୍ୱରଙ୍କ ଲୋକମାନଙ୍କ ପରି ମୁଁ ମଧ୍ୟ ତାହାଙ୍କଠାରୁ କ୍ଷମା ଓ ଅନୁଗ୍ରହ ଲାଭ କରିଛି! ପ୍ରଭୁ ଯୀଶୁ ମୋତେ ତାହାଙ୍କ ସେବା କରିବାକୁ ଦେବେ। ମୁଁ ମୋର ସର୍ବାନ୍ତଃକରଣରେ ତାହାଙ୍କ ସେବା କରି ତାହାଙ୍କ ପ୍ରତି ମୋର କୃତଜ୍ଞତା ଜ୍ଞାପନ କରିବି। ସେ ସାରାଙ୍କ ହାତ ଧରନ୍ତି, ମୁଁ ବର୍ତ୍ତମାନ ଆରମ୍ଭ କରିପାରିବି! ମୁଁ ଆପଣଙ୍କୁ ଗୃହକାର୍ଯ୍ୟରେ ସାହାଯ୍ୟ କରିପାରିବି କି ଯେପରି ଆପଣ ପିଲାମାନଙ୍କ ପାଇଁ ବାଇବଲ କାହାଣୀ ପ୍ରସ୍ତୁତ କରିବା ପାଇଁ ଅଧିକ ସମୟ ପାଇପାରିବ?

ଶିକ୍ଷାର୍ଥୀ ଆଶ୍ଚର୍ଯ୍ୟ ରୂପେ କହନ୍ତି, ଏହା ଆଶ୍ଚର୍ଯ୍ୟ ଜନକ! ନୂତନ ଖ୍ରୀଷ୍ଟିୟାନମାନେ ଏତେ ଶୀଘ୍ର ଈଶ୍ୱରଙ୍କ ସେବା କରିବେ ବୋଲି ମୁଁ ହୃଦୟଙ୍ଗମ କରିପାରି ନ ଥିଲି। ଶ୍ରୀ ଜ୍ଞାନୀ ମୋତେ କହିଥିଲେ ଯେ, ମଣ୍ଡଳୀ ଓ ସମାଜରେ ଅନ୍ୟମାନଙ୍କ ସେବା କରିବା ପାଇଁ ନୂତନ ବିଶ୍ୱାସୀମାନଙ୍କ ଅନେକ ଉପାୟ ରହିଛି। ପବିତ୍ରଆତ୍ମା ମଣ୍ଡଳୀରେ ପ୍ରତ୍ୟେକଙ୍କୁ କାର୍ଯ୍ୟ ଦେଇଥାଆନ୍ତି।

ଦବୋରା କହନ୍ତି, ଦୟାକରି ଏହା ବର୍ଣ୍ଣନା କରନ୍ତୁ। ଈଶ୍ୱରଙ୍କ ଆତ୍ମା କିପରି ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ କାର୍ଯ୍ୟ ଦିଅନ୍ତି?

ଶ୍ରୀ ଜ୍ଞାନୀ ଯେଉଁ ବାଇବଲ ଅଧ୍ୟୟନଟି ତାଙ୍କୁ ଦେଇଥିଲେ ତାହା ସେ ତାଙ୍କ ହାତକୁ ବଢ଼ାଇ ଦିଅନ୍ତି। ସେ ପଢ଼ନ୍ତି, ପବିତ୍ରଆତ୍ମା ଆମ ଜୀବନରେ ଅନ୍ତତଃ ପାଞ୍ଚଟି ବିଷୟ ସାଧନ କରନ୍ତି:

ପ୍ରଥମରେ, ଯୋହନ ୩:୧–୮ ପଦରେ ଯେପରି ଲେଖାଅଛି, ପବିତ୍ରଆତ୍ମା ଆମଠାରେ ସେହିପରି ଆତ୍ମିକ ସଂସ୍କାର ଆଣନ୍ତି। ଆମେ ଆତ୍ମାରେ ପୁନର୍ଜନ୍ମ ପ୍ରାପ୍ତ ଅଟୁ। ଆମ ଶରୀର ପାପରେ ମୃତ୍ୟୁଭୋଗ କରିଥିଲେ ମଧ୍ୟ ଆତ୍ମାଗୁଡ଼ିକ ଖ୍ରୀଷ୍ଟଙ୍କଠାରେ ଜୀବିତ ଅଛି।

ଦ୍ୱିତୀୟରେ, ପବିତ୍ରଆତ୍ମା ଆମକୁ ମୁଦ୍ରାଙ୍କିତ କରିଥାଆନ୍ତି। ପାଉଲ ଏଫିସୀୟ ୧:୧୨–୧୩ ପଦରେ ଲେଖିଥିଲେ ଯେ, ପବିତ୍ରଆତ୍ମା ଆମ ଉପରେ ଏକ ମୁଦ୍ରାଙ୍କ ପରି ଅଟନ୍ତି, ଯେ କି ଆମକୁ ଉଦ୍ଧାର କରିବା ପାଇଁ ଆମ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞା ଦୃଢ଼ୀଭୂତ କରିଥାଆନ୍ତି।

ତୃତୀୟରେ, ୧ମ କରିନ୍ଥୀୟ ୧୨:୧୨–୧୩ ପଦରେ ଯେପରି ଲେଖାଅଛି, ପବିତ୍ରଆତ୍ମା ସେହିପରି ଆମକୁ ବାପ୍ତିଜିତ କରି ଖ୍ରୀଷ୍ଟଙ୍କ ଶରୀରଭୁକ୍ତ କରନ୍ତି। ସେ ଆମ ପ୍ରତି ଈଶ୍ୱରଙ୍କ ପାଇଁ ଜୀବନ ଧାରଣ କରିବାର ଇଚ୍ଛା ଜାଗ୍ରତ କରନ୍ତି।

ଚତୁର୍ଥରେ, ରୋମୀୟ ୧୨ ଓ ୧ମ କରିନ୍ଥୀୟ ୧୨ ପର୍ବରେ ଯେପରି ଲେଖାଅଛି, ପବିତ୍ରଆତ୍ମା ସେହିପରି ଆମ ପ୍ରତ୍ୟେକଙ୍କୁ ପବିତ୍ର ଆତ୍ମାଙ୍କ ଦାନ ପ୍ରଦାନ କରିଥାଆନ୍ତି। ଖ୍ରୀଷ୍ଟଙ୍କ ନିମନ୍ତେ କିଛି କାଯର୍ଯ୍ୟ କରିବା ପାଇଁ ସେ ଆମ ପ୍ରତ୍ୟେକଙ୍କୁ ଶକ୍ତି ଦେଇଥାଆନ୍ତି। ଏହି ଦାନ ଆମ ନିଜର ସେବା କରିବା ପାଇଁ ନୁହେଁ, ମାତ୍ର ସମଗ୍ର ମଣ୍ଡଳୀକୁ ଗଠନ କରିବା ପାଇଁ ଦତ୍ତ ହୋଇଥାଏ। ସମଗ୍ର ମଣ୍ଡଳୀର ସେବା କରିବା ପାଇଁ ଉତ୍ତମ ନେତାଗଣ ମଣ୍ଡଳୀର ପ୍ରତ୍ୟେକଙ୍କୁ ସେମାନଙ୍କ ଦାନ ବ୍ୟବହାର କରିବାରେ ସାହାଯ୍ୟ କରିଥା'ନ୍ତି।

ପଞ୍ଚମରେ, ସେ ଆମଠାରେ ଫଳ ଉତ୍ପନ୍ନ କରିଥାଆନ୍ତି, ଗାଲାତୀୟ ୫:୨୨–୨୩। ଈଶ୍ୱର ଯଦି ଆମକୁ ସମ୍ପୂର୍ଣ୍ଣ ରୂପେ କ୍ଷମା କରନ୍ତି, ତଥାପି ଆମେ ଯେତେବେଳେ ତାହାଙ୍କ ନିକଟକୁ ଆସି ତାହାଙ୍କୁ ସନ୍ତୁଷ୍ଟ କଲା ଭଳି କାର୍ଯ୍ୟ କରୁ, ରୋମୀୟ ୭ ପର୍ବରେ ଲେଖାଅଛି ଯେ, ସେତେବେଳେ ମଧ୍ୟ ଆମେ ନିଜ ମଧ୍ୟରେ ଏକ ଯୁଦ୍ଧ କରୁଥାଉ। ଆମ ମଧ୍ୟରେ ଥିବା ବ୍ୟକ୍ତିଟି ଇଚ୍ଛା କରିଥାଏ ଯେ, ଆମେ ଯଥାର୍ଥ କାର୍ଯ୍ୟ କରିବା, ମାତ୍ର ବେଳେ ବେଳେ ଆମର ପାର୍ଥିବ ଶରୀରରେ ରହିଥିବା ପୁରାତନ ବ୍ୟକ୍ତିଟି ଆମକୁ ପାପ କରିବାକୁ ଟାଣିଥାଏ। ଆମେ ମୃତ୍ୟୁଭୋଗ କରିବା ପର୍ଯ୍ୟନ୍ତ ଈଶ୍ୱରଙ୍କ ଅନୁସରଣ କରିବା କାର୍ଯ୍ୟରେ ସଂଘର୍ଷ କରିଥାଉ। ପବିତ୍ରଆତ୍ମା ଆମକୁ ଶକ୍ତି ଯୋଗାନ୍ତି ଓ ଆମଠାରେ ତାହାଙ୍କ ଗୁଣାବଳୀ ଦେଇଥାଆନ୍ତି। କେହି କେହି ଅତି ଶୀଘ୍ର ଆତ୍ମିକ ପରିପକ୍ୱତା ଲାଭ କରିଥା'ନ୍ତି ମାତ୍ର ଅନ୍ୟମାନଙ୍କ ପାଇଁ ଅନେକ ବର୍ଷ ଲାଗିଯାଏ। ଆମେ ବିଶ୍ୱାସରେ ଈଶ୍ୱରଙ୍କର ଯେତେ ଆଜ୍ଞାବହ ହେଉ, ଯୀଶୁଙ୍କ ପରି ହେବାକୁ ସେତେ ଅଧିକ ଶିକ୍ଷା କରିଥାଉ। ଆମେ ଏପରି ଏକ ସମୟର ଅପେକ୍ଷାରେ ରହିଥାଉ, ଯେଉଁ ସମୟରେ କି ଆମେ ପାପରହିତ ହୋଇ ଗୌରବାନ୍ୱିତ ହେବା।

ପରେ ଅଧ୍ୟୟନ କରିବା ପାଇଁ ଦବୋରା ବାଇବଲ ଶାସ୍ତ୍ରାଂଶଗୁଡ଼ିକ ଲେଖନ୍ତି। ସାରା କହନ୍ତି, ଅନ୍ୟମାନଙ୍କୁ ଉଦ୍ଧାର କରିବା ପାଇଁ ଈଶ୍ୱର ତୁମକୁ ଆତ୍ମିକ ଦାନ ପ୍ରଦାନ କରିଅଛନ୍ତି। ଉଦାହରଣ ସ୍ୱରୂପ ଶିକ୍ଷାର୍ଥୀ ନିହିମିୟାଙ୍କ ପରି ଶାସକ ହେବାର ଦାନ ପାଇଛନ୍ତି। ମୁଁ ଏଜ୍ରାଙ୍କ ପରି ଜଣେ ଶିକ୍ଷକ ଅଟେ। ଏଫିସୀୟ ପ୍ରାଚୀନମାନଙ୍କ ପରି ସାହାଯ୍ୟକାରୀ ଜଣେ ପାଳକ ଅଟନ୍ତି। ସେ ଆମ ମଣ୍ଡଳୀର ଲୋକମାନଙ୍କୁ ପାଳକ ହେବାରେ ସାହାଯ୍ୟ କରନ୍ତି। ଆମ ମଣ୍ଡଳୀର ଅନ୍ୟମାନେ ଆକ୍ୱିଲା ଓ ପ୍ରିସ୍କିଲାଙ୍କ ପରି ଏକତ୍ର କାର୍ଯ୍ୟକାରୀ ଅଟନ୍ତି। ମୁଁ ତୁମ ପାଇଁ ବାଇବଲରେ ଥିବା ଆତ୍ମିକ ଦାନ ବିଷୟରେ ଓ ଲୋକମାନେ କିପରି ସେଗୁଡ଼ିକୁ ବ୍ୟବହାର କରିଥିଲେ, ସେ ବିଷୟରେ ପଢ଼ୁଛି। ଆମେ ଏହି ଉଦାହରଣ ବ୍ୟବହାର କରି ମଣ୍ଡଳୀରେ ପ୍ରତ୍ୟେକଙ୍କୁ ନିଜ ନିଜ କାର୍ଯ୍ୟ ଜାଣିବାରେ ଉତ୍ସାହିତ କରିଥାଉ। ଅନ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ଶ୍ରୀ ଜ୍ଞାନୀ ସେମାନଙ୍କୁ ଯେଉଁ ତାଲିକା ଦେଇଥିଲେ, ସାରା ତାହା ପଢ଼ନ୍ତି।

## ଅନୁଶୀଳନ

### ରୋମୀୟ ୧୨:୩–୮ ପଦରେ ଥିବା ଆତ୍ମିକ ଜ୍ଞାନ ବ୍ୟବହାର କରନ୍ତୁ

ସାରା ଦବୋରାଙ୍କୁ ଯେଉଁ ଆତ୍ମିକ ଦାନଗୁଡ଼ିକ ଦେଖାନ୍ତି ତାହାର ତାଲିକା ନିମ୍ନରେ ଅଛି। ଆପଣ ଯଦି ପାରିବେ, ତେବେ ଈଶ୍ୱର ଆପଣଙ୍କୁ ଯେଉଁ ଦାନ ଦେଇଅଛନ୍ତି ତାହା ସହଜରେ କରିବା ପାଇଁ ତାକୁ ଚିହ୍ନିତ କରନ୍ତୁ:

- ☐ ୧ମ ଶାମୁୟେଲ ୧:୨୦–୨୮ ପଦରେ ଶାମୁୟେଲଙ୍କ ପରି **ସେବା କରିବା।**
- ☐ ଯୋହନ ୧:୨୬–୩୪ ପଦରେ ବାପ୍ତିଜକ ଯୋହନଙ୍କ ପରି **ଭାବବାଣୀ କହିବା।**
- ☐ ପ୍ରେରିତ ୪:୩୬–୩୭ ପଦରେ ବର୍ଣ୍ଣବ୍ବାଙ୍କ ପରି **ଦାନ କରିବା।**
- ☐ ନିହିମିୟା ୮ ପର୍ବରେ ଏଜ୍ରାଙ୍କ ପରି **ଶିକ୍ଷା ଦେବା।**
- ☐ ପ୍ରେରିତ ୨୦:୧୭–୩୮ ପଦରେ ପାଉଲ ଏଫିସୀୟ ପ୍ରାଚୀନମାନଙ୍କୁ ଯେପରି **ଉତ୍ସାହିତ**(ଉଜ୍ଜୀବିତ) କରିଥିଲେ, ସେପରି କରିବା।
- ☐ ଯାତ୍ରା ୧୮:୧୩–୨୬ ପଦରେ ମୋଶାଙ୍କ ପରି ବା ନିହିମିୟା ୨–୩ ପର୍ବରେ ନିହିମିୟାଙ୍କ ପରି **ନେତୃତ୍ୱ ନେବା।**
- ☐ ୧ମ ଶାମୁୟେଲ :୨୪ ପର୍ବରେ ଦାଉଦଙ୍କ ପରି **ଦୟା ପ୍ରଦର୍ଶନ କରିବା।**

### ୧ମ କରିନ୍ଥୀୟ ୧୨:୪–୧୧ ପଦରେ ଅତିରିକ୍ତ ଦାନ ଦେବା

- ☐ ୧ମ ରାଜାବଳୀ ୩:୫–୨୮ ପଦରେ ଶଲୋମନଙ୍କ ପରି **ଜ୍ଞାନ**ର କଥା କହିବା।
- ☐ ଯାକୁବ ୩ ପର୍ବରେ ଅନିୟନ୍ତ୍ରିତ ଜିଭର ବିପଦ ବିଷୟରେ ସତର୍କ କରାଇଥିବା ଯାକୁବଙ୍କ ପରି **ଜ୍ଞାନ**ର ସହ କଥା କହିବା।
- ☐ ଆଦି ପୁସ୍ତକ ୧୫:୧–୬ ପଦରେ ଅବ୍ରହାମ ଯେପରି ତାରା ଦେଖି ଈଶ୍ୱରଙ୍କ ପ୍ରତିଜ୍ଞା ବିଶ୍ୱାସ କରିଥିଲେ, ବା ମାଥିଉ ୮:୧–୧୩ ପଦରେ କୁଷ୍ଠୀ ଓ ଶତସେନାପତିଙ୍କ ପରି **ବିଶ୍ୱାସ କରିବା।**
- ☐ ମାର୍କ ୨:୧–୧୨ ପଦ, ବା ପ୍ରେରିତ ୩:୧–୧୬ ପଦରେ ଯୀଶୁଙ୍କ ପରି **ସୁସ୍ଥ କରିବା।**
- ☐ ୧ମ ରାଜାବଳୀ ୧୮:୧୬–୪୬ ପଦରେ ଏଲିୟଙ୍କ ପରି **ଆଶ୍ଚର୍ଯ୍ୟକର୍ମ ସାଧନ କରିବା।**
- ☐ ପ୍ରେରିତ ୧୩:୬–୧୨ ପଦରେ ପାଉଲଙ୍କ ପରି **ଅନ୍ତର୍ଦୃଷ୍ଟି ସମ୍ପନ୍ନ ହେବା।**
- ☐ ପ୍ରେରିତ ୧୦:୪୪–୪୮ ପଦରେ କର୍ଣ୍ଣୀଲିୟଙ୍କ ବନ୍ଧୁବାନ୍ଧବମାନଙ୍କ ପରି **ପରଭାଷାରେ କଥା କହିବା।**
- ☐ ୧ମ କରିନ୍ଥୀୟ ୧୪:୨୬–୨୮ ପଦରେ କରିନ୍ଥୀୟମାନେ ଯେପରି ନିର୍ଦ୍ଦେଶ ପାଇଥିଲେ, ସେହିପରି **ପରଭାଷାର ଅର୍ଥ କରିବା।**

### ଏଫିସୀୟ ୪:୧୧–୧୬ ପଦରେ ଲେଖାଥିବା ଅଧିକ ଦାନ

- ☐ ପ୍ରେରିତ ୧୩–୧୪ ପର୍ବରେ ପାଉଲ ଓ ବର୍ଣ୍ଣବ୍ବାଙ୍କ ପରି **ପ୍ରେରିତ** ରୂପେ ଅବହେଳିତ କ୍ଷେତ୍ରକୁ ଯିବା।
- ☐ ପ୍ରେରିତ ୮:୨୬–୪୦ ପଦରେ ଜଣେ **ସୁସମାଚାର ପ୍ରଚାରକ** ରୂପେ ସୁସମାଚାର ଘୋଷଣା କରିବା।
- ☐ ପ୍ରେରିତ ୨୦:୨୮–୩୪ ପଦରେ ଏଫିସୀୟ ପ୍ରାଚୀନଗଣ ଯେପରି ନିର୍ଦ୍ଦେଶ ପାଇଥିଲେ **ପାଳକ** ରୂପେ ସେହିପରି ନିର୍ଦ୍ଦେଶ ପାଇବା।

ଏହି ତାଲିକା ଦେଖିବା ପରେ ଦବୋରା ସାରାଙ୍କୁ ତାଙ୍କର ଗୃହକାର୍ଯ୍ୟରେ ସାହାଯ୍ୟ କରନ୍ତି। ପରଦିନ ସକାଳେ ସାରା ଦବୋରାଙ୍କୁ ସାକ୍ଷାତ କରି ଶୁଣନ୍ତି ଯେ, ସେ ତାଙ୍କ ଭାଇଙ୍କୁ ପୂର୍ବରାତିରେ ଶିକ୍ଷା କରିଥିବା ବିଷୟ ବର୍ଣ୍ଣନା କରୁଛନ୍ତି, ସେ ବାଇବଲରେ ବର୍ଣ୍ଣିତ ଆତ୍ମିକ ଦାନ ଓ ବ୍ୟକ୍ତିଙ୍କ ବିଷୟରେ ସ୍ମରଣ କରୁଛନ୍ତି।

ଦବୋରା ସାରାଙ୍କୁ କହନ୍ତି, ଆପଣ ମୋତେ ଅଧ୍ୟୟନ କରିବା ପାଇଁ ଯାହା ଦେଇଥିଲେ, ତାହା ମୁଁ ପଢ଼ିଲି।

ଈଶ୍ୱର ସେମାନଙ୍କ ମଣ୍ଡଳୀରେ ଯେଉଁ ଆତ୍ମିକ ଦାନ ଦେଇଥିଲେ, ସେ ବିଷୟରେ ସେମାନେ କଥାବାର୍ତ୍ତା କରୁଥିଲେ। ସାରା କହନ୍ତି, ମୁଁ ଭାବୁଛି ନିର୍ମାଣକାରୀ ନିହିମିୟାଙ୍କ ପରି ମୋ' ସ୍ୱାମୀ ଶିକ୍ଷାର୍ଥୀଙ୍କୁ ମଧ୍ୟ ସେହିପରି ଆତ୍ମିକ ଦାନ ଦତ୍ତ ହୋଇଛି। ଅନ୍ୟମାନେ ଯେଉଁ କାର୍ଯ୍ୟ ଅସମ୍ଭବ ବୋଲି କହୁଥିଲେ, ସେହି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଏହି ନେତା ତାଙ୍କ ଲୋକମାନଙ୍କୁ ଏକତ୍ର କରିଥିଲେ। ଯିହୁଦୀ ଲୋକମାନଙ୍କ ଈଶ୍ୱର ଅସୀମ ଅଟନ୍ତି। ସେ ସେମାନଙ୍କୁ ଶତ୍ରୁମାନଙ୍କ ଉପରେ ଜୟଲାଭ କରିବାକୁ ଦେଇଥିଲେ। ସେମାନଙ୍କ ରାଜଧାନୀ ଯିରୂଶାଲମ ଧ୍ୱଂସ ହୋଇଥିଲା ଓ ସେମାନଙ୍କୁ ବିଦେଶକୁ ନିଆଯାଇଥିଲା। ପରେ ସେମାନେ ଈଶ୍ୱରଙ୍କ ପ୍ରତିଜ୍ଞାନୁସାରେ ଘରକୁ ଫେରିଥିଲେ, ମାତ୍ର ସେମାନେ ଯିରୂଶାଲମ ପ୍ରାଚୀର ପୁନଃନିର୍ମାଣ କରି ନ ଥିଲେ। ଏକଶହ ବର୍ଷ ଧରି ପ୍ରାଚୀରଟି ଭଗ୍ନ ଅବସ୍ଥାରେ ଥିଲା। ନିହିମିୟା ଏ ବିଷୟ ଶୁଣି ସାହାଯ୍ୟ କରିବାକୁ ଗଲେ। ସେ ଜଣେ ବାସ୍ତବ ନେତା ଥିଲେ।

ଦବୋରା ପ୍ରଶ୍ନ କରନ୍ତି, ମୋର କେଉଁ ଆତ୍ମିକ ଦାନ ରହିଛି ?

ସାରା ଉତ୍ତର ଦିଅନ୍ତି, ଏତେ ଶୀଘ୍ର ମୁଁ ତୁମକୁ ନିଶ୍ଚିତ ରୂପେ କହିପାରୁ ନାହିଁ, ମାତ୍ର ମନେହୁଏ ତୁମକୁ ଅନ୍ୟମାନଙ୍କ ସେବା କରିବା ପାଇଁ ଶାମୁୟେଲଙ୍କ ପରି ଦାନ ଦତ୍ତ ହୋଇଛି। ଶାମୁୟେଲ ଇଚ୍ଛା କରି ଈଶ୍ୱରଙ୍କ ମନ୍ଦିରର ଯତ୍ନ ନେଇଥିଲେ। ସେହିପରି ତୁମେ ମଧ୍ୟ ମୋତେ ସାହାଯ୍ୟ କରିବାକୁ ଆଗ୍ରହାନ୍ୱିତା ଥିଲ। ପୁଣି ତୁମର ମଧ୍ୟ ଏଜ୍ରାଙ୍କ ପରି ଶିକ୍ଷା ଦେବାର ଦାନ ଦତ୍ତ ହୋଇଛି ବୋଲି ମନେହୁଏ। ତୁମେ ତୁମ ଭାଇଙ୍କୁ ଭଲ ରୂପେ ଶିକ୍ଷା ଦେଲ। ସେବା କରିବା ପାଇଁ ଈଶ୍ୱର ତୁମର କ୍ଷମତାକୁ ବୃଦ୍ଧି କରନ୍ତି ବୋଲି ଦେଖିବା ଆନନ୍ଦଦାୟକ ହେବ।

ପରେ ସେହିଦିନ ଶିକ୍ଷାର୍ଥୀ ତାଙ୍କ ଭାଇ ସାହାଯ୍ୟକାରୀଙ୍କ ସହିତ ଘରକୁ ଫେରନ୍ତି। ତାଙ୍କ ସ୍ତ୍ରୀ ସାରା ଦବୋରାଙ୍କ ସହ ଆତ୍ମିକ ଦାନ ବିଷୟରେ ତାଙ୍କର ଆଲୋଚନା କଥା ତାଙ୍କୁ କହନ୍ତି। ମୁଁ ତାଙ୍କୁ କହିଲି ଯେ, ନିହିମିୟାଙ୍କ ପରି ଦାନ ତୁମର ମଧ୍ୟ ଅଛି।

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ମୁଁ ମଧ୍ୟ ସେହିପରି ଭାବୁଛି। ଜଣେ ଉତ୍ତମ ନେତାଙ୍କ ଗୁଣାବଳୀ ଜାଣିବା ପାଇଁ ଆସ ଆମେ ଶ୍ରୀ ଜ୍ଞାନୀ ଆମକୁ **ନିହିମିୟା**ଙ୍କ ବିଷୟରେ ଯାହା କହିଥିଲେ, ତାହା ସ୍ମରଣ କରିବା।

## ଅନୁଶୀଳନୀ

ନିମ୍ନୋକ୍ତ ବିଷୟ ପାଇବା ପାଇଁ **ନିହିମିୟା** ପୁସ୍ତକ ଅଧ୍ୟୟନ କରନ୍ତୁ (ଏହା ଏକ ବଡ଼ ଅନୁଶୀଳନ, ମାତ୍ର ଏହି ପରିଶ୍ରମର ମୂଲ୍ୟ ଅଛି) :

**ନିହିମିୟା ୧:୧–୧୧ ପଦ**ରେ ନିମ୍ନୋକ୍ତ ବିଷୟ ଦେଖନ୍ତୁ:
- ନିହିମିୟାଙ୍କ ଲୋକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ, ସେ ବିଷୟରେ ସେ କ'ଣ ଭାବୁଥିଲେ ?
- ତାଙ୍କର ଓ ତାଙ୍କ ଲୋକମାନଙ୍କ ପାପ ବିଷୟରେ ନିହିମିୟା କ'ଣ ପ୍ରାର୍ଥନା କରିଥିଲେ ?

**ନିହିମିୟା ୨ ପର୍ବ**ରେ ନିମ୍ନୋକ୍ତ ବିଷୟ ଦେଖନ୍ତୁ:
- ନିହିମିୟା ରାଜାଙ୍କ ସେବା କରିବା ସମୟରେ ତାଙ୍କ ପ୍ରାର୍ଥନାର ଉତ୍ତର ଦେବା ପାଇଁ ଈଶ୍ୱର କ'ଣ କରିଥିଲେ ?
- ନିହିମିୟା ଅନ୍ୟ କାହାକୁ ତାଙ୍କ ଯୋଜନା ବିଷୟରେ କହିବା ପୂର୍ବରୁ ଯିରୂଶାଲମରେ କ'ଣ କରିଥିଲେ ?
- ଲୋକମାନଙ୍କୁ ପ୍ରାଚୀର କାର୍ଯ୍ୟ ଆରମ୍ଭ କରାଇବାରେ ପ୍ରେରଣା ଦେବା ପାଇଁ ନିହିମିୟା କ'ଣ କରିଥିଲେ ?

**ନିହିମିୟା ୩ ପର୍ବ**ରେ ନିମ୍ନୋକ୍ତ ବିଷୟ ଦେଖନ୍ତୁ :
- ନିହିମିୟା କାର୍ଯ୍ୟକାରୀମାନଙ୍କୁ କିପରି ସଂଗଠିତ କରିଥିଲେ ?

**ନିହିମିୟା ୪ ପର୍ବ**ରେ ନିମ୍ନୋକ୍ତ ବିଷୟ ଦେଖନ୍ତୁ :
- କାର୍ଯ୍ୟକାରୀମାନେ କେଉଁ ବିରୋଧର ସମ୍ମୁଖୀନ ହୋଇଥିଲେ ?
- ବିରୋଧକୁ ଅତିକ୍ରମ କରିବା ପାଇଁ ନିହିମିୟା ଲୋକମାନଙ୍କୁ କିପରି ସଙ୍ଗଠିତ କରିଥିଲେ ?
- ଲୋକମାନଙ୍କର ଅନୁସରଣ ନିମନ୍ତେ ନିହିମିୟା କେଉଁ ପ୍ରକାର ଉଦାହରଣ ପ୍ରଦର୍ଶନ କରିଥିଲେ ?

**ନିହିମିୟା ୬:୧୫–୧୭ ପଦ**ରେ ନିମ୍ନୋକ୍ତ ବିଷୟ ଦେଖନ୍ତୁ :
- କେତେ ଦିନରେ ଲୋକମାନେ ପ୍ରାଚୀର ନିର୍ମାଣ କରିଥିଲେ ?
- ଈଶ୍ୱର ଆପଣା ଲୋକମାନଙ୍କୁ ଆଶୀର୍ବାଦ କରିଥିବାର ଦେଖି ଚତୁଃର୍ଦ୍ଦିଗରେ ଥିବା ଜାତିଗୁଡ଼ିକ କ'ଣ ଅନୁଭବ କରିଥିଲେ ?

**ନିହିମିୟା ୮:୧–୬ ଓ ୯:୩ ପଦ**ରେ ନିମ୍ନୋକ୍ତ ବିଷୟ ଦେଖନ୍ତୁ :
- ନେତାଗଣ ଲୋକମାନଙ୍କ ପ୍ରତି କ'ଣ ପାଠ କରିଥିଲେ ଯେ, ତାହା ମହାନ୍ ଉଦ୍ଦୀପନା ଓ ଈଶ୍ୱରଙ୍କ ଆଶୀର୍ବାଦ ଆଣିଦେଇଥିଲା ?

ସାରା ସେମାନଙ୍କ ପାଇଁ କଫି ଆଣନ୍ତି ଓ ସାହାଯ୍ୟକାରୀ ତାଙ୍କ ଶିକ୍ଷକ ଶିକ୍ଷାର୍ଥୀଙ୍କୁ କହନ୍ତି, ମୁଁ ଏ ବିଷୟରେ ପ୍ରଭାବିତ ହୋଇଛି ଯେ, ଅନେକ ବର୍ଷ ଧରି ଯେଉଁ ବଡ଼ ପ୍ରାଚୀର ଭଗ୍ନ ଅବସ୍ଥାରେ ପଡ଼ିଥିଲା, ଲୋକମାନେ ତାହାକୁ କେବଳ ବୟାଳିଶ ଦିନରେ ସମାପ୍ତ କରିଥିଲେ। ମୁଁ ନିହିମିୟାଙ୍କ ପରି ଜଣେ ଦୃଢ଼ ଓ ଅଟଳ ନେତା ହେବା ପାଇଁ ଇଚ୍ଛା କରୁଛି। ସେ ତାଙ୍କ ମଣ୍ଡଳୀର ଓ ତାଙ୍କ ସମାଜର ସମସ୍ୟା ବିଷୟରେ ମନୋଯୋଗୀ ହୋଇଥିଲେ।

ହଁ, ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ନିହିମିୟା ତାଙ୍କ ମଣ୍ଡଳୀ ଓ ତାଙ୍କ ଦେଶର ନେତାମାନଙ୍କ ପାଇଁ ପ୍ରାର୍ଥନା କରିବା ସମୟରେ ନିଜ ପାଇଁ ଓ ସେମାନଙ୍କ ପାଇଁ କ୍ଷମା ଭିକ୍ଷା କରୁଥିଲେ। ସେ ପ୍ରେମରେ ଲୋକଙ୍କ ସେବା କରିବା ପାଇଁ ଈଶ୍ୱରଙ୍କ ଜ୍ଞାନପୂର୍ଣ୍ଣ ଯୋଜନା ମାଗୁଥିଲେ। ସେ ଯେଉଁ ସମସ୍ୟା ଦେଖୁଥିଲେ ବିଶ୍ୱସ୍ତ ରୂପେ ତାହା ତାଙ୍କ ମଣ୍ଡଳୀରେ କହୁଥିଲେ, ତହିଁରେ ସେମାନେ ଯତ୍ନ ସହକାରେ ସେଗୁଡ଼ିକ ବିଷୟରେ ଯୋଜନା କରୁଥିଲେ। ସେ ତାଙ୍କ ସ୍ତ୍ରୀ ସାରାଙ୍କୁ ମଧ୍ୟ ତାଙ୍କ ସହ ଯୋଗ ଦେବାକୁ କହି ପ୍ରାର୍ଥନା କରନ୍ତି, ପ୍ରଭୁ, ମୁଁ ତୁମର ସାହାଯ୍ୟ ଲୋଡ଼େ। ମୁଁ ନିହିମିୟାଙ୍କ ଉଦାହରଣ ଅନୁସରଣ କରିବାକୁ ଇଚ୍ଛା କରୁଛି, ପୁଣି ଆମ ଲୋକମାନେ ବିରୋଧର ସମ୍ମୁଖୀନ ହେବା ସମୟରେ ମଧ୍ୟ ଯେପରି କାର୍ଯ୍ୟ କରି ଚାଲିବେ, ସେଥିପାଇଁ ସେମାନଙ୍କୁ ଅନୁପ୍ରାଣିତ କରିବାକୁ ଇଚ୍ଛା କରୁଛି। ଆମେ ଇଚ୍ଛା କରୁଛୁ ଯେ, ପ୍ରତ୍ୟେକେ ଅନ୍ୟମାନଙ୍କ ସେବା କରିବା ପାଇଁ ସେମାନଙ୍କ ଆତ୍ମିକ ଦାନସବୁକୁ ବ୍ୟବହାର କରନ୍ତୁ।

ସାହଯ୍ୟକାରୀ କହନ୍ତି, ଅନ୍ୟ ନେତାମାନଙ୍କୁ ନିହିମିୟାଙ୍କ ଉଦାହରଣ ଅନୁସରଣ କରିବାରେ ଉତ୍ସାହିତ କରିବା ପାଇଁ ମୁଁ ଗୋଟିଏ ସଙ୍ଗୀତ ରଚନା କରିବି।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀ ତଥା ନୂତନ ଖ୍ରୀଷ୍ଟିୟାନ ଓ ପିଲାମାନେ ଯେପରି ମଣ୍ଡଳୀ ଗଢ଼ି ତୋଳିବେ, ସେଥିପାଇଁ ସେମାନଙ୍କ ଦାନ ବ୍ୟବହାର କରିବାରେ ସାହାଯ୍ୟ କରିବା ପାଇଁ ଉପରୋକ୍ତ ଆତ୍ମିକ ଦାନ ଓ ବାଇବଲର ଉଦାହରଣଗୁଡ଼ିକୁ ବ୍ୟବହାର କରନ୍ତୁ।
- ନିହିମିୟାଙ୍କ ପରି ନମ୍ରତାର ସହ ନେତୃତ୍ୱ ନିଅନ୍ତୁ, ପ୍ରଥମେ ଈଶ୍ୱରଙ୍କ ପ୍ରତି ନିଜ ପାପ ସ୍ୱୀକାର କରିବା ପରେ ଆପଣ ଯେପରି ମଣ୍ଡଳୀକୁ ଅନୁପ୍ରାଣିତ କରି ତାହାଙ୍କ ପାଇଁ ମହାନ୍ କାର୍ଯ୍ୟ କରିପାରିବେ, ସେଥିପାଇଁ ତାହାଙ୍କୁ ଆପଣା ମହାନ୍ ଯୋଜନା ଜଣାଇବାକୁ ଅନୁରୋଧ କରନ୍ତୁ।

## ୩-୩ ସେବାକାର୍ଯ୍ୟ ୩

# ଈଶ୍ୱରଙ୍କ ଉପାସନା କରନ୍ତୁ ଓ ପ୍ରଭୁଭୋଜ ପାଳନ କରନ୍ତୁ

ଶିକ୍ଷାର୍ଥୀ ତାଙ୍କ ଘରେ ଶିକ୍ଷା ଦେଉଥିବା ସମୟରେ ଶ୍ରୀ ବୋକା ଓ ମଣ୍ଡଳୀର ଅନ୍ୟମାନେ ଶୋଇପଡ଼ନ୍ତି। ସେ ଦେଖନ୍ତି ଯେ, ପ୍ରଭୁଭୋଜ ସମୟରେ ଦୁଇ ଜଣ ଛୋଟ ପିଲା କିଛି ଖାଦ୍ୟ ଖାଉଛନ୍ତି। ପିଲାମାନେ ଚାରିଆଡ଼କୁ ଦେଖନ୍ତି। ତାଙ୍କ ସ୍ତ୍ରୀ ସାରା ତାଙ୍କୁ ପରେ କହନ୍ତି, ସେମାନେ କଥା ହେଉଥିବା ସମୟରେ ମୁଁ ସେଠାରେ ଅଛି ବୋଲି ସେମାନେ ଜାଣିପାରି ନ ଥିଲେ, ମୁଁ ସେମାନଙ୍କ କଥା ଶୁଣିଥିଲି। ସେମାନେ କ'ଣ ଶ୍ରୀ ଜ୍ଞାନୀଙ୍କୁ, ସାହାଯ୍ୟକାରୀଙ୍କୁ ନା ତୁମକୁ ଅନୁସରଣ କରିବା ଉଚିତ୍, ସେ ବିଷୟରେ ସେମାନେ ଯୁକ୍ତିତର୍କ କରୁଥିଲେ। ଜଣେ ବ୍ୟକ୍ତି ଶ୍ରୀ ବୋକାଙ୍କୁ ଅନୁସରଣ କରିବା ପାଇଁ କହିଲେ। ଜଣେ ତରୁଣ ବ୍ୟକ୍ତି ଅନ୍ୟ କିଛି ବିଷୟ କହିଲେ, ଏହା ବିରକ୍ତିକର ଅଟେ। ଶିକ୍ଷାର୍ଥୀ ସର୍ବଦା ସେହି ସମାନ କାର୍ଯ୍ୟ କରୁଛନ୍ତି। ଏହା ଏକ ଧର୍ମକର୍ମ ସାଧନ ଅଟେ, ଏହା କରିବା ପାଇଁ ଆମର ଜ୍ଞାନର ଆବଶ୍ୟକ ନାହିଁ। ସେଥିପାଇଁ ମୁଁ ଖାଇବା ପାଇଁ କିଛି ଖାଦ୍ୟ ଆଣିଥିଲି!

ଘଟଣା ସମ୍ପର୍କରେ ବୁଝାଇ ଶିକ୍ଷାର୍ଥୀ ଶ୍ରୀ ଜ୍ଞାନୀଙ୍କୁ ପତ୍ର ଲେଖନ୍ତି। ପ୍ରତ୍ୟୁତ୍ତରରେ ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କୁ ପତ୍ର ଲେଖି ତାହା ମଣ୍ଡଳୀରେ ପାଠ କରିବାକୁ କହନ୍ତି, ମୋର ପ୍ରିୟ ଭାଇ ଓ ଭଉଣୀମାନେ। ୧ମ କରିନ୍ଥୀୟ ୧୧:୧୭-୩୪ ପଦରେ ପ୍ରେରିତ ପାଉଲ କରିନ୍ଥୀୟମାନଙ୍କୁ ଯେଉଁ କଥା କହିଥିଲେ, ମୋତେ ମଧ୍ୟ ତୁମ୍ଭମାନଙ୍କୁ ସେହି କଥା କହିବାକୁ ପଡ଼ିବ। ମନେହୁଏ ଆପଣମାନେ ଏକତ୍ର ହେବା ସମୟରେ କେତେ ଜଣ ଭଲ କରିବା ପରିବର୍ତ୍ତେ ଅଧିକ କ୍ଷତି କରୁଛନ୍ତି। ଆପଣମାନଙ୍କ ମଧ୍ୟରେ ପ୍ରଭେଦ ରହିଛି। ଆପଣମାନେ ଏକତ୍ର ହୋଇ ପ୍ରଭୁଭୋଜ ବିଷୟରେ ମନୋଯୋଗୀ ନୁହନ୍ତି। ଆପଣମାନଙ୍କ ମଧ୍ୟରୁ କେତେ ଜଣ ପ୍ରଭୁଭୋଜ ସମୟରେ ଅନ୍ୟମାନେ କ୍ଷୁଧିତ ଥିବା ବେଳେ ସେମାନଙ୍କ ସମ୍ମୁଖରେ ଭୋଜନ କରୁଛନ୍ତି। ଭୋଜନ ପାନ କରିବା ପାଇଁ ଆପଣମାନଙ୍କର କ'ଣ ଘର ନାହିଁ? ଆମେ **ପ୍ରଭୁଭୋଜ**କୁ ଗୁରୁତର ସହ ପାଳନ ନ କରି ପାପ କରିଥାଉ। ଆପଣମାନେ କ'ଣ ଭୁଲି ଯାଇଛନ୍ତି ଯେ, ଆପଣମାନେ ମଣ୍ଡଳୀ ରୂପେ ଏକତ୍ର ହୋଇ ଉପାସନା କରିବା ସମୟରେ ଈଶ୍ୱର ଉପସ୍ଥିତ ଥାଆନ୍ତି ବୋଲି?

### ଅନୁଶୀଳନୀ

**୧ମ କରିନ୍ଥୀୟ ୧୧:୧୭-୩୪ ପଦ** ଦେଖନ୍ତୁ:

- ଯୀଶୁଙ୍କୁ ପ୍ରତାରଣା କରିବା ରାତ୍ରିରେ ରୋଟୀ ଭାଙ୍ଗିବା ସମୟରେ ଯୀଶୁ କ'ଣ କହିଥିଲେ?
- ପ୍ରଭୁଭୋଜ ସମୟରେ ଆମେ ଯେତେବେଳେ ଖ୍ରୀଷ୍ଟଙ୍କ ଶରୀରକୁ ସମ୍ମାନିତ କରିପାରି ନ ଥାଉ, ସେତେବେଳେ କାହା ବିରୁଦ୍ଧରେ ପାପ କରୁ?
- ପ୍ରଭୁଙ୍କ ବିଚାର ଯେପରି ଆମ ପ୍ରତି ନ ଆସିବ ସେଥିପାଇଁ ପ୍ରଭୁଭୋଜ ଗ୍ରହଣ କରିବା ପୂର୍ବରୁ ଆମେ କେଉଁ ପରୀକ୍ଷା କରିଥାଉ?

ଶ୍ରୀ ଜ୍ଞାନୀଙ୍କ ପତ୍ରରେ ଆହୁରି ଲେଖାଅଛି, ମୁଁ ଛାଡ଼ି ଆସିବା ପୂର୍ବରୁ ଆପଣମାନଙ୍କୁ କିପରି ଉପାସନା କରିବାକୁ ହେବ ଶିକ୍ଷା ଦେଇଥିଲି। ମୁଁ ଶିକ୍ଷା ଦେଇଥିଲି ଯେ, ଆମେ ଯେତେବେଳେ ଏକତ୍ର ହେଉ ସେତେବେଳେ ଈଶ୍ୱର ଉପସ୍ଥିତ ଥାଆନ୍ତି। ଆମେ ସର୍ବାନ୍ତଃକରଣରେ ଈଶ୍ୱରଙ୍କ ଉପାସନା କରୁ।

ଶିକ୍ଷାର୍ଥୀ କହନ୍ତି, ମୁଁ ଶ୍ରୀ ଜ୍ଞାନୀଙ୍କ ଶିକ୍ଷା ସ୍ମରଣ କରୁଛି। ଆମେ ପ୍ରାର୍ଥନା ଓ ପ୍ରଶଂସାରେ, ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବାରେ, ଈଶ୍ୱରଙ୍କ ପ୍ରତି ଆମ ପାପ ସ୍ୱୀକାର କରି ପ୍ରଭୁଭୋଜ ପାଳନ କରିବାରେ, ଦାନ ଦେବାରେ ଓ ଆମ ସହଭାଗିତାରେ ଉପାସନା କରିଥାଉ। ଆମେ ମନୋରଞ୍ଜନ ପାଇଁ ଏସବୁ କରି ନ ଥାଉ। ଈଶ୍ୱର ଆମକୁ ବିଭିନ୍ନ ଉପାୟରେ ଏସବୁ କରିବା ପାଇଁ ସ୍ୱାଧୀନତା ଦିଅନ୍ତି। ପାଉଲ ଏଫିସୀୟର ଲୋକମାନଙ୍କୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ହୃଦୟରେ ସଙ୍ଗୀତ, ସ୍ତୋତ୍ର ଓ ଆତ୍ମିକ ସଙ୍ଗୀତ ରଚନା କରିବାକୁ କହିଥିଲେ। ଆମ ନିଜ ଦ୍ୱାରା ବା ଅନ୍ୟମାନଙ୍କ ଦ୍ୱାରା ରଚିତ ସଙ୍ଗୀତ ସ୍ତୋତ୍ର ହୋଇପାରେ। ସେଗୁଡ଼ିକ ଈଶ୍ୱରଙ୍କ ମହାନ୍ କାର୍ଯ୍ୟର ସାକ୍ଷ୍ୟ ବହନ କରି ତାହାଙ୍କୁ ଧନ୍ୟବାଦ ଦେଇଥା'ନ୍ତି। ସେଗୁଡ଼ିକ ଈଶ୍ୱରଙ୍କ ମହାନତାକୁ ପ୍ରଶଂସା କରି ଓ ତାହାଙ୍କୁ ଭକ୍ତି କରିଥା'ନ୍ତି।

ଶିକ୍ଷାର୍ଥୀ କହନ୍ତି, ଶ୍ରୀ ଜ୍ଞାନୀ ଆମକୁ ଆହୁରି ମଧ୍ୟ ଶିକ୍ଷା ଦେଇଥିଲେ ଯେ, ପୁରାତନ ନିୟମରେ ଈଶ୍ୱରଙ୍କ ଲୋକମାନେ ଉତ୍ସବ ସମୟରେ କେଉଁ ବିଶେଷ ଉପାୟରେ ଉପାସନା କରୁଥିଲେ। ନିସ୍ତାର ପର୍ବ ଉତ୍ସବ ସାତ ଦିନ ଧରି ଚାଲିଲା, ପୁଣି ପ୍ରତ୍ୟେକ ଦିନ ବିଶେଷ ଦାନ ସଂଗ୍ରହ କରାଗଲା, ସେଥିରେ ପ୍ରଥମ ଓ ଶେଷ ଦିନ ବିଶେଷ ସଭା କରାଗଲା। ଶଲୋମନ ଈଶ୍ୱରଙ୍କ ମନ୍ଦିର ନିର୍ମାଣ କରିବା ପରେ ଉତ୍ସବ ପାଳନ କରିବା ପାଇଁ ଲୋକମାନେ ଯିରୂଶାଲମକୁ ଆସିଥିଲେ। ସେମାନେ ଏକତ୍ର ଭୋଜନ କରି ଏକତ୍ର ବାସ କଲେ। ସେମାନେ ଛିଡ଼ା ହୋଇ ବାଦକମାନଙ୍କୁ ଗୀତ ବୋଲି ତୂରୀ ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ବଜାଉଥିବାର ଶୁଣୁଥିଲେ। ରାଜା ଶଲୋମନ ଛିଡ଼ା ହୋଇ ଓ ପରେ ଆଣ୍ଠୋଇପଡ଼ି ସେମାନଙ୍କ ପାଇଁ ବିଶେଷ ପ୍ରାର୍ଥନା କଲେ। ଈଶ୍ୱରଙ୍କ ଉପସ୍ଥିତିରେ ଆମ ପ୍ରାର୍ଥନା ସୁଗନ୍ଧି ଧୂପ ସଦୃଶ ଅଟେ।

ଶିକ୍ଷାର୍ଥୀ ପତ୍ରରୁ ଆହୁରି ପଢ଼ନ୍ତି, ଈଶ୍ୱରଙ୍କ ପ୍ରତି ଆପଣମାନଙ୍କ ଉପାସନାକୁ ଆପଣଙ୍କ ନେତାଗଣ ସୁଗନ୍ଧି ଧୂପ ସଦୃଶ କରିପାରନ୍ତି:

- ପ୍ରସ୍ତୁତ ହୋଇ ପ୍ରାର୍ଥନା କରନ୍ତୁ।
- ଉପାସନାର ବିଭିନ୍ନ ଅଂଶରେ ସାହାଯ୍ୟ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରନ୍ତୁ।
- ସମସ୍ତଙ୍କୁ ପୂର୍ବ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରନ୍ତୁ।

- ପିଲାମାନଙ୍କ ସହିତ ପ୍ରତ୍ୟେକଙ୍କୁ ବିଭିନ୍ନ ଉପାୟରେ ଯୋଗଦାନ କରିବା ପାଇଁ ପ୍ରସ୍ତୁତ କରନ୍ତୁ।
- ଖ୍ରୀଷ୍ଟଙ୍କ ଜନ୍ମ, ତାହାଙ୍କ ମୃତ୍ୟୁଭୋଗ ଓ ପୁନରୁତ୍ଥାନ ପରି ବିଶେଷ ଉତ୍ସବ ପାଳନ କରନ୍ତୁ।

ଏହି ବିଷୟ ଉପରେ ସେମାନେ କିଛି ସମୟ ଆଲୋଚନା କରିବା ପରେ, ଶିକ୍ଷାର୍ଥୀ ପତ୍ରଟିକୁ ପଢ଼ନ୍ତି : ଏବ୍ରୀ ପୁସ୍ତକ ଲେଖକ ଯେପରି କହନ୍ତି, ଅନେକ ବର୍ଷ ପୂର୍ବେ ଈଶ୍ୱର ଭାବବାଦୀମାନଙ୍କ ମାଧ୍ୟମରେ ଆମ ପୂର୍ବପୁରୁଷମାନଙ୍କୁ କଥା କହିଥିଲେ। ମାତ୍ର ଏହି ଶେଷ ଦିନଗୁଡ଼ିକରେ ଈଶ୍ୱରଙ୍କ ଗୌରବ ପ୍ରକାଶ କରୁଥିବା ତାହାଙ୍କ ପୁତ୍ର ଯୀଶୁଙ୍କ ମାଧ୍ୟମରେ ସେ କଥା କହନ୍ତି, ପୁଣି ତାହାଙ୍କର ସବୁକିଛି ସଠିକ୍ ରୂପେ ଈଶ୍ୱରଙ୍କ ପ୍ରତିନିଧିତ୍ୱ କରିଥାଏ। ଆମକୁ ପାପରୁ ପରିଶୁଦ୍ଧ କରିବା ପାଇଁ ମୃତ୍ୟୁଭୋଗ କରିବା ପରେ, ସ୍ୱର୍ଗରେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ତାହାଙ୍କ ଗୌରବରେ ଉପବେଶନ କରିଥିଲେ। ଆମେ ଈଶ୍ୱରଙ୍କ ଉପାସନା କରିବା ସମୟରେ, ଯୀଶୁଙ୍କ ନାମରେ ପ୍ରାର୍ଥନା କରି, ତାହାଙ୍କ ବାକ୍ୟ ଶିକ୍ଷା ଦେଇ ଓ ପ୍ରଭୁଭୋଜରେ ତାହାଙ୍କ ମୃତ୍ୟୁଭୋଗ ଘୋଷଣା କରି ତାହାଙ୍କୁ ଗୌରବ ଦେଇଥାଉ। ଦାନ ଦେବା ଦ୍ୱାରା ଓ ସହଭାଗିତାରେ ଆସିବା ଦ୍ୱାରା ଆମେ ତାହାଙ୍କ ଶରୀର, ମଣ୍ଡଳୀର ଯତ୍ନ ନେଇଥାଉ।

ଅନେକେ କହନ୍ତି, ଆମେନ୍! ତା'ପରେ ଶିକ୍ଷାର୍ଥୀ ପତ୍ର ଶେଷ କରନ୍ତି:

ଆପଣମାନେ ଏକତ୍ର ଉପାସନା କରି ପ୍ରଭୁଭୋଜ ଗ୍ରହଣ କରିବା ସମୟରେ ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତର ଅଂଶୀ ହୋଇଥାଆନ୍ତି। ଆପଣମାନେ ତାହାଙ୍କ ମୃତ୍ୟୁ ଘୋଷଣା କରିଥା'ନ୍ତି। ଆପଣମାନେ ଈଶ୍ୱରଙ୍କ ଉପସ୍ଥିତିରେ ପ୍ରବେଶ କରିଥା'ନ୍ତି। ଆପଣ ଯଦି ଏହା ହୃଦୟଙ୍ଗମ କରି ନ ପାରନ୍ତି, ତେବେ ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତକୁ ଅବମାନନା କରନ୍ତି। ଖ୍ରୀଷ୍ଟଙ୍କ ପାତିତ ରକ୍ତ କେତେ ମୂଲ୍ୟବାନ ତାହା ପୁରାତନ ନିୟମ ଆମକୁ ଦର୍ଶାଇଥାଏ।

ଶିକ୍ଷାର୍ଥୀ କହନ୍ତି, ସାହାଯ୍ୟକାରୀ, ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ କିପରି ପ୍ରବେଶ କରିବାକୁ ହେବ, ସେ ବିଷୟରେ ଆମେ ଏକତ୍ର ଯେଉଁ **ନିସ୍ତାର ପର୍ବ** ବିଷୟରେ ଅଧ୍ୟୟନ କରିଥିଲୁ ଦୟାକରି ତାହା କୁହ।

### ଅନୁଶୀଳନୀ

ମିସରର କ୍ରୀତଦାସତ୍ୱରୁ ଈଶ୍ୱର କିପରି ଆପଣା ଲୋକମାନଙ୍କୁ ମୁକ୍ତ କଲେ ତାହା **ଯାତ୍ରା ୧୨:୨୧–୪୨ ପଦ**ରେ ଦେଖନ୍ତୁ:

- ରାତ୍ରିର ମଧ୍ୟଭାଗରେ କିଏ ମୃତ୍ୟୁଭୋଗ କଲେ ?
- କେଉଁ ବିଷୟ ଇସ୍ରାଏଲମାନଙ୍କୁ ସେମାନଙ୍କ ପ୍ରଥମଜାତ ପୁତ୍ରମାନଙ୍କୁ ହରାଇବାକୁ ଦେଇ ନ ଥିଲା ?
- ଇସ୍ରାଏଲୀୟମାନଙ୍କୁ କ୍ରୀତଦାସତ୍ୱରୁ ମୁକ୍ତ କରିବା ପାଇଁ ମିସରୀୟମାନଙ୍କ ପ୍ରଥମଜାତ ସନ୍ତାନମାନେ ମୃତ୍ୟୁଭୋଗ କରିବା ପରେ କ'ଣ ଘଟିଲା ?
- ଦାସତ୍ୱରୁ ମୁକ୍ତିର ଘଟଣା ଇସ୍ରାଏଲୀୟମାନେ ଚିରକାଳ ପାଇଁ କିପରି ସ୍ମରଣ ରଖିଲେ ?

ସଭା ସମାପ୍ତ ହେବା ପରେ ଶିକ୍ଷାର୍ଥୀ ଓ ତାଙ୍କ ଭାଇ ସାହାଯ୍ୟକାରୀ, ଶ୍ରୀ ଜ୍ଞାନୀ ସେମାନଙ୍କୁ ପୁରାତନ ନିୟମର ଉପାସନା ସ୍ଥଳୀ ଓ ଉପାସନା ବିଷୟରେ ବାଇବଲରୁ ଯେଉଁ ଅଂଶର ତାଲିକା ଦେଇଥିଲେ ତାହା ଅଧ୍ୟୟନ କରନ୍ତି। ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ ଅନୁରୋଧ କରନ୍ତି, ଦୟାକରି ଆସନ୍ତା ସପ୍ତାହରେ ଏ ବିଷୟରେ ଶିକ୍ଷା ଦିଅ।

ସାହାଯ୍ୟକାରୀ ଶିକ୍ଷା ଦେବା ସମୟରେ ସମସ୍ତେ ମନଧ୍ୟାନ ସହକାରେ ଶୁଣନ୍ତି। ଦ୍ୱାରର ବାଜୁବନ୍ଧର ଦୁଇପାଖ ଉପରେ ଲାଗିଥିବା ନିସ୍ତାର ପର୍ବ ମେଷର ରକ୍ତ ବିଷୟରେ ସେ ଯେଉଁ ସଙ୍ଗୀତ ରଚନା କରିଥିଲେ, ତାହା ଗାନ କରନ୍ତି। ସେ ବର୍ଣ୍ଣନା କରନ୍ତି, ପୁରାତନ ନିୟମରେ ଈଶ୍ୱରଙ୍କୁ ପ୍ରେମ କରୁଥିବା ଯିହୁଦୀଗଣ ପ୍ରତ୍ୟେକ ବର୍ଷ ନିସ୍ତାର ପର୍ବ ପାଳନ କରୁଥିଲେ। ଈଶ୍ୱର କିପରି ରକ୍ତ ବ୍ୟବହାର କରିଥିଲେ ଓ ସେମାନଙ୍କୁ ମୁକ୍ତ କରିବା ପାଇଁ ପ୍ରଥମଜାତ ସନ୍ତାନଙ୍କ ମୃତ୍ୟୁ ବିଷୟ ସେମାନେ ସ୍ମରଣ କରୁଥିଲେ। ଈଶ୍ୱରଙ୍କ ପୁତ୍ର ଆପଣା ରକ୍ତରେ ଆମକୁ ପାପର ବନ୍ଧନରୁ କିପରି ମୁକ୍ତ କରିପାରିବେ ଏହା ତା'ର ଏକ ଉଦାହରଣ ଥିଲା। ଏବ୍ରୀ ପୁସ୍ତକରେ ଥିବା **ସ୍ୱର୍ଗୀୟ ସମାଗମ–ତମ୍ବୁର ଏହା ଏକ ଜାଗତିକ ପରିପ୍ରକାଶ**ର ବର୍ଣ୍ଣନା ଅଟେ।

### ଅନୁଶୀଳନୀ

ଶିକ୍ଷାର୍ଥୀ କ'ଣ ଶିକ୍ଷା ଦିଅନ୍ତି, ତାହା **ଏବ୍ରୀ ୯:୧–୨୬ ପଦ**ରେ ଦେଖନ୍ତୁ :

- ଗୀର୍ଜାଘରର ପ୍ରଥମ ଘରେ କେଉଁ ଜିନିଷ ଥିଲା ?
- ଭିତରର ଅତି ପବିତ୍ର ସ୍ଥାନରେ କେଉଁ ଜିନିଷ ଥିଲା ?
- ନିଜର ପାପ ଓ ଲୋକମାନଙ୍କ ପାପ ଢାଙ୍କିବା ପାଇଁ ମହାଯାଜକ ବର୍ଷକୁ ଥରେ କ'ଣ କରୁଥିଲେ ?
- ଈଶ୍ୱରଙ୍କ ପୁତ୍ର କିପରି ଅନନ୍ତକାଳ ପାଇଁ ଆମ ପରିତ୍ରାଣ ସୁରକ୍ଷା କରି ରଖିପାରୁଥିଲେ ?

ସାହାଯ୍ୟକାରୀ ଲୋକମାନଙ୍କୁ ପ୍ରଶ୍ନ ପଚାରନ୍ତି, ତୁମର କିଛି ପ୍ରଶ୍ନ ଅଛି କି ?

ଜଣେ ପ୍ରଶ୍ନ ପଚାରନ୍ତି, ପୁରାତନ ନିୟମରେ ଉପାସନା କିପରି ହେଉଥିଲା ?

ଶ୍ରୀ ଜ୍ଞାନୀ ଏହା ବର୍ଣ୍ଣନା କରିଥିଲେ। ପୂର୍ବକାଳରେ ଲୋକମାନେ ଉପାସନା କରିବାକୁ ଯିବା ସମୟରେ ସାଥୀରେ ଏକ ମେଷଶାବକ ବା ଏକ ବୃଷ ନେଇ ଯାଉଥିଲେ। ସେମାନେ ସେମାନଙ୍କ ପାପ ସ୍ୱୀକାର କରିବା ପାଇଁ ତା' ଉପରେ ହାତ ରଖୁଥିଲେ,

ଯାଜକ ତା'ର ଗଳା କାଟି ଦେଉଥିଲେ। ଏହା ହିଁ ଥିଲା ପରିତ୍ରାଣ। ରକ୍ତ ବଳି ଯୀଶୁଙ୍କ ମୃତ୍ୟୁର ପୂର୍ବ ସୂଚନା ଦେଇଥିଲା, ଯାହାଙ୍କ ରକ୍ତ ଜଗତରେ ସମସ୍ତ ପାପର ପ୍ରାୟଶ୍ଚିତ୍ତ କରିଥିଲା। ଶିକ୍ଷାର୍ଥୀ, ମୋତେ ତୁମେ ଏହା ବର୍ଣ୍ଣନା କରିପାରିବ କି ?

ଶିକ୍ଷାର୍ଥୀ ଆହୁରି କହନ୍ତି, ମନ୍ଦିରର ପବିତ୍ର ସ୍ଥାନରେ ଏକ ଦୀପରୁଖା, ଏକ ମେଜ ଓ ପବିତ୍ର ରୋଟୀ ଥିଲା। ପରଦା ପଛପଟେ ମହାପବିତ୍ର ସ୍ଥାନରେ ସୁଗନ୍ଧି ଧୂପ ଓ ନିୟମ ସିନ୍ଦୁକ ଥିଲା। ମହାଯାଜକ ବର୍ଷକୁ ଥରେମାତ୍ର ସେଠାରେ ନିଜ ପାପ ଢାଙ୍କିବା ପାଇଁ ରକ୍ତ ନେଇ ପ୍ରବେଶ କରୁଥିଲେ। ଯୀଶୁ ମୃତ୍ୟୁବରଣ କରିବା ପରେ, ପରଦା ଚିରି ଯାଇଥିଲା, ପୁଣି ଯୀଶୁ ଆମର ମହାଯାଜକ ସ୍ୱରୂପେ ଈଶ୍ୱରଙ୍କ ଉପସ୍ଥିତିକୁ ଯାଇଥିଲେ। ତାହାଙ୍କ ରକ୍ତ ଆମ ପାପ ବହି ନେଇ ଆମକୁ ଚିରଦିନ ପାଇଁ ଉଦ୍ଧାର କରିଥାଏ। ବର୍ତ୍ତମାନ ଆମେ ସ୍ୱାଧୀନ ରୂପେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଯାଇ ମହାପବିତ୍ର ସ୍ଥାନରେ ପ୍ରବେଶ କରିଥାଉ ଓ ସୁଗନ୍ଧି ଧୂପ ସ୍ୱରୂପ ଆମ ପ୍ରାର୍ଥନାକୁ ଅର୍ପଣ କରିଥାଉ। ପ୍ରଭୁଙ୍କ ମେଜରେ ରୋଟୀ ଭାଙ୍ଗିବା ବେଳେ ଆମେ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ଥାଉ। ଆମେ ଯେତେବେଳେ ତାହାଙ୍କ ରକ୍ତରେ ସୃଷ୍ଟ ନୂତନ ନିୟମକୁ ପାନପାତ୍ରରେ ପାନ କରିବା ସମୟରେ ସେ ଉପସ୍ଥିତ ଥାଆନ୍ତି। ସେ ପ୍ରତିଜ୍ଞା କରିଥିଲେ ଯେ, ଯେଉଁଠାରେ ଦୁଇ ବା ତିନି ଜଣ ତାହାଙ୍କ ନାମରେ ଏକତ୍ରିତ ହୋଇଥା'ନ୍ତି, ସେ ସେଠାରେ ଉପସ୍ଥିତ ଥାଆନ୍ତି।

ଯତ୍ନଶୀଳ କହନ୍ତି, ବର୍ତ୍ତମାନ ମୁଁ ବୁଝିପାରୁଛି ଯେ, ଆମକୁ ଯେତେବେଳେ ପ୍ରଭୁଭୋଜ ପରିବେଷଣ କରାଗଲା, ସେତେବେଳେ ମୁଁ ତାହା ଜାଣିପାରି ନ ଥିଲି। ମୁଁ ଭୁଲି ଯାଇଥିଲି ଯେ, ଆମେ ଏକତ୍ର ଉପାସନା କରିବା ସମୟରେ ଈଶ୍ୱରଙ୍କ ଉପସ୍ଥିତିରେ ପ୍ରବେଶ କରିଥାଉ। ମୁଁ ଭାବୁଛି ଆମେ ସମସ୍ତେ ଉପାସନା ବିଷୟରେ ଆମେ ଆମ ମନୋବୃତ୍ତିରେ ଅଭିବୃଦ୍ଧି କରିବା ଆବଶ୍ୟକ।

ଶିକ୍ଷାର୍ଥୀ ମନ୍ତବ୍ୟ ଦିଅନ୍ତି, ୧ମ କରିନ୍ଥୀୟ ୧୨–୧୪ ପର୍ବରେ ପାଉଲ ଆହୁରି ମଧ୍ୟ ସ୍ପଷ୍ଟ କରି ଦିଅନ୍ତି ଯେ, ଜଣେ ନେତା ସବୁକିଛି କରିବ ନାହିଁ। ଆମେ ଅଧିକାଂଶ ଉପାସନାରେ କୌଣସି ନା କୌଣସି ବିଷୟରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ପଡ଼ିବ। ବର୍ତ୍ତମାନଠାରୁ ମୁଁ ମୋର ନେତୃତ୍ୱର ଦାୟିତ୍ୱରେ ଅନ୍ୟମାନଙ୍କୁ ଅଂଶୀ କରାଇବି। ଆପଣମାନେ ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ମୁଁ ସାହାଯ୍ୟ କରିବି। ଆମେ ଅଧିକ ସଂଖ୍ୟାରେ ବୃଦ୍ଧି ପାଇବା, ପୁଣି ମଣ୍ଡଳୀରେ ଅଧିକ ନୂଆ ନେତା ହେବେ, ଯେଉଁମାନେ କି ନୂଆ ନୂଆ ମଣ୍ଡଳୀ ଆରମ୍ଭ କରିପାରିବେ।

ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କ ଆଡ଼କୁ ବୁଲି ପଡ଼ନ୍ତି। ମୁଁ ତୁମର ସାହାଯ୍ୟ ଲୋଡ଼ୁଛି। ଦୟାକରି ପ୍ରଭୁଭୋଜ ପାଳନ କରିବା ବିଷୟରେ ଭବିଷ୍ୟତ୍‌ରେ ଲୋକମାନଙ୍କୁ ଭଲ ରୂପେ ପ୍ରସ୍ତୁତ କରିବା ପାଇଁ ମୋତେ ସାହାଯ୍ୟ କର। ଆମର ଉପାସନାର ବିଭିନ୍ନ ଦିଗ ଓ ଆମର ଅନ୍ୟ ସେବାକାର୍ଯ୍ୟର ଉନ୍ନତି କରିବା ପାଇଁ ମୁଁ ତୁମ୍ଭମାନଙ୍କ ସାହାଯ୍ୟ ଲୋଡ଼ୁଛି। ଏହି ସେବାକାର୍ଯ୍ୟଗୁଡ଼ିକର ଉନ୍ନତି ସାଧନ କରିବା ଦ୍ୱାରା ଆମେ ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିଥାଉ। ସାହାଯ୍ୟକାରୀ, ମୁଁ ଇଚ୍ଛା କରୁଛିଁ ଯେ, ତୁମେ ଆମକୁ ବାଦ୍ୟଯନ୍ତ୍ର ବଜାଇବାରେ ସାହାଯ୍ୟ କରିବ। ଶିକ୍ଷାର୍ଥୀ ଅନ୍ୟମାନଙ୍କୁ ମଧ୍ୟ ଦାୟିତ୍ୱ ଦେଲେ, ଯେପରି ଏହା ପରଠାରୁ ସେ କେବଳ ଉପାସନା ପରିଚାଳନା କରିବେ ନାହିଁ।

ଉପାସନା ପରେ ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ କହନ୍ତି, ମୁଁ ଆମ ମଣ୍ଡଳୀରେ ଏହି ନିର୍ଦ୍ଦେଶ ପାଳନ କରିବାକୁ ଯାଉଛି। ମୁଁ ଅଯତ୍ନଶୀଳ ହୋଇପଡ଼ିଛି ବୋଲି ବର୍ତ୍ତମାନ ହୃଦୟଙ୍ଗମ କରିପାରୁଛି। ୧ମ କରିନ୍ଥୀୟ ୧୧ ପର୍ବରେ ପାଉଲ କହିଥିଲେ, ଈଶ୍ୱର କରିନ୍ଥୀୟମାନଙ୍କୁ ଦଣ୍ଡ ଦେଇଥିଲେ, ଯେଉଁମାନେ ସେମାନଙ୍କ ପରି ପ୍ରଭୁଭୋଜ ପାଳନ କରି ଖ୍ରୀଷ୍ଟଙ୍କ ଶରୀରକୁ ସମ୍ମାନିତ କରିପାରିବାରେ ବିଫଳ ହୋଇଥିଲେ। ଯୀଶୁ ଯେଉଁ ମହାନ୍ ବଳିଦାନ କରିଥିଲେ, ତାହା ସେମାନେ ସ୍ମରଣ ରଖିପାରି ନ ଥିଲେ। ଆମେ ଏକତ୍ର ରହିବା ଦ୍ୱାରା ଖ୍ରୀଷ୍ଟଙ୍କ ଶରୀର ହୋଇଥାଉ ବୋଲି ସେମାନେ ଦେଖିପାରୁ ନ ଥିଲେ। ଏହି ରହସ୍ୟକୁ ଈଶ୍ୱର ଅତି ଗୁରୁତର ସହ ଗ୍ରହଣ କରିଥାଆନ୍ତି। ତେଣୁ ଆମ ମଣ୍ଡଳୀରେ ପ୍ରତ୍ୟେକଙ୍କୁ ଏହା ପାଳନ କରିବାକୁ ପଡ଼ିବ। ସେଥିପାଇଁ ପାଉଲ ଆମକୁ ୧ମ କରିନ୍ଥୀୟ ୧୦:୧୬–୧୭ ପଦରେ ସତର୍କ କରାଇ ଦିଅନ୍ତି ଯେ, ଆମେ ଯେପରି ଏହା ପାଳନ କରିବା ସମୟରେ ସମ୍ପୂର୍ଣ୍ଣ ଭୋଜନ କରିବା ନାହିଁ, ନଚେତ୍ ଲୋକମାନେ ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତରେ ଅଂଶୀ ନ ହୋଇ ସମ୍ପୂର୍ଣ୍ଣ ଭୋଜନ କରିବାରେ ଆଗ୍ରହୀ ହୋଇଯିବେ।

## ବ୍ୟାବହାରିକ କାର୍ଯ୍ୟ

- ଯେଉଁମାନଙ୍କର ବାଦ୍ୟଯନ୍ତ୍ର ବଜାଇବାର ଦକ୍ଷତା ଏବଂ ଶିକ୍ଷା ଦେବାର ବା ଜ୍ଞାନର କଥା କହିବାର ଆତ୍ମିକ ଦାନ ରହିଛି, ସେମାନଙ୍କୁ ଉପାସନାରେ ବିଭିନ୍ନ ବିଷୟରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରନ୍ତୁ।
- ନୂତନ ଓ ସୃଜନାତ୍ମକ ରୂପେ ଈଶ୍ୱରଙ୍କ ପ୍ରେମ ପ୍ରଦର୍ଶନ କରିବାପାଇଁ ଲୋକମାନଙ୍କୁ ଉତ୍ସାହିତ କରନ୍ତୁ। ଯେଉଁମାନଙ୍କର ବାଦ୍ୟଯନ୍ତ୍ର ବଜାଇବାର ପ୍ରତିଭା ରହିଛି, ସେମାନଙ୍କୁ ସ୍ଥାନୀୟ ବାଦ୍ୟଯନ୍ତ୍ର ବଜାଇ ଈଶ୍ୱରଙ୍କ ପ୍ରଶଂସାସୂଚକ ସଙ୍ଗୀତ ରଚନା କରିବା ପାଇଁ ଉତ୍ସାହିତ କରନ୍ତୁ।
- ଆମେ ଈଶ୍ୱରଙ୍କ ଉପାସନା କରିବା ପାଇଁ ଏକତ୍ର ହେବା ସମୟରେ ଈଶ୍ୱର ଉପସ୍ଥିତ ଥାଆନ୍ତି ବୋଲି ଶିକ୍ଷା ଦେବା ପାଇଁ ଏହି ବିଭାଗରେ ଥିବା କାହାଣୀ ବ୍ୟବହାର କରନ୍ତୁ।
- ସଙ୍ଗୀତ କାର୍ଯ୍ୟକ୍ରମ ବ୍ୟତୀତ, ଅନ୍ୟମାନେ ମଧ୍ୟ ଯେପରି ଉପାସନାରେ ବିଭିନ୍ନ ଉପାୟରେ ଯୋଗଦାନ କରିବେ, ସେଥିପାଇଁ ଯୋଜନା କରନ୍ତୁ। ଏଥିରେ ପିଲାମାନଙ୍କୁ ମଧ୍ୟ ସାମିଲ କରନ୍ତୁ।
- ଲୋକମାନଙ୍କୁ ଉପାସନାର ପୂର୍ବ ପ୍ରସ୍ତୁତି କରିବା ନିମନ୍ତେ ସାହାଯ୍ୟ କରନ୍ତୁ।

## ୩–୪ ସେବାକାର୍ଯ୍ୟ ୪

# ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରି, ଶିକ୍ଷା ଦେଇ ତାହା ପ୍ରୟୋଗ କରନ୍ତୁ

ଶିକ୍ଷାର୍ଥୀ, ତାଙ୍କ ଘରଠାରୁ କିଛି କିଲୋମିଟର ଦୂରରେ ବାସ କରୁଥିବା ସାହାଯ୍ୟକାରୀଙ୍କ ଘରକୁ ଯାଇ ତାଙ୍କୁ ସାକ୍ଷାତ କରି ଉପଦେଶ ଦେଇ ତାଙ୍କ କାର୍ଯ୍ୟ କିପରି ଚାଲିଛି ତାହା ଦେଖିବାକୁ ଯାଆନ୍ତି। ସାହାଯ୍ୟକାରୀଙ୍କ ଘର ନିକଟରେ ବାସ କରୁଥିବା ବିଦ୍ୟାଳୟ ଶିକ୍ଷକ ଯତ୍ନଶୀଳ ଉପଦେଶ ଶୁଣିବା ପାଇଁ ଯୋଗ ଦିଅନ୍ତି। ପ୍ରଥମେ ସେ ଶିକ୍ଷାର୍ଥୀଙ୍କ ମଣ୍ଡଳୀରେ ଯୋଗ ଦେଉଥିଲେ, ମାତ୍ର ବର୍ତ୍ତମାନ ସେ ତାଙ୍କ ବାସଗୃହ ନିକଟରେ ଥିବା ସାହାଯ୍ୟକାରୀଙ୍କ ନୂତନ ଦଳରେ ସାମିଲ ହୋଇଛନ୍ତି।

ପ୍ରାର୍ଥନା ପରେ ସାହାଯ୍ୟକାରୀ ତାଙ୍କ ଯୋଜନା ବିଷୟରେ ବର୍ଣ୍ଣନା କରନ୍ତି। ଶିକ୍ଷାର୍ଥୀ, ତୁମେ ମୋତେ ଏଠାରେ ଖ୍ରୀଷ୍ଟଙ୍କ ଅନୁଗାମୀମାନଙ୍କୁ ନେଇ ଏକ ନୂତନ ମଣ୍ଡଳୀ ଆରମ୍ଭ କରିବାକୁ ଉତ୍ସାହିତ କରିଥିଲ। ମୁଁ ତୁମର ସାହାଯ୍ୟ ଲୋଡ଼ୁଛି। ନୂତନ ମଣ୍ଡଳୀକୁ ବିଭିନ୍ନ ନିୟମ ପାଳନ କରିବାକୁ ପଡ଼ିବ ବୋଲି ଲୋକମାନେ ଯାହା କହୁଛନ୍ତି, ସେ ବିଷୟରେ ମୁଁ ବିଚଳିତ ହୋଇପଡ଼ିଛି।

ଯତ୍ନଶୀଳ କହନ୍ତି, ମୁଁ ମଧ୍ୟ ବିଚଳିତ। ମୋର ଭିଣୋଇ ଶ୍ରୀ ବୋକା ଆସି ଏହି ନୂଆ ମଣ୍ଡଳୀର ନେତୃତ୍ୱ ନେବାକୁ ଇଚ୍ଛା କରୁଛନ୍ତି। ସେ ଜୋର କରି କହନ୍ତି ଯେ, ସାହାଯ୍ୟକାରୀ ଅତି କମ୍ ବୟସ୍କ ଅଟନ୍ତି, ପୁଣି ପାଳକ ହେବା ପୂର୍ବରୁ ତାଙ୍କୁ ଅନେକ ବର୍ଷ ବାଇବଲ ବିଦ୍ୟାଳୟରେ କ୍ଷେପଣ କରିବାକୁ ପଡ଼ିବ। ସେ କହନ୍ତି, ପ୍ରେରିତ ପାଉଲ ଯିରୂଶାଲମର ଏକ ବିଦ୍ୟାଳୟରେ ବାଇବଲ ଅଧ୍ୟୟନ କରିଥିଲେ। ସେ ଆମ ଦଳର ପ୍ରାୟ ପ୍ରତ୍ୟେକଙ୍କୁ ଏହା କହିଛନ୍ତି। ଅନ୍ୟମାନେ ମଧ୍ୟ କହୁଛନ୍ତି ଯେ, ଆମକୁ ଅନ୍ୟ ଉପାୟରେ କାର୍ଯ୍ୟ

କରିବାକୁ ପଡ଼ିବ। ଅନ୍ୟ କେତେ ଜଣ ଉପାସନାରେ ମହମବତୀ ବ୍ୟବହାର କରିବା ପାଇଁ ଇଚ୍ଛା କରନ୍ତି। ଆମର ନୂଆ ମଣ୍ଡଳୀକୁ କ'ଣ କରିବାକୁ ପଡ଼ିବ, ସେ ବିଷୟରେ ପ୍ରତ୍ୟେକେ କହିବାକୁ ଚାହାନ୍ତି !

ଶିକ୍ଷାର୍ଥୀ ସେମାନଙ୍କୁ ନିଶ୍ଚିତବୋଧ ଦିଅନ୍ତି, ସମସ୍ତ ବିଷୟର ଊର୍ଦ୍ଧ୍ୱରେ ସରଳ ଭାବରେ ଯୀଶୁଙ୍କ ଆଜ୍ଞାବହ ହୁଅନ୍ତୁ। ଏହା ହିଁ ଆପଣଙ୍କ ନୂତନ ମଣ୍ଡଳୀର ମୂଳଦୁଆ ଅଟେ। ଖ୍ରୀଷ୍ଟଙ୍କ ଆଜ୍ଞାନୁସାରେ ଆପଣ ଯଦି ଏହାକୁ କ୍ଷମତା ପ୍ରଦାନ ନ କରିବେ, ତେବେ ଶୟତାନ ଏହାର ଶୂନ୍ୟ ସ୍ଥାନରେ ପ୍ରବେଶ କରିବ ଓ ଆପଣମାନଙ୍କ ମଧ୍ୟରେ ସେହି ଦ୍ୱନ୍ଦ୍ୱ ସର୍ବଦା ଲାଗି ରହିଥିବ। କ୍ଷମତାର ତିନୋଟି ସ୍ତର ବିଷୟରେ ସ୍ମରଣ କରନ୍ତୁ :

- ପ୍ରଥମେ ଅନ୍ୟ ବିଷୟ ଅପେକ୍ଷା ଖ୍ରୀଷ୍ଟ ଓ ତାହାଙ୍କ ପ୍ରେରିତମାନେ କ'ଣ ଆଜ୍ଞା ଦେଇଥିଲେ ତାହା ଦେଖନ୍ତୁ।
- ଦ୍ୱିତୀୟରେ, ପ୍ରେରିତମାନେ ଯାହା କରୁଥିଲେ ମାତ୍ର ଆଜ୍ଞା ଦେଇ ନ ଥିଲେ ତାହା କରିବା ପାଇଁ ଆପଣମାନଙ୍କ ସ୍ୱାଧୀନତା ଅଛି, ମାତ୍ର ମଣ୍ଡଳୀରେ ସମସ୍ତେ ତାହା କରିବେ ବୋଲି ଆପଣମାନେ ଦାବୀ କରିପାରିବେ ନାହିଁ, କାରଣ ପୃଥିବୀର ମଣ୍ଡଳୀଗୁଡ଼ିକର ନିୟମ କେବଳ ଈଶ୍ୱର ହିଁ ତିଆରି କରିପାରିବେ।
- ତୃତୀୟରେ, ମନୁଷ୍ୟର ପରମ୍ପରାଗୁଡ଼ିକ ପରୀକ୍ଷା କରନ୍ତୁ, ଯେପରି ସେଗୁଡ଼ିକ ଆପଣଙ୍କ ନୂତନ ମଣ୍ଡଳୀକୁ ସଂଶୋଧନ କରିବ, ମାତ୍ର ଆଜ୍ଞାବହତାରେ ପ୍ରତିବନ୍ଧକ ହେବ ନାହିଁ।

ଯତ୍ନଶୀଳ କହନ୍ତି, ଏକ ବାଇବଲ ବିଦ୍ୟାଳୟରେ ଯୋଗ ଦେବା ପାଇଁ କ୍ଷମତାର ସ୍ତରଗୁଡ଼ିକ ମଧ୍ୟରୁ କେଉଁଟି ପ୍ରୟୋଗ ହୋଇଥାଏ ?

ଶିକ୍ଷାର୍ଥୀ ପ୍ରଶ୍ନଟି ଫେରାଇ ଦିଅନ୍ତି, ତୁମେ କ'ଣ ଭାବୁଛ ?

ଯତ୍ନଶୀଳ ଟିକିଏ ସମୟ ଅପେକ୍ଷା କରନ୍ତି, ତାପରେ କହନ୍ତି, ଏକ ବିଦ୍ୟାଳୟରୁ ସ୍ନାତକ ହେବା ପାଇଁ ଖ୍ରୀଷ୍ଟ ଆମକୁ କେବେ ଆଜ୍ଞା ଦେଇ ନ ଥିଲେ। ପ୍ରେରିତଗଣ ପାଳକଗଣଙ୍କୁ ମଣ୍ଡଳୀ ଭିନ୍ନ ଅନ୍ୟ ଏକ ବିଦ୍ୟାଳୟରେ ତାଲିମ ପାଇବା ପାଇଁ ପୃଥକ କରୁ ନ ଥିଲେ। ତେଣୁ ଏହା ତୃତୀୟ ସ୍ତରର କ୍ଷମତା, ମନୁଷ୍ୟର ପରମ୍ପରା, ନିମ୍ନସ୍ତରର ଅଟେ।

ଠିକ୍ କଥା। ଏହାର ଅର୍ଥ ନୁହେଁ ଯେ, ବିଦ୍ୟାଳୟର ତାଲିମ୍ ଭୁଲ ଅଟେ, ମାତ୍ର ସରଳ ଭାବରେ କହିବାକୁ ଗଲେ ବାଇବଲ ଆମକୁ ଯାହା ବ୍ୟବହାର କରିବାକୁ କହିଥାଏ, ତା' ପ୍ରତିବଦଳରେ ଆମେ ଏହା କରିବାକୁ ଦାବୀ କରିବା। ଏଠାରେ ଆପଣଙ୍କ ପ୍ରତି ଯେଉଁ ପ୍ରଣାଳୀଟି ସର୍ବୋତ୍ତମ ଅଟେ ଆପଣ ସ୍ୱାଧୀନ ଭାବରେ ତାହା ମନୋନୀତ କରିପାରିବେ। ମଣ୍ଡଳୀ ବ୍ୟତୀତ କେତେକ ସର୍ତ୍ତରେ ଏକ ବିଦ୍ୟାଳୟ ଉପଯୋଗୀ ଅଟେ, ଯେଉଁଠାରେ ମଣ୍ଡଳୀ ଦୃଢ଼ ଅଟେ ଓ ଅନେକ ଶିକ୍ଷିତ ପାଳକ ଥା'ନ୍ତି। ମାତ୍ର ଏହା ଆମ କାର୍ଯ୍ୟ କରିପାରିବ ନାହିଁ।

ଯତ୍ନଶୀଳ ପ୍ରଶ୍ନ ପଚାରନ୍ତି, ପାଉଲ ଯେପରି କରିଥିଲେ, କ୍ଷମତାର ତିନି ସ୍ତରର କେଉଁଟିକୁ ଆମେ ନୂତନ ନେତାମାନଙ୍କ ମନୋନୟନ ପାଇଁ ବ୍ୟବହାର କରିଥାଉ ?

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଓ ପ୍ରେରିତଗଣ ସେମାନଙ୍କ ତାଲିମ ବିଷୟରେ ଉପଦେଶ ଦେଇଥିଲେ, ମାତ୍ର ଏହା କରିବା ପାଇଁ କେବେ ଆଜ୍ଞା ଦେଇ ନ ଥିଲେ। ତେଣୁ ନୂତନ ନେତାମାନଙ୍କୁ ଉପଦେଶ ଦେବା ଦ୍ୱିତୀୟ ସ୍ତରର ଅଟେ, ଏହା ଏକ ଇଚ୍ଛାଧୀନ ପ୍ରେରିତିକ କ୍ରିୟା ଅଟେ। ଶ୍ରୀ ଜ୍ଞାନୀ ମୋତେ ଯେପରି ତାଲିମ ଦେଇଆସୁଛନ୍ତି, ମୁଁ ମଧ୍ୟ ସାହାଯ୍ୟକାରୀଙ୍କୁ ସେହିପରି ତାଲିମ ଦେବାକୁ ଇଚ୍ଛା କରୁଛି। ଯୀଶୁ ଓ ପାଉଲ ନୂତନ ନେତାଗଣଙ୍କୁ ଯେପରି ତାଲିମ ଦେଇଥିଲେ, ଆମେ ଠିକ୍ ସେହିପରି କରିବାକୁ ଚେଷ୍ଟା କରୁଛୁ। ଶ୍ରୀ ଜ୍ଞାନୀ କହୁଥିଲେ ଯେ, ସେ ପାଉଲଙ୍କୁ ଅନୁସରଣ କରୁଛନ୍ତି, ଯେ କି ନୂତନ ପାଳକମାନଙ୍କୁ ତାଲିମ ଦେଇଥିଲେ। ସେହି ନୂତନ ପାଳକମାନଙ୍କ ମଧ୍ୟରୁ ଜଣଙ୍କୁ ତାଲିମ ଦେବା ପାଇଁ ପାଉଲ ତାଙ୍କ ସହିତ ନେଇଥିଲେ, ଯେ କି ଯୁବକ, ମାତ୍ର ଆତ୍ମିକ ରୂପେ ପରିପକ୍ୱ ଥିଲେ, ତାଙ୍କ ନାମ ଥିଲା ତୀମଥି। ପରବର୍ତ୍ତୀ ସମୟରେ ପାଉଲ ଅନ୍ୟ ଦେଶରେ ମଣ୍ଡଳୀ ଆରମ୍ଭ କରିବା ପାଇଁ ଯାତ୍ରା କରିବା

ସମୟରେ– ବା ରୋମରେ ବନ୍ଦୀ ଥିବା ସମୟରେ – ତୀମଥିଙ୍କୁ ପତ୍ର ଲେଖି ଉତ୍ସାହିତ କରିଥିଲେ ଓ କିପରି ଜଣେ ଉତ୍ତମ ପାଳକ ହେବେ, ସେ ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କୁ ତାଲିମ ଦେବା ପାଇଁ ସେ ତାଙ୍କୁ କହିଥିଲେ, ଯେଉଁମାନେ କି ଅନ୍ୟମାନଙ୍କୁ ତାଲିମ ଦେବେ, ଏହିପରି ଏକ ଶୃଙ୍ଖଳ ଚାଲୁ ରହିବ।

ପୁନର୍ଗଠନ ଶୃଙ୍ଖଳର ଅର୍ଥ ଆପଣ କ'ଣ କହୁଛନ୍ତି ତାହା ମୁଁ ବୁଝୁଛି, ଯତ୍ନଶୀଳ କହନ୍ତି। ଶ୍ରୀ ଜ୍ଞାନୀ, ଶିକ୍ଷାର୍ଥୀ ଓ ଅନ୍ୟମାନଙ୍କୁ ତାଲିମ ଦେଲେ। ସାହାଯ୍ୟକାରୀ, ଶିକ୍ଷାର୍ଥୀ ତୁମକୁ ତାଲିମ ଦିଅନ୍ତି। ଆମେ ନୂଆ ମଣ୍ଡଳୀରେ କାର୍ଯ୍ୟ କରୁଥିବାରୁ ତୁମେ ଅନ୍ୟ ନେତାମାନଙ୍କୁ ତାଲିମ ଦିଅ। ଶ୍ରୀ ଜ୍ଞାନୀ ଯେପରି ବାଇବଲ ବ୍ୟବହାର କରିଥିଲେ, ମୁଁ ତାହା ଆପଣଙ୍କୁ ଦର୍ଶାଇବାକୁ ଇଚ୍ଛା କରୁଛି। ତା'ପରେ ଆମେ ସମସ୍ତେ ପ୍ରେରିତ ପାଉଲଙ୍କ ଉଦାହରଣ ଅନୁସରଣ କରିବା।

ଶିକ୍ଷାର୍ଥୀ କହନ୍ତି, ଭଲ କଥା, ଶିକ୍ଷାର୍ଥୀ, **ପାଉଲ ତୀମଥିଙ୍କୁ ବାଇବଲ ବ୍ୟବହାର କରିବା ବିଷୟରେ କ'ଣ ଲେଖିଥିଲେ,** ତୁମେ ଯତ୍ନଶୀଳଙ୍କୁ ତାହା କହିପାରିବ କି?

## ଅନୁଶୀଳନୀ

ସାହାଯ୍ୟକାରୀ ଯତ୍ନଶୀଳଙ୍କୁ କ'ଣ ପାଇବାରେ ସାହାଯ୍ୟ କରୁଛନ୍ତି ତାହା ଆମେ ୨ୟ ତୀମଥି ୩:୧୦ ପଦରୁ ୪:୫ ପଦ ମଧ୍ୟରେ ଦେଖିବା:

- ଯୁବ ପାଳକ ତୀମଥିଙ୍କୁ ପାଉଲ କେଉଁ କାର୍ଯ୍ୟ କରିବାକୁ ଦେଇଥିଲେ?
- ଆମ ଈଶ୍ୱରଙ୍କ ବାକ୍ୟ ରୂପେ ବାଇବଲ ଉପରେ ନିର୍ଭର କରିପାରିବା ବୋଲି କିପରି ଜାଣିପାରିବା?
- ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଆମେ ବାଇବଲକୁ କିପରି ବ୍ୟବହାର କରିବା ଉଚିତ୍?
- ପାଉଲ ତାଙ୍କ କାର୍ଯ୍ୟ ଓ ବାକ୍ୟ ମାଧ୍ୟମରେ ତୀମଥିଙ୍କୁ କିପରି ଶିକ୍ଷା ଦେଉଥିଲେ?
- ଈଶ୍ୱର ଆମକୁ କ'ଣ ଦାନ କରିଥିଲେ ଯେ, ଆମେ ଅନ୍ୟମାନଙ୍କୁ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବାର ନିଶ୍ଚୟବୋଧ ଦେଇପାରିବା?

ସାହାଯ୍ୟକାରୀ ଯତ୍ନଶୀଳଙ୍କୁ ବୁଝାଉଥିବା ସମୟରେ ଶିକ୍ଷାର୍ଥୀ ଶୁଣୁଥା'ନ୍ତି, ପାଉଲ ତୀମଥିଙ୍କୁ ଶିକ୍ଷା ଦେବାରେ, ତିରସ୍କାର କରିବା ସମୟରେ, ସଂଶୋଧନ କରିବା ସମୟରେ ଓ ଯଥାର୍ଥ ଜୀବନ ଯାପନ ନିମନ୍ତେ ତାଲିମ ଦେବାରେ ଶାସ୍ତ୍ର ବ୍ୟବହାର କରିବା ପାଇଁ କହୁଥିଲେ କହିଥିଲେ। ଶିକ୍ଷାର୍ଥୀ ମୋତେ ଶିଖାଇଥିଲେ ଯେ, ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଅଟେ। ସେ ଈଶ୍ୱରଙ୍କ କ୍ଷମତାରେ ତାହାଙ୍କ ସତ୍ୟତା ଶିକ୍ଷା ଦେଉଥିଲେ। ଆମେ ଯେତେବେଳେ ସର୍ବ ବିଷୟରେ ଶାସ୍ତ୍ରର ଆଜ୍ଞାବହ ହେଉ, ସେତେବେଳେ ଆମେ ଈଶ୍ୱରଙ୍କ ଆଜ୍ଞାବହ ହୋଇଥାଉ। ଆମେ ଯେତେବେଳେ ବାଇବଲ ଅଧ୍ୟୟନ କରି ତାହାର ଆଜ୍ଞାବହ ହୋଇଥାଉ, ସେତେବେଳେ ପବିତ୍ରଆତ୍ମା ଆମକୁ ଚାଳନା ଦେଇଥାଆନ୍ତି। ଖ୍ରୀଷ୍ଟଙ୍କ ଆଜ୍ଞାକାରୀ ଶିଷ୍ୟ ହେବାରେ ସେ ଆମକୁ ସାହାଯ୍ୟ କରିଥାଆନ୍ତି।

ଶିକ୍ଷାର୍ଥୀ ଏହା କହିବା ସମୟରେ ସାହାଯ୍ୟକାରୀ ଅନାଇ ରହିଥା'ନ୍ତି, ଶ୍ରୀ ଜ୍ଞାନୀ ମୋତେ ଯେପରି ଶିକ୍ଷା ଦେଇଥିଲେ ଓ ମୁଁ ଯେପରି ତୁମକୁ ଶିକ୍ଷା ଦେଇଥିଲି, ତୁମେ ମଧ୍ୟ ଠିକ୍ ସେହିପରି ଶିକ୍ଷା ଦେଉଛ। ଦୟାକରି ଏହା କରିଚାଲ।

ପାଉଲ ତୀମଥିଙ୍କୁ କେବଳ ଈଶ୍ୱରଙ୍କ ବାକ୍ୟରେ ନୁହେଁ, ମାତ୍ର ତାହାଙ୍କ ଉଦାହରଣ ମାଧ୍ୟମରେ ମଧ୍ୟ ତୀମଥିଙ୍କୁ ଶିକ୍ଷା ଦେଇଥିଲେ। ଏହି ଦୁଇ ଜଣଙ୍କ ଦୃଢ଼ ସମ୍ପର୍କ ଥିଲା। ତୀମଥି ପାଉଲଙ୍କ ଜୀବନ ଶୈଳୀ, ତାହାଙ୍କ ବିଶ୍ୱାସ ଓ ତାହାଙ୍କ ଦୁଃଖଭୋଗ ଦେଖିଲେ। ପାଉଲ ତୀମଥିଙ୍କୁ ତାହାଙ୍କ ବାକ୍ୟ ଓ କାର୍ଯ୍ୟର ଅନୁକରଣ କରିବା ପାଇଁ କହିଥିଲେ। ଯୀଶୁ ମଧ୍ୟ ତାହାଙ୍କ ବାକ୍ୟ ଓ କାର୍ଯ୍ୟରେ ଆମକୁ ଶିକ୍ଷା ଦେଇଥିଲେ। ସେ ତାହାଙ୍କ ଜୀବନରେ ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣ ରୂପେ ସଫଳ କରିବା ପାଇଁ କେବେ ମଧ୍ୟ ବିଫଳ ହୋଇ ନ ଥିଲେ। ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହୋଇ ଉଭୟ ଯୀଶୁ ଓ ପାଉଲ ତାଡ଼ନାପ୍ରାପ୍ତ ହୋଇଥିଲେ। ଶୟତାନ ଯୀଶୁଙ୍କୁ ପ୍ରତ୍ୟେକ ବିଷୟରେ ଯଥାସମ୍ଭବ ବିରୋଧ କରିଥିଲା।

ଯତ୍ନଶୀଳ ପ୍ରଶ୍ନ କରନ୍ତି, ଶୟତାନ ଖ୍ରୀଷ୍ଟଙ୍କୁ କିପରି ବିରୋଧ କରିଥିଲା?

ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ ଏହା ବର୍ଣ୍ଣନା କରିବା ପାଇଁ ଅନୁରୋଧ କରନ୍ତି।

ସାହାଯ୍ୟକାରୀ କହନ୍ତି, ଆସନ୍ତୁ **ଶୟତାନ ଦ୍ୱାରା ଯୀଶୁ କିପରି ପ୍ରଥମ ବଡ଼ ପ୍ରଲୋଭନର ସମ୍ମୁଖୀନ ହୋଇଥିଲେ** ତାହା ଦେଖିବା।

## ଅନୁଶୀଳନୀ

**ମାଥିଉ ୪:୧–୧୧** ପଦରେ ଦେଖନ୍ତୁ :

- ଶୟତାନ କେଉଁ ତିନୋଟି ଉପାୟରେ ଯୀଶୁଙ୍କୁ ପରୀକ୍ଷା କରିଥିଲା?
- ପ୍ରତ୍ୟେକ ପରୀକ୍ଷାର ଉତ୍ତର ଦେବା ପାଇଁ ଯୀଶୁ କେଉଁଥିରୁ ଉଦ୍ଧୃତ କରିଥିଲେ?
  ପରୀକ୍ଷା ପରେ ଯୀଶୁଙ୍କ ଯତ୍ନ କିଏ ନେଇଥିଲେ?

ସାହାଯ୍ୟକାରୀ ବର୍ଣ୍ଣନା କରନ୍ତି, ଶୟତାନ ଇଚ୍ଛା କରିଥିଲା ଯେ, ଯୀଶୁ ଯେପରି ଈଶ୍ୱରଙ୍କଠାରେ ଓ ତାହାଙ୍କ ବାକ୍ୟରେ ବିଶ୍ୱାସ ହରାଇବେ। ପ୍ରତ୍ୟେକ ଥର ଯୀଶୁ ଶୟତାନର ପରୀକ୍ଷାର ଉତ୍ତର ଶାସ୍ତ୍ରରୁ ହିଁ ଦେଇଥିଲେ। ଶୟତାନର ବାକ୍ୟ ଅପେକ୍ଷା ଯୀଶୁ ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହୋଇଥିଲେ। ପରୀକ୍ଷାର ସମ୍ମୁଖୀନ ହେବା କଷ୍ଟଦାୟକ ଅଟେ। ବିଶ୍ୱସ୍ତ ରୂପେ ଈଶ୍ୱରଙ୍କ ବାକ୍ୟ ଅନୁସରଣ କରିବା ଦ୍ୱାରା ଯୀଶୁ ଆପଣା କଷ୍ଟକର ପରୀକ୍ଷା ଉପରେ ଜୟଲାଭ କରିଥିଲେ। ତା'ପରେ ଦୂତଗଣ ଆସି ତାହାଙ୍କ ଯତ୍ନ ନେଇଥିଲେ।

## କିପରି ଶାସ୍ତ୍ର ଅଧ୍ୟୟନ କରିବେ

ଯତ୍ନଶୀଳ ସାହାଯ୍ୟକାରୀଙ୍କୁ କହନ୍ତି, ତୁମେ ବାଇବଲକୁ ଈଶ୍ୱରଙ୍କ ବାକ୍ୟ ବୋଲି କହୁଛ। ତା'ର ଅର୍ଥ କ'ଣ ? ମୁଁ ଭାବୁଥିଲି ଏହା ମନୁଷ୍ୟ ଦ୍ୱାରା ଲିଖିତ।

ଶିକ୍ଷାର୍ଥୀ ତାଙ୍କୁ ଯାହା ଶିକ୍ଷା ଦେଇଥିଲେ, ସାହାଯ୍ୟକାରୀ ତାଙ୍କୁ ତାହା ବର୍ଣ୍ଣନା କରନ୍ତି। ପବିତ୍ରଆତ୍ମାଙ୍କ ପରିଚାଳନାରେ ଲୋକମାନଙ୍କ ଦ୍ୱାରା ଲିଖିତ ବାଇବଲରେ ୬୬ଟି ପୁସ୍ତକ ରହିଛି। ଏହି ପୁସ୍ତକରେ ପୁରାତନ ବ୍ୟବସ୍ଥା, ଇତିହାସ, କବିତା, ଭାବବାଣୀ, ଯୀଶୁଙ୍କ ଜୀବନୀ ଓ ନୂତନ ମଣ୍ଡଳୀକୁ ପତ୍ର ରହିଛି। ସମ୍ପୂର୍ଣ୍ଣ ବାଇବଲର ପ୍ରସଙ୍ଗ ହେଉଛି ଯୀଶୁ ଖ୍ରୀଷ୍ଟ। ଯୋହନ ୩:୧୬ ପଦରେ ଏହାର ସାରାଂଶ ରହିଛି : କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ।

ମୁଁ ଭାବୁଥିଲି ବାଇବଲରେ ଦୁଇଟି ପୁସ୍ତକ ରହିଛି, ପୁରାତନ ଓ ନୂତନ ନିୟମ।

ବାଇବଲ ଦୁଇଟି ଭାଗରେ ବିଭକ୍ତ ହୋଇଛି, ଗୋଟିଏ ସପ୍ତାହ ପୂର୍ବରୁ ଶିକ୍ଷାର୍ଥୀଙ୍କଠାରୁ ଯାହା ଶିକ୍ଷା କରିଥିଲେ, ସାହାଯ୍ୟକାରୀ ତାହା ବର୍ଣ୍ଣନା କରନ୍ତି। ପୁରାତନ ନିୟମରେ ଇସ୍ରାୟେଲୀୟମାନଙ୍କ ସହିତ ଈଶ୍ୱରଙ୍କ ଚୁକ୍ତି ବିଷୟରେ ଲେଖାଅଛି ଯେ, ସେମାନେ ଯଦି ତାହାଙ୍କ ଆଜ୍ଞା ପାଳନ କରିବେ, ତେବେ ସେ ସେମାନଙ୍କୁ ଆଶୀର୍ବାଦ କରିବେ ଏବଂ ଯଦି ସେମାନେ ତାହାଙ୍କ ଆଜ୍ଞାବହ ନ ହେବେ, ତେବେ ସେମାନଙ୍କୁ ଦଣ୍ଡ ଦେବେ। ଯୀଶୁ ମୃତ୍ୟୁବରଣ କରିବା ପରେ ପୁରାତନ ବ୍ୟବସ୍ଥାକୁ ସଫଳ କରି ଆମକୁ ବ୍ୟବସ୍ଥାର ମୃତ୍ୟୁରୁ ମୁକ୍ତ କରିଥିଲେ। ବର୍ତ୍ତମାନ ଆମେ ପୁରାତନ ନିୟମର ବ୍ୟବସ୍ଥା ପାଳନ କରୁ ନାହୁଁ, ଯେପରି ଆପଣ ଯଦି ସପ୍ତାହର ସପ୍ତମ ଦିନ, ଶନିବାର ଦିନ କାର୍ଯ୍ୟ କରିବେ, ତେବେ ଆପଣଙ୍କୁ ପଥର ଫୋପାଡ଼ି ମରାଯିବ। ନୂତନ ନିୟମ ଲୋକମାନଙ୍କ ସହିତ ଈଶ୍ୱରଙ୍କ ନୂତନ ଚୁକ୍ତି ବିଷୟରେ କହିଥାଏ, ତାହା ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଥିଲେ ଆମେ ଉଦ୍ଧାରପ୍ରାପ୍ତ ହୋଇଥାଉ। ଏହା ଆମକୁ ପ୍ରେମରେ ଯୀଶୁଙ୍କ ସେବା କରିବାକୁ ଶିକ୍ଷା ଦେଇଥାଏ। ଆମେ ଯତ୍ନ ସହକାରେ ପୁରାତନ ନିୟମ ପାଠ କରୁ, କାରଣ ଏହା ଈଶ୍ୱରଙ୍କ ଗୁଣାବଳୀ ଓ ଖ୍ରୀଷ୍ଟଙ୍କ କାର୍ଯ୍ୟର ଶକ୍ତିଶାଳୀ ଉଦାହରଣ ଆମକୁ ସହଜରେ ବୁଝାଇଥାଏ।

ନୂତନ ନିୟମ ଆମକୁ କିପରି ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ ହେବାକୁ ପଡ଼ିବ ତାହା କହିଥାଏ। ଏଥିରେ ରହିଛି:

**ସୁସମାଚାର** ଯୀଶୁ ଖ୍ରୀଷ୍ଟଙ୍କ ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ବର୍ଣ୍ଣନା କରିଥାଏ। ସେଗୁଡ଼ିକ ପୁରାତନ ନିୟମର ପ୍ରଥମ ପାଞ୍ଚଟି ପୁସ୍ତକ, ବ୍ୟବସ୍ଥା ପୁସ୍ତକଗୁଡ଼ିକ ସହିତ ମେଳ ଖାଇଯାଏ,

**ପ୍ରେରିତିକ କ୍ରିୟା ବିବରଣ** ଆମକୁ ଯୀଶୁଙ୍କ ସ୍ୱର୍ଗାରୋହଣ ପରେ ପ୍ରେରିତଗଣ କିପରି ପବିତ୍ରଆତ୍ମାଙ୍କ ଶକ୍ତିରେ ମଣ୍ଡଳୀ ଆରମ୍ଭ କରିଥିଲେ, ତାହା କହିଥାଏ। ଏହାର ପୁରାତନ ନିୟମର ଐତିହାସିକ ପୁସ୍ତକଗୁଡ଼ିକ ସହିତ ସାମଞ୍ଜସ୍ୟ ଅଛି, ଯାହାକି ଇସ୍ରାୟେଲର ବିଚାରକର୍ତ୍ତା ଓ ରାଜାମାନଙ୍କ ସାହସିକ କାର୍ଯ୍ୟ ସହିତ ସମ୍ପର୍କିତ,

ପ୍ରେରିତଗଣ ଓ ସେମାନଙ୍କ ସହକାର୍ଯ୍ୟକାରୀମାନଙ୍କ **ଚିଠିଗୁଡ଼ିକ** ନୂତନ ମଣ୍ଡଳୀ ଓ ବିଶ୍ୱାସୀମାନଙ୍କୁ ସାହାଯ୍ୟ କରିବା ପାଇଁ ଲେଖାଯାଇଥିଲା। ତାହାର ପୁରାତନ ନିୟମର ହିତୋପଦେଶ ଓ ଗୀତସଂହିତା ସହିତ ସାମଞ୍ଜସ୍ୟ ଅଛି।

ପ୍ରେରିତ ଯୋହନଙ୍କ ପ୍ରକାଶିତ ବାକ୍ୟ ଆମକୁ ଭବିଷ୍ୟତ ବିଷୟରେ ପୂର୍ବ ସୂଚନା ପ୍ରଦାନ କରିଥାଏ। ଏହାର ପୁରାତନ ନିୟମର ଶେଷ ଭାବବାଦୀମାନଙ୍କ ଯଥା ଯିଶାଇୟ, ଯିରିମିୟ ଓ ଯୂନସଙ୍କ ପୁସ୍ତକ ସହିତ ସାମଞ୍ଜସ୍ୟ ଅଛି।

ଯତ୍ନଶୀଳ ପଚାରନ୍ତି, ବାଇବଲ ଅଧ୍ୟୟନ କରିବାର ସର୍ବୋତ୍ତମ ଉପାୟ କ'ଣ ଅଟେ ? ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ଦେଖନ୍ତି, ମାତ୍ର ଶିକ୍ଷାର୍ଥୀ ଉତ୍ତର ଦେବାକୁ ତାଙ୍କୁ ହିଁ ଅନୁରୋଧ କରନ୍ତି, ସେମାନେ ତୁମର ଛାତ୍ର, ସାହାଯ୍ୟକାରୀ। ତୁମେ ଏସବୁ ବିଷୟ ଶିକ୍ଷା କରିଛ। ତୁମେ ସେମାନଙ୍କୁ ଶିକ୍ଷା ଦେବା ଉଚିତ୍।

ସାହାଯ୍ୟକାରୀ ଯତ୍ନଶୀଳଙ୍କୁ ବର୍ଣ୍ଣନା କରି କହନ୍ତି, ତୁମେ ବାଇବଲ ଅଧ୍ୟୟନ କରିବା ସମୟରେ ପ୍ରାର୍ଥନା କରି ଆରମ୍ଭ କର। ତା'ପରେ ବାଇବଲର ଗୋଟିଏ ପୁସ୍ତକ ପାଠ କର, ବା ଗୋଟିଏ ପ୍ରସଙ୍ଗ ଯେପରି ପ୍ରାର୍ଥନା ବା ବିଶ୍ୱାସ ଉପରେ ଆଧାରିତ ଗୋଟିଏ ପ୍ରସଙ୍ଗ ଅଧ୍ୟୟନ କର। ଏହା ସମାପ୍ତ କରିବା ପାଇଁ ତୁମେ ସର୍ବାଧିକ ସମୟ ନେଇପାର। ତୁମେ କେବଳ ଗୋଟିଏ ପଦ ଉପରେ ଆଲୋକପାତ କର ନାହିଁ, ନଚେତ୍ ତୁମେ ଏହାର ଭୁଲ ଅର୍ଥ କରିଦେବ। ବରଂ, ଏହାର ସମ୍ପୂର୍ଣ୍ଣ ପଂକ୍ତି ପଢ଼। ଗୋଟିଏ ପଦର ପୂର୍ବାପର ପଦଗୁଡ଼ିକ ମଧ୍ୟ ପଢ଼, ଯେପରି ତୁମେ ଏହାର ପୂର୍ବାପର ବିଷୟକୁ ମଧ୍ୟ ବୁଝିପାରିବ। ତୁମେ ଯଦି ଗୋଟିଏ ପରିଚ୍ଛେଦ ବୁଝିପାରୁ ନାହଁ, ତେବେ ସମ୍ପୂର୍ଣ୍ଣ ପର୍ବଟି ପଢ଼। ତୁମେ ଯଦି ପର୍ବଟି ବୁଝିପାରୁ ନାହଁ, ତେବେ ସମ୍ପୂର୍ଣ୍ଣ ପୁସ୍ତକ ପଢ଼।

ପୂର୍ବାପର ସମ୍ପର୍କର ଅର୍ଥ କ'ଣ ?

ପୂର୍ବାପର ସମ୍ପର୍କ ହେଉଛି ଐତିହାସିକ ଅବସ୍ଥା, ଯାହାକି ବର୍ତ୍ତମାନ ମଧ୍ୟ ଆଗେଇ ଚାଲିଛି । ସାହାଯ୍ୟକାରୀ କହନ୍ତି, ଯାହା କେବଳ କୁହାଯାଇଛି ବା ଲେଖାଯାଇଛି ଓ ତା' ପରବର୍ତ୍ତୀ ବିଷୟ। କିଏ କାହାକୁ କହିଲା ବା ଲେଖିଲା ତାହା ଜାଣିବା ପାଇଁ ଆମେ ପୂର୍ବାପର ସମ୍ପର୍କ ଦେଖିଥାଉ। ଏହା କ'ଣ ଏକ ଅଧ୍ୟାୟ ଯାହାକି ଏକ ଦର୍ଶନ ବିଷୟରେ ବର୍ଣ୍ଣନା କରିଥାଏ, ବା ଏହା କ'ଣ ଏକ ଐତିହାସିକ ବିଷୟ, ଯାହାକୁ କି ଆମେ ଆକ୍ଷରିକ ଭାବରେ ଅର୍ଥ କରିଥାଉ ? ଏହା କ'ଣ ଶୟତାନର କଥା ନା ଜଣେ ମନ୍ଦ ବ୍ୟକ୍ତିର କଥା ? ଯଦି ତାହା ହୋଇଥାଏ, ତେବେ ଆମେ ବିଶ୍ୱାସ କରୁ ନାହୁଁ ବା ସେମାନେ ଯାହା କହନ୍ତି ତାହା କରୁ।

ଆମେ ଯଦି ତୁମ କହିବା ଅନୁସାରେ ପୂର୍ବାପର ଅଧ୍ୟୟନ କରିବା ପରେ ମଧ୍ୟ ଯଦି କିଛି ବୁଝି ନ ପାରିବା ତେବେ କ'ଣ କରିବା ?

ତୁମେ ନିଜେ ଯାହା ବୁଝି ନ ପାରୁଛ, ଅନ୍ୟମାନଙ୍କୁ ତାହା ଶିକ୍ଷା ଦିଅ ନାହିଁ, ସାହାଯ୍ୟକାରୀ ଉତ୍ତର ଦିଅନ୍ତି। ନୂତନ ନିୟମରୁ ଶିକ୍ଷା ଦେବା ଆରମ୍ଭ କର। ତାପରେ ସମ୍ପୂର୍ଣ୍ଣ ବାଇବଲ ପାଠ କର। ବାଇବଲ ଯାହା ଶିକ୍ଷା ଦିଏ, ତାହା ପାଳନ ନ କରି କେବଳ ଅଧ୍ୟୟନ କରିବା ଦ୍ୱାରା କିଛି ମଙ୍ଗଳ ହୋଇ ନ ଥାଏ। ତୁମେ ଯାହା ଶିକ୍ଷା କରୁଛ, ତାହା ଅଭ୍ୟାସ କରିବା ପାଇଁ ସାହାଯ୍ୟ କରିବାକୁ ଈଶ୍ୱରଙ୍କୁ ଅନୁରୋଧ କରନ୍ତୁ।

ତୁମେ ଯେତେବେଳେ ବାଇବଲର ଏକ ପରିଚ୍ଛେଦ ଅଧ୍ୟୟନ କରୁଛ, ସେତେବେଳେ ନିମ୍ନୋକ୍ତ ବିଷୟ ଧ୍ୟାନ ଦେଲେ ଭଲ ରୂପେ ବୁଝିପାରିବ:

**କିଏ ପୁସ୍ତକ ଲେଖିଥିଲା ଓ କାହା ପାଇଁ ଏହା ଲେଖାଯାଇଥିଲା ?**

**ଏହାର ଘଟଣାବଳୀ କେଉଁଠାରେ ଓ କେବେ ଘଟିଥିଲା ?**

**ପରିଚ୍ଛେଦରେ କିଏ କହୁଛି ?**

**ପରିଚ୍ଛେଦ ଆମକୁ କଅଣ କରିବାକୁ ପ୍ରସ୍ତୁତ କରିଥାଏ ?**

## ଶାସ୍ତ୍ର ଶିକ୍ଷା ଦେଇ ଖ୍ରୀଷ୍ଟଙ୍କ ଶିଷ୍ୟ କିପରି କରିବ

ସାହାଯ୍ୟକାରୀ ଆଶ୍ଚର୍ଯ୍ୟ ରୂପେ କହନ୍ତି, ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାର ଲାଭ ବିଷୟରେ ମୁଁ ଏକ ସଙ୍ଗୀତ ରଚନା କରିବାକୁ ଯାଉଛି। ସଙ୍ଗୀତରେ କେଉଁ ବିଷୟ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ ?

ଯତ୍ନଶୀଳ ପ୍ରସ୍ତାବ ଦିଅନ୍ତି, ତୁମେ ଉଲ୍ଲେଖ କରିପାରିବ ଯେ ଆମେ ଯେତେବେଳେ ପବିତ୍ରଆତ୍ମାଙ୍କ ଶକ୍ତିରେ ଶାସ୍ତ୍ର ବ୍ୟବହାର କରୁ, ସେତେବେଳେ ସେ ଆମ ଜୀବନ ପରିବର୍ତ୍ତନ କରନ୍ତି।

ଶିକ୍ଷାର୍ଥୀ କହନ୍ତି, **ଉତ୍ତମ ରାଜା ଯୋଶିୟ ଓ ନୂତନୀକରଣ** ବିଷୟରେ ସଙ୍ଗୀତ ଗାନ କରିପାରିବା। ସେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ ତଥା ପାଳନ କରି ତାଙ୍କ ଲୋକମାନଙ୍କ ମଧ୍ୟରେ ଆତ୍ମିକ ଜାଗରଣ ଆଣିଥିଲେ।

### ଅନୁଶୀଳନୀ

**୨ୟ ବଂଶାବଳୀ ୩୪:୧–୧୩ ପଦ** ଦେଖନ୍ତୁ :
- ରାଜା ଯୋଶିୟଙ୍କର ଈଶ୍ୱରଙ୍କ ପ୍ରତି ମନୋଭାବ କିପରି ଥିଲା।
- ଈଶ୍ୱରଙ୍କ ଅନ୍ୱେଷଣ କରିବା ପାଇଁ ଯୋଶିୟ କ'ଣ କରିଥିଲେ ?

**୨ୟ ବଂଶାବଳୀ ୧୪–୨୧ ପର୍ବ** ଦେଖନ୍ତୁ :
- ରାଜା ଯୋଶିୟଙ୍କୁ କାହିଁକି ସତର୍କ କରାଯାଇଥିଲା, ପୁଣି ସେ ଓ ତାଙ୍କ ଲୋକମାନଙ୍କ କାର୍ଯ୍ୟ ହେତୁ ସେ କାହିଁକି ଅନୁତାପ କରିଥିଲେ ?

**୨ୟ ବଂଶାବଳୀ ୩୪:୨୨–୩୩ ପଦ** ଦେଖନ୍ତୁ :
- ରାଜା ଯୋଶିୟଙ୍କ ଅନୁତାପ ଓ ଈଶ୍ୱରଙ୍କ ବାକ୍ୟ ପ୍ରତି ଆଜ୍ଞାବହତାର ଫଳ କ'ଣ ହୋଇଥିଲା ?

ସେମାନେ ସାହାଯ୍ୟକାରୀଙ୍କ ଘରେ କଥାବାର୍ତ୍ତା କରୁଥିବା ସମୟରେ ଯତ୍ନଶୀଳ ଶିକ୍ଷାର୍ଥୀଙ୍କୁ କହନ୍ତି, ମୁଁ ମଧ୍ୟ ତୁମ ପରି ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଇଚ୍ଛା କରୁଛି। ଏକ ଭଲ ବାକ୍ୟ କିପରି ପ୍ରସ୍ତୁତ କରିବାକୁ ହେବ ତାହା ତୁମେ ମୋତେ ବୁଝାଇ ପାରିବ କି ?

ଶ୍ରୀ ଜ୍ଞାନୀ ଯାହା ଶିଖାଇଥିଲେ, ଶିକ୍ଷାର୍ଥୀ ଯତ୍ନଶୀଳ ଓ ସାହାଯ୍ୟକାରୀଙ୍କୁ ତାହା ବର୍ଣ୍ଣନା କରନ୍ତି, ତୁମେ ପ୍ରଚାର କରିବା ପାଇଁ ପ୍ରସ୍ତୁତ ହେବା ସମୟରେ ଏହି ମୌଳିକ ପଦକ୍ଷେପ ଗ୍ରହଣ କର : ଯୋଜନା କର, ଅଧ୍ୟୟନ କର, ବର୍ଣ୍ଣନା କର ଓ ପ୍ରୟୋଗ କର।

- **ତୁମର ବାର୍ତ୍ତାର ପ୍ରଣାଳୀ ପ୍ରସ୍ତୁତ କର :** ଈଶ୍ୱରଙ୍କ ପରିଚାଳନା ପାଇଁ ପ୍ରାର୍ଥନା କର। ତୁମର ମଣ୍ଡଳୀ କେଉଁ ନିର୍ଦ୍ଦିଷ୍ଟ ସତ୍ୟ ଶୁଣିବା ଉଚିତ୍ ସେ ବିଷୟରେ ଚିନ୍ତା କର । କୌଣସି ସେବାକାର୍ଯ୍ୟର ଉନ୍ନତି ଆବଶ୍ୟକ ଅଛି କି ? ବାଇବଲର କେଉଁ ଅଂଶଟି ତୁମ ମଣ୍ଡଳୀର ପ୍ରେମ ଓ ଖ୍ରୀଷ୍ଟଙ୍କ ସେବାକୁ ବଳିଷ୍ଠ କରିଥାଏ ?
- **ଶାସ୍ତ୍ର ଅଧ୍ୟୟନ କରନ୍ତୁ :** ବାଇବଲରେ ଆପଣଙ୍କ ଲୋକମାନଙ୍କ ଆବଶ୍ୟକତା ବିଷୟର ଶିକ୍ଷା ଯେଉଁଠାରେ ଅଛି ତାହା ଦେଖନ୍ତୁ। ବାଇବଲର ଏକ ପୁସ୍ତକ ବା କ୍ଷୁଦ୍ର ପରିଚ୍ଛେଦ ବା ଏକ ପ୍ରସଙ୍ଗ ଦେଖନ୍ତୁ। ଏକ ପ୍ରସଙ୍ଗ ଏକ ପାଠ, ଏକ ପ୍ରସଙ୍ଗ ଅଟେ, ଯାହାକି ଆପଣ ଶିକ୍ଷା ଦେବାକୁ ଯୋଜନା କରୁଥିବା ସତ୍ୟତା ଉପରେ ପର୍ଯ୍ୟବସିତ ଅଟେ। ଆମେ ଯେପରି ଆଲୋଚନା କଲୁ ବାଇବଲକୁ ସେହିପରି ଅଧ୍ୟୟନ କରନ୍ତୁ। ଆପଣ ଶିକ୍ଷା ଦେବା ପୂର୍ବରୁ ଅନେକ ସପ୍ତାହ ଧରି ଏକ ପ୍ରସଙ୍ଗ ବା ପୁସ୍ତକ ଅଧ୍ୟୟନ କରିପାରିବେ। ଆପଣ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଉଛନ୍ତି, ତାହା ଲେଖନ୍ତୁ। ଆପଣଙ୍କ ଜୀବନରେ ଶିକ୍ଷାଟି ପ୍ରୟୋଗ କରିବାର ବ୍ୟାବହାରିକ ଉପାୟ ଖୋଜି ବାହାର କରନ୍ତୁ।
- **ଈଶ୍ୱରଙ୍କ ବାକ୍ୟ ବର୍ଣ୍ଣନା କରନ୍ତୁ :** ଆପଣଙ୍କ ବାର୍ତ୍ତାକୁ ଏକ ପ୍ରଶ୍ନ ବା ଏକ ଉଦାହରଣ ମାଧ୍ୟମରେ ଦର୍ଶାନ୍ତୁ, ଯାହାକି ସ୍ପଷ୍ଟ ରୂପ ଉଦ୍ଦେଶ୍ୟ ଉପସ୍ଥାପନ କରୁଥିବ। ଆପଣ ପରିଚ୍ଛେଦ ଅଧ୍ୟୟନ କରିବା ବେଳେ ଯେଉଁ ମୁଖ୍ୟ ବିଷୟ ଲେଖିଥିଲେ ତାହା ବର୍ଣ୍ଣନା କରନ୍ତୁ। ଲୋକମାନଙ୍କୁ ଶିକ୍ଷାଟିକୁ ଜୀବନରେ ପ୍ରୟୋଗ କରିବାରେ ସାହାଯ୍ୟ କରିବା ପାଇଁ ଶାସ୍ତ୍ରରୁ ବା ଆପଣଙ୍କ ନିଜ ଜୀବନର ଉଦାହରଣ ଦିଅନ୍ତୁ।
- **ଈଶ୍ୱରଙ୍କ ବାକ୍ୟ ପ୍ରୟୋଗ କରନ୍ତୁ :** ଲୋକମାନଙ୍କ ଜୀବନ ପ୍ରତି ପରିଚ୍ଛେଦଟି କିପରି ପ୍ରୟୋଗ କରାଯାଇପାରିବ, ତାହା ଲୋକମାନଙ୍କୁ କହନ୍ତୁ। ଶେଷରେ, ସେମାନେ ଯାହା ଶୁଣିଛନ୍ତି ତତ୍‌କ୍ଷଣାତ୍ ତାହା ଅଭ୍ୟାସ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ।

ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ପଚାରନ୍ତି, ତୁମେ ଆଜି ରାତିରେ ଆମର ନୂତନ ଦଳକୁ ଶିକ୍ଷା ଦେବ କି ? ତୁମେ ଆଜି ଯତ୍ନଶୀଳ ଓ ମୋତେ ଯାହା ଶିକ୍ଷା ଦେଇଥିଲ, ସେମାନେ ମଧ୍ୟ ଶାସ୍ତ୍ରର ସେହି କ୍ଷମତା ବିଷୟରେ ଶିକ୍ଷା କରିବା ଆବଶ୍ୟକ।

ଶିକ୍ଷାର୍ଥୀ କହନ୍ତି, ନା, ଧନ୍ୟବାଦ। ମାତ୍ର ମୁଁ ତୁମକୁ ତୁମ ମଣ୍ଡଳୀ ପାଇଁ ଶାସ୍ତ୍ରର କ୍ଷମତା ଉପରେ ଏକ ବାର୍ତ୍ତା ପ୍ରସ୍ତୁତ କରିବାକୁ ସାହାଯ୍ୟ କରିବି। ଆସନ୍ତୁ, ପୁନର୍ବାର ୨ୟ ତୀମଥି ୩:୧୬, ୧୭ ପଦ ଦେଖିବା। ତୁମେ ଯୀଶୁଙ୍କ ପରୀକ୍ଷା ଓ ରାଜା ଯୋଶିୟଙ୍କ ସଂସ୍କାରର କାହାଣୀ ଏଥିରେ ଉଦାହରଣ ରୂପେ ସନ୍ନିବେଶିତ କରିପାରିବ।

ସେହି ସନ୍ଧ୍ୟାରେ ତାଙ୍କ ଲୋକମାନଙ୍କୁ ଶିକ୍ଷା ଦେବା ସମୟରେ ସାହାଯ୍ୟକାରୀ ଭୟଭୀତ ହୋଇପଡ଼ିଥିଲେ। ସେ ସେମାନଙ୍କୁ କ୍ଷମତାର ତିନୋଟି ସ୍ତର ବିଷୟରେ ସ୍ମରଣ କରାଇ ଦିଅନ୍ତି। ପ୍ରଥମ ସ୍ତର ହେଉଛି ନୂତନ ନିୟମର ଆଜ୍ଞା। ଦ୍ୱିତୀୟ ସ୍ତର ହେଉଛି ନୂତନ ନିୟମର କାର୍ଯ୍ୟକାରିତା ଯାହା ଆଜ୍ଞା ନ ଥିଲା। ତୃତୀୟ ସ୍ତର ହେଉଛି ମନୁଷ୍ୟର ପ୍ରଥା। ସେ ଉତ୍ତମ ରୂପେ ତିନୋଟି ସ୍ତରକୁ ବର୍ଣ୍ଣନା କରନ୍ତି।

ସମାପ୍ତ କରିବା ପରେ ସାହାଯ୍ୟକାରୀ ମନ୍ତବ୍ୟ ଦିଅନ୍ତି, ଆପଣଙ୍କ ମଧ୍ୟରୁ କେତେ ଜଣ ଇଚ୍ଛା କରୁଛନ୍ତି ଯେ ମୁଁ କିଛି ବର୍ଷ ପାଇଁ ବାଇବଲ ବିଦ୍ୟାଳୟରେ ଅଧ୍ୟୟନ କରିବି। ବର୍ତ୍ତମାନ ମୁଁ ଏହାକୁ ଯୀଶୁଙ୍କ ଆଜ୍ଞା ବା ପ୍ରେରିତିକ କ୍ରିୟା ବୋଲି ଦେଖୁ ନାହିଁ। ପାଳକମାନଙ୍କୁ ତାଲିମ ଦେବାପାଇଁ ଏହା ଏକ ସାଧାରଣ ପ୍ରଥା ଅଟେ। ମୁଁ ଶିକ୍ଷାର୍ଥୀଙ୍କଠାରୁ ପ୍ରଭୁଙ୍କ ବାକ୍ୟ ଶିକ୍ଷା କରିବାକୁ ଯୋଜନା କରୁଛି, କାରଣ ମୋ' ଲୋକ, ଆପଣମାନଙ୍କ ପ୍ରତି ସଫଳ ରୂପେ ଈଶ୍ୱରଙ୍କ ବାକ୍ୟ ପ୍ରୟୋଗ କରିବା ପାଇଁ ସେ ମୋତେ ସାହାଯ୍ୟ କରୁଛନ୍ତି। ଦୁଇ ସପ୍ତାହରେ ଥରେ ଶିକ୍ଷାର୍ଥୀ ମୋତେ ସାକ୍ଷାତ କରି ଏହି ନୂତନ ମଣ୍ଡଳୀର ଜୀବନରେ ଶାସ୍ତ୍ରକୁ କିପରି ଅଧିକରୁ ଅଧିକ ପ୍ରୟୋଗ କରାଯାଇପାରିବ, ସେ ବିଷୟରେ ଦର୍ଶାଉଛନ୍ତି।

ଯତ୍ନଶୀଳ ଉତ୍ତର ଦିଅନ୍ତି, ଶିକ୍ଷାର୍ଥୀ, ତୁମେ ସାହାଯ୍ୟକାରୀଙ୍କୁ ଉପଦେଶ ଦେବା ଦ୍ୱାରା ଆମକୁ ଈଶ୍ୱରଙ୍କ ବାକ୍ୟ ଅନୁସରଣ କରିବାରେ ସାହାଯ୍ୟ କରୁଥିବାରୁ ଆମେ ତୁମ ପ୍ରତି କୃତଜ୍ଞ ଅଟୁ।

## ବ୍ୟାବହାରିକ କାର୍ଯ୍ୟ

- ଏହି ବିଭାଗରେ ଥିବା କାହାଣୀଗୁଡ଼ିକୁ ବ୍ୟବହାର କରି ଆପଣଙ୍କ ମଣ୍ଡଳୀକୁ ଶାସ୍ତ୍ରର କ୍ଷମତା ବିଷୟରେ ଶିକ୍ଷା ଦିଅନ୍ତୁ।
- ଆପଣଙ୍କ ମଣ୍ଡଳୀକୁ ବାଇବଲର ପୁସ୍ତକଗୁଡ଼ିକ ଓ ପ୍ରତ୍ୟେକ ପୁସ୍ତକରେ ଯେଉଁ ବିଷୟ ଲେଖାଯାଇଛି, ଯଥା କବିତା, ଇତିହାସ, ପତ୍ର ବା ଭାବବାଣୀ ତାହା ମୁଖସ୍ଥ କରିବା ପାଇଁ ସାହାଯ୍ୟ କରନ୍ତୁ।
- ଆପଣଙ୍କ ମଣ୍ଡଳୀକୁ ସାହାଯ୍ୟ କରନ୍ତୁ, ଯେପରି ତାହା କ୍ଷମତାର ତିନୋଟି ସ୍ତର ମଧ୍ୟରେ ପ୍ରଭେଦ ଜାଣି ତାହା କାର୍ଯ୍ୟକାରୀ କରିବ।
- ଚାରୋଟି ମୌଳିକ ଯୋଜନା ଅନୁସାରେ ଆପଣଙ୍କ ବାର୍ତ୍ତା ପ୍ରସ୍ତୁତ କରନ୍ତୁ : ଯୋଜନା, ଅଧ୍ୟୟନ, ବର୍ଣ୍ଣନା ଓ ପ୍ରୟୋଗ।
- ଆପଣଙ୍କ ମଣ୍ଡଳୀରେ ଅନ୍ୟମାନଙ୍କୁ ମଧ୍ୟ ସାହାଯ୍ୟ କରନ୍ତୁ, ଯେପରି ସେମାନେ ଏପରି ବାର୍ତ୍ତା ପ୍ରସ୍ତୁତ କରିବେ, ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ପ୍ରେମ ଓ ସେବାକୁ ବଳିଷ୍ଠ କରିପାରିବେ।